NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY 13 APRIL 2026
ସୋମବାର ୧୩ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 325 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୨୫ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


# ନୀରବି ଗଲେ ଆଶା ତାଇ

ନୂଆଦିଲ୍ଲୀ,୧୨।୪/ଏଜେନ୍ସି:



**ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ**

**ଶିବାଜୀ ପାର୍କରେ ଆଜି ହେବ ଶେଷକୃତ୍ୟ**

ପିଢ଼ି ପରେ ପିଢ଼ି ବିଭିନ୍ନ ଭାଷାଭାଷୀ ସଙ୍ଗୀତ ପ୍ରେମୀଙ୍କୁ ମନୋରଞ୍ଜନ କରିଆସୁଥିବା ସୁଲଳିତ ସ୍ୱର ସବୁଦିନ ପାଇଁ ନୀରବି ଯାଇଛି । ସୁରସାମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ସାନ ଭଉଣୀ ତଥା ଭାରତୀୟ ସଙ୍ଗୀତ ଜଗତର କିମ୍ବଦନ୍ତୀ ଗାୟିକା, ପ୍ରସିଦ୍ଧ ପ୍ଲେ-ବ୍ୟାକ୍ ସିଙ୍ଗର ଆଶା ଭୋସଲେ ୯୨ ବର୍ଷ ବୟସରେ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ରବିବାର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଆଶା ପାରେଖ ହୁଅନ୍ତୁ କି ସାଧନା, ରେଖାଙ୍କଠାରୁ ଉର୍ମିଳା ମାତୋଣ୍ଡକର, ପୁଣି ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କଠାରୁ କରିସ୍ମା କପୁରଙ୍କ ପର୍ଯ୍ୟନ୍ତ ସମସ୍ତ ପାଇଁ ସ୍ୱର ପାଲଟି ଥିଲେ ଆଶା ତାଇ । ସାତ ଦଶନ୍ଧିରୁ ଅଧିକ ସମୟ ଧରି ନିଜର ଯାଦୁକରୀ କଣ୍ଠସ୍ୱରରେ କୋଟି କୋଟି ଶ୍ରୋତାଙ୍କୁ ବିମୋହିତ କରିଥିବା ଅପ୍ରତିଦ୍ୱନ୍ଦ୍ୱୀ ଗାୟିକା ଆଶା ଭୋସଲେଙ୍କୁ ଶନିବାର ହୃଦଘାତ ଯୋଗୁଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କର ଶେଷକୃତ୍ୟ ସୋମବାର ଅପରାହ୍ଣ ୪ଟା ବେଳେ ମୁମ୍ବାଇର ଶିବାଜୀ ପାର୍କରେ ସମ୍ପନ୍ନ କରାଯିବ । ନିଜ କ୍ୟାରିଅର ମଧ୍ୟରେ ୧୨ ହଜାରରୁ ଅଧିକ ଗୀତ ଗାଇ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ କରିଥିବା ଆଶାଙ୍କ ବିୟୋଗରେ ସମଗ୍ର ସଙ୍ଗୀତ ଜଗତ ସମେତ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି । ସାମାଜିକ ଗଣମାଧ୍ୟମରେ ପ୍ରଶଂସକଙ୍କ ଠାରୁ ଆରମ୍ଭ କରି ବିଶିଷ୍ଟ ସେଲିବ୍ରିଟିଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ମହାନ କଣ୍ଠଶିଳ୍ପୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

୧୯୩୩ରେ ମହାରାଷ୍ଟ୍ରର ସାଙ୍ଗଲିରେ ଜନ୍ମ ହୋଇଥିଲେ ଆଶା ଭୋସଲେ । ଚଳିତ ବର୍ଷ ସେପ୍ଟେମ୍ବର ମାସ ୮ ତାରିଖରେ ସେ ୯୩ ବର୍ଷରେ ପାଦ ଦେଇଥା'ନ୍ତେ । ତାଙ୍କ ବାପାଙ୍କ ନାଁ ପଣ୍ଡିତ ଦୀନାନାଥ ମଙ୍ଗେଶକର । ସେ ଥିଲେ ତାଙ୍କ ବାପାଙ୍କର ତୃତୀୟ କନ୍ୟା । ୧୦ ବର୍ଷ ବୟସରେ ସେ ତାଙ୍କର ପ୍ରଥମ ଗୀତ ଗାଇଥିଲେ । ୧୯୪୩ ମସିହାରେ ରିଲିଜ୍ ହୋଇଥିବା ମରାଠି ଫିଲ୍ମ 'ମାଝା ବାଲା'ରେ ▶▶ ୬

# ଭିଜିଲାନ୍ସ ଜାଲରେ ଫରେଷ୍ଟ ରେଞ୍ଜର୍

**ଗାଡ଼ିରୁ ୨.୩୪ ଲକ୍ଷ ଜବତ**

ଭୁବନେଶ୍ୱର,୧୨।୪/ଏନ୍‌ଏନ୍‌ଏସ୍:

ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବନ ରେଞ୍ଜର ଅଧିକାରୀ ସୁକୁମାର ଦୁଃଖୁ ରବିବାର ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି । ତାଙ୍କ ସରକାରୀ ଗାଡ଼ିରୁ ୨ ଲକ୍ଷ ୩୩ ହଜାର ଟଙ୍କା ଜବତ ହୋଇଛି ।



ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି ସୂଚନାନୁସାରେ ବିଶେଷ ସୂତ୍ରରୁ ସୂଚନା ପାଇ ଭିଜିଲାନ୍ସ ନବରଙ୍ଗପୁର ଇନ୍ଦ୍ରାବତୀ ପୋଲ ନିକଟରେ ସୁକୁମାରଙ୍କୁ ଅଟକାଇଥିଲେ । ସୁକୁମାର ନିଜ ସରକାରୀ ଗାଡ଼ିରେ ଗୁଡ଼ାରୀରୁ ନିଜ ଘର ନବରଙ୍ଗପୁର ଯାଉଥିଲେ । ଯାଞ୍ଚ ବେଳେ ସୁକୁମାରଙ୍କ ସରକାରୀ ଗାଡ଼ି (ବୋଲେରୋ)ରୁ ୨ଲକ୍ଷ ୩୩ ହଜାର ଟଙ୍କା ନଗଦ ମିଳିଥିଲା । ଜେରା ସମୟରେ ଏହି ଟଙ୍କା କେଉଁଠାରୁ ଆଣିଲେ ସେନେଇ ସୁକୁମାର କୌଣସି ସ୍ପଷ୍ଟ ସୂଚନା ଦେଇପାରିନଥିଲେ । ▶▶ ୬

**ଜନ୍ମଦାତ୍ରୀ ସାଜିଲା ଯମ**

# ପୁଅ-ଝିଅଙ୍କୁ ହାଣିଦେଲା

ଝାରସୁଗୁଡ଼ା,୧୨।୪/ଏନ୍‌ଏନ୍‌ଏସ୍:

ପୁଅ ଓ ଝିଅଙ୍କୁ ହାଣିଦେଲା ମାଆ । ମା'ର ଟାଙ୍ଗିଆ ଚୋଟରେ ଚାଲିଗଲା ପୁଅ ଓ ଝିଅଙ୍କ ଜୀବନ । ଏଭଳି ନୃଶଂସ ହତ୍ୟାକାଣ୍ଡ ଘଟଣା ଘଟିଛି ଝାରସୁଗୁଡା ଜିଲ୍ଲା ବିମାନବନ୍ଦର ଥାନା ଅନ୍ତର୍ଗତ ଟାଙ୍ଗରପାଲି ଗାଁରେ । ରଞ୍ଜିତା ଓରାମ ନାମକ ଜଣେ ମହିଳା ତାଙ୍କ ପୁଅ ଓ ଝିଅଙ୍କୁ ହାଣି ପକାଇଛନ୍ତି । ଏଥିରେ ଉଭୟଙ୍କ ମୃତ୍ୟୁ ହୋଇଛି । ସବୁଠାରୁ ବଡ଼ କଥା ହେଉଛି ଅଭିଯୁକ୍ତ ମାଆ ମଧ୍ୟ ଜୀବନ ହାରିବା ପାଇଁ ଉଦ୍ୟମ କରିଛି । ମହିଳା ଜଣଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ବିମାନ ବନ୍ଦର ଥାନା ପୁଲିସ ଘଟଣାର ତଦନ୍ତ କରୁଛି । ଶନିବାର ରାତିରେ ଏହି ଅଘଟଣ ଘଟିଥିବାବେଳେ ମୃତ ଛୁଆ ଦୁଇଟି ହେଉଛନ୍ତି ଜିଜ୍ଞାସା ଓରାମ(୧୦) ଓ ବିଭାଂଶୁ ଓରାମ(୫) ।

ସୂଚନା ଅନୁଯାୟୀ ଗତକାଲି ରାତି ପ୍ରାୟ ସାଢ଼େ ୧୧ଟା ବେଳେ ସ୍ୱାମୀ ଘର ବାହାରକୁ ପରିସ୍ରା କରିବାକୁ ଯାଇଥିବା ବେଳେ ରଞ୍ଜିତା ଭିତର ପଟୁ କବାଟ ବନ୍ଦ କରି ଦେଇଥିଲେ । ଏହା ପରେ ସେ ତାଙ୍କର ଦୁଇ ଛୁଆଙ୍କୁ ଟାଙ୍ଗିଆରେ ହାଣିବା ସହିତ ପନିକିରେ ବେକ କାଟି ହତ୍ୟା କରିଥିଲେ । ଦୁଇ ଛୁଆଙ୍କୁ ମାରିବା ପରେ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସେହି ସମୟରେ ତାଙ୍କ ସ୍ୱାମୀ ସଂପର୍କୀୟ ଓ ପଡ଼ୋଶୀଙ୍କ ସହାୟତାରେ ଝରକା ଭାଙ୍ଗି ଭିତରକୁ ଯାଇଥିଲେ ଓ ତାଙ୍କୁ ଉଦ୍ଧାର କରିଥିଲେ । ତା' ଭିତରେ ନିକଟସ୍ଥ ଫାଣ୍ଡିକୁ ମଧ୍ୟ ଖବର ଦିଆଯାଇଥିଲା । ପୁଲିସ୍ ପହଞ୍ଚି ରଞ୍ଜିତାଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର

**ହତ୍ୟା ପରେ ମା'ର ଆତ୍ମହତ୍ୟା ଉଦ୍ୟମ, ମେଡିକାଲ୍‌ରେ ଭର୍ତ୍ତି**

କରାଯାଇଥିଲା । ରଞ୍ଜିତା କାହିଁକି ଏଭଳି ଏକ ପଦକ୍ଷେପ ନେଲେ ଖବର ଲେଖାଯିବା ପର୍ଯ୍ୟନ୍ତ ଏନେଇ କିଛି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ପୁଲିସର ବି କିଛି ପ୍ରତିକ୍ରିୟା ମିଳିପାରି ନାହିଁ । ତେବେ ରଞ୍ଜିତା ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ କଳିଝଗଡ଼ା ହେଉଥିଲା ବୋଲି ଜଣାପଡ଼ିଛି ।

ରଞ୍ଜିତାଙ୍କ ସ୍ୱାମୀଙ୍କ ବଡ଼ ଭାଉଜ ଖିଲେଶ୍ୱରୀ ଓରାମ କହିଛନ୍ତି ଯେ ସେମାନଙ୍କ ମଧ୍ୟରେ କଳିଝଗଡ଼ା ହେଉଥିଲା । କ'ଣ ପାଇଁ ଝଗଡ଼ା ହେଉଥିଲା ଆମେ ଜାଣିନୁ । ▶▶ ୬

# ଆଜିଠୁ ଭିତର ରତ୍ନଭଣ୍ଡାର ଗଣତି



**ପ୍ରତିଦିନ ଜିଲ୍ଲା ଟ୍ରେଜେରୀରୁ ଆସିବ ଚାବି**

**ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଖୋଲାଯିବ**

ପୁରୀ,୧୨।୪/ଏନ୍‌ଏନ୍‌ଏସ୍:

ଆସନ୍ତାକାଲି ଅର୍ଥାତ ସୋମବାର ଠାରୁ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ରବିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୁରୀ ଜିଲ୍ଲାପାଳଙ୍କ ସମେତ ରତ୍ନଭଣ୍ଡାର ଗଣତି ମଣତି ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ । ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଆଭାଷୀ ମାଧ୍ୟମରେ ଯୋଡ଼ି ହୋଇଥିଲେ । ବାହାର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଭିତର ରତ୍ନ ଭଣ୍ଡାରର ଗଣତିକୁ ଶୃଙ୍ଖଳିତ ଭାବେ କରିବା ନେଇ ବୈଠକରେ ଆଲୋଚନା କରାଯାଇଛି । ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ କିଭଳି ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯିବ, କେଉଁମାନେ ଭିତରେ ▶▶ ୬

# ବିଦ୍ୟୁତ୍ ନେଲା ୩ ଦଣ୍ଡୁଆଙ୍କ ଜୀବନ

**ଟେଣ୍ଟ୍ ପ୍ରସ୍ତୁତି ବେଳେ ଅଘଟଣ**

ଅନୁଗୁଳ,୧୨।୪/ଏନ୍‌ଏନ୍‌ଏସ୍:ମାନସିକ ରଖି ଦଣ୍ଡ ଉପାସନା କରିବାକୁ ଯାଇଥିଲେ । ହେଲେ ଛକି ରହିଥିଲା ମୃତ୍ୟୁ । ଟେଣ୍ଟ ବାନ୍ଧିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୩ ଜଣ ଦଣ୍ଡୁଆଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକମାନେ ହେଲେ ମିଳନ ମହାଲିକ(୩୪), ଲକ୍ଷ୍ମୀଧର ସାହୁ(୨୪)ଓ ସୁଧାକର ସାହୁ(୪୦) । ଗୁରୁତର ଆହତ ଦୁଇ ଜଣ ହେଲେ ନିର୍ମଳ ସାହୁ ଓ ପ୍ରଫୁଲ୍ଲ ତରେଇ । ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାଲିମି ଥାନା ଅନ୍ତର୍ଗତ ପାଟଲା ଗାଁରେ ଏହି ଅଘଟଣ ଘଟିଛି । ବାଲିମି ଥାନା ଅନ୍ତର୍ଗତ ବିଡୋ ଗାଁ ଦଣ୍ଡ ପାର୍ଟି ଆଜି ପାଟଲା ଗାଁକୁ ଦଣ୍ଡ ନୃତ୍ୟ ପରିବେଷଣ କରିବାକୁ ଯାଇଥିଲେ । ତେବେ ଆଜି ରାତି ପ୍ରାୟ ୮ ଘଟିକା ବେଳେ ▶▶ ୬

**ମଉଳିଲା ରକ୍ତପାତ ଯୁଦ୍ଧରେ ଯବନିକା ପଡ଼ିବା ଆଶା**

# ଇରାନ୍-ଆମେରିକା ଶାନ୍ତି ଆଲୋଚନା ଫ୍ଲପ୍

ନୂଆଦିଲ୍ଲୀ,୧୨।୪/ଏଜେନ୍ସି:



**ଆମେରିକା ଅପେକ୍ଷା ଇରାନ୍ ପାଇଁ ଅଧିକ ଖରାପ ଖବର: ଜେ.ଡି ଭାନ୍ସ**

**ୱାଶିଂଟନ୍‌ର ଦାବି 'ଅଯୌକ୍ତିକ' ଥିଲା: ଇରାନ୍**

ହେଲା ନାହିଁ ସହମତି । ବାହାରି ପାରିଲାନି କୌଣସି ନିଷ୍କର୍ଷ । ୨୧ ଘଣ୍ଟାର ଆଲୋଚନା ବିନା ଫଳାଫଳରେ ଶେଷ ହୋଇଛି । ଫେଲ୍ ମାରିଲା ଇରାନ ଓ ଆମେରିକାର ପିସ୍ ଟକ୍ । ପାକିସ୍ତାନ ଉଦ୍ୟମରେ ଚାଲିଥିବା ଏହି ଶାନ୍ତି ବୈଠକ ଶେଷରେ ଫସର ଫାଟିଲା । ଆମେରିକାର ସର୍ତ୍ତକୁ ଇରାନ ଗ୍ରହଣ କଲାନାହିଁ ବୋଲି ଆମେରିକା କହିଛି । ତେବେ ପରମାଣୁ ଚୁକ୍ତି ଏବଂ ଆଞ୍ଚଳିକ ନିରାପତ୍ତାକୁ ନେଇ ଉଭୟ ଦେଶ ନିଜ ନିଜ ଜିଦରେ ଅଟଳ ରହିବାରୁ ଆଲୋଚନା ଆଗକୁ ବଢ଼ିପାରିଲା ନାହିଁ ବୋଲି ଚର୍ଚ୍ଚା ହେଉଛି । ତେବେ ଶାନ୍ତି ଆଲୋଚନାର ବିଫଳତାର ଏକ ନୂଆ ସଂଘର୍ଷର ସୂତ୍ରପାତ କରିବ କି ବୋଲି ପ୍ରଶ୍ନ ଉଠୁଛି ।

ପାକିସ୍ତାନରେ ଚାଲିଥିବା ଶାନ୍ତି ଆଲୋଚନାରେ କୌଣସି ସମାଧାନର ବାଟ ବାହାରି ପାରି ନାହିଁ । ଇରାନ-ଆମେରିକା ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ନପାରିବାରୁ ରକ୍ତପାତ ଯୁଦ୍ଧରେ ଯବନିକା ପଡ଼ିବା ଆଶା ମଉଳି ଯାଇଛି । ଦୀର୍ଘ ୪୦ ଦିନରୁ ଉର୍ଦ୍ଧ୍ୱ ସମୟ ଧରି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜାରି ରହିଥିବାବେଳେ ପାକିସ୍ତାନ ଶାନ୍ତି ଫେରାଇବାକୁ ଚେଷ୍ଟା କରିଥିଲା । ହେଲେ ଏହା ବିଫଳ ହୋଇଛି ।

ଶାନ୍ତି ବୈଠକ ଶେଷ ପରେ ସାମ୍ବାଦିକ ସମ୍ମିଳନୀ କରି ଆମେରିକା ଉପରାଷ୍ଟ୍ରପତି ଜେ.ଡି ଭାନ୍ସ କହିଛନ୍ତି 'ଏହି ଆଲୋଚନାରେ କୌଣସି ସମାଧାନ ହୋଇନାହିଁ । ୨୧ ଘଣ୍ଟାର ଆଲୋଚନା ବିଫଳ ହୋଇଛି । ୨୧ ଘଣ୍ଟା ଧରି ଆଲୋଚନା ସତ୍ତ୍ୱେ, ଦୁଇ ଦେଶ ମଧ୍ୟରେ କୌଣସି ସହମତି ହୋଇପାରି ନାହିଁ । ଦୁଇ ଦେଶ ମଧ୍ୟରେ ୩ ପର୍ଯ୍ୟାୟ ଆଲୋଚନା ହୋଇଥିଲା, କିନ୍ତୁ କୌଣସି ନିଷ୍କର୍ଷରେ ପହଞ୍ଚିପାରି ନଥିଲା । ଆମେରିକାର ପ୍ରାଥମିକ ଦାବି ହେଉଛି, ଇରାନ ଯେକୌଣସି ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମ କିମ୍ବା ସମ୍ପର୍କିତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସ୍ପଷ୍ଟ ଏବଂ ଠୋସ୍ ପ୍ରତିବଦ୍ଧତା ପ୍ରକାଶ କରୁ । କିନ୍ତୁ ଇରାନ ପାଳନ କରିବାକୁ ଅନିଚ୍ଛୁକ ରହିଲା । ଆମକୁ ଦୃଢ଼ ଗ୍ୟାରେଣ୍ଟି ଆବଶ୍ୟକ ଯେ, ଇରାନ ପରମାଣୁ ଅସ୍ତ୍ର ବିକଶିତ କରିବାକୁ ଚେଷ୍ଟା କରିବ ନାହିଁ । ଆମେ କୌଣସି ଚୁକ୍ତିନାମାରେ ପହଞ୍ଚି ନପାରି ଆମେରିକାକୁ ଫେରିଯାଉଛୁ ।' ଜେଡି ଭାନ୍ସ ସାମ୍ବାଦିକ ସମ୍ମିଳନୀରେ ଆହୁରି କହିଛନ୍ତି, 'ଦୁଃଖଦ ଖବର ହେଉଛି ଯେ, ଆମେ କୌଣସି ଚୁକ୍ତିରେ ପହଞ୍ଚି ନାହୁଁ । ମୁଁ ଭାବୁଛି ▶▶ ୬


15001/14/2627



**ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ଓ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



**୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ଆମ ରାଜଧାନୀ ଭୁବନେଶ୍ୱର । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଆଜି ଭୁବନେଶ୍ୱର ଦେଶରେ ଏକ ପ୍ରମୁଖ ସହରର ମାନ୍ୟତା ପାଇଛି । ବର୍ତ୍ତମାନ ଅନେକ ଭବିଷ୍ୟମୁଖୀ ଯୋଜନା ସହିତ ଆମ ରାଜଧାନୀ ଏକ କାୟାକଳ୍ପ ପରିବର୍ତ୍ତନ ଦିଗରେ ଅଗ୍ରସର ହେଉଛି ।

ଭୁବନେଶ୍ୱର ଆମ ରାଜ୍ୟର ପରିଚୟ ଓ ଆମ ଗୌରବ । ଏବେ ସମୟ ଆସିଛି ଆମ ସହର ପାଇଁ ଆମକୁ କିଛି କରିବା ପାଇଁ । ଆସନ୍ତୁ, ଆମର ଐତିହ୍ୟ ନଗରୀର ସୁରକ୍ଷା ସହିତ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ିତୋଳିବା ଦିଗରେ ସମସ୍ତେ ଉଦ୍ୟମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା**

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ବାଚସ୍ପତି

OIPR-15001/15001/2/26-27/0014

# ଖୋର୍ଦ୍ଧା ଡିଭିଜନ୍‌ରୁ ଇଚ୍ଛାପୁର-ପଲାସା ସେକ୍ସନ୍ ସ୍ଥାନାନ୍ତର ବାତିଲ୍ ଦାବି

**ଷ୍ଟେସନ୍ ମ୍ୟାନେଜରଙ୍କୁ ସଂସ୍କାରବାଦୀ ସଂଗଠନ ପକ୍ଷରୁ ଦାବିପତ୍ର**



**ବ୍ରହ୍ମପୁର,୧୨।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସଂସ୍କାରବାଦୀ ସଂଗଠନ ପକ୍ଷରୁ କେନ୍ଦ୍ର ରେଳ ବିଭାଗ ଖୋର୍ଦ୍ଧାସ୍ଥିତ ପୂର୍ବତଟ ରେଳ ଡିଭିଜନ୍‌ରୁ ପଲାସା-ଇଚ୍ଛାପୁର ସେକ୍ସସନ୍‌କୁ ବିଶାଖାପାଟଣା ଡିଭିଜନ୍‌ରେ ମିଶାଇବା ପ୍ରସ୍ତାବକୁ ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ରେଳ ଷ୍ଟେସନ୍ ସମ୍ମୁଖରେ ସଂଗଠନର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ରେଳ ବିଭାଗ ଖୋର୍ଦ୍ଧା ଡିଭିଜନ୍‌ରୁ ଇଚ୍ଛାପୁର-ପଲାସା ସେକ୍ସନ୍‌କୁ ବିଶାଖାପାଟଣା ଡିଭିଜନ୍‌ରେ ମିଶାଇବା ପ୍ରସ୍ତାବ ଓଡ଼ିଶାକୁ ଅପମାନିତ କରିବା ସହ ସମାନ ବୋଲି ବିଶିଷ୍ଟ ବ୍ୟକ୍ତିମାନେ କହିଥିଲେ। କେନ୍ଦ୍ର ସରକାର ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଖୁସି କରିବାକୁ ଯେଉଁ ପ୍ରୟାସ କରୁଛି ତାହା ନିନ୍ଦନୀୟ ବୋଲି କୁହାଯାଇଥିଲା। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ବ୍ରହ୍ମପୁରରୁ ପୁରୀ ସିଧାସଳଖ ଟ୍ରେନ୍ ଚଳାଚଳ ପାଇଁ ୨୦୧୬ ମସିହାର ଦାବିକୁ ପୂରଣ କରିବାରେ ଅଣଦେଖାକୁ ନେଇ ସଂଗଠନର କର୍ମକର୍ତ୍ତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ଦାବିପୂରଣ ନହେଲେ ଆଗାମୀ ଦିନରେ ସମସ୍ତ ରାଜନୈତି ଦଳ, ବିଭିନ୍ନ ସେବା ସଂଗଠନ ଓ ବୁଦ୍ଧିଜୀବୀଙ୍କୁ ନେଇ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଅବସରରେ ଏକ ଦାବିପତ୍ର ବ୍ରହ୍ମପୁର ଷ୍ଟେସନ୍ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ର ପ୍ରଦାନ ସମୟରେ ସର୍ବଶ୍ରୀ ଲିଙ୍ଗରାଜ ମହାପାତ୍ର ଓ ପଙ୍କଜ ନାୟକ ଉପସ୍ଥିତ ଥିଲେ।

**ଜିଲ୍ଲାସ୍ତରୀୟ ବନ୍ଦନୀୟ ବରପୁତ୍ର ଓ କବିତା ପାଠୋତ୍ସବ**

# 'ବରପୁତ୍ରଙ୍କ ସ୍ୱପ୍ନକୁ ସାକାର କରିବା ଆମ ସମସ୍ତଙ୍କ ଉତ୍ତରଦାୟିତ୍ୱ'

**ଛତ୍ରପୁର,୧୨।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବନ୍ଦନୀୟ ବରପୁତ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିଭାସନ ଯୋଗଦେଇ ଓଡ଼ିଶାର ଗଠନ ଓ ଏହାର ଉନ୍ନତି ପାଇଁ କାର୍ଯ୍ୟ କରିଥିବା ବରପୁତ୍ରଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇଥିଲେ। ସେହି ବରପୁତ୍ରମାନେ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ସାକାର କରିବା ଆମ ସମସ୍ତଙ୍କ ଉତ୍ତରଦାୟିତ୍ୱ ବୋଲି ଜିଲ୍ଲାପାଳ କହିଥିଲେ। ବରପୁତ୍ରଙ୍କ ଜିବନୀ ଓ ଆଦର୍ଶ ଉପରେ ଆଲୋଚନାଚକ୍ର ଆୟୋଜନ କରି ଯୁବପିଢ଼ିଙ୍କୁ ସେମାନଙ୍କ ମହାନତା ଓ ମହାମାର୍ଗ ସମ୍ପର୍କରେ ଅବଗତ କରାଇବା ପାଇଁ ଜିଲ୍ଲାପାଳ ଜିଲ୍ଲାର ସାରସ୍ୱତ ସାଧକଙ୍କୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥିଭାବେ ଗଞ୍ଜାମ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଛତ୍ରପୁର ସାହିତ୍ୟ ସଂସଦର ସଭାପତି ବ୍ରଜମୋହନ ଆଚାର୍ଯ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ସାହିତ୍ୟିକ, କବି ଓ କବୟିତ୍ରୀ ଯୋଗଦେଇ ଓଡ଼ିଶାର ବରପୁତ୍ରଙ୍କ ସ୍ମୃତିଚାରଣ କରିଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ସାଧନା ଓ କୃତିତ୍ୱ ବିଷୟରେ ଡ଼. ଅନନ୍ତ ରାମ କର କୌଣ୍ଡିନ୍ୟ ଏବଂ କବିସୂର୍ଯ୍ୟ ବଳଦେବ ରଥଙ୍କ କବିତା ଓ ଭକ୍ତିମୟ ରଚନା ବିଷୟରେ ହରେକୃଷ୍ଣ ପଣ୍ଡା ମତାମତ ରଖିଥିଲେ। ଜ୍ୟୋତିର୍ବିଦ୍ ବାଇକୋଳି ମହାପାତ୍ରଙ୍କ ଜ୍ଞାନ ଓ ଅବଦାନ ବିଷୟରେ ଡ. ଦ୍ୱାରିକାନାଥ ମହାରଣା ଓ ଗଞ୍ଜାମର ଇତିହାସ ଉପରେ ଅଶୋକ ଚୌଧୁରୀ ନିଜର ଅଭିମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ବହୁ କବି ଓ କବୟିତ୍ରୀଙ୍କ ଦ୍ୱାରା କବିତାପାଠ କରାଯାଇଥିଲା। କାହ୍ନୁ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

**ଫୁଲବାଣୀ:** ଓଡ଼ିଆ ପକ୍ଷ ପାଳନ ଅବସରରେ କନ୍ଧମାଳ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବଣୁଆ, ସମ୍ମାନିତ ଅତିଥିଭାବେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପାତ୍ର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀନିବାସ ଷଡ଼ଙ୍ଗୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମାନସ ରଞ୍ଜନ ଦାସ ଯୋଗ ଦେଇଥିଲେ। ସାହିତ୍ୟିକ କୈଳାସ ଚନ୍ଦ୍ର ଧଳଙ୍କ ସଂଯୋଜନାରେ ଜିଲ୍ଲା ଲେଖକ ସାମ୍ମୁଖ୍ୟର ସଭାପତି ରବୀନ୍ଦ୍ରନାଥ ମିଶ୍ର, ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସଭାପତି ଡ . ଚିତ୍ତରଞ୍ଜନ ମିଶ୍ର, ଲାଇନପଡ଼ା କେଆଇଜିଏମ୍ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ତ୍ରୈଲୋକ୍ୟନାଥ ସେନାପତି, ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଦସ୍ୟା ପ୍ରଣତି ତ୍ରିପାଠୀ, ଫିରିଙ୍ଗିଆ ଶାଳପର୍ଣ୍ଣି ସାହିତ୍ୟ ସଂସଦର ସଭାପତି ଡ. ବିରଞ୍ଚି ନାରାୟଣ ସାହୁ, ରାଇକିଆ ମଞ୍ଜୁଷା ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ ଡ. ଶୀତୁ ପ୍ରକାଶ ରଥ ଆଲୋଚକ ଭାବେ ଯୋଗଦେଇ ଓଡ଼ିଶାର ବରପୁତ୍ରଙ୍କ ଜିବନୀ ଓ ସେମାନଙ୍କ ମହାନ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଦାରିଙ୍ଗବାଡ଼ି ଓଡ଼ିଆ ଭାଷା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନର ସଭାପତି ପତିତପାବନ ରାଉତ ଓ ଫୁଲବାଣୀ ଜିଲ୍ଲା ଲେଖକ ସାମ୍ମୁଖ୍ୟର ସହସମ୍ପାଦକ ଡ ପୂର୍ଣ୍ଣେନ୍ଦୁ ତ୍ରିପାଠୀଙ୍କ ନେତୃତ୍ୱରେ ୬୦ରୁ ଊର୍ଦ୍ଧ୍ୱ କବି କବିତାପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଶାର ଇତିହାସ ଓ ସଂସ୍କୃତିକୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଏବଂ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଫୁଲବାଣୀ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ସଭାପତି ପ୍ରଶାନ୍ତ କୁମାର ବେହେରା, ଫୁଲବାଣୀ ଜିଲ୍ଲା ଲେଖକ ସାମ୍ମୁଖ୍ୟର ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା, କମଳା ପ୍ରକାଶନୀ ପ୍ରତିଷ୍ଠାତା ଡ ନୃସିଂହାନନ୍ଦ ମହାପାତ୍ର ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାଂସ୍କୃତିକ କର୍ମୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।




# ଯୁବକଙ୍କୁ କଚାଡ଼ି ଫିଙ୍ଗିଲା ହାତୀ

**ବାଲିଗୁଡ଼ା,୧୨।୪/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବେଲଘର ବନାଞ୍ଚଳର ଝିରିପାଣି ସେକ୍ସନ୍‌ରେ କିଛିଦିନ ବ୍ୟବଧାନରେ ପୁଣି ହାତୀ ଆତଙ୍କ ଦେଖିବାକୁ ମିଳିଛି। ମେରଦୀକୁପା ଗ୍ରାମର ତରୁଣ ପାତ୍ର (୩୭) ନାମକ ଜଣେ ବ୍ୟକ୍ତି ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ଶ୍ୱଶୁର ଘର କାଉଁଗୁଡ଼ାକୁ ଆସୁଥିବା ସମୟରେ ଝିରିପାଣି ପଞ୍ଚାୟତର କୀଡ଼ଙ୍ଗା ଗ୍ରାମର ଏକ ପୋଲ ପାଖରେ ହଠାତ୍ ହାତୀପଲ ସହ ମୁହାଁମୁହିଁ ହୋଇଥିଲେ। ହାତୀଟି ତରୁଣଙ୍କ ପାଖକୁ ଆସି ତାଙ୍କ ବାଇକ୍‌କୁ କଚାଡ଼ି ଦେଇ ପ୍ରବଳ ମାତ୍ରାରେ ଗର୍ଜନ କରିଥିଲା। ଗୁରୁତର ଆହତ ତରୁଣ ହାତୀର ଗର୍ଜନ ଶୁଣି ଜୀବନ ବିକଳରେ ଘୁଷୁଡ଼ି ଘୁଷୁଡ଼ି ଏକ ପୋଲ ତଳକୁ ଯାଇ କିଛି ସମୟ ଆତ୍ମଗୋପନ କରିଥିଲେ। କିଛି ସମୟ ପରେ ତରୁଣ ତାଙ୍କ ସ୍ତ୍ରୀଙ୍କୁ ଫୋନ୍ ମାଧ୍ୟମରେ ଘଟଣା ସମ୍ପର୍କରେ ଜଣାଇବା ପରେ ସେ ତାଙ୍କ ପାଖରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କୁ ଦେଖି ହାତୀପଲ ଜଙ୍ଗଲ ଭିତରକୁ ଚାଲି ଯାଇଥିଲେ। ପରେ ପୋଲତଳୁ ଗୁରୁତର ଆହତ ତରୁଣଙ୍କୁ ଉଦ୍ଧାର କରି ତୁମୁଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ଲୋକେ ଭର୍ତ୍ତି କରିଥିଲେ। ଅନ୍ୟପଟେ ବିଗତ ଦିନରେ ଝିରିପାଣି ଅଞ୍ଚଳରେ ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ବନ ବିଭାଗ ବର୍ତ୍ତମାନ ସୁଦ୍ଧା ଖାମଖିଆଲ ନୀତି ଚଲାଇଛି ବୋଲି ଝିରିପାଣି ଗ୍ରାମବାସୀ କହିଛନ୍ତି। ଏବେ ସେହି ଜଙ୍ଗଲରେ କେତୋଟି ହାତୀ ଅଛି ଏବଂ ହାତୀର ଗତିପଥ କେଉଁଆଡ଼େ ଅଛି ତା'ର ଖବର ବନ ବିଭାଗ ପାଖରେ ନଥିବା ଘୋର ପରିତାପର ବିଷୟ ପାଲଟିଛି।

# ବୃଦ୍ଧଙ୍କୁ ହତ୍ୟା ଅଭିଯୋଗ

**ରଙ୍ଗେଇଲୁଣ୍ଡା,୧୨।୪/ଏନ୍‌ଏନ୍‌ଏସ୍:** ଗୋଳନ୍ଥରା ଥାନା ଅଧିନସ୍ଥ ପଞ୍ଚମା ଗ୍ରାମ ନିକଟରେ ଜଣେ ବୃଦ୍ଧଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ପଞ୍ଚମା ଗ୍ରାମର ଏକାଦଶୀ ନାୟକ (୬୫)। ରବିବାର ଅପରାହ୍ନ ପ୍ରାୟ ୨ଟାରେ ଏକାଦଶୀ ଘରୁ ବାହାରି ପାନ ବାଡ଼କୁ ଯାଉଥିବାବେଳେ କମଳିଆ ଆମ୍ବତୋଟାରେ କେହି ଦୁର୍ବୃତ୍ତ ଏକାଦଶୀଙ୍କ ବେକ ଓ ହାତକୁ ହାଣି ହତ୍ୟା କରି ଫେରାର୍ ହୋଇଯାଇଥିବା କୁହାଯାଉଛି। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ହିଁ ଏକାଦଶୀଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକ ଦେଖିବା ପରେ ଗ୍ରାମର ଖବର ପ୍ରଚାରିତ ହୋଇଥିଲା। ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ଖବରପାଇ ଗୋଳନ୍ଥରା ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହକୁ ଉଦ୍ଧାର ପାଇଁ ପୁଲିସ୍ ଓ ଆମ୍ବୁଲାନ୍ସକୁ ପରିବାର ଓ ପଞ୍ଚମା ଗ୍ରାମବାସୀ ଛାଡ଼ି ନଥିଲେ। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍, ସଦର ଏସ୍‌ଡିପିଓ



ଶୁଭ୍ରାଂଶୁ ଶେଖର ପରିଡ଼ା, ଗୋଳନ୍ଥରା ଥାନାଧିକାରୀ ଟୁନା ସାସମଲ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ପଚାରଉଚୁରା କରିଥିଲେ। କିଏ ଓ କାହିଁକି ଏକାଦଶୀଙ୍କୁ ହତ୍ୟା କରିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଏକାଦଶୀଙ୍କ ପୁଅ ଶଙ୍କର ନାୟକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ପକ୍ଷରୁ ଏକ ହତ୍ୟା ମାମଲା ରୁଜୁ କରାଯାଇ ପୁଲିସ୍, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ସୁଶାନ୍ତ ଆସିକା ବ୍ଲକ୍ କଂଗ୍ରେସ ସଭାପତି

**ଆସିକା,୧୨।୪/ଏନ୍‌ଏନ୍‌ଏସ୍:** ସୁସଂଗଠକ ତଥା ଶୃଙ୍ଖଳିତ କର୍ମୀ ସୁଶାନ୍ତ କୁମାର ରାଉତଙ୍କୁ ଆସିକା ବ୍ଲକ୍ କଂଗ୍ରେସ ସଭାପତି ରୂପେ ନିଯୁକ୍ତି ଦିଆଯାଇଥିବାରୁ ଶୁଭେଚ୍ଛୁ ଓ ସମର୍ଥକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ନୂତନ ଦାୟିତ୍ୱ ମିଳିଥିବାରୁ ସୁସଂଗଠକ ସୁଶାନ୍ତ ଏଥିପାଇଁ ଏଆଇସିସି ଅଧକ୍ଷ ମାଲିକାର୍ଜୁନ ଖଡ଼୍‌ଗେ, କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାଶ, ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପଶ୍ଚିମ)ର ସଭାପତି ଦଣ୍ଡପାଣି ପାତ୍ରଙ୍କ ସମେତ ସମସ୍ତ ଦଳୀୟ ନେତାଙ୍କୁ



କୃତଜ୍ଞତା ଜ୍ଞାପନ କରିଛନ୍ତି। ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ମାର୍ଗଦର୍ଶନ କରିବା ସକାଶେ ସୁଶାନ୍ତ ଅନୁରୋଧ କରିଥିବା ଜଣାପଡ଼ିଛି। ଜାତୀୟ କଂଗ୍ରେସର ନୀତି ଓ ଆଦର୍ଶକୁ ଅନୁସରଣ କରି ଆସିକାରେ ସଂଗଠନକୁ ସୁଦୃଢ଼ ପାଇଁ ଦଳୀୟ ନେତାଙ୍କ ସହଯୋଗ କାମନା କରିଛନ୍ତି। ପ୍ରକାଶଥାଉକି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗଞ୍ଜାମ ଜିଲ୍ଲା (ପଶ୍ଚିମ) ପାଇଁ ନୂତନ ଟିମ୍ ଘୋଷଣା କରାଯାଇଛି। ଏହି କମିଟିରେ ଆସିକା ବ୍ଲକ୍ କଂଗ୍ରେସ ସଭାପତି ରୂପେ ଯୁବନେତା ତଥା ସୁସଂଗଠକ ସୁଶାନ୍ତ କୁମାର ରାଉତଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି।

# ଭଙ୍ଗା କଭର୍ ପ୍ଲେଟ୍, ବଢ଼ୁଛି ଦୁର୍ଘଟଣା

**ତୁରନ୍ତ ପ୍ରତିକାର ଦାବି**



**ବୁଗୁଡ଼ା,୧୨।୪/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ଏନ୍‌ଏସି ୱାର୍ଡ ନଂ ୭ ଅନ୍ତର୍ଗତ ଅନ୍ଧାରିଆ ସାହି ଛକରେ ଏକ କଭର୍ ପ୍ଲେଟ୍ ଭାଙ୍ଗିଯାଇ ବିପଦଜ୍ଜନକ ପରିସ୍ଥିତି ସୃଷ୍ଟି କରୁଥିବା ଦୃଶ୍ୟମାନ ହେଉଛି। ସାହିର ପ୍ରବେଶ ପଥର ମଧ୍ୟଭାଗରେ ଥିବା ସେହି ଭଙ୍ଗା କଭର୍ ପ୍ଲେଟ୍ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ବିଶେଷକରି ରାତିରେ ଯାନବାହାନ ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଗାଈଗୋରୁ ମଧ୍ୟ ସେହି ଭଙ୍ଗା କଭର୍ ପ୍ଲେଟ୍‌ର ଗାତରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଏନେଇ ବାରମ୍ବାର ଅବଗତ ହେବାସତ୍ତ୍ୱେ ନିର୍ବାଚିତ ଜନପ୍ରତିନିଧିଗଣ ଏହାର କୌଣସି ପ୍ରତିକାର ବ୍ୟବସ୍ଥା କରିବା ଦିଗରେ ନିଜର ଅକ୍ଷମତା ପ୍ରକାଶ କରୁଥିବାରୁ ସାହିବାସିନ୍ଦାଙ୍କ ସମେତ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ତେବେ କୋଣସି ବଡ଼ ଧରଣର ଦୁଃଖଦ ଘଟଣା ଘଟିବା ପୂର୍ବରୁ ଦୀର୍ଘ ଦିନ ହେଲା ସ୍ଥାନୀୟ ଏନ୍‌ଏସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ସମସ୍ୟାର ସମାଧାନ ସକାଶେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଜଳିଗଲା ଗୁହାଳ, ୨ ବଳଦ ଦଗ୍ଧ

**ସରକାରୀ ସହାୟତା ଯୋଗାଇବାକୁ ଦାବି**

**ବ୍ରହ୍ମପୁର,୧୨।୪/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ କଇଠଖଣ୍ଡି ପଞ୍ଚାୟତ ବୋରିପଦର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ଗୁହାଳ ଘର ଜଳିଯାଇଛି। ଫଳରେ ଗ୍ରାମର ଉଆଳି ଗୌଡ଼ଙ୍କ ୨ଟି ବଳଦ ଜୀବନ୍ତ ଦଗ୍ଧ ହୋଇଥିବା ଜଣାପଡ଼ିଛି। ରବିବାର ଅପରାହ୍ନ ପ୍ରାୟ ୧ଟାରେ ଉଆଳି ତାଙ୍କ ବଳଦ ୨ଟିକୁ ଗୁହାଳରେ ବାନ୍ଧି ନିକଟସ୍ଥ କଇଠଖଣ୍ଡି ଗ୍ରାମକୁ ଭୋଜି ଖାଇବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ଗୁହାଳରେ ନିଆଁ ଲାଗି ପାଖରେ ଥିବା ଲକ୍ଷ୍ମୀ ଗୌଡ଼ ଏବଂ ନରହରି ଗୌଡ଼ଙ୍କ ଗୁହାଳକୁ ବ୍ୟାପି ଯାଇଥିଲା। ତେବେ ନିଆଁ କିପରି ଲାଗିଲା ସେନେଇ ସ୍ପଷ୍ଟ ହୋଇପାରି ନାହିଁ। ତେବେ ଗ୍ରାମବାସୀଙ୍କ ଚେଷ୍ଟାରେ ଲକ୍ଷ୍ମୀ ଓ ନରହରିଙ୍କ ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। କିନ୍ତୁ ନିଆଁର ପ୍ରକୋପରୁ ଉଆଳିଙ୍କ ବଳଦ ୨ଟି ଉଦ୍ଧାର କରାଯାଇ ପାରିନଥିଲା। ସରପଞ୍ଚ ମନୋରଞ୍ଜନ ଗୌଡ଼ ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେବାପରେ ଘଟଣାସ୍ଥଳରେ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ରାଜସ୍ୱ ନୀରିକ୍ଷକ ରାମପ୍ରସାଦ ସାହୁ ଏବଂ ପ୍ରାଣୀ ଚିକିତ୍ସା ବିଭାଗ କର୍ମଚାରୀ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଛନ୍ତି। ଉଆଳି କିଛିଦିନ ପୂର୍ବେ ବଳଦ ୨ଟିକୁ ୪୦ ହଜାର ଟଙ୍କାରେ କିଣିଥିବାବେଳେ ତାଙ୍କୁ ସରକାରୀ ସହାୟତା ଯୋଗାଇବାକୁ ସ୍ଥାନୀୟ ଗ୍ରାମବାସୀ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଏବଂ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।

# ମହାତ୍ମା ଜ୍ୟୋତି ରାଓ ଫୁଲେଙ୍କ ଜୟନ୍ତୀ



**ବ୍ରହ୍ମପୁର,୧୨।୪/ଏନ୍‌ଏନ୍‌ଏସ୍:** ମହାତ୍ମା ଜ୍ୟୋତି ରାଓ ଫୁଲେଙ୍କ ଜୟନ୍ତୀରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟପୂଜା ସମିତି ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କ ଉତ୍‌ଥାନ ଓ ଦଳିତ ଆନ୍ଦୋଳନରେ ଜ୍ୟୋତି ରାଓ ଫୁଲେଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଆନ୍ଦୋଳନ ଦ୍ୱାରା ମହିଳାଙ୍କ ସାମାଜିକ ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କରିଥିଲେ। ମହିଳାଙ୍କ ଶିକ୍ଷା, ସ୍ୱାଧୀନତା ଓ ସାମାଜିକ ନ୍ୟାୟ ପାଇଁ ଯଥେଷ୍ଟ ଚେଷ୍ଟା କରିଥିଲେ ଯାହା ଦଳିତ ସମାଜ ପ୍ରତି ଦୃଢ଼ ଆଦର ଏବଂ ସମ୍ମାନ ଆଣିଥିଲା। ଏହାସହ ସେ ଦଳିତ ସମାଜର ସ୍ଥିତିକୁ ନେଇ ଅଧିକ ସାମାଜିକ ଏବଂ ଆର୍ଥିକ ସୁଧାର ପାଇଁ ମଧ୍ୟ ଚେଷ୍ଟା କରିଥିଲେ। ତାଙ୍କ କାର୍ଯ୍ୟ ସାମାଜିକ ସମତା, ମହିଳା ଉତ୍‌ଥାନ ଓ ଦଳିତ ସମାଜର ସଶକ୍ତିକରଣର ଏକ ଦୃଢ଼ ଉଦାହରଣ ହୋଇଥିଲା ବୋଲି ଅତିଥିମାନେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ମାନବବାଦୀ ହେତୁବାଦୀ ସଂଗଠନର କେନନ୍ଦେଶୁ ସେନାପତି, ପୂର୍ବତନ ପ୍ରଧାନଶିକ୍ଷକ ବିଜୟ ଚନ୍ଦ୍ର ବିଶୋଇ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ କୁନି ଦେବୀ, ଶିକ୍ଷକ ସଂଗଠନ ନେତା ଅଶୋକ କୁମାର ଦଳାଇ ଓ ଆଇନଜୀବୀ ଅବନୀ ଗୟା ଯୋଗ ଦେଇଥିଲେ। ସମିତି ସମ୍ପାଦକ ଏସ୍ ସାମ୍ବସିବା ରାଓ ଧନ୍ୟବାଦ ଜଣାଇଥିଲେ।

# ନିଷ୍ଠା ଓ ଭକ୍ତିର ନିଦର୍ଶନ ଆସିକା ଦଣ୍ଡନାଚ

**ମା' ଦଣ୍ଡକାଳୀଙ୍କ ମଧରାତ୍ର ପ୍ରସାଦ ପାଇଁ ଭକ୍ତ ବ୍ୟାକୁଳ**

**ଆସିକା,୧୨।୪/ଏନ୍‌ଏନ୍‌ଏସ୍:** ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳର ବହୁ ପାରମ୍ପରିକ ପର୍ବ ମଧ୍ୟରେ ଦଣ୍ଡନାଚ ଅନ୍ୟତମ। ଦଣ୍ଡନାଚ ଆସିକା ଅଞ୍ଚଳର ଏକ ଐତିହାସିକ ଯାତ୍ରା। ମହାବିଷ୍ଣୁବ ସଂକ୍ରାନ୍ତିର ୨୧ ଦିନ, ୧୮ ଦିନ ଓ ୧୩ ଦିନ ପୂର୍ବରୁ ମାନସିକଧାରୀ ଦଣ୍ଡୁଆମାନେ ଗୃହତ୍ୟାଗ କରି ପ୍ରଭୁ ଶିବ ଓ ମହାମାୟୀ କାଳୀଙ୍କୁ ଉପାସନା କରି ପାଟଭୁକ୍ତାଙ୍କ ନେତୃତ୍ୱରେ ବିଭିନ୍ନ ଦଣ୍ଡ ଦଳରେ ସାମିଲ୍ ହୋଇ ଦଣ୍ଡନୃତ୍ୟ ପରିବେଷଣ କରିଥାନ୍ତି। ଦଣ୍ଡନାଚରେ ଅଂଶଗ୍ରହଣ କରୁଥିବା ମାନସିକଧାରୀ ଦଣ୍ଡୁଆ ସମସ୍ତ ନୀତିନିୟମ ନିଷ୍ଠା ଓ ତ୍ୟାଗର ସହ ପାଳନ କରୁଥିବା ଦେଖିବାକୁ ମିଳୁଛି ଯାହା ଦଣ୍ଡନାଚର ସ୍ୱତନ୍ତ୍ରତାକୁ ପ୍ରତିପାଦନ କରେ। ମହାବିଷ୍ଣୁବ ସଂକ୍ରାନ୍ତିର ଦୀର୍ଘ ଦିନ ପୂର୍ବରୁ ଆରମ୍ଭ ହୋଇଥିବା ଏହି ଦଣ୍ଡଯାତ୍ରା ବିଭିନ୍ନ ଦଣ୍ଡଦଳର ନୀତିକାନ୍ତି ଅନୁଯାୟୀ ମାସନ୍ତ ମେରୁ ଓ ସଂକ୍ରାନ୍ତି ମେରୁରେ ଉଦ୍‌ଯାପିତ ହୋଇଥାଏ। କାଷ୍ଠା ଓ ନିଷ୍ଠାର ଅନନ୍ୟ ପରମ୍ପରା ତଥା ଗଞ୍ଜାମ ଜିଲ୍ଲାର ସାଂସ୍କୃତିକ



ପରିଚୟକୁ ଜୀବନ୍ତ ରଖିବାରେ କେଉଁ ଆବାହମାନ କାଳରୁ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିବା ପ୍ରସିଦ୍ଧ ପାରମ୍ପରିକ ଦଣ୍ଡନାଚ ପାଇଁ ଗାଁଠୁ ସହରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମାନସିକଧାରୀ ଦଣ୍ଡୁଆମାନେ ରାତିରେ ଧାନ ଓ ଅରୁଆ ଚାଉଳରେ ପ୍ରସ୍ତୁତ ଅନ୍ନ ସହ ଅକଟା, ଅବଟା, ଅଫୁଟା ପରିବା ମିଶା ଡାଲି ଭୋଗଲାଗି ହେବା ପରେ ଭୋଜନ କରିଥାନ୍ତି। ମା' ଦଣ୍ଡକାଳୀ ଓ ଦେବାଧୀଦେବ ମହାଦେବଙ୍କୁ ମଧରାତ୍ରିରେ ଲାଗି ହେଉଥିବା ଭୋଗର ଏକ ସ୍ୱତନ୍ତ୍ରତା ରହିଛି। ପିଲାଠୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଏପରିକି ଧନୀକଠୁ ଗରିବଙ୍କ ପର୍ଯ୍ୟନ୍ତ ମୁଠାଏ ଭୋଗ ପାଇବାକୁ ବ୍ୟାକୁଳ ହୋଇଥାନ୍ତି। ମା' ଦଣ୍ଡକାଳୀଙ୍କ ଅନ୍ନପ୍ରସାଦ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ବିଧି ରହିଛି। ଚମ୍ପାବରରୁ ସଂଗୃହୀତ ଅଗ୍ନିକୁ ଝୁଣା ସହାୟତାରେ ପ୍ରଥମେ ପ୍ରଜ୍ୱଳନ କରାଯାଇ କାଠ ଚୁଲିରେ ପ୍ରସାଦ ରନ୍ଧା ଯାଇଥାଏ। ମୁଗଡ଼ାଲି, ବାଇଗଣ, ଶୁଖିଲା ମରିଚ ଓ ବିଶୁଦ୍ଧ ଗୁଆଘିଅରେ ପ୍ରସ୍ତୁତ ହୋଇଥାଏ ସ୍ୱାଦିଷ୍ଟ ଡାଲମା। କୌଣସି ପରିବା କଟାଯାଏ ନାହିଁ କି ବଟାଯାଏ ନାହିଁ ଏପରିକି ତେଲ ଓ ମସଲା ମଧ୍ୟ ବ୍ୟବହାର ହୋଇନଥାଏ। ପ୍ରସାଦ ସେବନ ସମୟରେ ଢୋଲ, ମହୁରୀ ଓ ଘଣ୍ଟ ବାଜେ। କେହି ପାଟି କଲେ କିମ୍ବା ପ୍ରସାଦରେ ଗୋଡ଼ି କି ଧାନ ବାହାରିଲେ ଦଣ୍ଡୁଆଟି ସେଇଠି ପ୍ରସାଦ ସେବନ ବନ୍ଦ କରି ଉପବାସ ରହିବାର ପରମ୍ପରା ରହିଆସିଛି।

# ଯୁବ ଓ ମାତୃଶକ୍ତିର ଆଶା ପୂରଣ କରିବ 'ଡବଲ୍ ଇଞ୍ଜିନ୍' ସରକାର: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୨।୪/ଏନ୍ଏନ୍ଏସ୍:** ପଶ୍ଚିମବଙ୍ଗ ଆଜି ଏକ ନିର୍ଣ୍ଣାୟକ ମୋଡ଼ରେ ଛିଡ଼ା ହୋଇଛି। ନନ୍ଦୀଗ୍ରାମରେ ଯୁବବର୍ଗ ଓ ମାତୃଶକ୍ତି ତଥା ବଙ୍ଗଳାର ଜନସାଧାରଣ ଏବେ ପରିବର୍ତ୍ତନ ଚାହୁଁଛନ୍ତି। ଦୀର୍ଘ ଦିନର ଅନ୍ୟାୟ, ଅରାଜକତା ଏବଂ ଭୟର ରାଜନୀତିକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ବେଙ୍ଗଲ ଏବେ ସଂକଳ୍ପବଦ୍ଧ। 'ଡବଲ୍ ଇଞ୍ଜିନ୍' ସରକାର ହିଁ ଯୁବ ଓ ମାତୃଶକ୍ତିର ଆଶା ପୂରଣ କରିବ ବୋଲି ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ସମେତ ବିଭିନ୍ନ ସ୍ଥାନରେ ପ୍ରଚାର କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ପଶ୍ଚିମବଙ୍ଗର ଯୁବପିଢ଼ି ଆଜି ରୋଜଗାର, ଦକ୍ଷତା ବିକାଶ ଏବଂ ଭଲ ସୁଯୋଗ ପାଇବା ପାଇଁ ଇଚ୍ଛୁକ। ବିଜେପିର ସଂକଳ୍ପ ପତ୍ରରେ ଥିବା ଷ୍ଟାର୍ଟଅପ୍ ପ୍ରୋତ୍ସାହନ ଓ ନିଯୁକ୍ତି ସୁଯୋଗ ଏହି ଆଶାକୁ ପୂରଣ କରିବା ପାଇଁ ଏକମାତ୍ର ମାର୍ଗ। ଅପରପକ୍ଷରେ ମହିଳାମାନେ ସୁରକ୍ଷା, ସମ୍ମାନ ଏବଂ ଆର୍ଥିକ ସଶକ୍ତିକରଣ ଚାହୁଁଛନ୍ତି। ଟିଏମ୍‌ସି ସରକାରରେ ମହିଳାଙ୍କ ପ୍ରତି ହେଉଥିବା ଅସମ୍ମାନର ଅନ୍ତିମ ଘଡ଼ି ଆସିଯାଇଛି। ଯେଉଁ ଭୟ ଓ ଘୃଣାର ରାଜନୀତି ପାଇଁ ବେଙ୍ଗଲବାସୀ ଦିନେ ବାମପନ୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ, ଆଜି ସମାନ କାରଣ ପାଇଁ ଟିଏମ୍‌ସିକୁ ମଧ୍ୟ ବିଦା କରିବାକୁ ମନସ୍ଥ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ହୋଇଥିବା ଅସମ୍ମାନଜନକ ଆଚରଣ ବଙ୍ଗଳାର ସାନ୍ତାଳ ସମ୍ପ୍ରଦାୟ ତଥା ସମଗ୍ର ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଏକ ଆଘାତ। ବେଙ୍ଗଲବାସୀ ଏହି ଅହଂକାରର ଜବାବ ନିଶ୍ଚିତ ଦେବେ ବୋଲି ଶିକ୍ଷା ମନ୍ତ୍ରୀ କହିଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ବିଜେପିର ଡବଲ୍ ଇଞ୍ଜିନ୍ ସରକାର ହିଁ ବିକାଶ ଏବଂ ସୁଶାସନକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ସକ୍ଷମ। ପଶ୍ଚିମବଙ୍ଗ ଆଉ ଟିଏମସିର ହିଂସା, ଲୁଟ୍ ଏବଂ ଏକଚ୍ଛତ୍ରବାଦକୁ ସହିବ ନାହିଁ। ମେ ୪ ତାରିଖ କେବଳ ଏକ ନିର୍ବାଚନୀ ତାରିଖ ନୁହେଁ, ବରଂ ଏହା ବଙ୍ଗଳାର ବିକାଶ, ସୁଶାସନ ଏବଂ ବିଶ୍ୱାସର ଏକ ନୂତନ ଯାତ୍ରାର ଆରମ୍ଭ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।



ପିଏମ୍‌ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲିରେ ମୁଖ୍ୟମନ୍ତ୍ରୀ

# 'ସ୍କୁଲ୍‌ରୁ ଆରମ୍ଭ ହୋଇଥାଏ ପିଲାଙ୍କ ଚରିତ୍ର ଗଠନର ପ୍ରଥମ ସୋପାନ'

**ଭୁବନେଶ୍ୱର ,୧୨।୪/ଏନ୍ଏନ୍ଏସ୍:** ବିଦ୍ୟାଳୟ କେବଳ ପାଠପଢ଼ାର ସ୍ଥାନ ନୁହେଁ, ଏହା ଜୀବନ ଗଢ଼ିବାର ଏକ ପବିତ୍ର କ୍ଷେତ୍ର। ଏଠାରେ ଜ୍ଞାନ ସହିତ ଜୀବନର ମୂଲ୍ୟବୋଧ ଓ ଶୃଙ୍ଖଳା ଶିକ୍ଷା ଦାନ କରାଯାଏ, ପିଲାଙ୍କ ଚରିତ୍ର ଗଠନର ପ୍ରଥମ ସୋପାନ ବିଦ୍ୟାଳୟରୁ ହିଁ ଆରମ୍ଭ ହୋଇଥାଏ ବୋଲି ଆଜି କେନ୍ଦୁଝର ଜିଲ୍ଲା ପିଏମଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି।

ଏହି ଅବସରରେ ସେ କହିଥିଲେ ଯେ ୧୯୫୦ ମସିହାରେ ସାଧାରଣ ପରିସ୍ଥିତିରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ ଆଜି ଏକ ପ୍ରତିଷ୍ଠିତ ଶିକ୍ଷା ପୀଠରେ ପରିଣତ ହୋଇଛି ଏବଂ ଏହାର ଉନ୍ନତି ପଛରେ ଅନେକ ଶିକ୍ଷାପ୍ରେମୀ ବ୍ୟକ୍ତି, ଶିକ୍ଷକ ଓ ସ୍ଥାନୀୟ ଲୋକଙ୍କ ତ୍ୟାଗ ଓ ସମର୍ପଣ ରହିଛି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ପ୍ରେରିତ ଏହି ବିଦ୍ୟାଳୟର ଶିକ୍ଷା ପ୍ରଣାଳୀକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏଠାରେ କେବଳ ପାଠ୍ୟଜ୍ଞାନ ନୁହେଁ, ବରଂ ନୈତିକତା, ଶୃଙ୍ଖଳା ଓ ମୂଲ୍ୟବୋଧର ଶିକ୍ଷା ମଧ୍ୟ ଦିଆଯାଉଛି। ଏହି ବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିବା ଅନେକ ଛାତ୍ରଛାତ୍ରୀ ରାଜ୍ୟ ଓ ଦେଶ ସ୍ତରରେ ନିଜ ପ୍ରତିଭା ପ୍ରମାଣ କରି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ବୋଲି ସେ କହିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ କରି କହିଥିଲେ ଯେ ଶିକ୍ଷା କେବଳ ଚାକିରି ପାଇଁ ନୁହେଁ, ବରଂ ଜୀବନ ଗଢ଼ିବାର ଏକ ମାଧ୍ୟମ। ଆଜିର ପ୍ରତିସ୍ୱର୍ଦ୍ଧୀମୂଳକ ଯୁଗରେ ପାଠ୍ୟଜ୍ଞାନ ସହିତ ଦକ୍ଷତା, ସୃଜନଶୀଳତା ଓ ନୂତନ ଚିନ୍ତାଧାରା ଅତ୍ୟାବଶ୍ୟକ। ସମୟର ମୂଲ୍ୟ ବୁଝି ଶୃଙ୍ଖଳିତ ଜୀବନ ଅନୁସରଣ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ଏବଂ ଅନାବଶ୍ୟକ କାର୍ଯ୍ୟରୁ ଦୂରରେ ରହି ଲକ୍ଷ୍ୟମୁଖୀ ହେବାକୁ ଆହ୍ୱାନ କରିଥିଲେ। ବିଦ୍ୟାଳୟର ଏକ ନୂତନ ଅଡିଟୋରିଅମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ବିଦ୍ୟାଳୟ ପିଏମ ଶ୍ରୀ ଯୋଜନାରେ ସାମିଲ ହୋଇଥିବାରୁ ଏଠାରେ ଆଧୁନିକ ଭିତ୍ତିଭୂମି, ଡିଜିଟାଲ୍ ଶିକ୍ଷା, ସ୍ମାର୍ଟ କ୍ଲାସ୍‌ରୁମ୍ ଓ ନବସୃଜନମୂଳକ ପାଠ୍ୟ ପ୍ରଣାଳୀର ଉନ୍ନତି ହେବ। ଓଡ଼ିଶାର ପ୍ରାୟ ୮୦୦ଟି ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଯାଇଛି, ଏହି ସ୍କୁଲଗୁଡ଼ିକୁ ଦେଶର ମଡେଲ୍ ଶିକ୍ଷା ପ୍ରତିଷ୍ଠାନ ଭାବେ ବିକଶିତ କରାଯିବ। ସେ ଆହୁରି କହିଥିଲେ ଯେ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ପଦକ୍ଷେପ ନେଉଛନ୍ତି। ୨୦୨୬-୨୭ ବର୍ଷର ବଜେଟ୍‌ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ କରାଯାଇଛି। ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ସହ ଆଗାମୀଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା ପାଇଁ ମଧ୍ୟ ଉଦ୍ୟମ ଆରମ୍ଭ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ଉନ୍ନୟନ ସମ୍ପର୍କରେ ଘୋଷଣା କରି କହିଥିଲେ ଯେ ୬ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ସରେଇ-ହାତିଶିଳା ରାସ୍ତା ନିର୍ମାଣ କାମ ଚାଲିଛି ଏବଂ ବାବା କୁଶଳେଶ୍ୱର ମନ୍ଦିର ଅଞ୍ଚଳର ବିକାଶ ପାଇଁ ୩ କୋଟି ୭ ଲକ୍ଷ ଟଙ୍କା ବିନିଯୋଗ କରାଯିବ।

ଏହି କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ତେଲକୋଇ ବିଧାୟକ ଡା ଫକିର ମୋହନ ନାୟକ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ,ଆୟୋଜକ କମିଟି ସଭାପତି ହାଡ଼ିବନ୍ଧୁ ପଟ୍ଟନାୟକ, ସମ୍ପାଦକ ରାମଚନ୍ଦ୍ର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।



## ଆଜି ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୧୨ ।୪ /ଏନ୍ଏନ୍ଏସ୍:** ଆସନ୍ତାକାଲି ଅର୍ଥାତ ସୋମବାର ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ ପାଳନ କରାଯିବ। ଏହି ଅବସରରେ ସକାଳ ସାଢେ ୬ରେ ଓଡିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏତଦବ୍ୟତୀତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନ ଠାରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ସକାଳ ୮ ଘଟିକା ସମୟରେ ଉଦ୍‌ଘାଟିତ ହେବ। ସେହିପରି ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାପଣ ଶେଷ ହେବା ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯିବ। ପରେ ବେସାମରିକ ପ୍ୟାରେଡ ପ୍ରଦର୍ଶନ କରାଯିବ। ସେହିପରି ସନ୍ଧ୍ୟା ଅଧିବେସନ ୫ଟା ୩୦ରେ ଉତ୍କଳ ମଣ୍ଡପ ପରିସରରେ ଆୟୋଜନ କରାଯିବ ବୋଲି ରାଜଧାନୀ ପ୍ରତିଷ୍ଠା ଦିସବ ପାଳନ କମିଟି ପକ୍ଷରୁ ଜଣାପଡ଼ିଛି।

# ରାଜ୍ୟରେ ପାରଦ ଉପରମୁହାଁ

**ଭୁବନେଶ୍ୱର,୧୨।୪ /ଏନ୍ଏନ୍ଏସ୍:** ରାଜ୍ୟରେ ଏବେ ପାରଦ ଉପର ମୁହାଁ ରହିଥିବା ବେଳେ ଅସହ୍ୟ ତାତିରେ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି। ତେବେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ, ରାଜ୍ୟରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ତାତି ଅସହ୍ୟ ରହିବ। ରବିବାର ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ମିଳିଥିବା ରେକର୍ଡ ଅନୁସାରେ ରାଜ୍ୟର ୮ ଟି ସହରରେ ତାପମାତ୍ରା ୩୮ ଡିଗ୍ରୀ ଉପରେ ରହିଥିଲା। ତେବେ ୫ରୁ ୭ଦିନ ମଧ୍ୟରେ ପାରଦ ଆହୁରି ଉପର ମୁହାଁ ହୋଇ ୫ଂରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାର ୧୧ଟି ଜିଲ୍ଲା ମଧ୍ୟରୁ ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ଅସହ୍ୟ ଗରମ ସହ ଗୁଳୁଗୁଳିର ସମ୍ଭାବନା ଥିବା ବେଳେ ଏହି ସବୁ ଜିଲ୍ଲାଗୁଡ଼ିକୁ ଉଷ୍ମ ଓ ଆଦ୍ର ସ୍ଥିତିକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଆସନ୍ତାକାଲି ପାଇଁ ବି ସମାନ ଜିଲ୍ଲାକୁ ଉଷ୍ମ ଓ ଆଦ୍ର ସ୍ଥିତିକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ।

# ଆତଙ୍କୀ ଲିଙ୍କ୍ ତଦନ୍ତ ଭାର ନେଲା ଏସ୍‌ଟିଏଫ୍

**ଭୁବନେଶ୍ୱର,୧୨।୪/ଏନ୍ଏନ୍ଏସ୍:** ଆତଙ୍କୀ ଲିଙ୍କ ଅଭିଯୋଗରେ ଗିରଫ ଶେଖ୍ ଇମ୍ରାନକୁ ନେଇ ରାଜ୍ୟ ପୁଲିସର ମୁଣ୍ଡବିନ୍ଧା ବଢ଼ିଛି। କିଭଳି ଆତଙ୍କବାଦୀଙ୍କ ସହ ସମ୍ପର୍କରେ ଆସିଥିଲା ୨୨ ବର୍ଷର ଏହି ଯୁବକ ? ଦେଶଦ୍ରୋହ ଭଳି କାମ କରିବାକୁ କିଏ ତାକୁ ପ୍ରବର୍ତ୍ତାଇଥିଲା ? ଓଡିଶାର ଆଉ କିଏ ତା ସହ ଯୋଗାଯୋଗରେ ଥିଲେ ? ଏସବୁର ଖୋଳତାଡ଼ ଆରମ୍ଭ କରିଛି ପୁଲିସ। ରାଜ୍ୟରେ ଇମ୍ରାନ ମାମଲାର ସ୍ୱତନ୍ତ୍ର ତଦନ୍ତ ଭାର ନେଇଛି କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କଫୋର୍ସ। ନୋଡାଲ ଏଜେନ୍ସି ଭାବେ ତଦନ୍ତ କରିବ ଏସଟିଏଫ। ବିଶେଷ କରି ସୋସିଆଲ ମିଡିଆରେ ଇମ୍ରାନର ଲୋକାଲ କଣ୍ଟାକ୍ଟ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। କେବଳ ଏହା ନୁହଁ ଆର୍ଥିକ ଦିଗକୁ ନେଇ ମଧ୍ୟ ତଦନ୍ତ ହେଉଛି। ତେବେ ଇମ୍ରାନ ଏକ ଛଦ୍ମବେଶୀ ଯୁବତୀ ଦ୍ୱାରା ହନି ଟ୍ରାପର ଶିକାର ହୋଇଥିବା ଜାଣିବାକୁ ପାଇଛି ଏସଟିଏଫ। ସିଡିଆର ଯାଞ୍ଚ ଓ ଅଭିଯୁକ୍ତର ଫୋନରୁ ମିଳିଛି କିଛି ତଥ୍ୟ।

୧୬ରୁ ୧୮ ସଂସଦର ନାରୀଶକ୍ତି ପାଇଁ ବିଶେଷ ଅଧିବେଶନ

# ୩୩% ସଂରକ୍ଷଣ ନୁହେଁ ବରଂ ବିକଶିତ ଭାରତର ଆଧାରଶୀଳା



ତିନିଦିନ ୨୫ ବର୍ଷର ଅମୃତକାଳର ଅମୃତବେଳା : ପ୍ରଭାତୀ ପରିଡ଼ା

ମହିଳା,ନୀତିର ହିତାଧିକାରୀ ନୁହେଁ ବରଂ ନୀତି ନିର୍ମାତା ହେବେ

୨୦୧୪ରୁ ମୋଦିଜୀ ମହିଳା କୈନ୍ଦ୍ରିକ ଯୋଜନାର ମହାନାୟକ

**ଭୁବନେଶ୍ୱର,୧୨।୪/ଏନ୍ଏନ୍ଏସ୍:** ଚଳିତ ବର୍ଷ ଏପ୍ରିଲ ୧୬ ରୁ ୧୮ ତାରିଖ ଦେଶର ୨୫ ବର୍ଷର ଅମୃତକାଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅମୃତ ବେଳା ହେବାକୁ ଯାଉଛି ବୋଲି ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପ୍ରଭାତୀ ପରିଡ଼ା କହିଛନ୍ତି। ସଂସଦରେ ତ୍ରିଦିବସୀୟ ମାତୃଶକ୍ତି ବନ୍ଦନ ଅଧିନିୟମ ଉପରେ ବିଷଦ ଚର୍ଚ୍ଚା କେବଳ ଦେଶର ନାରୀଶକ୍ତିକୁ ୨୦୨୯ ମସିହାରେ ସଂସଦ ଓ ବିଧାନସଭାରେ ଏକ ତୃତୀୟାଂଶ ସଂରକ୍ଷଣ ଦେବନାହିଁ ବରଂ ୨୦୪୭ ମସିହାରେ ବିକଶିତ ଭାରତର ସ୍ୱପ୍ନକୁ ସଫଳ ରୂପାୟନ କରିବାର ଆଧାରଶୀଳା ହେବ। ଏହା ମହିଳାଙ୍କ ନେତୃତ୍ୱରେ ଅର୍ଥନୈତିକ ବିକାଶର ରାସ୍ତା ଖୋଲିବ ବୋଲି ଶ୍ରୀମତୀ ପରିଡ଼ା ରବିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। "ସମ୍ମାନ, ସୁରକ୍ଷା, ସମାନତା, ସହଭାଗିତା, ସଶକ୍ତିକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ନେତୃତ୍ୱ" - ୭ 'ସ' ହେଉଛି ନାରୀ ଅଧିକାର ପାଇଁ ମୂଳ ଆଧାର। ମହିଳାଙ୍କୁ ସ୍ଥାନ ସଂରକ୍ଷଣ ନୁହେଁ ବରଂ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ରର ଦୀର୍ଘଦିନର ବହୁ ପ୍ରତିକ୍ଷିତ ଶୁଭ ମୁହୁର୍ତ୍ତର ଅୟମାରମ୍ଭ ସହ ଏପ୍ରିଲ ୧୬ରୁ ୧୮ ଭିତରେ ମୋଦୀଜିଙ୍କ ନେତୃତ୍ୱରେ ଦୃଢ଼ ନିର୍ଣ୍ଣୟ ନେବାର ଶକ୍ତିକୁ ସାର ବିଶ୍ୱ ଦେଖିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ପ୍ରକାଶ କରିଛନ୍ତି। ୨୦୨୩ ମସିହାରେ ୧୨୮ତମ ସମ୍ବିଧାନ ସଂଶୋଧନ ଭାରତ ଇତିହାସର ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବରେ ଆମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସଂରକ୍ଷଣ କେବଳ ମହିଳା ପ୍ରତିନିଧି ବୃଦ୍ଧିରେ ସୀମିତ ନୁହେଁ ବରଂ ନୀତି ନିର୍ମାଣକୁ ଅଧିକ ସମାବେଶୀ, ସମ୍ବେଦନଶୀଳ ଏବଂପ୍ରଭାବଶାଳୀ କରିବା ଦିଗରେ ଏକ ଦୃଢ଼ ପ୍ରୟାସ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ୩୩ ପ୍ରତିଶତ ମହିଳା ସଂରକ୍ଷଣର କ୍ରିୟାନ୍ୱୟନ ନିର୍ଣ୍ଣୟ ପ୍ରକ୍ରିୟାରୁ ଦୂରରେ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ମହିଳାଙ୍କୁ ନୀତି ରହିତାଧିକାରୀରୁ ନୀତିର ନିର୍ମାତା ହେବାର ପଥ ପ୍ରଶସ୍ତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଶ୍ରୀମତୀ ପରିଡ଼ା ଆହୁରି କହିଛନ୍ତି ଯେ, ମୋଦୀଜୀଙ୍କ ସଫଳ ନେତୃତ୍ୱରେ ୨୦୨୩ ମସିହାରେ ସମ୍ବିଧାନର ୧୨୮ତମ ସଂଶୋଧନରେ ମାତୃଶକ୍ତି ବନ୍ଦନା ହେଉ ଅଥବା ୨୦୨୬ ଏପ୍ରିଲ ୧୬ ରୁ ୧୮ ସଂସଦର ପ୍ରସ୍ତାବିତ ବିଶେଷ ଅଧିବେଶନ ତତ୍କାଳିକ ନିଷ୍ପତ୍ତି ନୁହେଁ। ୨୦୧୪ ମସିହାରେ ଦେଶର ପ୍ରଧାନମନ୍ତ୍ରୀତ୍ୱ ସମ୍ଭାଳିବା ଦିନରୁ ହିଁ ମହିଳାଙ୍କ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବାର ବଡ଼ ଉଦ୍ୟମ ମୋଦିଜୀ କରିଛନ୍ତି। ମୋଦୀଜୀଙ୍କ ରାଷ୍ଟ୍ର କୋଣାର୍କର ମୁଣ୍ଡି ମାରିବାର ଦିନ କେବଳ ଏପ୍ରିଲ ୧୬ ରୁ୧୮ । ଲାଲକିଲ୍ଲାର ପ୍ରାଚୀର ଉପରୁ ଦେଶର ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ସ୍ୱଚ୍ଛଭାରତ ମାଧ୍ୟମରେ ଘରେଘରେ ଶୌଚାଳୟ ମାଧ୍ୟମରେ ମହିଳା ସମ୍ମାନର ଯେଉଁ ମୂଳଦୁଆ ପକାଇଥିଲେ ତାହା ଆଜିର ଦିନରେ ମାତୃଶକ୍ତି ବନ୍ଦନ ଅଧିନିୟନରେ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ମାଧ୍ୟମରେ ମୁଣ୍ଡିମରା ହେବ ।

ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା, ମହିଳାଙ୍କ ମାଲିକାନାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନରେ ଘରେ ଘରେ ପାଇପ ଯୋଗେ ପାନୀୟଜଳ, ଜନଧନ ଯୋଜନାରେ ବ୍ୟାଙ୍କଖାତା, ସ୍ୱୟଂସହାୟକ ଗୋଷ୍ଠୀରୁ ଲକ୍ଷପତି ଦିଦି, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ମହିଳା ସ୍ୱାଭିମାନ ଓ ସଶକ୍ତିକରଣର ସୁଦୃଢ଼ ମୂଳଦୁଆ ଉପରେ ମାତୃ ଶକ୍ତିବନ୍ଦନ ଅଧିନୟମର ୩୩ ପ୍ରତିଶତ ମହିଳା ସ୍ଥାନ ସଂରକ୍ଷଣର ସୁଦୃଶ୍ୟ ଅଟାଳିକା ଠିଆହେବାକୁ ଯାଉଛି। ଏହି କ୍ରମରେ ମୋଦୀଙ୍କ ମାର୍ଗଦର୍ଶନରେ ସୁଭଦ୍ରା ଯୋଜନା ମହିଳା ସଶକ୍ତିକରଣର ପଥପ୍ରଦର୍ଶକ ହୋଇଛି। ମୋଦୀଜିଙ୍କ ଶାସନର ପ୍ରାଣକେନ୍ଦ୍ର ହେଉଛନ୍ତି ମହିଳା । ଗର୍ଭବତୀ ମହିଳାଙ୍କ ପାଇଁ ମାତୃ ବନ୍ଦନା ହେଉ ବା ପିଏମ ପୋଷଣ, ସୁରକ୍ଷିତ ମାତୃତ୍ୱ ଅଭିଯାନ, ସକ୍ଷମ ଅଙ୍ଗନବାଡ଼ି, ମିଶନ ଇନ୍ଦ୍ରଧନୁଷ, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଆଦି ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କର ନାରୀଶକ୍ତି ପାଇଁ ଅଖଣ୍ଡ ନିଷ୍ଠାର ପରିଚାୟକ। ସଂସଦରେ ଚଳିତମାସ ୧୬ ରୁ ୧୮ ଐତିହାସିକ ଆଲୋଚନା ଏବଂ ଏହାର ପୂର୍ବଦିନଗୁଡ଼ିକରେ ଓଡ଼ିଶାର ମାତୃଶକ୍ତି ଏହି ଐତିହାସିକ ଦିନଗୁଡ଼ିକ ଉତ୍ସବ ରୂପରେ ପାଳନ କରିବାକୁ ଉପ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି । ଘରେ ବସି ୯୬୬୭୧୭୩୩୩୩ ନମ୍ବରରେ ମିସ୍ କଲ ମାଧ୍ୟମରେ ଏହି ଅଧିନିୟମକୁ ସମର୍ଥନ ରାଲି, ଶୋଭାଯାତ୍ରା ଓ ସଭା ମାଧ୍ୟମରେ ନାରୀଶକ୍ତିର ବିଜୟର ଏହି ମହାନ ଦିନଗୁଡ଼ିକୁ ଆହୁରି ସ୍ମରଣୀୟ କରିବାକୁ ଆହ୍ୱାନ ଜଣାଇଛନ୍ତି। ରାଜ୍ୟର ମାତୃଶକ୍ତି ସମାଜିକ ଗଣମାଧ୍ୟମରେ ନିଜ ସମର୍ଥନ ଜାହିର କରି ନିଜେ ମହିଳା ହେବାର ଗର୍ବକୁ ଆହୁରି ସଗର୍ବେ ପରିପ୍ରକାଶ କରିବାକୁ ଆହ୍ୱାନ ଜଣାଇଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଅନୀତା ଶୁଭଦର୍ଶିନୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ, କସ୍ତୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

cdcc

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ

ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ

ତା. ୧୩-୦୪-୨୦୨୬ ରିଖ

ସକାଳ ଅଧିବେଶନ / ଘ. ୬.୩୦ ମିନିଟ୍

ମୁଖ୍ୟ ଅତିଥି:- ଶ୍ରୀମତୀ ସୁରମା ପାଢ଼ୀ, ମାନନୀୟା ବାଚସ୍ପତି, ଓଡ଼ିଶା ବିଧାନସଭା

ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ
ପତାକା ଉତ୍ତୋଳନ
ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡରେ ଅଭିବାଦନ ଗ୍ରହଣ
(ରବୀନ୍ଦ୍ର ମଣ୍ଡପଠାରୁ ଜୟଦେବ ଭବନ ଛକ)

ସକାଳ ୯ ଘଟିକା- ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ
ସ୍ଥାନ: ଜୟଦେବ ଭବନ

ପୂର୍ବାହ୍ନ ୧୦ ଘଟିକା-ରାଜଧାନୀର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା
ସ୍ଥାନ: ରବୀନ୍ଦ୍ର ମଣ୍ଡପ ଅଡିଟୋରିୟମ୍

ସନ୍ଧ୍ୟା ଅଧିବେଶନ / ସମୟ. ୬ ଘଟିକା
ସ୍ଥାନ: ଉତ୍କଳ ମଣ୍ଡପ / ତା ୧୩.୦୪.୨୦୨୬ ରିଖ

ମୁଖ୍ୟ ଅତିଥି:- ଡ. ହରି ବାବୁ କମ୍ଭମପାଟି, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
୧୩ ଜଣ ବ୍ୟକ୍ତିବିଶେଷଙ୍କୁ "ରାଜଧାନୀ ଗୌରବ ସମ୍ମାନ-୨୦୨୬" ପ୍ରଦାନ

ସକାଳ ଓ ସନ୍ଧ୍ୟା ଅଧିବେଶନର ନିମନ୍ତ୍ରିତ ଅତିଥିବୃନ୍ଦ

ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ
ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ମାନନୀୟା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର(ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର(ଉତ୍ତର)
ଶ୍ରୀଯୁକ୍ତ ବାବୁ ସିଂ, ମାନ୍ୟବର ବିଧାୟକ, ଭୁବନେଶ୍ୱର(ଏକାମ୍ର)
ଶ୍ରୀଯୁକ୍ତ ପ୍ରଶାନ୍ତ ଜଗଦେବ, ମାନ୍ୟବର ବିଧାୟକ, ଖୋର୍ଦ୍ଧା ତଥା ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି
ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ, ମାନ୍ୟବର ବିଧାୟକ, କଟଣୀ
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ମଞ୍ଜୁଲତା କହଁର, ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ଅନୁ ଗର୍ଗ (ଭା.ପ୍ର.ସେ) ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଦେଓ ରଞ୍ଜନ କୁମାର ସିଂ (ଭା.ପ୍ର.ସେ) ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଶ୍ରୀଯୁକ୍ତ ହେମନ୍ତ ଶର୍ମା (ଭା.ପ୍ର.ସେ) ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ
ଶ୍ରୀଯୁକ୍ତ ଏସ୍. ଦେବଦତ୍ତ ସିଂ (ଭା.ପୁ.ସେ), ପୋଲିସ କମିଶନର, କଟକ-ଭୁବନେଶ୍ୱର
ଶ୍ରୀଯୁକ୍ତ ଚଞ୍ଚଳ ରାଣା (ଭା.ପ୍ର.ସେ), କମିଶନର, ବିଏମ୍‌ସି ତଥା ଉପାଧ୍ୟକ୍ଷ, ବିଡ଼ିଏ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍
ଶ୍ରୀଯୁକ୍ତ ଅମ୍ରିତ ଋତୁରାଜ (ଭା.ପ୍ର.ସେ), ଜିଲ୍ଲାପାଳ, ଖୋର୍ଦ୍ଧା

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି
ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ, ସଭାପତି
ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉପସଭାପତି
ଶ୍ରୀଯୁକ୍ତ ସନତ ମିଶ୍ର, ସାଧାରଣ ସଂପାଦକ

ତା. ୧୪.୦୪.୨୦୨୬ ରିଖ, ମଙ୍ଗଳବାର (ଦ୍ୱିତୀୟ ଦିବସ ସମାରୋହ)
ସନ୍ଧ୍ୟା ଅଧିବେଶନ ସ୍ଥାନ : ଉତ୍କଳ ମଣ୍ଡପ, ସମୟ: ୬ ଘଟିକା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ୨୦୨୬ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ।

ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବାକୁ ସାଦର ଆମନ୍ତ୍ରଣ।

ନିବେଦକ: ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି।

15001/10/2627

OIPR-15001/15001/2/26-27/0010



# କିଟ୍ ଓ କିସ୍ ପକ୍ଷରୁ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା




**ଭୁବନେଶ୍ୱର,୧୨।୪/ଏନ୍‌ଏନ୍‌ଏସ୍:** ଏପ୍ରିଲ ୧୮ତାରିଖରେ କିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ୬୧ତମ ଫେମିନା ମିସ୍ ଇଣ୍ଡିଆ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଦେଶବ୍ୟାପୀ ୩୦ ଜଣ ରାଜ୍ୟ ବିଜେତା ଆଜି କ୍ୟାମ୍ପସରେ ପହଞ୍ଚିବା ପରେ ସେମାନଙ୍କୁ କିଟ୍ ଓ କିସ୍ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୪ ନିକିତା ପରୱାଲ୍, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିଟ୍ ଆର୍କିଟେକଚର ସ୍କୁଲ୍‌ର ମହାନିର୍ଦ୍ଦେଶକ ଏସ ଏସ୍ ରାୟ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଏଭଳି ଏକ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ କିଟ୍ କ୍ୟାମ୍ପସରେ ଆୟୋଜନ କରାଯାଉଥିବାରୁ ଏହା ଓଡ଼ିଶା ପାଇଁ ଗର୍ବର ବିଷୟ। ଦେଶର ପୂର୍ବାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଏକ ବିଶ୍ୱବିଦ୍ୟାଳୟରେ ଆୟୋଜନ କରାଯାଉଛି। ଓଡ଼ିଶା ପର୍ଯ୍ୟଟନ ବିଭାଗ ସହମତି କ୍ରମେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ଆୟୋଜନ କରିଛନ୍ତି। ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତା ଭାରତରେ ଆୟୋଜିତ ହେଉଥିବା ପ୍ରସିଦ୍ଧ ସୁନ୍ଦରୀ ପ୍ରତିଯୋଗିତା ମଧ୍ୟରୁ ଅନ୍ୟତମ। ଏହି ପ୍ରତିଯୋଗିତା ନିଜ ନିଜ ରାଜ୍ୟରେ କରାଇବା ପାଇଁ ବିଭିନ୍ନ ରାଜ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି। ଖୁସିର କଥା ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଓଡ଼ିଶା ଆସିଛି। ଏହି ପ୍ରତିଯୋଗିତା ଜରିଆରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ସୁବନ୍ଦୋବସ୍ତ କରାଯାଇଛି। ଗ୍ରାଣ୍ଡ ଫିନାଲେ ଆୟୋଜନ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ଏହି ଯୁବ ଅଂଶଗ୍ରହଣକାରୀମାନେ କିଟ୍ ଓ କିସ୍‌ରେ ଦୀର୍ଘ ସମୟ ଅତିବାହିତ କରିବେ। କିଟ୍ ଓ କିସ୍ କ୍ୟାମ୍ପସ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କୁ ସହ ଭାବ ବିନିମୟ କରିବେ। ଏହା ବ୍ୟତୀତ ସେମାନେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଅନୁଭବ କରିବା ପାଇଁ ପୁରୀ, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଚନ୍ଦ୍ରଭାଗା ବେଳାଭୂମି ମଧ୍ୟ ପରିଦର୍ଶନ କରିବେ। ପୁରୀ ବେଳାଭୂମି ଓ ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିରରେ ସେମାନେ ହେରିଟେଜ୍ ୱାକ୍ କରିବେ। ସେହିପରି ୧୪ ତାରିଖରେ ଏହି ପ୍ରତିଯୋଗୀମାନେ ସମ୍ପୂର୍ଣ୍ଣ ଓଡ଼ିଆ ପରମ୍ପରାରେ ଓଡ଼ିଆ ନବବର୍ଷ ପାଳନ କରିବେ। ଓଡ଼ିଆ ଖାଦ୍ୟ ସହ ଓଡ଼ିଶାର ପ୍ରସିଦ୍ଧ ଛେନାପୋଡ଼ ଖାଇ ଛେନାପୋଡ଼ ଉତ୍ସବ ପାଳନ କରିବେ।

# ସରକାରଙ୍କ ପ୍ରତିଶ୍ରୁତି ପରେ 'ଭାଷା ଆନ୍ଦୋଳନ'ର କଳାପତାକା ଅଭିଯାନ ସ୍ଥଗିତ



**ଭୁବନେଶ୍ୱର,୧୨।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ଭାଷାରେ ଓଡ଼ିଶାର ଶାସନ ଓ ଭାଷା ଆଇନର ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦଣ୍ଡବିଧାନ ଦାବି କରି ଆସୁଥିବା 'ଭାଷା ଆନ୍ଦୋଳନ, ଓଡ଼ିଶା' ପକ୍ଷରୁ ପ୍ରସ୍ତାବିତ କଳାପତାକା ଅଭିଯାନକୁ ସାମ୍ପ୍ରତିକ ପରିସ୍ଥିତିରେ ସ୍ଥଗିତ ରଖାଯାଇଛି। ଆଗାମୀ ଓଡ଼ିଆ ନବବର୍ଷ (୧୪ ଏପ୍ରିଲ୍) ଠାରୁ ଏହି ଆନ୍ଦୋଳନ ପୁନର୍ବାର ଆରମ୍ଭ ହେବାର ଥିଲା। ମାତ୍ର ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ସହ ଅନୁଷ୍ଠିତ ଆଲୋଚନା ସଫଳ ହେବା ପରେ ଅନୁଷ୍ଠାନ ଏହି ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ ଯେ, ସରକାରୀ କାର୍ଯ୍ୟରେ କେବଳ ଓଡ଼ିଆ ଭାଷା ବ୍ୟବହାର କରିବା ପାଇଁ ୨୦୧୮ର ତୃତୀୟ ସଂଶୋଧନକୁ ଅଣଦେଖା କରାଯାଉଥିବା ଏବଂ ଶିକ୍ଷକ ନିଯୁକ୍ତିରେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦିଆଯାଉ ନଥିବା ନେଇ ଆନ୍ଦୋଳନ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ ୧୦ ତାରିଖ ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ମିଳିତ ବୈଠକରେ ଭାଷା ଆନ୍ଦୋଳନର କର୍ମକର୍ତ୍ତା ଜାନକୀଶ ବଡ଼ପଣ୍ଡା, ବିଭୁତି ଭୂଷଣ କର, ଶ୍ରୁତକୀର୍ତ୍ତି ତ୍ରିପାଠୀ ଓ ପବିତ୍ର ମହାରଥୀ ଯୋଗ ଦେଇଥିଲେ। ସରକାରଙ୍କ ତରଫରୁ ବିଭିନ୍ନ ବିଭାଗର ସଚିବ ଓ ପଦାଧିକାରୀମାନେ ଉପସ୍ଥିତ ରହି ଭାଷା ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ବିଶେଷ କରି ସରକାରୀ ନିର୍ଦ୍ଦେଶନାମା ଓ ନିଯୁକ୍ତି ବିଜ୍ଞାପନରେ ତୁରନ୍ତ ସଂଶୋଧନ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ସରକାରଙ୍କ ଏହି ଆଭିମୁଖ୍ୟକୁ ବିଚାରକୁ ନେଇ ଆଜି 'ଭାଷା ଆନ୍ଦୋଳନ'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ତମ୍ଭକାର ନଟବର ଖୁଣ୍ଟିଆ, ଅଧ୍ୟାପକ ନିରଞ୍ଜନ ପାଢ଼ୀ, ଅଧ୍ୟକ୍ଷ ଚକ୍ରଧର ମହାନ୍ତ, ସଭାପତି ଜାନକୀଶ ବଡ଼ପଣ୍ଡା, ଶ୍ରୀରାମ ଦାଶ, ବିଭୁତି ଭୂଷଣ କର, ପଣ୍ଡିତ ହରିଶଙ୍କର ମିଶ୍ର, ଉପସଭାପତି ନବକିଶୋର ପ୍ରଧାନ, ଉପସଭାପତି ଉମ୍ବରୁଧର ହରଣସିଂହ, ବ୍ରହ୍ମପୁର ଶାଖା ସଭାପତି ସାଗର ରଞ୍ଜନ ତ୍ରିପାଠୀ, ସମ୍ବଲପୁର ଶାଖା ଅଧ୍ୟକ୍ଷ ଡକ୍ଟର ଗିରିଜା ଶଙ୍କର ଶର୍ମା, ସତ୍ୟ ସ୍ୱାଇଁ, ଦାଶରଥି ଗୁମାନସିଂହ, ଉପେନ୍ଦ୍ର ସାମନ୍ତସିଂହାର, ଶ୍ରୁତକୀର୍ତ୍ତି ତ୍ରିପାଠୀ, ଉପସଭାପତି ସାରଦା ପ୍ରସାଦ ମହାପାତ୍ର, ହିମାଂଶୁ ପଣ୍ଡା, ମୟୂରେଶ ଦାଶ, ଉପସଭାପତି ସାଗର ଶତପଥି ଏବଂ ଆବାହକ ପବିତ୍ର ମହାରଥୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସରକାର ନିଜର ପ୍ରତିଶ୍ରୁତି ରକ୍ଷା କରିବେ ବୋଲି ଆଶା ପୋଷଣ କରି ସର୍ବସମ୍ମତି କ୍ରମେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ଆବାହକ ଶ୍ରୀ ମହାରଥୀ ସୂଚନା ଦେଇଛନ୍ତି।

# କର୍ମବୀର ଗୌରୀଶଙ୍କର ରାୟଙ୍କ ଜୀବନୀକୁ ନେଇ ଆଲୋଚନାଚକ୍ର



ଐତିହାସିକ ପ୍ରଫେସର୍ ନିହାର ରଞ୍ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଅଧୀକ୍ଷକ ଡକ୍ଟର ଭାରତୀ ପାଲ୍

**ଭୁବନେଶ୍ୱର,୧୨।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ 'ଓଡ଼ିଆ ପର୍ବ' ପାଳନର ଏକାଦଶ ଦିବସରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ 'କର୍ମବୀର ଗୌରୀଶଙ୍କର ରାୟ: ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅବଦାନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରାକ୍ତନ ସଚିବ ତଥା ଆୟକର ବିଭାଗର ମୁଖ୍ୟ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାସ, ସ୍ତମ୍ଭକାର ପ୍ରହଲ୍ଲାଦ ସିଂହ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଡ. ନିହାର ରଞ୍ଜନ ପଟ୍ଟନାୟକ ଏବଂ ବିଶିଷ୍ଟ ଲେଖକ ଡ. ସଂଗ୍ରାମ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ଅତିଥିମାନେ ଗୌରୀଶଙ୍କର ରାୟଙ୍କ ସାରସ୍ୱତ ସାହିତ୍ୟ କୃତି ଉପରେ ଆଲୋକପାତ କରିବା ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଅଦ୍ୱିତୀୟ ଭୂମିକା ଓ ଗୁରୁତ୍ୱପୂର୍ଣ୍ଣ ଅବଦାନ ବିଷୟରେ ମତ ରଖିଥିଲେ। ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ ଏହି ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ପାରାଦୀପ ଷ୍ଟେସନ୍ ନିରୀକ୍ଷଣ



**ଭୁବନେଶ୍ୱର,୧୨।୪/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶନିବାର ଦିନ ପାରାଦୀପ ୟାର୍ଡ, ଷ୍ଟେସନ ଏବଂ ଆର୍‌ଓଏଚ୍ (ରୁଟିନ୍ ଓଭରହଲ୍) ଡିପୋର ଏକ ବ୍ୟାପକ ଯାଞ୍ଚ କରିଛନ୍ତି। ମଞ୍ଚେଶ୍ୱରରୁ ପାରାଦୀପ ସେକ୍ସନ ପର୍ଯ୍ୟନ୍ତ ଯାଞ୍ଚ କରାଯିବ ସହିତ ପାରାଦୀପ ଏବଂ ଏହାର ଆଖପାଖ ଅଞ୍ଚଳରେ ରେଳ ଭିତ୍ତିଭୂମି ଏବଂ କାର୍ଯ୍ୟକ୍ଷମ ସୁବିଧାଗୁଡ଼ିକର ବିସ୍ତୃତ ସମୀକ୍ଷା ଏହି ଯାଞ୍ଚ ସମୟରେ କରାଯାଇଥିଲା।

ଏକ ଗୁରୁତ୍ୱପୂର୍ଣ୍ଣ ପଣ୍ୟ ପରିବହନ କେନ୍ଦ୍ର ଭାବରେ ପାରାଦୀପ ବନ୍ଦରର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ଏହି ଗସ୍ତ ମୁଖ୍ୟତଃ ବନ୍ଦର ଲଜିଷ୍ଟିକ୍ସ ସହିତ ଜଡିତ ରେଳ ପରିଚାଳନାର ଦକ୍ଷତା, ସୁରକ୍ଷା ଏବଂ କ୍ଷମତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଇଥିଲା। ନିରୀକ୍ଷଣ ସମୟରେ ମହାପ୍ରବନ୍ଧକ ପ୍ରମୁଖ ଦିଗଗୁଡ଼ିକ ଉପରେ ସମୀକ୍ଷା କରିଥିଲେ, ଯେଉଁଥିରେ ଅନ୍ତର୍ଭୁକ୍ତ ଥିଲା ୟାର୍ଡ ଲେଆଉଟ୍, ସିଗନାଲିଂ ସିଷ୍ଟମ୍ ଏବଂ ସାମଗ୍ରିକ ପରିଚାଳନା ଦକ୍ଷତା, ଷ୍ଟେସନରେ ଯାତ୍ରୀ ସୁବିଧା ଏବଂ ପରିଷ୍କାର ପରିଚ୍ଛନ୍ନତା, ଆର୍‌ଓଏଚ୍ ଡିପୋର କାର୍ଯ୍ୟକାରିତା ଏବଂ ରକ୍ଷଣାବେକ୍ଷଣ ଅଭ୍ୟାସ, ସୁରକ୍ଷା ପଦକ୍ଷେପ ଏବଂ ନିର୍ଦ୍ଧାରିତ ରେଳ ମାନକ ଅନୁପାଳନ। ସେ ଏହି ଅଞ୍ଚଳରେ ବର୍ଦ୍ଧିତ ପଣ୍ୟ ପରିବହନ ଏବଂ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ସୁରକ୍ଷା ପ୍ରୋଟୋକଲକୁ ମଜବୁତ କରିବା, ଉନ୍ନତ ରକ୍ଷଣାବେକ୍ଷଣ ଅଭ୍ୟାସ ଗ୍ରହଣ କରିବା ଏବଂ ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ପ୍ରମୁଖ ମୁଖ୍ୟ ଏବଂ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯାଞ୍ଚ ସମୟରେ ମହାପ୍ରବନ୍ଧକଙ୍କ ସହିତ ଉପସ୍ଥିତ ଥିଲେ। ଏହି ଅଞ୍ଚଳରେ ରେଳ ଚଳାଚଳ ପରିଚାଳନାରେ ଖୋର୍ଦ୍ଧା ରୋଡ ଡିଭିଜନ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମହାପ୍ରବନ୍ଧକ ଅଧିକାରୀମାନଙ୍କୁ ସ୍ୱଚ୍ଛତାର ଉଚ୍ଚ ମାନ ବଜାୟ ରଖିବା, ରୋଲିଂ ଷ୍ଟକ୍‌ର ଉପଯୁକ୍ତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ଏବଂ ନିରାପଦ, ଦକ୍ଷ ଏବଂ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବା ପାଇଁ ଭିତ୍ତିଭୂମିର ନିରନ୍ତର ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିରୀକ୍ଷଣ ସମଗ୍ର ଓଡ଼ିଶାରେ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସେବାର ନିର୍ଭରଯୋଗ୍ୟତା ବୃଦ୍ଧି କରିବା ପାଇଁ ପୂର୍ବତଟ ରେଳପଥର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରତିଯୋଗିତା ଆରମ୍ଭ

**ଭୁବନେଶ୍ୱର,୧୨।୪/ଏନ୍‌ଏନ୍‌ଏସ୍:** ବିଦ୍ୟାଳୟସ୍ତରରେ ପିଲାମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ 'ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦'ର ଶୁଭାରମ୍ଭ ହୋଇଯାଇଛି। ଭୁବନେଶ୍ୱର ଆଥଲେଟିକ ଆସୋସିଏସନ ପକ୍ଷରୁ ୟୁନିଟ-୧ ସ୍ଥିତ ଫୁଟବଲ ଏକାଡେମୀ ପରିସରରେ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରାଯାଇଛି।

ଖୋର୍ଦ୍ଧା ଜିଲ୍ଲା ସ୍ତରରେ ଭୁବନେଶ୍ୱର ଅଧୀନରେ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହୋଇଥିବା ବେଳେ ଖୋର୍ଦ୍ଧା ଅଞ୍ଚଳରେ କବାଡି, ଖୋ-ଖୋ, ଭଲିବଲ ଏବଂ ଫୁଟବଲ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଫୁଟବଲ ପ୍ରତିଯୋଗିତାରେ ଚାରୋଟି ଗ୍ରୁପ୍‌ରେ ଉଭୟ ବାଳକ ଓ ବାଳିକା ସ୍ତରରେ ୧୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାର ଖେଳଗୁଡ଼ିକ ପ୍ରତିଦିନ ଅପରାହ୍ନ ୪ଟା ପରେ ଆରମ୍ଭ ହେଉଛି। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୪ ତାରିଖରେ ଶେଷ ହେବ। ପିଲାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ପ୍ରକାର ଆୟୋଜନ କରାଯାଇଥିବା ବେଳେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ମ୍ୟାଚ୍ ଅଫିସିଆଲ୍‌ମାନେ ଉପସ୍ଥିତ ରହି ପ୍ରତ୍ୟେକ ପ୍ରତିଯୋଗିତାକୁ ତଦାରଖ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଅଲମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି, ଖୋର୍ଦ୍ଧା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଶୃଙ୍ଖଳାର ସହ କ୍ରୀଡ଼ାର ନିୟମକୁ ପାଳନ କରିବା ଏବଂ ଖେଳୁଆଡ଼ ମନୋଭାବ ନେଇ ନିଜର ପ୍ରଦର୍ଶନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

## 'ଅମୃତ ପିଢ଼ି' ସାରସ୍ୱତ ସମାରୋହରେ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

**ଭୁବନେଶ୍ୱର,୧୨।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ 'ଓଡ଼ିଆ ପର୍ବ' ପାଳନର ଏକାଦଶ ଦିବସରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟ ସ୍ତରୀୟ 'ଅମୃତ ପିଢ଼ି ସାରସ୍ୱତ ସମାରୋହ' ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୬୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ସମାରୋହ ଅବସରରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଳ୍ପ, କବିତା ଏବଂ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗଳ୍ପ ପାଇଁ 'ଦେଶ', କବିତା ପାଇଁ 'ଭାରତ ବର୍ଷ' ଏବଂ ପ୍ରବନ୍ଧ ପ୍ରତିଯୋଗିତା ପାଇଁ 'ମୋ ସ୍ୱପ୍ନର ଓଡ଼ିଶା' ବିଷୟବସ୍ତୁ ରଖାଯାଇଥିଲା। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ୩୦ ଜଣ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଏପ୍ରିଲ ୧୪ ତାରିଖ ଓଡ଼ିଆ ନବବର୍ଷ ଅବସରରେ ରାଜ୍ୟ ସ୍ତରୀୟ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ। ପ୍ରତିଯୋଗିତା ସହିତ ଗଳ୍ପ, କବିତା ଓ ପ୍ରବନ୍ଧ ଲିଖନ ଶୈଳୀକୁ ନେଇ ଏକ କର୍ମଶାଳା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିତ୍ୟିକ ଡ. ଗୌରହରି ଦାସ, ଦେବ ପ୍ରସାଦ ଦାସ, ଡ. ଅରବିନ୍ଦ ରାୟ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ପ୍ରଦୀପ ବିଶ୍ୱାଳ, ଅରୁଣ କୁମାର ସାହୁ, ଡ. ଦିଲ୍ଲୀପ କୁମାର ସ୍ୱାଇଁ, ଡ. ମନୋରଞ୍ଜନ ପାଣିଗ୍ରାହୀ, ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରଫେସର ବାବାଜୀ ପଟ୍ଟନାୟକ, ଦାସ ବେନହୁର ଏବଂ ବୈଷ୍ଣବ ଚରଣ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ତମ ସାରସ୍ୱତ ସୃଜନ ପାଇଁ ଦିଗଦର୍ଶନ ପ୍ରଦାନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା କହିଛନ୍ତି ଯେ 'ଅମୃତ ପିଢ଼ି ସାରସ୍ୱତ ସମାରୋହ' ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ସୃଜନଶୀଳ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଯୁବ ପିଢ଼ିଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟ ପ୍ରତି ଥିବା ଏହି ଆନ୍ତରିକତା ଓ ଭଲପାଇବା ସମସ୍ତଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଝୋଟି ଓ ମିଠା ପାନ ବାସ୍ନାରେ ମହକିଲା 'ଶ୍ରେଷ୍ଠ ଓଡ଼ିଆଣୀ' ପ୍ରତିଯୋଗିତା

**ଭୁବନେଶ୍ୱର,୧୨।୪/ଏନ୍‌ଏନ୍‌ଏସ୍:** ଆମର ପ୍ରଖ୍ୟାତ ପ୍ରଥା ଓ ପାଶୋରି ହେଉଥିବା ପରମ୍ପରା ଓ ଚଳଣିକୁ ନେଇ ଏକ ଅଭିନବ ମହୋତ୍ସବର ପରିକଳ୍ପନା ହେଉଛି 'ଓଡ଼ିଆ ମହୋତ୍ସବ'। ଅନ୍ୟତ୍ର ନୃତ୍ୟ, ଗୀତର ପ୍ରାଧାନ୍ୟକୁ ନେଇ ଅନେକ ଉତ୍ସବ ଓ ମହୋତ୍ସବ ଆୟୋଜିତ ହେଉଥିବା ବେଳେ ପ୍ରଥା, ପରମ୍ପରା ଓ ଚଳଣିକୁ ଏକତ୍ର କରି ରୂପ ନେଇଛି ଏହି ଅଭିଯାନ। ଆମେ ଭୁଲି ଯାଉଥିବା ଭାଷା ଓ ସଂସ୍କୃତି ଭରି ରହିଛି ଏହି ପ୍ରଥା ଓ ପରମ୍ପରା ମଧ୍ୟରେ। ଏହାର ସୁରକ୍ଷା ତଥା ସଂପ୍ରସାରଣ ପାଇଁ ସାଂସ୍କୃତିକ ଆନ୍ଦୋଳନ ଭାବେ ଓଡ଼ିଆ ମହୋତ୍ସବର ପ୍ରମୁଖ କାର୍ଯ୍ୟକ୍ରମ ରୂପେ 'ଶ୍ରେଷ୍ଠ ଓଡ଼ିଆଣୀ' ପ୍ରତିଯୋଗିତା ଧାରାବାହିକତା ରକ୍ଷା କରି ବିଂଶ ବର୍ଷରେ ପହଞ୍ଚିଛି। ଏହିଭଳି ଧାରାବାହିକତା ରକ୍ଷା ଓ ନିଆରା ଉଦ୍ୟମ ଓ ଉତ୍ସବକୁ ପ୍ରଶଂସାର ବକ୍ତବ୍ୟ ସହ ଓଡ଼ିଆଣୀମାନଙ୍କ ଦ୍ୱାରା ଉତ୍ସବ ସ୍ଥଳରେ ଭଙ୍ଗା ଯାଉଥିବା ମିଠା ପାନର ମହକ ଓ ଅଙ୍କା ଯାଇଥିବା ସୁଦୃଶ୍ୟ ଝୋଟି ମଧ୍ୟରେ ବିତିଛି 'ସମ୍ଭାବନା' ପକ୍ଷରୁ ଆରମ୍ଭ ହୋଇଥିବା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ୫ ଦିନିଆ ଉଦ୍‌ଯାପନୀ ଉତ୍ସବର ତୃତୀୟ ସନ୍ଧ୍ୟା। ସମ୍ଭାବନା ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତୃତୀୟ ସନ୍ଧ୍ୟା ଉତ୍ସବର ପ୍ରମୁଖ ଅତିଥି ଥିଲେ ପ୍ରାକ୍ତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଯୁବ ଭାଷାବିତ୍ ଡକ୍ଟର ସୁବ୍ରତ ପୃଷ୍ଟି, ଶ୍ରମିକ ନେତା କିଶୋର ଜେନା। ମଞ୍ଚାସୀନ ଥିଲେ ୨୦୧୫ର ଶ୍ରେଷ୍ଠ ଓଡ଼ିଆଣୀ ସ୍ୱୟଂପ୍ରଭା ସାହୁ, ୨୦୧୬ର ସୌଦାମିନୀ ସାମଲ, ୨୦୨୭ର ମଧୁସ୍ମିତା ଦାସ, ଓ ୨୦୨୫ର ରୀତା ଶତପଥୀ ତଥା ସମ୍ଭାବନାର ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା। ଉତ୍ସବ ସ୍ଥଳରେ ଓଡ଼ିଆଣୀମାନଙ୍କ ଦ୍ୱାରା ପ୍ରସ୍ତୁତ ମିଠା ପାନ ରଜ ଉତ୍ସବକୁ ମନେ ପକାଇ ଦେଉଥିଲା। ଏହି ସବୁ ମଧ୍ୟରେ ଉତ୍ସାହୀ ଓଡ଼ିଆଣୀମାନଙ୍କ ଗହଣରେ ଅନୁଷ୍ଠିତ ଉତ୍ସବ ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଆଣୀ ପ୍ରତିଯୋଗିତାର ପାନଭଙ୍ଗାର ବିଚାରକ ଭାବେ ଉପସ୍ଥିତ ଥିଲେ ସାମ୍ବାଦିକ ବିଜୟ କୁମାର ମହାନ୍ତି, ବିଜୟ ଦାସ ଓ ଅମିୟ ବିକ୍ରମ ଭୂୟାଁ। ଦଳଗତ ଆଲୋଚନାରେ ଡ. ଶର୍ମିଷ୍ଠା ମହାପାତ୍ର ଓ ଡ. ସରୋଜିନୀ ପାଣି। ସେହିଭଳି ଝୋଟି ପ୍ରତିଯୋଗିତାରେ ବିଚାରକ ଥିଲେ ବିଶିଷ୍ଟ ଚିତ୍ରଶିଳ୍ପୀ ସୁବ୍ରତ ମଲ୍ଲିକ, ନିଗମାନନ୍ଦ ସ୍ୱାଇଁ ଓ ଅନ୍ତର୍ଯ୍ୟାମୀ ଦାସ। ଏହି ଅବସରରେ ରାଜଧାନୀ ମହାବିଦ୍ୟାଳୟର ଛାତ୍ରୀମାନେ ସମ୍ବଲପୁରୀ ଲୋକନୃତ୍ୟ ତଥା ଶିଳ୍ପୀ ଅଲିଭା ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହା ସହ ଅଶିଷ ଦତ୍ତ ଓ ସିଦ୍ଧାନ୍ତ ଶତପଥୀଙ୍କ ସ୍ୱରରେ ଓଡ଼ିଆ ଲଘୁ ସଙ୍ଗୀତ ମଧ୍ୟ ପରିବେଷିତ ହୋଇଥିଲା। ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ସଦସ୍ୟ ରାଜଶ୍ରୀ ଶତପଥୀ, ପ୍ରଫୁଲ୍ଲ ଦେ, ଅଭିରାମ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଆସନ୍ତା କାଲି ଓଡ଼ିଆଣୀଙ୍କ ମଧ୍ୟରେ ହୁଳହୁଳି, ପୁରାଣ ଆବୃତ୍ତି ଓ ଦଳଗତ ଆଲୋଚନା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ଘୋଷଣା କରିଥିଲେ।

# ଆଷାଢ଼ ସାହିତ୍ୟ ସଂସଦର ବିଷୁବ ଆସର



**ଭୁବନେଶ୍ୱର,୧୨।୪/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ୍ ଅନ୍ତର୍ଗତ ଦଳେଇଘାଇ ସ୍ଥିତ 'ଆଷାଢ଼ ସାହିତ୍ୟ ସଂସଦ' ପକ୍ଷରୁ ୩୪ତମ ବିଷୁବ ଆସର ହାଜିପୁରସ୍ଥିତ ପଞ୍ଚସଖା ଧାନକୁଦ ପୀଠ ପରିସରରେ ପାଳିତ ହୋଇଯାଇଛି। ଗୀତିକବି ବାମଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଆସରକୁ ଧାନକୁଦ ପୀଠାଧୀଶ ପ୍ରେମସାଗର ବାବା ଅରକ୍ଷିତ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ।

ବରେଣ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, କବି ଶ୍ରୀଗୋବିନ୍ଦ, ଗୀତିକବି ବାବାଜି ଚରଣ ଜେନା, ଡା. କମଳାକାନ୍ତ ନାୟକ, ଶିକ୍ଷାବିତ୍ ଡ.ବସୁମତୀ ଶତପଥୀ ପ୍ରମୁଖ ଯୋଗ ଦେଇ କହିଥିଲେ ଯେ ବିନା ସାଧନାରେ କବି ହେବା ସମ୍ଭବ ନୁହେଁ। ପ୍ରାଚୀନ ଗ୍ରନ୍ଥ, ପୁରାଣ ଆଦି ଶାସ୍ତ୍ରଠାରୁ ଆଧୁନିକ କାବ୍ୟ କବିତା ପର୍ଯ୍ୟନ୍ତ ବହୁତ ପଢ଼ାପଢ଼ି କରନ୍ତୁ ଏବଂ ଖୁବ୍ କମ୍ ଲେଖନ୍ତୁ। ସଂସଦ ସଭାପତି କବି ପୀତାମ୍ବର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପଣ୍ଡିତ ଡ. ଗୁରୁପ୍ରସାଦ ରଥ ବେଦପାଠ କରିଥିଲେ। ସମ୍ପାଦିକା କୁନ୍ତଳା ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ କବି ଶ୍ରୀ ଗୋବିନ୍ଦଙ୍କୁ 'ବିଷୁବ ସମ୍ମାନ' ଓ ସାହିତ୍ୟିକ ଚୈତନ୍ୟ ରାଉତ ଓ ସାହିତ୍ୟିକା ଗୀତାଞ୍ଜଳି ପୃଷ୍ଟିଙ୍କୁ ଆଷାଢ଼ ଦମ୍ପତି ସମ୍ମାନ, ଶିଶୁ ସାହିତ୍ୟିକା ସଂହିତା ଜେନାଙ୍କୁ ରାଧାରାଣୀ ପରିଜା ଶିଶୁସାହିତ୍ୟ ସମ୍ମାନ, ସମାଜସେବୀ ଅକ୍ଷୟ କୁମାର ଦାସ, ଦିଲ୍ଲୀପ କୁମାର ମହାପାତ୍ର, ଦୀପକ କୁମାର ପଶାୟତ ଓ ଦେବାଶିଷ ମହାନ୍ତିଙ୍କୁ 'ବିଜୁ ସମ୍ମାନ'ରେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନରେ ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ କବିତା ପାଠକୁ କବୟିତ୍ରୀ ଚାରୁଲତା ଦାଶ, ସନ୍ତୋଷୀ ସାହୁ, କାମିନୀମାଳା ବୀରା ସଂଯୋଜନା କରିଥିଲେ। କବି ପତିତ ପାବନ ଜେନା, ବୈଷ୍ଣବ କବି ତ୍ରିଲୋଚନ ଦାସ, ନାରାୟଣ ଭୋଳ, କବୟିତ୍ରୀ ଛବିରାଣୀ ପତିଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ କବିତା ପାଠ କରିଥିଲେ। ସୌମେନ୍ଦ୍ର ମହାପାତ୍ର ଓ ଅଭିଷେକ ସନ୍ଦେଶ ମହାପାତ୍ର ଉତ୍ସବକୁ ସଞ୍ଚାଳନା କରିଥିବା ବେଳେ ଉମାକାନ୍ତ ରଥ ଧନ୍ୟବାଦ ଦେଇଥିଲେ। ସସ୍ମିତ ମହାପାତ୍ର, ପ୍ରଗଲ୍ଭପତି ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## ଓଡ଼ିଶାରେ ଏକ ନମ୍ବର ସ୍ଥାନକୁ ସୁଦୃଢ଼ କରିଛି ଜିଓ

# ଫେବୃଆରୀରେ ଯୋଡ଼ିଛି ୧.୮୮ ଲକ୍ଷରୁ ଅଧିକ ନୂତନ ଗ୍ରାହକ




**ଭୁବନେଶ୍ୱର,୧୨।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଏହାର ଜୟଯାତ୍ରା ଜାରି ରଖି ରିଲାଏନ୍ସ ଜିଓ ଚଳିତ ବର୍ଷ ଫେବୃଆରୀ ମାସରେ ରାଜ୍ୟରେ ସର୍ବାଧିକ ୧.୮୮ ଲକ୍ଷ ନୂତନ ମୋବାଇଲ୍ ଏବଂ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ଫେବୃଆରୀରେ ଓଡ଼ିଶାରେ ୧.୭୪ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୧୩୬୦୦ ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଜିଓ ନେଟୱାର୍କରେ ଯୋଡି ହୋଇଛନ୍ତି। ଉଲ୍ଲେଖନୀୟ ଭାବରେ ଜିଓ ଫେବୃଆରୀ ମାସରେ ଓଡ଼ିଶାରେ ତାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ପ୍ରାୟ ଚାରି ଗୁଣ ଅଧିକ ନୂତନ ଗ୍ରାହକ ଯୋଡ଼ିଛି। ଏହା ସହିତ ଜିଓ ଓଡ଼ିଶାରେ ୱାୟରଲେସ୍, ୱାୟରଲାଇନ୍ ଏବଂ ଏଫଡବ୍ଲୁଏ କ୍ଷେତ୍ରରେ ଏହାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି ଏବଂ ରାଜ୍ୟରେ ଏହାର ସର୍ବାଧିକ ୧.୭୫ କୋଟି ମୋବାଇଲ୍ ଉପଭୋକ୍ତା, ୩.୬୬ ଲକ୍ଷ ଜିଓଫାଇବର ଉପଭୋକ୍ତା ଏବଂ ୩.୬୩ ଲକ୍ଷ ଜିଓଏୟାରଫାଇବର ଉପଭୋକ୍ତା ରହିଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳ ତଥା ଉପାନ୍ତ ଅଞ୍ଚଳଗୁଡ଼ିକରେ ହଜାର ହଜାର ଗ୍ରାମ ଓ ନଗରଗୁଡ଼ିକରେ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣକୁ ଆଗେଇ ନେଇ, ଜିଓ ସେମାନଙ୍କ ଘର ପାଖରେ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସଂଯୋଗ ଉପଲବ୍ଧ କରାଇଛି। ଟ୍ରାଇ ତଥ୍ୟ ଅନୁଯାୟୀ, ୱାୟରଲେସ୍ କ୍ଷେତ୍ରରେ, ଫେବୃଆରୀ ମାସରେ ରିଲାଏନ୍ସ ଜିଓ ସର୍ବାଧିକ ୧,୭୪,୮୧୦ ନୂତନ ମୋବାଇଲ୍ ସବସ୍କ୍ରାଇବର ଯୋଡିଥିବା ବେଳେ ଏହା ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିବା ଭାରତୀ ଏୟାରଟେଲ୍ ୪୬,୧୯୨ ନୂତନ ମୋବାଇଲ୍ ଉପଭୋକ୍ତା ଏବଂ ଭୋଡାଫୋନ୍ ଆଇଡିଆ ୧୭୦୬୭ ନୂତନ ମୋବାଇଲ୍ ଉପଭୋକ୍ତା ଯୋଡିଥିବା ବେଳେ ବିଏସଏନଏଲ ଏହି ସମୟରେ ୫୫୩୨ ମୋବାଇଲ୍ ଉପଭୋକ୍ତା ହରାଇଛି। ଫେବୃଆରୀ ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୨.୩୨ ଲକ୍ଷରୁ ଅଧିକ ବୃଦ୍ଧି ପାଇ ୨୮ ଫେବୃଆରୀ ୨୦୨୬ ସୁଦ୍ଧା ୩.୭୭ କୋଟି ଅତିକ୍ରମ କରିଥିବା ଟ୍ରାଇ ତଥ୍ୟରୁ ଜଣାପଡ଼ିଛି। ତଥ୍ୟ ଅନୁଯାୟୀ, ଜାତୀୟ ସ୍ତରରେ ଜିଓ ଫେବୃଆରୀ ମାସରେ ୧୬.୨୪ ଲକ୍ଷରୁ ଅଧିକ ନୂତନ ୱାୟରଲେସ୍ ଗ୍ରାହକ, ୧.୧୭ ଲକ୍ଷ ନୂତନ ୱାୟରଲାଇନ୍ (ଜିଓଫାଇବର) ଗ୍ରାହକ ଏବଂ ୩.୪୧ ଲକ୍ଷରୁ ଅଧିକ ନୂତନ ଏଫଡବ୍ଲୁଏ (ଜିଓଏୟାରଫାଇବର) ଗ୍ରାହକ ଯୋଡ଼ିଛି। ଏହାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଦୃଢ଼ ଡିଜିଟାଲ ଭିତ୍ତିଭୂମି ଏବଂ ଗ୍ରାହକ-ପ୍ରଥମ ନୀତି ସହିତ, ଜିଓ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଓଡ଼ିଶାର ଡିଜିଟାଲ୍ ପରିବର୍ତ୍ତନକୁ ଆଗକୁ ନେଉଛି। ଜିଓଏୟାରଫାଇବର ଡିଜିଟାଲ୍ ବୈଷମ୍ୟକୁ ଦୂର କରିବା ସହିତ ଶେଷ ମାଇଲ୍ କନେକ୍ଟିଭିଟି ଆହ୍ୱାନକୁ ଦୂର କରିବା ଏବଂ ସହର ଉପକଣ୍ଠ ଓ ଗ୍ରାମାଞ୍ଚଳରେ ଘର ଓ ଛୋଟ ବ୍ୟବସାୟଗୁଡ଼ିକୁ ଭରସାଯୋଗ୍ୟ ଯୋଗାଯୋଗ ସଂଯୋଗ ଉପଲବ୍ଧ କରିବାରେ ସଫଳତା ହାସଲ କରିଛି। ଏହା ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ, ୮୦୦+ ଟିଭି ଚ୍ୟାନେଲ୍, ୧୧+ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ କିଛି ସୁବିଧା ସୁଗମ ତଥା ସହଜଲବ୍ଧ କରିଛି, ଯାହା ଆଜିକାର ଡିଜିଟାଲ୍ ଯୁଗରେ ଆଗକୁ ବଢ଼ିବା ପାଇଁ ଛାତ୍ରଛାତ୍ରୀ, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରଗୁଡ଼ିକୁ ସଶକ୍ତ କରୁଛି।

ନିତିଦିନ NITIDIN



## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଯୁବକ ମୃତ

**ନିମାପଡ଼ା,୧୨।୪/ଏନ୍ଏନ୍ଏସ୍:** ରବିବାର ସକାଳେ କାଳ ବୈଶାଖୀ ଯୋଗୁ ଦର ଛିଣ୍ଡା ବିଦ୍ୟୁତ୍ ସର୍ଭିସ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ଜୀବନ ଯାଇଛି । ସ୍ଥାନୀୟ ଥାନା ଅଧିନ ତେରୁଣ୍ଡିଆ ଗ୍ରାମର ସୁବାଷ ଭୋଇ(୩୪) ନାମକ ଯୁବକ ରବିବାର ସକାଳେ ଜଣଙ୍କ ଘରକୁ ଯିବା ସମୟେ ଏକ ବିଦ୍ୟୁତ୍ ତାର ଓହଳି ଥିବା ଦେଖି କାହାର ମୁଣ୍ଡ ବାଜିବ ଭାବି ହାତରେ ଅନ୍ୟତ୍ର କରିବା ସମୟେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ । ତାରରେ କରେଣ୍ଟ ଥିବାରୁ ସେ ତଳେ କଚାଡ଼ି ହୋଇ ପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ନେବା ପରେ ଡ଼ାକ୍ତର ଚିକିତ୍ସା କରି ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ତାଙ୍କ ପିତା ଶବର ଭୋଇ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି ।

## ପଦ୍ମଧରିଲେ ପୂର୍ବତନ ସରପଞ୍ଚ



**ଟାଙ୍ଗୀ,୧୨।୪/ଏନ୍ଏନ୍ଏସ୍:** ସାଲେପୁର ନିର୍ବାଚନ ମଣ୍ଡଳୀ ଟାଙ୍ଗୀ ସ୍ଥିତ କୋଟସାହି ହାଟପଡିଆରେ ବିଜେପି ପକ୍ଷରୁ ମଣ୍ଡଳର ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି । ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାଶ ନାୟକ ଯୋଗଦେଇ ଉଚପଦା, ସଫା, କୋଟସାହି ପଞ୍ଚାୟତରୁ ଆସିଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଟୋପି ପିନ୍ଧାଇ ଦଳରେ ସାମିଲ କରିବା ସହ ଅରିନ୍ଦମ ରାୟଙ୍କ କାର୍ଯ୍ୟ ଦକ୍ଷତାକୁ ଭରପୁର ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ପୂର୍ବତନ ଜିଲ୍ଲା ସଭାପତି ଚୌଧୁରୀ ହେମନ୍ତ ସାହୁ, ଆମ୍ବ ଅଧ୍ୟକ୍ଷ ଲକ୍ଷ୍ମଣ ସାହୁ, ଧନେଶ୍ୱର ନାୟକ, ହୃଷିକେଶ ସାମଲ, ଆପ୍ରେଶ ସାହୁ, ସତ୍ୟବ୍ରତ ସାହୁ, ଅଶିତ କୁମାର ପ୍ରଧାନ, ଶୁଭମ୍ ସାହୁ, ରାଜେଶ ଜେନା, ବାବୁଲି ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଉଚପଦା ପଞ୍ଚାୟତର ରଶ୍ମିତା ରାଉତ, କୋଟସାହି ପଞ୍ଚାୟତ ପୂର୍ବତନ ସରପଞ୍ଚର ଅମୂଲ୍ୟ କୁମାର ସାହୁ,ପ୍ରଦିପ୍ତ ସ୍ୱାଇଁ, ଗିତାଞ୍ଜଳି ସ୍ୱାଇଁ, ବିଚିତ୍ର ନନ୍ଦ ଗୋଛୟତ, ଦୁର୍ଗାପ୍ରସାଦ ଜେନା, ସ୍ୱେତାମ୍ବର ସ୍ୱାଇଁ, ପ୍ୟାରୀମୋହନ ସ୍ୱାଇଁ, ରାଜକିଶୋର ସ୍ୱାଇଁ,ଶ୍ରୀଧର ଦଳ, କୈଳାଶ ଖୁଣ୍ଟିଆ, ପ୍ରଶାନ୍ତ ଦଳ, ସୌଭାଗ୍ୟ ବେହେରା, ଅଭିନାଶ ବେହେରା ବିଜେପିରେ ଯୋଗ ଦେଇଥିବା ବେଳେ ପଞ୍ଚାୟତ ନିର୍ବାଚନରେ ବିଜେପି ସଫଳତା ପାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଅତିଥିମାନେ ମତ ରଖିଥିଲେ ।

## ଅଣ୍ଡର୍-୨୦ କ୍ରିକେଟ୍: ବାଙ୍କତରାକୁ ହରାଇ ଫାଇନାଲରେ ଓଡ଼ଗାଁ



**ଓଡ଼ଗାଁ,୧୨।୪/ଏନ୍ଏନ୍ଏସ୍:** ଓଡ଼ଗାଁ ମିନି ଷ୍ଟାଡ଼ିୟମ୍ ଠାରେ ରଘୁନାଥ ଆଥଲେଟିକ୍ ଆସୋସିଏସନ ଦ୍ୱାରା ଚାଲିଥିବା ପ୍ରଥମ ଅଣ୍ଡର-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ରେ ବାଙ୍କତରାକୁ ହରାଇ ଓଡ଼ଗାଁ ଦଳ ଫାଇନାଲରେ ପ୍ରବେଶ କରିଛି । ଆଜି ବାଙ୍କତରା ଦଳ ସହିତ ଓଡ଼ଗାଁ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା ।ଓଡ଼ଗାଁ ଦଳ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବାଙ୍କତରା ଦଳ ପ୍ରଥମାର୍ଦ୍ଧରେ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୯୨ ରନ୍ ସଂଗ୍ରହ କରିଥିଲା । ଜବାବରେ ଓଡ଼ଗାଁଦଳ ୧୦ ଓଭର ଖେଳି ୮ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହକରି ନେଇଥିଲା । ଦଳପକ୍ଷରୁ ଶୁଭ ୧୮ ବଲ ଖେଳି ୩୫ ରନ୍ ସଂଗ୍ରହକରି ମ୍ୟାନ୍ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ । ଓଡ଼ଗାଁ ଦଳର ବୋଲର ଆରିୟନ ୫ ଉଇକେଟ ନେଇ ବାଙ୍କତରା ଦଳର ପତନ ଘଟାଇଥିଲେ । ଆଜିର ଖେଳରେ ରଘୁନାଥ ଆଥଲେଟିକ ଆସୋସିଏସନର ଖେଳାଳି ବାଦଲ ମହାପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର 'ଅନୁଦାନ ସମ୍ପର୍କ ଅଭିଯାନ'

**ଚାରିଛକ,୧୨।୪/ଏନ୍ଏନ୍ଏସ୍:** ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ତରଫରୁ ୨୦୦୮ ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସମଗ୍ର ରାଜ୍ୟରେ ଆଜି ଠାରୁ 'ଅନୁଦାନ ସମ୍ପର୍କ ଅଭିଯାନ' ପ୍ରାରମ୍ଭ କରାଯାଇଛି । ଏହି କ୍ରମରେ ଆଜି ପୁରୀ ଜିଲ୍ଲା ଶାଖା ତରଫରୁ ମାନ୍ୟବର ବିଧାୟକ ପିପିଲି, ଆଶ୍ରିତ ପଟ୍ଟନାୟକ ଏବଂ ପୁରୀ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମାନ୍ୟବର ବିଧାୟକ ସତ୍ୟବାଦୀ ଓମ ପ୍ରକାଶ ମିଶ୍ର ମହୋଦୟଙ୍କୁ ସାକ୍ଷାତ କରି ଦାବି ପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁପାରିଶ ପତ୍ର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ବେସରକାରୀ ମହାବିଦ୍ୟାଳୟମାନଙ୍କରେ ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ କର୍ମଚାରୀମାନଙ୍କୁ ଅନୁଦାନ ପ୍ରଦାନ ନିମନ୍ତେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂଘ ସହ ଆଲୋଚନା ହୋଇ ଶୀଘ୍ର ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା । ଶିକ୍ଷକମାନଙ୍କର ଦାବିକୁ ଅନୁଶୀଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏକ ଉଚସ୍ତରୀୟ କମିଟି ଘୋଷଣା କରିଥିଲେ । ଉକ୍ତ କମିଟି ସଂଘ ସହ ଦୁଇଥର ଆଲୋଚନା କରି ଶୀଘ୍ର ସୁପାରିଶ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । କମିଟି ଗଠନ ହେବା ଚାରି ମାସ ହେଲାଣି ସଂଘ ସହ ଆଲୋଚନା ଦୁଇ ମାସ ଅତିକ୍ରାନ୍ତ ହେଲାଣି । ତେଣୁ ସଂଘର ନିଷ୍ପତ୍ତିକ୍ରମେ ଅନୁଦାନ ସମ୍ପର୍କ ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନରେ ସଂଘର ଆବାହକ ଅଧ୍ୟାପକ ନିଲୁ ନାୟକ ଏବଂ ପୁରୀ ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ଅଧ୍ୟାପକ ଜୀବନ ଦାଶଙ୍କ ନେତୃତ୍ୱରେ ଖଣ୍ଡ ସଂଯୋଜକ ଡ଼ଃ ବନମାଳୀ ବେହେରା, ଅଧ୍ୟାପକ ଅନନ୍ତ ବଳବନ୍ତରାୟ, ଅଧ୍ୟାପିକା ପଦ୍ମିନୀ ପ୍ରଧାନ, ଅଧ୍ୟାପକ ସନ୍ତୋଷ ଜେନା ପ୍ରମୁଖ ଏକ ଶହରୁ ଊର୍ଦ୍ଧ୍ୱ ଅଧ୍ୟାପକ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ ।

# 'ଓଡ଼ିଆ ଭାଷା ସାହିତ୍ୟ ପାଇଁ ବରପୁତ୍ରଙ୍କ ଅବଦାନ ଅବିସ୍ମରଣୀୟ'

**ପୁରୀ,୧୨।୪/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ ପାଳନ ର ଦ୍ୱାଦଶ ଦିବସ ଅବସରରେ ଜିଲ୍ଲା ପ୍ରଶାସନ(ଜିଲ୍ଲା ସଂସ୍କୃତି ପରିଷଦ), ପୁରୀ ଓ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡିଶା, ପୁରୀଙ୍କ ସହଭାଗୀତାରେ ୟୁଥ ହଷ୍ଟେଲ ପରିସରରେ ବନ୍ଦନୀୟ ବରପୁତ୍ର ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରଥମ ନିର୍ଦ୍ଦେଶକ ଡକ୍ଟର କୈଳାଶ ଚନ୍ଦ୍ର ଟିକାୟତରାୟ ଯୋଗଦେଇଥିଲେ । ସେ କହିଥିଲେ ଯେ ଆମ ଭାଷା, ସାହିତ୍ୟ, ସଂସ୍କୃତି ଯେତିକି ମହାନ ଓ ସମୃଦ୍ଧ ଏହାକୁ ଗୌରବ କରିବାରେ ଆମ ବରପୁତ୍ର ମାନଙ୍କ ଅବଦାନ ଅବିସ୍ମରଣୀୟ । ଆମ ଭାଷା କୁ ସମୃଦ୍ଧ କରିବାରେ ରୀତି ଯୁଗର ପଞ୍ଚସଖା ଓ ସତ୍ୟବାଦୀର ପଞ୍ଚସଖା ଙ୍କ ଅବଦାନ ଚିର ସ୍ମରଣୀୟ । ସେମାନଙ୍କ ମହାନ ଜାତି ପ୍ରେମ ଓ ଭାଷା ପ୍ରିତି ର ସୁଫଳ ଆମେ




ଉପଭୋଗ କରୁଛନ୍ତି ।ବର୍ତ୍ତମାନ ସମୟ ଏକ ଘଡି ସନ୍ଧିର ସମୟ । ବର୍ତ୍ତମାନ ଯୁବବର୍ଗଙ୍କୁ ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଅବଗତ କରାଇବା ସହ ଆମ ଭାଷା ସାହିତ୍ୟକୁ ସେମାନଙ୍କ ମାଧ୍ୟମରେ ଆଗକୁ ନେବାପାଇଁ ବ୍ୟବସ୍ଥା ସମ୍ପର୍କରେ ସେ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରତିଭା ବୀରେନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥିଭାବେ ଅଧିବକ୍ତା ବିନୟ ନୃସିଂହ ମହାପାତ୍ର, ଅଧିବକ୍ତା ରଚିତା ରାଉତରା, ପ୍ରାକ୍ତନ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷା ଏକ ଚମତ୍କାର ଭାଷା । ଏହାର ସୁରକ୍ଷା, ପ୍ରଚାର ପ୍ରସାର ଓ ବ୍ୟାପକ ବ୍ୟବହାର ଆମ ସମସ୍ତଙ୍କ ଧେୟ ହେବା ଉଚିତ ବୋଲି କହିଥିଲେ । ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ବିପିନ ବିହାରୀ ଦଳାଇ । ଆୟୋଜିତ ଆଲୋଚନା ଚକ୍ରରେ ଡକ୍ଟର ହେମନ୍ତ ଛୋଟରାୟ, ଶିକ୍ଷାବିତ୍ ବିଜୟ ଲକ୍ଷ୍ମୀ ଦାଶ, ପ୍ରଫେସର କାର୍ତ୍ତିକ କୁମାର ଦାସ, ସଦାଶିବ ମିଶ୍ର, ଦେବେନ ଦାଶ, ବିଜୟ କୁମାର ପଣ୍ଡା, ବିଶ୍ୱବନ୍ଧୁ ଦାସ, ସୁବ୍ରତ ଜେନା, ଐଶ୍ୱର୍ଯ୍ୟ ଦାଶ, ଯୋଗେଶ୍ୱର ପ୍ରହରାଜ, ଶୁଭଶ୍ରୀ ମହାପାତ୍ର, ଦାମୋଦର ମହାନ୍ତି, ସୁରେଶ ପଟ୍ଟନାୟକ, ଅନନ୍ତ ପ୍ରଧାନ, ମିନତୀ ମିଶ୍ର, ପ୍ରଭାସିନୀ ମିଶ୍ର, ମିନତୀ ପଟ୍ଟନାୟକ, ରଶ୍ମିତା ଦାସ ମହାପାତ୍ର, ମନସ୍ୱିନୀ ବେହେରା, ସନ୍ତୋଷିନୀ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ପରିଶେଷରେ ସନ୍ଦୀପ କର୍ମକାର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜମି ବିକ୍ରି ଆଳରେ ଲକ୍ଷାଧିକ ଟଙ୍କା ଠକେଇ

**ବଳଙ୍ଗା,୧୨।୪/ଏନ୍ଏନ୍ଏସ୍:** ବଳଙ୍ଗା ଥାନା ଅନ୍ତର୍ଗତ କୁଅଁରପୁର ମୌଜାରେ ଥିବା ଏକ ଜମିକୁ କିଣି ୨ଜଣ ବ୍ୟକ୍ତି ଲକ୍ଷାଧିକ ଟଙ୍କା ଠକେଇର ଶିକାର ହୋଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି । ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ବାଲିଆ ଶାସନ ଗ୍ରାମର ଗଣେଶ ସାହୁ ଓ ନିମାପଡା ଥାନା ଅନ୍ତର୍ଗତ ଶୁନୁଗୋରଡି ଗ୍ରାମର ଅଶୋକ କୁମାର ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ରାଉରକେଲା ସେକ୍ଟର ୬ରେ ରହୁଥିବା ବିଭୂତି ଭୂଷଣ ରଣବୀର ନାମକ ବ୍ୟକ୍ତିଙ୍କ ନାମରେ କୁଅଁରପୁର ମୌଜାରେ ଖାତା ନମ୍ବର ୫୩୦/୭୦ ପ୍ଲଟ ୧୪୪ରେ ୧୬ଡିସିମିଲ ଜମି ରହିଛି । ଉକ୍ତ ଜମି ବିକ୍ରି ହେବ ବୋଲି କେତେକ ଭଦ୍ରଲୋକଙ୍କ ଠାରୁ ଶୁଣିବା ପରେ ଅଶୋକ ଓ ଗଣେଶ ଉକ୍ତ ଜମିକୁ କିଣିବା ପାଇଁ ଇଚ୍ଛା ପ୍ରକାଶକରି ରଣବୀରଙ୍କ ଠାରୁ ବୁଝିବା ପାଇଁ କୁଅଁରପୁର ସ୍ଥିତ ରଣବୀରଙ୍କ ମଉସା ବାବାଜୀ ପଲ୍ଲେଇଙ୍କ ନିକଟକୁ ଯାଇଥିଲେ । ଏହି ଜମି ବାବାଜୀ ତାଙ୍କ ଦଖଲରେ ରଖିଥିବା ଓ ଜମିରେ କୌଣସି ବିବାଦ ନଥିବା ପ୍ରକାଶ କରିଥଲେ । ପରେ ଉକ୍ତ ଜମି କିଣିବା ପାଇଁ ପ୍ରଥମେ ଗଣେଶ ତାଙ୍କ ଆକାଉଣ୍ଟରୁ ରଣବୀର, ତାଙ୍କ ପତ୍ନୀ ଓ ପୁଅଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟକୁ ପୃଥକ୍ ପୃଥକ୍ ଭାବେ ୧୦ଲକ୍ଷ ଟଙ୍କା ଟ୍ରାନ୍ସଫର କରିବା ସହ ନଗଦ ୫ଲକ୍ଷ ୫୦ହାଜର ଟଙ୍କା କ୍ୟାସ୍ ରଣବୀରଙ୍କୁ ଦେଇଥିଲେ । ଗତ ବର୍ଷ ଫେବୃୟାରୀ ୧୮ତାରିଖରେ ନିମାପଡ଼ା ସବ୍‌ରେଜିଷ୍ଟ୍ରରରେ ଜମି ରେଜେଷ୍ଟ୍ରି ହୋଇଥିଲା । ତେବେ ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ଜମିର ପଟ୍ଟା ଗଣେଶ ଓ ଅଶୋକଙ୍କୁ ମିଳି ନଥିଲା । ବୁଝାବୁଝି କରିବାରେ ଏହି ଜମି ଉପରେ ବିବାଦୀୟ ଥିବାରୁ ପଟ୍ଟା ବାହାରି ପାରିବନି ବୋଲି ଜାଣିବାକୁ ପାଇଥିଲେ । ପରେ ଉଭୟ ନିରାଶ ହୋଇ ରଣବୀରଙ୍କୁ ଫୋନ୍ ଯୋଗେ ଟଙ୍କା ଫେରସ୍ତ ମାଗିବାରେ ସେ ଦିନ ଗଡ଼ାଇ ଚାଲିବାରୁ ଉଭୟ ବାବାଜୀଙ୍କୁ କହିଥିଲେ । ହେଲେ ଟଙ୍କା ତାଙ୍କ ପୁତୁରା ଫେରାଇବନି ତମ ହାତରେ କ'ଣ କରିହେବ କର ବୋଲି କହି ବିଭିନ୍ନ ପ୍ରକାର ଧମକ ଚମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

## ଚମ୍ପାଇଲୋ 'ଅନଙ୍ଗ ରାମଲୀଳା'ରେ ଲଙ୍କାପୋଡ଼ି

**ବୋଲଗଡ଼,୧୨।୪/ଏନ୍ଏନ୍ଏସ୍:** ଖୋରଧା ଜିଲ୍ଲା ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମର ପ୍ରସିଦ୍ଧ 'ଅନଙ୍ଗ ରାମଲୀଳା' ମହୋତ୍ସବରେ ଶନିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି ହୃଦୟସ୍ପର୍ଶୀ 'ଲଙ୍କାପୋଡ଼ି' ପ୍ରସଙ୍ଗ । ମଞ୍ଚଗୁରୁ ସୁଶାନ୍ତ ମଉଗଜସିଂହଙ୍କ ସଂଯୋଜନାରେ ମଞ୍ଚସ୍ଥ ଏହି ନାଟକରେ କିଷ୍କିନ୍ଧା କାଣ୍ଡର ସମାପ୍ତି ଓ ଲଙ୍କାକାଣ୍ଡର ରୋମାଞ୍ଚକର ଶୁଭାରମ୍ଭ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଅଶୋକ ବନରେ ମାତା ସୀତାଙ୍କୁ ହନୁମାନଙ୍କ ଦର୍ଶନ । ମାତାଙ୍କ ଶୋକାକୁଳ ଅବସ୍ଥା ଦେଖି ହନୁମାନ ପ୍ରଭୁ ଶ୍ରୀରାମଙ୍କ ପ୍ରଦତ୍ତ 'ସନ୍ଦେଶ ମୁଦ୍ରିକା' ପ୍ରଦାନ କରିଥିଲେ । ମୁଦ୍ରିକା ପାଇ ମାତା ସୀତା ନିଜ ପ୍ରଭୁଙ୍କ ପରିଚୟ ପାଇବା ସହ ଭାବବିହ୍ୱଳ ହୋଇପଡ଼ିବା ଦୃଶ୍ୟ ଦର୍ଶକଙ୍କ ଆଖିରେ ଲୁହ ଆଣିଦେଇଥିଲା । ଏହିଠାରୁ ହିଁ ହନୁମାନଙ୍କ ଲଙ୍କା ବିଜୟର ପ୍ରକୃତ ସଂକଳ୍ପ ଆରମ୍ଭ ହୋଇଥିଲା । ଲଙ୍କା ପ୍ରବେଶ ସମୟରେ ବାଟରେ ଅସୁରୁଣୀ ସୁରସା ଓ ସିଂହିକାର ହାବୁଡ଼ରେ ପଡ଼ି ହନୁମାନ ତାଙ୍କୁ ସଂହାର କରିବା ଦୃଶ୍ୟ ବେଶ୍ ରୋମାଞ୍ଚକର ଥିଲା । ମୈନାକ ପର୍ବତ ଗିରିଦେବତା ହନୁମାନଙ୍କୁ ବାଟରେ ଅଟକାଇ ବିଶ୍ରାମ ସହ ଫଳାହାର ପାଇଁ ଅନୁରୋଧ କରିବା ଦେବ ଭକ୍ତର ପବିତ୍ର ସମ୍ପର୍କକୁ ଦର୍ଶାଇଥିଲା । ଲଙ୍କାରେ ଦ୍ୱାରପାଳଙ୍କ



କଡ଼ା ପହରା ସତ୍ତ୍ୱେ ହନୁମାନ ଚତୁରତାର ସହ ପ୍ରବେଶ କରିବା ଏବଂ ପରେ ଦ୍ୱାରପାଳମାନେ ହନୁମାନ କେମିତି ଖସିଗଲା ସେ ନେଇ ଭାଳେଣି ପଡ଼ିବା ଦୃଶ୍ୟରେ ହାସ୍ୟରସ ଖେଳିଯାଇ ଥିଲା । ଲଙ୍କାଦେବୀ ବଡ ପଟୁଆର ନିଆଁ ହୁଳା ଧରି ଗାଁ ବୁଲି ମଞ୍ଚ ନିକଟରେ ହନୁମାନଙ୍କୁ ପ୍ରବେଶରେ ବାଧା ଦେଇ ମାଡ଼ ଖାଇବା ଦର୍ଶକ ମାନେ ଭରପୂର ମଜ୍ଜା ନେଇଥିଲେ । ଅଶୋକ ବନ ଧ୍ୱଂସ ପରେ ରାବଣପୁତ୍ର ଅକ୍ଷୟ କୁମାରଙ୍କ ସମେତ ଅନେକ ଅସୁର ହନୁମାନଙ୍କ ହାତରେ ନିହତ ହୋଇଥିଲେ । ଶେଷରେ ମହାବଳୀ ଇନ୍ଦ୍ରଜିତ୍ ନାଗଫାସ ବନ୍ଧନରେ ହନୁମାନଙ୍କୁ ବନ୍ଦୀ କରି ରାଜସଭାକୁ ଆଣିଥିଲେ । ରାବଣର ପ୍ରତାପ ଏତେ ଥିଲା ଯେ ସ୍ୱୟଂ ସ୍ୱର୍ଗର ଦେବତା ବ୍ରହ୍ମା ଓ ଶଙ୍କର ମଧ୍ୟ ରାବଣର ସେବାରେ ନିୟୋଜିତ ଥିଲେ । ରାବଣ ସମ୍ମୁଖରେ ଖୋଳ, ଝାଞ୍ଜ ଓ ବିଭିନ୍ନ ବାଦ୍ୟଯନ୍ତ୍ରର ତାଳେ ତାଳେ ଦେବତା ଓ ଅପସରାଙ୍କ ନୃତ୍ୟ ରାବଣର ଚରମ ଅହଂକାରକୁ ପ୍ରତିପାଦିତ କରିଥିଲା । ଏହି ପ୍ରଭାବଶାଳୀ ପ୍ରସଙ୍ଗକୁ ଉପଭୋଗ କରିବା ପାଇଁ ଦର୍ଶକଙ୍କ ବହୁଳ ସମାଗମ ହୋଇଥିଲା । ବିଶିଷ୍ଟ ପୋଥିଗାୟକ ତଥା ଶିକ୍ଷାବିତ୍ ଅଇଁଠା ରଣଜିତସିଂହ ଓ ଶଙ୍କର ବଳିୟାରସିଂହଙ୍କ ଦ୍ୱାରା ଅନଙ୍ଗ ନରେନ୍ଦ୍ର କୃତ ପୋଥି ଗାନ କରାଯାଇଥିଲା ।

## ମା'ବାଟମଙ୍ଗଳାଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ

**ନୟାଗଡ଼,୧୨।୪/ଏନ୍ଏନ୍ଏସ୍:** ନୟାଗଡ଼ ସହରର ବାରମାସୀ ଦଣ୍ଡା ନିକଟରେ, ମୁନିସିପାଲିଟିର ୧୧ ନମ୍ବର ୱାର୍ଡରେ ଅବସ୍ଥିତ ଏହି ନୂତନ ମନ୍ଦିରକୁ କେନ୍ଦ୍ର କରି ଅଞ୍ଚଳରେ ଆନନ୍ଦର ମହଲ ଦେଖିବାକୁ ମିଳିଥିଲା । ସକାଳ ୯ ଘଟିକା ସମୟରେ ପଣ୍ଡିତମାନଙ୍କ ଦ୍ୱାରା ପୂଜା ପାଠ ଓ ହୋମଯଜ୍ଞ ଆରମ୍ଭ ହୋଇଥିଲା । ଏହା ସହିତ ନାମ କୀର୍ତ୍ତନର ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଯାଇଥିଲା । ହୋମଯଜ୍ଞରେ କର୍ତ୍ତା ଭାବେ ଗୋପୀନାଥ ମହାନ୍ତି ଓ ନରସିଂହ ପୃଷ୍ଟି ବସିଥିଲେ । ଏହି ଉତ୍ସବଟି ୱାର୍ଡ କାଉନସିଲର ଅକ୍ଷୟ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବହୁ ଆଡମ୍ବରରେ ପାଳନ କରାଯାଇଥିଲା । ବାରମାସୀ ଦଣ୍ଡା ଅଞ୍ଚଳରେ ପୂର୍ବରୁ କୌଣସି ମନ୍ଦିର ନଥିବାରୁ ଏହି ମନ୍ଦିର ନିର୍ମାଣ ନେଇ ଅଞ୍ଚଳବାସୀମାନେ ବହୁତ ଖୁସି ବ୍ୟକ୍ତ କରିଛନ୍ତି ।ଉତ୍ସବରେ ନୟାଗଡ଼ ବିଧାୟକ ଡ଼. ଅରୁଣ କୁମାର ସାହୁ, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ଜିଲ୍ଲା ଓକିଲ ସଂଘର ସମ୍ପାଦକ ସ୍ୱଦେଶ ମିଶ୍ର, ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ଖଟେଇ ଓ ସମାଜସେବୀ ଲକ୍ଷ୍ମୀପ୍ରିୟା ପଣ୍ଡା ମୁଖ୍ୟତଃ ଉପସ୍ଥିତ ଥିଲେ ।ଉତ୍ସବର ଶେଷରେ ଭକ୍ତମାନେ ପ୍ରସାଦ ସେବନ କରି ଆଧ୍ୟାତ୍ମିକ ଆନନ୍ଦର ଅନୁଭବ କରିଥିଲେ ।

## ବିଜେପିର ୧୪ ପଞ୍ଚାୟତ ପ୍ରମୁଖଙ୍କ ସାଙ୍ଗଠନିକ ବୈଠକ




**କୋଣାର୍କ,୧୨।୪/ଏନ୍ଏନ୍ଏସ୍:** ରବିବାର କୋଣାର୍କ ପୁରୀ ବେଳାମାର୍ଗ ଜୋସେଫ ଗାର୍ଡେନ ପରିସରରେ ବିଭୁତି ଚରଣ ସାହୁଙ୍କ ସଭାପତିତ୍ୱରେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ନିମାପଡା ଗୋପ ନିର୍ବାଚନ ମଣ୍ଡଳୀର ଗୋପ ବ୍ଲକ ଭାରତୀୟ ଜନତା ପାର୍ଟିର ୧୪ ପଞ୍ଚାୟତର ୩୦୦ରୁ ଉର୍ଦ୍ଧ୍ୱ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜୀବନାନନ୍ଦ ମହାପାତ୍ର, ପ୍ରକାଶ ପ୍ରଧାନ, କୃଷଚନ୍ଦ୍ର ବେହେରା, ମନ୍ଦୀପ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ । ଗୋପ ବ୍ଲକ ଆବାହକ ଭାବେ ପ୍ରକାଶ ପ୍ରଧାନ, ସହଆବାହକ ଭାବେ ମନ୍ଦୀପ ପାଇକରାୟଙ୍କୁ ଚୟନ କରାଯିବା ସହିତ ୧୪ ଗୋଟି ପଞ୍ଚାୟତ ଆବାହକ ଓ ସହଆବାହକ ଏହି ବୈଠକରେ ବଛା ଯାଇଥିଲା । ଆସନ୍ତା ଅଗଷ୍ଟ ମାସରେ ପଦଯାତ୍ରା ଆରମ୍ଭ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ୧୪ଗୋଟି ପଞ୍ଚାୟତର ଆବାହକ ରାହଙ୍ଗରୋଡା ହେମନ୍ତ ଛୋଟରାୟ, ବଣିଆସାହି ସୁରେନ୍ଦ୍ର ବରାଳ, ଗଣେଶ୍ୱପୁର ବିଶ୍ୱଜିତ ବେଉରା, ଅଣ୍ଡରାଇଛାପୁର ରମଣ ରଞ୍ଜନ ପଟନାୟକ, କୁଆଁପଡା କୃଷ୍ଣଚନ୍ଦ୍ର ବେହେରା, ଉଭାର ଜିତେନ୍ଦ୍ରିୟ ବେହେରା, ଗୋପ ପ୍ରତାପ ପରିଡା, ଏରବଙ୍ଗ ବିଭୁତି ଭୂଷଣ ସାହୁ, ନାଗପୁର ପ୍ରଦୀପ କୁମାର ପାତ୍ର, ବେଦପୁର ଅଜୟ ମିଶ୍ର, ବଡ଼ତରା ବିଭୁତି ଭୂଷଣ ପ୍ରଧାନ, ନୂଆଖୋଲମରା ପ୍ରମୋଦ ପରିଡା, ପୟରା ଧର୍ମାନନ୍ଦ ଓଝାଙ୍କୁ ମନନୟନ କରାଯାଇଥିଲା ।

## ରାତିଅଧରେ ହେଉଛି ରାସ୍ତା ଢଳାଇ, ନିମ୍ନମାନର ଅଭିଯୋଗ

**କିଶୋରନଗର,୧୨।୪/ଏନ୍ଏନ୍ଏସ୍:** ତରବରିଆ ଭାବରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ନିମ୍ନ ମାନର ନିର୍ମାଣ ହେଉଥିବା ଓ ଶୀଘ୍ର ଶେଷ କରିବା ପାଇଁ ରାତିରେ ସିମେଣ୍ଟ କଂକ୍ରିଟ ରାସ୍ତା ଢ଼ଳେଇ ହେଉଛି । ରାତିରେ ନିର୍ମାଣ ହେଉଥିବା ସିମେଣ୍ଟ କଂକ୍ରିଟ ଢ଼ଳେଇ କାର୍ଯ୍ୟର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା କିଶନନଗର ତହସିଲ ଅନ୍ତର୍ଗତ ଇଶାଣିବ୍ରହ୍ମପୁର ପଞ୍ଚାୟତ ମଙ୍ଗଦେଇପୁର ଗ୍ରାମରେ । ବିକଶିତ ଓଡ଼ିଶା ବିକଶିତ ଗାଁ



ଯୋଜନାରେ ମଙ୍ଗଦେଇପୁର ଗ୍ରାମରେ ଏକ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଏଥି ପାଇଁ ରାଜ୍ୟ ସରକାରଙ୍କ ୪ ଲକ୍ଷ ୭୬ ହଜାର ଟଙ୍କା ଅର୍ଥ ମଞ୍ଜୁରୀ ହୋଇଛି । କିନ୍ତୁ ରାସ୍ତା ଢ଼ଳେଇ କାର୍ଯ୍ୟ ରାତିରେ ହେଉଥିବାରୁ ନିମ୍ନ ମାନର ନିର୍ମାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସିମେଣ୍ଟ ଢ଼ଳେଇ କାର୍ଯ୍ୟ ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିବା କଥା । କିନ୍ତୁ ଦୁଃଖ ପରିତାପର ବିଷୟ ଉକ୍ତ ରାସ୍ତା ଢ଼ଳେଇ କାର୍ଯ୍ୟ ହେଉଥିବା ବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ ଗ୍ରାମବାସୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଫଳରେ ନିମ୍ନ ମାନର କାର୍ଯ୍ୟ କରିବାକୁ ଠିକାଦାର ସମର୍ଥ ହୋଇଛି । ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ବ୍ଲକ କନିଷ୍ଠ ଯନ୍ତ୍ରୀ କୁହନ୍ତି କାର୍ଯ୍ୟରେ ବ୍ୟବହୃତ ମେସିନ ଖରାପ ହେବାରୁ କାମ ବିଳମ୍ବ ହେଲା । ନିଶ୍ଚିନ୍ତକୋଇଲି ବିଡ଼ିଓ ଦିବେନ୍ଦୁ ଦାସଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଅବଗତ ହେଲି ଅନୁସନ୍ଧାନ କରୁଛି । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ପଞ୍ଚୁଦଣ୍ଡ ମହାମିଳନରେ ଗାଁ ଦାଣ୍ଡ ପ୍ରକମ୍ପିତ

**ଓଡ଼ଗାଁ,୧୨।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସୁନାମୁହିଁରେ ରବିବାର ପଞ୍ଚୁଦଣ୍ଡ ମହାମିଳନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହାଟ ଆମ୍ବପୁଆ (ଗଞ୍ଜାମ), ଲେମ୍ବେଇ ପୂର୍ବପାର୍ଟି (ଗଞ୍ଜାମ), ଚଢ଼େୟାପଲ୍ଲୀ (ଗଞ୍ଜାମ), କୋମଣ୍ଡ ଓ ଆୟୋଜକ ସୁନାମୁହିଁ ଆଦି ୫ଟି ଗ୍ରାମର ଦଣ୍ଡଯାତ୍ରା ଦଳର ମହାକାଳୀ ଓ ମହାଦେବ ମିଳିତ ହୋଇଥିଲେ । ଏହି ମହାମିଳନ କାଳରେ ଝୁଣାର ମହକରେ ମିଳନ ସ୍ଥଳ ମହକିତ ହୋଇଥିବାବେଳେ ଢୋଲ ଓ ଝାଞ୍ଜ ନାଦରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଗାଆଁଦାଣ୍ଡ । ଏହି ଦଣ୍ଡମେଳନ ଦେଖିବାଲାଗି ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ପଞ୍ଚ ଦଣ୍ଡଯାତ୍ରା ଦଳର ସାମୂହିକ ଗ୍ରାମ୍ୟ ପରିକ୍ରମା କାଳରେ ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣ କୁମ୍ଭଦୃଶ୍ୟମାନ ହେବାସହ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏଥିସହ ପଞ୍ଚ ଦଣ୍ଡଦଳର ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ, ସନ୍ଧ୍ୟା ଆଳତି ଆଦି କାର୍ଯ୍ୟକ୍ରମରେ



ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ସୁନାମୁହିଁ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ପଞ୍ଚୁଦଣ୍ଡ ମହାମିଳନ କାର୍ଯ୍ୟକ୍ରମ ପରିଚାଳନାରେ ଦଣ୍ଡକମିଟି ସଭାପତି ବିଜୟ କୁମାର ଡାକୁଆ, ସମ୍ପାଦକ ଜଗମୋହନ ଚୌଧୁରୀ, ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ସାହୁ, ସରପଞ୍ଚ ରୀନା ନାୟକ, ଯୁବସଂଗଠକ ଦୂତୀକୃଷ୍ଣ ନାୟକ,ବିଶ୍ୱରଞ୍ଜନ ତ୍ରିପାଠୀ, ରଞ୍ଜିତ ପ୍ରଧାନ, ସୁଶାନ୍ତ ସାହୁ, ଧୋବା ମାର୍ଥା, ଖଦାଳ ବେହେରା, ହରିବନ୍ଧୁ ମାଝୀ ଓ ଭୁବନେଶ୍ୱର ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରୁଥିବା ଦେଖିବାକୁ ମିଳିଥିଲା । ସୁନାମୁହିଁ ପଞ୍ଚାୟତ ହାଇସ୍କୁଲ ପକ୍ଷରୁ ସ୍କାଉଟ୍ସ ଓ ଗାଇଡ୍ସ ଛାତ୍ରଛାତ୍ରୀଙ୍କ ଦ୍ୱାରା ଜଳଛତ୍ର ବ୍ୟବସ୍ଥା କରାଯାଇଥିବାବେଳେ ବିଭିନ୍ନ ଅନୁଷ୍ଠାନ ଓ ଯୁବଗୋଷ୍ଠୀଙ୍କ ଦ୍ୱାରା ଦହିପଣା ବଣ୍ଟନ ହୋଇଥିଲା । ପ୍ରତିସାହି ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳଯୋଗାଣ ଓ ଅନ୍ନଛତ୍ର ଖୋଲା ଯାଇଥିବା ବେଳେ ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ଏହି ପଞ୍ଚଦଣ୍ଡ ମହାମିଳନରେ ୩୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଓଡ଼ଗାଁ ଆଦର୍ଶଥାନା ପକ୍ଷରୁ ଶୃଙ୍ଖଳା ବ୍ୟବସ୍ଥା କଡ଼ାକଡ଼ି କରା ଯାଇଥିବାବେଳେ ରାତିରେ ୫ଟି ଯାକ ଦଳପକ୍ଷରୁ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିବା ଜଣାପଡ଼ିଛି ।

## ଜାତୀୟ ଯୁବ ପ୍ରତିଯୋଗିତାରେ ପୁରୀରୁ ୭ ମୁଷ୍ଟିଯୋଦ୍ଧା

**ପୁରୀ,୧୨।୪/ଏନ୍ଏନ୍ଏସ୍:** ଭାରତୀୟ ମୁଷ୍ଟିଯୁଦ୍ଧ ସଂଘ ଦ୍ୱାରା ଆୟୋଜିତ ସପ୍ତମ ୧୯ ବର୍ଷରୁ କମ୍ ଯୁବ ବାଳକ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ୨୦୨୬ରେ ଭାଗ ନେବା ପାଇଁ ରାଜ୍ୟ ଦଳରେ ପୁରୀ ଜିଲ୍ଲାର ୭ ଜଣ ମୁଷ୍ଟିଯୋଦ୍ଧା ସ୍ଥାନିତ ହୋଇଛନ୍ତି । ଖେଳାଳିମାନେ ରେଳଯାତ୍ରା ଆରମ୍ଭ କରିଛନ୍ତି । ଆଜି ଠାରୁ ୧୯ ତାରିଖ ତାରିଖ ପ୍ରଯନ୍ତ ଆସାମର ଗୌହାଟୀ ସ୍ଥିତ ଦଂ ବୋସ୍କୋ ବିଶ୍ୱବିଦ୍ୟାଳୟ ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ତେବେ ପୁରୀରୁ ସାମିଲ ହୋଇଥିବା ବାଳକ ଖେଳାଳି ମାନେ ହେଲେ ପ୍ରକାଶ ବାନାର୍ଜୀ (୪୭-୫୦ କେଜି), ଲୋକନାଥ ବେହେରା (୫୦-୫୫କେଜି), ବି ପ୍ରବୀଣ ରାଓ(୫୫-୬୦ କେଜି), ଅଂଶୁ ନାୟକ (୬୦-୬୫ କେଜି), ବସନ୍ତ କୁମାର ବେଜ(୬୫-୭୦କେଜି), ବିଶ୍ୱଜିତ ରାୟ (୭୦-୭୫) ଓ ବାଳିକା ରେ ପ୍ରବୀଣ ବେହେରା(୪୮-୫୧ କେଜି) ବର୍ଗରେ ଏହି ସମସ୍ତ ଖେଳାଳି ପୁରୀ ବକ୍ସିଂ ଏକାଡେମୀର ଛାତ୍ରଛାତ୍ରୀ ଅଟନ୍ତି । ଗତ ମାର୍ଚ୍ଚ ୨୫ ଓ ୨୬ ତାରିଖ ରେ ରାଉରକେଲା ଠାରେ ରାଜ୍ୟ ଦଳ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେଥିରେ ଉକ୍ତ ଖେଳାଳିମାନେ ଉଚ୍ଚତର ଖେଳ କୌଶଳ ପ୍ରଦର୍ଶନ କରି ରାଜ୍ୟ ଦଳରେ ସ୍ଥାନିତ ହୋଇଥିଲେ । ପୂର୍ବତନ ବିଧାୟକ ଜୟନ୍ତ କୁମାର



ଷଡ଼ଙ୍ଗୀ, ରାଜ୍ୟ ଅଲମ୍ପିକ ସଙ୍ଘ କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ରାମ ଦାସ ମହାପାତ୍ର, ଅନୀଲ ଗୋଛିକାର, ସମାଜସେବୀ ସନ୍ତୋଷ ମିଶ୍ର, ସଙ୍ଗଠିକା ସ୍ମିତାଞ୍ଜଳି ପତି, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ, ବିଶ୍ୱଭୂଷଣ ପଣ୍ଡା, ସଞ୍ଜୟ କୁମାର ଅଗ୍ରୱାଲ, ପ୍ରଦୀପ ଦାସ ଓ ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରି ଶୁଭେଚ୍ଛା ଜଣାଇଛନ୍ତି ।

**ନିତି ଭାରତୀ**

ଜୀବନର ଛୋଟ ଛୋଟ କାମଗୁଡ଼ିକ କ୍ଷେତ୍ରରେ ମଧ୍ୟ ସତ୍ୟତା ରକ୍ଷା କରି କାରବାର କରିବା ହିଁ ବିଶୁଦ୍ଧ ଜୀବନର ଏକମାତ୍ର ଗୋପନୀୟତା।

- ମହାତ୍ମା ଗାନ୍ଧୀ

NITIDIN ନିତିଦିନ
ସୋମବାର, ୧୩ ଏପ୍ରିଲ ୨୦୨୬

# ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଅର୍ଥନୈତିକ ବିକାଶ



ଡକ୍ଟର ଚିତ୍ତରଂଜନ ମିଶ୍ର

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ହେଉଛି ଆଧୁନିକ ଅର୍ଥନୈତିକ ଅଭିବୃଦ୍ଧିର ମୂଳ ଚାଳକ ଶକ୍ତି ବା ଆଧାର ସ୍ତମ୍ଭ ଏବଂ ସର୍ବସାଧାରଣ ଜନତାଙ୍କ ଜୀବନଧାରଣର ମାନରେ ଉନ୍ନତି ପାଇଁ ଏହା ଏକ ଅତ୍ୟାବଶ୍ୟକ ଉପକରଣ ଭାବେ କାର୍ଯ୍ୟ କରିଥାଏ। ନବୋନ୍ମେଷର ପ୍ରୋତ୍ସାହନ ଏବଂ ଉତ୍ପାଦକତାରେ ଅଭିବୃଦ୍ଧି ମାଧ୍ୟମରେ ଏ ସମସ୍ତ କ୍ଷେତ୍ର ନୂଆ ନୂଆ ଶିଳ୍ପ ସଂସ୍ଥାର ସୃଷ୍ଟିରେ ସହାୟକ ହେବା ସହ ନୂତନ ଚାକିରି ମଧ୍ୟ ସୃଷ୍ଟି କରିଥାଏ ଏବଂ ସ୍ୱାସ୍ଥ୍ୟ ସେବା, କୃଷି ଏବଂ ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରରେ ପ୍ରଗତି ହାସଲ କରି ଦୈନନ୍ଦିନ ଜୀବନକୁ ସିଧାସଳଖ ଭାବେ ପ୍ରଭାବିତ କରିଥାଏ। ଏ ସମ୍ବନ୍ଧରେ ସମ୍ୟକ୍ ଆଲୋଚନା କରାଯାଉ।

୧. ଦୈନନ୍ଦିନ ଜୀବନରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା:

କ) ସୁବିଧା ଓ ଦକ୍ଷତା / କାର୍ଯ୍ୟ ଦକ୍ଷତା: ଦୈନନ୍ଦିନ କାର୍ଯ୍ୟ ଯଥା ସକାଳୁ ଉଠିବା, ଦାନ୍ତ ଘଷିବା, ଗାଧୋଇବା, ଜଳଖିଆ/ ମଧ୍ୟାହ୍ନ ଭୋଜନ/ ରାତ୍ରି ଭୋଜନ, କାମ / ସ୍କୁଲ କଲେଜକୁ ଯିବା, ଶୋଇବା ଆଦି ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସଂପାଦିତ କରିବାରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାଜନିତ ବୈଷୟିକ ପ୍ରଗତି ଆମର ପରମ ସହାୟକ ହୋଇଥାଏ, ଯାହାକି ଆମ ଜୀବନଯାତ୍ରା ପ୍ରଣାଳୀକୁ ସଂପୂର୍ଣ୍ଣ ରୂପେ ରୂପାନ୍ତରିତ କରି ଦେଇଛି। ରୋଷେଇ କରିବା, ଲୁଗାପଟା ସଫାସଫି କରିବା ଆଦି ସମସ୍ତ କାର୍ଯ୍ୟ ଆଧୁନିକ ଯନ୍ତ୍ରପାତି ଏବଂ ଡିଜିଟାଲ ଉପକରଣ ମାଧ୍ୟମରେ ସରଳ, ସହଜ ଓ ସୁଗମ ହୋଇ ଯାଇଛି। ଖ) ସ୍ୱାସ୍ଥ୍ୟସେବାରେ ଉନ୍ନତି: ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭିନ୍ନ ରୋଗ ପାଇଁ ନୂତନ ଚିକିତ୍ସା ପ୍ରଣାଳୀର ଉପଲବ୍ଧତାରେ ସହାୟକ ହୋଇ ପାରିଛି ଏବଂ ଅତ୍ୟାଧୁନିକ ମେଡିକାଲ ସେବା ଏବଂ ଅନ୍‌ଲାଇନ୍ ସ୍ୱାସ୍ଥ୍ୟ ସେବା ମଧ୍ୟ ଉପଲବ୍ଧ ହୋଇ ପାରୁଛି। ଗ) ଜ୍ଞାନପ୍ରାପ୍ତି/ ଜ୍ଞାନ ଅଭିଗମ୍ୟତା/ ଜ୍ଞାନର ଉପଲବ୍ଧତା : ପ୍ରଯୁକ୍ତିବିଦ୍ୟାର ଉତ୍ତରୋତ୍ତର ଅଭିବୃଦ୍ଧି କାରଣରୁ ସୂଚନା ଆଜି ହାତପାଆନ୍ତାରେ ଉପଲବ୍ଧ ହୋଇ ପାରୁଛି। ସୂଚନା ଯୁଗର ଦ୍ୱାରଦେଶରେ ଆଜି ଆମେ ଦଣ୍ଡାୟମାନ। ଶିକ୍ଷା, ସଭ୍ୟତା ଓ ସଂସ୍କୃତି ଜ୍ଞାନକୈନ୍ଦ୍ରିକ ହୋଇ ଯାଇଛି। ଆଜି ପ୍ରତ୍ୟେକଟି ସାଧାରଣ ବ୍ୟକ୍ତି ନିଜ ଜ୍ଞାନ ଦ୍ୱାରା ସଶକ୍ତ ହୋଇ ପାରିଛି।

୨.ଅର୍ଥନୈତିକ ପ୍ରଭାବ: କ) ଉତ୍ପାଦକତା ଓ ଅଭିବୃଦ୍ଧି: ପ୍ରଯୁକ୍ତିବିଦ୍ୟାଭିତ୍ତିକ ପ୍ରଗତି ଅର୍ଥନୈତିକ ଅଭିବୃଦ୍ଧିକୁ ସଂଚାଳିତ କରିଥାଏ। ଶିଳ୍ପ ସଂସ୍ଥାମାନଙ୍କରେ କାର୍ଯ୍ୟ ଦକ୍ଷତା ଓ ନିପୁଣତାରେ ଅଭିବୃଦ୍ଧି ଘଟିଥାଏ, ଯାହା ଫଳରେ ବର୍ଦ୍ଧିତ ଉତ୍ପାଦନ ସହ କର୍ମଚାରୀମାନଙ୍କର ଜୀବନଧାରଣର ମାନରେ ମଧ୍ୟ ଅସାଧାରଣ ଅଭିବୃଦ୍ଧି ଘଟିଥାଏ। ଖ) କର୍ମସଂସ୍ଥାନ ସୃଷ୍ଟି/ ନିଯୁକ୍ତି ସୃଷ୍ଟି: ନୂତନ ପ୍ରଡକ୍ଟ ଓ ସେବାର ସୃଷ୍ଟି ଦ୍ୱାରା ନୂତନ କର୍ମ ସଂସ୍ଥାନର ସୃଷ୍ଟିରେ ସହାୟକ ହୋଇଥାଏ। ଗ) ଡିଜିଟାଲ ରୂପାନ୍ତରଣ: ଡିଜିଟାଲ ପ୍ରଯୁକ୍ତିବିଦ୍ୟା କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ସଂଯୋଗୀକରଣର ଅପୂର୍ବ ଯୋଗସୂତ୍ର ସ୍ଥାପନ କରିଥାଏ, ଯାହାକି ସୂଚନା ପ୍ରବାହରେ ଥିବା ପ୍ରତିବନ୍ଧକକୁ ହ୍ରାସ କରିଥାଏ। ଅଧିକ ତଥ୍ୟ, ଭୁଲ୍ ତଥ୍ୟ କିମ୍ବା ଜଟିଳ ସୂଚନା, ଯାହା ନିଷ୍ପତ୍ତି ନେବାରେ ବିଳମ୍ବ ଘଟାଇ ଥାଏ, ତା'ର ଦୂରୀଭୂତ ହୋଇଥାଏ ଡିଜିଟାଲ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ।

୩. ସର୍ବସାଧାରଣ ମଣିଷ ଉପରେ ପଡୁଥିବା ପ୍ରଭାବ: କ) କୃଷି ଓ ଖାଦ୍ୟ ସୁରକ୍ଷା: ସବୁଜ ବିପ୍ଳବ ଭଳି ଯୁଗାନ୍ତକାରୀ ଏବଂ ବଳିଷ୍ଠ ପଦକ୍ଷେପ ଭାରତବର୍ଷର କୃଷି ଉତ୍ପାଦନକୁ ସଂପୂର୍ଣ୍ଣ ରୂପେ ଓଲଟପାଲଟ କରି ଦେଇଛି, ଯାହାକି ଦେଶର କୋଟି କୋଟି ଆବାଳ-ବୃଦ୍ଧ-ବନିତାଙ୍କୁ ଖାଦ୍ୟ ସୁରକ୍ଷା ପ୍ରଦାନ କରି ପାରିଛି। ଏଥିପାଇଁ ଆମେ ଧନ୍ୟବାଦ ଦେବା ପ୍ରଫେସର ଏମ୍‌ଏସ୍ ସ୍ୱାମୀନାଥନଙ୍କୁ, ଯାହାଙ୍କ ନିରନ୍ତର ଗବେଷଣା ଓ ଆପ୍ରାଣ ଉଦ୍ୟମ ଫଳବତୀ ହୋଇ କୃଷି ଓ ଖାଦ୍ୟ ସୁରକ୍ଷାକୁ ଯଥାର୍ଥ ଗୁରୁତ୍ୱ ପ୍ରଦାନ କରି ପାରିଛି। ଖ) ଡିଜିଟାଲ ଅନ୍ତର୍ଭୁକ୍ତି: ସମସ୍ତଙ୍କ ପାଇଁ ଇଣ୍ଟରନେଟ ଓ ଡିଜିଟାଲ ଉପକରଣର ସୁବିଧା, ଡିଜିଟାଲ ସ୍ୱାକ୍ଷରତା, ଟେକ୍ନୋଲୋଜି ବ୍ୟବହାର କରିବାର ଦକ୍ଷତା, ଡିଜିଟାଲ ସେବା ବ୍ୟବହାର କରିବା ସମୟରେ ନିରାପତ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସରକାରୀ ସେବାରେ ସାମିଲ ହେବା ଆଜି ସମ୍ଭବପର ହୋଇ ପାରିଛି। କୌଣସି ବ୍ୟକ୍ତି ଯେପରି ଡିଜିଟାଲ ଯୁଗରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ଏବଂ କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ଆଜି ସାକାର ହୋଇ ପାରିଛି। ଗ) ସରକାରଙ୍କ ମୁଖ୍ୟ ଆଭିମୁଖ୍ୟ: ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସର୍ବସାଧାରଣ ଜନତାଙ୍କ ପାଖରେ ଉତ୍ତମ ଶାସନ ବ୍ୟବସ୍ଥା ଓ ସରକାରୀ ସେବା ପ୍ରଦାନକୁ ଉପଲବ୍ଧ କରାଇବା ପାଇଁ ସରକାର ଆଜି ବଦ୍ଧ ପରିକର। ଏହାଦ୍ୱାରା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ହେଉଥିବା ପ୍ରଗତି ସିଧାସଳଖ ଭାବେ ଖଟିଖିଆ ମଣିଷ, ମେହନତି ମଣିଷ ଓ ମାଟିର ମଣିଷ ପାଖରେ ସୁଲଭ ଢଙ୍ଗରେ ପହଞ୍ଚି ପାରିବ।

୪. ଆହ୍ୱାନ ଓ ଭବିଷ୍ୟତ ଦୃଷ୍ଟିକୋଣ: କ) ଡିଜିଟାଲ ବିଭାଜନ ଓ ଗୋପନୀୟତା: ଡିଜିଟାଲ ବିଭାଜନ ହେଉଛି ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ଆଇସିଟି) ବ୍ୟବହାର କରିବାର ସୁଯୋଗ ପାଉଥିବା ଲୋକ ଏବଂ ଏହି



ସୁଯୋଗରୁ ବଞ୍ଚିତ ହେଉଥିବା ଲୋକଙ୍କ ମଧ୍ୟରେ ଥିବା ପାର୍ଥକ୍ୟର ଦୂରୀକରଣ ପାଇଁ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଇଣ୍ଟରନେଟ ବ୍ୟବହାରରେ ଥିବା ଅସମାନତାର ଦୂରୀକରଣ ପାଇଁ ସରକାର ପୂର୍ଣ୍ଣ ଚେଷ୍ଟିତ ଅଛନ୍ତି। ଜଣେ ବ୍ୟକ୍ତି ନିଜର ତଥ୍ୟ, ଅନ୍‌ଲାଇନ୍ କାର୍ଯ୍ୟକଳାପ ଏବଂ ବ୍ୟକ୍ତିଗତ ସୂଚନାକୁ ଅନଧିକୃତ ବ୍ୟକ୍ତିଙ୍କଠାରୁ କିଭଳି ସୁରକ୍ଷିତ ରଖି ପାରିବ ଏବଂ ଏହାର ଗୋପନୀୟତା ପାଇଁ ମଧ୍ୟ ସରକାର ପୂର୍ଣ୍ଣ ତତ୍ପର ଅଛନ୍ତି। ଖ) ଧାରଣୀୟ ବିକାଶ/ ପୋଷଣୀୟ ବିକାଶର ଆବଶ୍ୟକତା: ବୈଶ୍ୱିକ ଆହ୍ୱାନର ସଠିକ୍ ମୁକାବିଲା ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପୋଷଣୀୟ ବିକାଶ ଦିଗରେ ସଦାସର୍ବଦା ଅଭିପ୍ରେରିତ ହେବା ଆବଶ୍ୟକ ରହିଛି। ଗ) ମାନବୀୟ କାରକ ବା ମାନବୀୟ ଆଚରଣ: ଦିନକୁ ଦିନ ପ୍ରଯୁକ୍ତିବିଦ୍ୟାର ବିକାଶ ଫଳରେ ଯେ କୌଣସି କ୍ଷେତ୍ରରେ ଉତ୍ତମ ନିର୍ଣ୍ଣୟ ନେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇ ଯାଇଛି ଏବଂ ତତ୍ ସହ ବୈଷୟିକ ଦକ୍ଷତାର ଅଭିବୃଦ୍ଧି ମଧ୍ୟ ଏକାନ୍ତ କାମ୍ୟ। ଏହା ସମ୍ଭବ ହେଲେ ବ୍ୟକ୍ତିଗତ ଅଧିକାର ଓ ଗଣତାନ୍ତ୍ରିକ ପରମ୍ପରା ବଳବତ୍ତର ରହିବ ଓ ସାଧାରଣ ଜନତା ଏହାର ମିଠା ସ୍ୱାଦ ଚାଖି ପାରିବେ। ଅର୍ଥାତ୍ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଅର୍ଥନୀତିର ଉତ୍ତମ ଏକୀକରଣ ମାଧ୍ୟମରେ ଦାରିଦ୍ର୍ୟ, କ୍ଷୁଧା ଏବଂ ନିରକ୍ଷରତାର ଦୂରୀକରଣ ସମ୍ଭବପର ହୋଇ ପାରିବ ଏବଂ ଅବଶେଷରେ ସାଧାରଣ ମଣିଷର ଜୀବନ ଶୈଳୀରେ ନିଶ୍ଚିତ ପରିବର୍ତ୍ତନ ସମ୍ଭବପର ହେବ।

୧୯୪୭ ମସିହାର ପରବର୍ତ୍ତୀ ପ୍ରଥମ ତିନି ଦଶନ୍ଧି ମଧ୍ୟରେ ଭାରତୀୟ ଅର୍ଥନୀତି ବର୍ଷକୁ କେବଳ ୩ ପ୍ରତିଶତ ଅଭିବୃଦ୍ଧି ହାସଲ କଲା, ପରନ୍ତୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଭିତ୍ତିଭୂମିରେ ବ୍ୟାପକ ବିସ୍ତାର ସଂଘଟିତ ହେଲା। ବହୁ ଦଶନ୍ଧି ପରେ, ବିଶେଷକରି ଗତ କିଛି ବର୍ଷ ମଧ୍ୟରେ ଅର୍ଥନୀତି ଦ୍ରୁତ ଗତିରେ ଅଭିବୃଦ୍ଧି ହାସଲ କରି ପାରିଛି, ହେଲେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା ବ୍ୟବସାୟ ଓ ଶିଳ୍ପସଂସ୍ଥା ଭଳି ରୂପାନ୍ତରଣ ବା ପରିବର୍ତ୍ତନ ହାସଲ କରିପାରି ନାହିଁ। ମୋଟ ଫଳାଫଳ ହେଲା, ପବ୍ଲିକ ସେକ୍ଟର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା ଏକ ବଡ଼ ସଙ୍କଟ ଦେଇ ଗତି କରୁଛି, ଯେତେବେଳେ କି ପ୍ରାଇଭେଟ ସେକ୍ଟରମାନେ ଜାତୀୟ ଗବେଷଣା ଓ ଉନ୍ନୟନ ପ୍ରଚେଷ୍ଟାକୁ ମାତ୍ର ସ୍ୱଳ୍ପ ଅବଦାନ ପ୍ରଦାନ କରୁଛନ୍ତି। ଘରୋଇ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସେବା ପ୍ରଦାନ ମାଧ୍ୟମରେ ଭାରତବର୍ଷରେ ପୁଞ୍ଜିର ସୃଷ୍ଟି ଦ୍ୱାରା, ବିଶେଷକରି ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମଧ୍ୟବିତ୍ତ ଶିକ୍ଷିତ ଗୋଷ୍ଠୀଙ୍କ ପାଇଁ ଆର୍ଥିକ ସମୃଦ୍ଧି ପ୍ରଦାନ କରିଛି, ହେଲେ ଏହା ମଧ୍ୟ ରୋଜଗାର କ୍ଷେତ୍ରରେ ଅଧିକ ଅସମାନତା ବା ବୃହତ୍ତର ବୈଷମ୍ୟ ଆଣି ସମ୍ମୁଖରେ ଠିଆ କରାଇ ଦେଇଛି। ଜାତୀୟ ଦୃଶ୍ୟପଟ୍ଟ ହେଲା- ସାଧାରଣତଃ ଅସମାନ ଉପଲବ୍ଧି କିମ୍ବା ଅସମାନ ସଫଳତା। ଏଠାରେ କଥା ଉଠୁଛି, ଯେ ପର୍ଯ୍ୟନ୍ତ ଦେଶର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପଲିସିରେ ଏକ ବଡ଼ ଧରଣର ପରିବର୍ତ୍ତନ ନ ଘଟିଛି, ସେ ପର୍ଯ୍ୟନ୍ତ ଭାରତ କାର୍ଯ୍ୟକ୍ଷେତ୍ରରେ ନିୟୋଜିତ ବୈଷୟିକ ଜ୍ଞାନକୌଶଳର ପରିସୀମାକୁ ଟପି ଆଦୌ ଆଗକୁ ଗୋଡ଼ କାଢ଼ି ପାରିବ ନାହିଁ।

୧୯୪୭ ମସିହାରେ, ଯେତେବେଳେ କି ଭାରତବର୍ଷରେ ବ୍ରିଟିଶ ଶାସନର ପରିସମାପ୍ତି ଆସନ୍ନ ବା ସନ୍ନିକଟ ହେଉଥାଏ, ସେତେବେଳେ ପଣ୍ଡିତ ଜବାହାରଲାଲ ନେହରୁ ଭାରତୀୟ ବିଜ୍ଞାନ କଂଗ୍ରେସ ଅଧିବେଶନରେ ଉଦ୍‌ଘୋଷଣା କରିଥିଲେ ଯେ ଯେତେ ଶୀଘ୍ର ଆମେ ଆମ ସାଂପ୍ରତିକ ସମସ୍ୟାକୁ ଅତିକ୍ରାନ୍ତ କରିବୁ, ସେତେ ଶୀଘ୍ର ଭାରତବର୍ଷରେ ବିଜ୍ଞାନର ପୁଷ୍ପ ବୃଷ୍ଟି ହେବ, ଯାହାକି ସମଗ୍ର ବିଶ୍ୱବାସୀଙ୍କୁ ଚକିତ ଓ ସ୍ତମ୍ଭିତ କରିଦେବ। ସେହି ଅଭିଭାଷଣର ୭୫ ବର୍ଷ ପୂର୍ତ୍ତି ପରେ ପ୍ରଶ୍ନ ପଚାରିବା ଏବେ ନିଶ୍ଚିତ ରୂପେ ନ୍ୟାୟସଙ୍ଗତ ହୋଇ ଯାଇଛି ଯେ ସ୍ୱାଧୀନତା ହାସଲ କରି ସାରିବା ପରେ ଭାରତ ଯାହା କିଛି ବି ହାସଲ କରି ପାରିଛି, ତାହା ସମଗ୍ର ବିଶ୍ୱବାସୀଙ୍କୁ ଚକିତ ଓ ସ୍ତମ୍ଭିତ କରି ପାରିଛି କି ? ଟାଇମ୍ସ ମାଗାଜିନ ତା'ର ଅଗଷ୍ଟ ୧୩ ତାରିଖ, ୨୦୦୭ ମସିହା ସଂସ୍କରଣରେ ଏହି ପ୍ରଶ୍ନର ଉତ୍ତରରେ କହିଛି - 'The Worlds largest democracy is living up to the dreams of 1947', ଅର୍ଥାତ୍ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର (ଭାରତ) ୧୯୪୭ ମସିହାର ସ୍ୱପ୍ନଗୁଡ଼ିକୁ ଚରିତାର୍ଥ କରିବା ଦିଗରେ ଆଗେଇ ଚାଲିଛି।

୧୯୯୧ ମସିହାର ଅର୍ଥନୈତିକ ସଂସ୍କାର ବ୍ୟବସ୍ଥା ପୂର୍ବରୁ ଦେଶରେ ଆର୍ଥିକ ଅବନତି ଘଟିଥିଲା, ଯାହାକୁ କି 'ହିନ୍ଦୁ ରେଟ୍ ଅଫ୍ ଗ୍ରୋଥ୍' ବା ହିନ୍ଦୁ ଅଭିବୃଦ୍ଧି ହାର ବୋଲି କୁହା ଯାଉଥିଲା, ଯାହାକି ୧୯୫୦ରୁ ୧୯୮୦ ଦଶକ ପର୍ଯ୍ୟନ୍ତ ଭାରତର କମ୍ ଅର୍ଥନୈତିକ ବିକାଶ ହାରକୁ ବୁଝାଉ ଥିବା ଏକ ଶବ୍ଦ ଭାବେ ପରିଚିତ ଥିଲା ଏବଂ ଯାହାକି ବାର୍ଷିକ ପ୍ରାୟ ୩-୪ ପ୍ରତିଶତ ଥିଲା। ଏହି ହାରରେ ଏବେ ପ୍ରାୟ ୩ ଗୁଣ ଦ୍ରୁତ ଅଭିବୃଦ୍ଧି ଘଟିଛି। ଏବେ ଯେ କୌଣସି ଏସୀୟ ରାଷ୍ଟ୍ରଠାରୁ ଭାରତରେ ଏକାଧିକ କୋଟିପତି କିମ୍ବା ଅର୍ବୁଦପତି ଧନୀ ବ୍ୟକ୍ତିମାନେ ଅଛନ୍ତି। ଆମ ପିଲାବେଳେ ଆମକୁ କୁହାଯାଉଥିଲା ଯେ ହାଇଦ୍ରାବାଦର ନିଜାମ ହେଉଛନ୍ତି ବିଶ୍ୱର ୪ର୍ଥ ସର୍ବଶ୍ରେଷ୍ଠ ଧନୀ ବ୍ୟକ୍ତି। ୨୦୨୨ ମସିହାରେ ବିଶ୍ୱର ଚତୁର୍ଥ ଧନୀ ବ୍ୟକ୍ତି ମଧ୍ୟ ଥିଲେ ଜଣେ ଭାରତୀୟ। ସେ ସାମନ୍ତବାଦୀ ସାମନ୍ତ କିମ୍ବା ଜମିଦାର ନଥିଲେ, ବରଂ ସେ ଥିଲେ ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀ। ଏବେ ଦେଶରେ ମୋଟ ଜନସଂଖ୍ୟାର ୨୫ ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ନିର୍ବାହ କରୁଛନ୍ତି।

ଯେତେବେଳେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କଥା ବିଚାରକୁ ନିଆଯାଏ, ସେତେବେଳେ ଅର୍ଥନୀତିଜ୍ଞମାନେ କହିଥାନ୍ତି ଯେ ଶିଳ୍ପ ସମୃଦ୍ଧ ରାଷ୍ଟ୍ରମାନଙ୍କର ଅର୍ଦ୍ଧେକ ଅର୍ଥନୀତି ପ୍ରଯୁକ୍ତିବିଦ୍ୟାର କୌଣସି ନା କୌଣସି ଦିଗ ସହ ଜଡ଼ିତ ଥାଏ। ଭାରତବର୍ଷର ଅର୍ଥନୈତିକ ବିକାଶରେ ପ୍ରଯୁକ୍ତିବିଦ୍ୟା କି ଭୂମିକା ସଂପାଦନ କରିଛି, ତାହା ଏହି ପ୍ରବନ୍ଧର ସୀମିତ ଅବୟବ ଭିତରେ ଆଲୋଚନା କରିବା ସମ୍ଭବପର ନୁହେଁ। ଭାରତୀୟ ଓ ଚୀନୀୟ ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ବିଶାରଦମାନେ ବିକଶିତ ରାଷ୍ଟ୍ରମାନଙ୍କର ବିକାଶର କର୍ଣ୍ଣଧାର ସାଜିଛନ୍ତି। ଏକାଧିକ ବହୁରାଷ୍ଟ୍ରୀୟ କମ୍ପାନୀ ସେମାନଙ୍କର ଗବେଷଣା ଓ ଉନ୍ନୟନ କେନ୍ଦ୍ରମାନ ଭାରତରେ ଖୋଲୁଛନ୍ତି ଏବଂ ଭାରତୀୟ ବୈଷୟିକବିତ୍‌ମାନେ ତାହାର ମଙ୍ଗ ଧରି ପରିଚାଳନା କରୁଛନ୍ତି। ଭାରତୀୟ ଆଇଆଇଟି ଇଞ୍ଜିନିୟରମାନେ ବିଶ୍ୱର କୋଣ ଅନୁକୋଣରେ ଏବେ ନିଜର ବୈଷୟିକ ଆଧିପତ୍ୟ ଜାହିର କରୁଛନ୍ତି। ସେମାନେ ସର୍ବୋତ୍ତମ ୱାର୍କଫୋର୍ସ ଭାବେ ମଧ୍ୟ ନିଜକୁ ପ୍ରତିଷ୍ଠା କରିଛନ୍ତି। ସ୍ୱଳ୍ପ ବଜେଟରେ ଭାରତୀୟ ମହାକାଶ ବିଜ୍ଞାନୀମାନେ କିଭଳି ଗୋଟିଏ ପରେ ଗୋଟିଏ ବିଶ୍ୱ ସଫଳତା ହାସଲ କରି ଚାଲିଛନ୍ତି, ତାହା ଆଉ କାହାରିକୁ ଅଜଣା ନାହିଁ। ଅପର ପକ୍ଷରେ, ଭାରତବର୍ଷର ସର୍ବସାଧାରଣ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା, ଜାତୀୟ ପ୍ରକଳ୍ପମାନଙ୍କର ଆର୍ଥିକ ବ୍ୟୟ ପରିମାଣ ଓ ସମୟ ସୀମାରେ ଅଭିବୃଦ୍ଧି ଆମ ବିଶ୍ୱବିଦ୍ୟାଳୟ ବ୍ୟବସ୍ଥାର ଦୁଃଖଦ ସ୍ଥିତି ଓ ଶିକ୍ଷା ବ୍ୟବସ୍ଥାରୁ ଉତ୍ତୁରୁ ଥିବା ଗ୍ରାଜୁଏଟମାନଙ୍କର ଗୁଣବତ୍ତାରେ ପ୍ରଚଣ୍ଡ ହ୍ରାସ ଜାତୀୟ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରି ଚାଲିଛି।

ତା'ହେଲେ ସତ କଥାଟି ପ୍ରକୃତରେ କ'ଣ ? ଆମେ କ'ଣ ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ କରାଇବାରେ ବିଶ୍ୱର ପ୍ରଥମ ରାଷ୍ଟ୍ରର ମହାମର୍ଯ୍ୟାଦା ହାସଲ କରିନାହୁଁ ? ଚନ୍ଦ୍ରରେ ଜଳ ଥିବାର ପ୍ରଥମ ପ୍ରମାଣ ବିଶ୍ୱ ଆଗରେ ଉପସ୍ଥାପନ କରିନାହୁଁ ? ଆମେ କ'ଣ ସବୁଜ ବିପ୍ଳବର ମହାନାୟକ ସାଜିନାହୁଁ ? ଆମେ କଣ ଦୁଗ୍ଧ ବିପ୍ଳବର କର୍ଣ୍ଣଧାର ନୋହୁଁ ? ଉତ୍ତରରେ ଆମେ ସ୍ପଷ୍ଟ ଭାବେ 'ହଁ' ହିଁ କହିବା, ହେଲେ ଗବେଷଣା ଓ ଉନ୍ନୟନ ହେଲା ଏକ ନିରନ୍ତର ଓ ପ୍ରବହମାନ ଧାରା। ଏଥିପାଇଁ ମସ୍ତିଷ୍କ ଓ ଅର୍ଥର ପ୍ରାବଲ୍ୟ ଏକାନ୍ତ ଅପରିହାର୍ଯ୍ୟ, ଯାହାକି ଆମେ ଠିକଣା ଭାବେ ଯୋଗାଇ ପାରୁନାହୁଁ। ଆମ ଦେଶରେ ଧନୀ ଅଛନ୍ତି, ଗରିବ ବି ଅଛନ୍ତି। ଏଠି ଅନ୍ଧାର ଅଛି, ଆଲୋକ ବି ଅଛି। ଧନୀ-ଗରିବ ଓ ଅନ୍ଧାର-ଆଲୋକର ଲୁଚକାଳି ଖେଳ ଭିତରେ ଭାରତର ବିକାଶ କେଉଁଠି ନା କେଉଁଠି ଭୂଲୁଣ୍ଠିତ ହେଉଛି। ବିକାଶର ଗତିପଥ ବଦଳି ଯାଉଛି। ବିକାଶର ସଂଜ୍ଞା ବଦଳି ଯାଉଛି ଓ ତା' ସହ ସମୟ ମଧ୍ୟ ବଦଳି ଯାଉଛି। ଆଶା ବଢ଼ି ବଢ଼ି ଯାଉଛି। ଆମେରିକୀୟ ଅର୍ଥନୀତିଜ୍ଞ ଓ ପବ୍ଲିକ୍ ପଲିସି ବିଶେଷଜ୍ଞ ଜେଫ୍ରି ଡି ସ୍ୟାକ୍ସ ତାଙ୍କ ବର୍ଗୀକରଣରେ ଭାରତକୁ ପ୍ରଯୁକ୍ତିବିଦ୍ୟା ଅନୁକୂଳ ଅଞ୍ଚଳ ଓ ପ୍ରଯୁକ୍ତିବିଦ୍ୟାରୁ ବଞ୍ଚିତ ଅଞ୍ଚଳ- ଏହିଭଳି ଦୁଇଟି ଉତ୍ତର ପଶ୍ଚିମ ଓ ଦକ୍ଷିଣ-ପୂର୍ବ ଅଞ୍ଚଳ ଭାବେ ବିଭାଜିତ କରିଛନ୍ତି। ଭାରତବର୍ଷର କୌଣସି ଅଞ୍ଚଳ ସଂପୂର୍ଣ୍ଣ ରୂପେ ପ୍ରଯୁକ୍ତିବିଦ୍ୟା ବିକାଶକାରୀ ଅଞ୍ଚଳ ଭାବେ ପରିଗଣିତ ହୋଇନାହିଁ। ତେଣୁ ଭାରତବର୍ଷରେ ବିକାଶର ଚିତ୍ର ହେଉଛି ଏକ ମିଶ୍ରିତ ରୂପରେଖ।

(ଅବଶିଷ୍ଟାଂଶ ଆର ଥରକୁ)

ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି
କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର
ମୋ: ୯୩୩୮୨୦୪୯୯୩
crmishra49@yahoo.in

# ପ୍ରୋତ୍ସାହନ



ଚିନ୍ମୟୀ ବେଉରା

କିଏ ଆଗକୁ ବଢ଼ିଗଲେ ସବୁବେଳେ ଚର୍ଚ୍ଚା ହୁଏ- ସେ କେମିତି ଆଗକୁ ବଢ଼ିଗଲା ? ସେ ତ ଏତେ ସେଥିରେ ପାରଙ୍ଗମ ନଥିଲା ? ସେ ବୋଧେ କିଛି ଗୋଟେ କରିଛି ! ନହେଲେ ତାକୁ ଏଭଳି ସଫଳତା ମିଳି ନଥାନ୍ତା। ସେ ଏଭଳି କରିପାରି ନଥାନ୍ତା। ଏଭଳି ଆଲୋଚନା ସର୍ବଦା ମଣିଷ ପଛରେ ହୋଇଥାଏ। ସାମ୍ନାରେ ଦେଖା ହେଲେ ବ୍ୟଙ୍ଗାତ୍ମକ କଥାବାର୍ତ୍ତାର ଶିକାର ହୋଇଥାଏ ସଫଳତା ପାଇଥିବା ବା ନିଜ ସ୍ୱପ୍ନକୁ ସାକାର କରିଥିବା ବ୍ୟକ୍ତି। ହେଲେ ଏତିକି ତ ସଫଳତା ପାଇବା ପରେ ଶୁଣିବାକୁ ମିଳିଥାଏ, ଯାହା ଜୀବନରେ ଏତେଟା ପ୍ରଭାବ ପକାଇ ନଥାଏ। କିନ୍ତୁ ଜଣେ ଆଗକୁ ବଢ଼ିବା ଦେଖି ତା' ପଛ ଗୋଡ଼ ସବୁବେଳେ ଟଣାଯାଏ। ଯେମିତିକି ସାଙ୍ଗ କି ଭାଇ ମୁଁ ଏଇଟା କରୁଛିର ଉତ୍ତରରେ ଆସେ- ନା.. ନା, ସେସବୁ କଣ ତୁ ପାରିବୁ ? ତୁ କ'ଣ କରି ପାରିବୁ- ଏଭଳି କଥା ଶୁଣିବାକୁ ମିଳିଥାଏ। ଜଣକର ଏଭଳି କଥାକୁ କିଏ ଖାତିର ନକରି ଆଗକୁ ବଢ଼ିଯାଏ ତ ଆଉ କିଏ ବହୁତ ପଛକୁ ଚାଲିଯାଏ।

ଜିନିଆ ନାମକ ଜଣେ ଝିଅ ରାଜଧାନୀରେ ଆସି ଚାକିରି କରୁଥାଏ। ଚାକିରି ସିନା ସେ କରେ, କିନ୍ତୁ ରୁଚି ତା'ର ଅନେକ ଜିନିଷରେ। ଯେମିତିକି, ନାଚ ଏବଂ କବିତା ଲେଖିବା। ହେଲେ ସେ ଏହାକୁ କାହା ସାମ୍ନାରେ ପ୍ରକାଶ କରି ପାରେନି। ଯାହା ସାମ୍ନାରେ ବି ସେ ଉତ୍ସାହର ସହ ପଢ଼େ, କିଏ କିଏ ଏମିତି ସାଧାସିଧା ଶୁଣି ଭଲ କୁହନ୍ତି ତ ଆଉ କିଏ କୌତୁହଳ କରି ଥଟ୍ଟା ମଜାରେ ଉଡ଼ାଇ ଦିଅନ୍ତି। କିନ୍ତୁ ସେ ଦିନେ ଏମିତି ଏକ ଦିଦିଙ୍କୁ ଭେଟିଥିଲା, ଯେଉଁଠି ଏହି ସମସ୍ୟାର ସବୁ ସମାଧାନ ହୋଇ ଯାଇଥିଲା। ସେହି ଦିଦିଙ୍କ ନାଁ ହେଉଛି, ଶିଉଳି।

ଏଇଠୁ ଆରମ୍ଭ ହୁଏ କାହାଣୀ। ଜିନିଆ ନିଜ ଡାଏରୀରେ ଲେଖିଥିବା କିଛି କବିତାକୁ ଶିଉଳି ଦିଦିଙ୍କୁ ଶୁଣାଇ ଥିଲା। କିନ୍ତୁ ସେ ସମସ୍ତଙ୍କ ପରି ଶୁଣିଦେଇ କିମ୍ବା ପରିହାସ କରି ପଳାଇ ଯାଇ ନଥିଲେ; ବରଂ ତା' କବିତା ଶୁଣି ଭୂରିଭୂରି ପ୍ରଶଂସା କରିଥିଲେ। ଦିନେ ଜିନିଆ ଏକ ମଞ୍ଚରେ କବିତାଟିଏ ପରିବେଷଣ କରିବା ପାଇଁ ଇଚ୍ଛା ପ୍ରକାଶ କଲା। ଶିଉଳି ତାକୁ ସେଇ ମଞ୍ଚକୁ ଯିବା ପାଇଁ ଯଥା ସମ୍ଭବ ସାହାଯ୍ୟ କରିଥିଲା। ଶେଷରେ ଜିନିଆ ନିଜ କବିତାକୁ ମଞ୍ଚ ଉପରେ ପରିବେଷଣ କରି ଖୁବ୍ ଆନନ୍ଦିତ ହୋଇଥିଲା। ହେଲେ ସେ ଏହାରି ମଧ୍ୟରେ ଶିଉଳି ଦିଦିକୁ ଭୁଲି ନଥିଲା। ଶିଉଳି ଦିଦିକୁ ବହୁତ ବହୁତ ଧନ୍ୟବାଦ ଦେଇ ତାକୁ ଆଲିଙ୍ଗନ କରି କହିଥିଲା ଯେ ଦିଦି ତମେ ମୋତେ ପ୍ରୋତ୍ସାହିତ ନ କରିଥିଲେ ଏହା ସମ୍ଭବ ହୋଇପାରି ନଥାନ୍ତା। ଶିଉଳି ଏଠାରେ ଯେଉଁ ଉତ୍ତରଟି ଦେଇଥିଲା, ତାହା ଦୁହିଁଙ୍କ ଆଖିରେ ଅଶ୍ରୁ ଭରି ଦେଇଥିଲା।

ଶିଉଳିର ଉତ୍ତର ଥିଲା, ଜିନିଆ ମୁଁ ଏଭଳି ବ୍ୟକ୍ତିତ୍ୱ ନଥିଲି। କିଛିଟା ପରିସ୍ଥିତି ମୋତେ ଏମିତି କରିବା ଶିଖାଇଛି। ଜିନିଆ ହଠାତ୍ ଚମକି ପଡ଼ି କହିଲା, କ'ଣ ଦିଦି ? ଶିଉଳି ନିଜ ଜୀବନର କିଛି କଥା ବଖାଣିବାକୁ ଲାଗିଲା। ସେ କହିବାକୁ ଆରମ୍ଭ କଲା, ମୁଁ ଛୋଟ ବେଳୁ ଏହି ଥଟ୍ଟା ପରିହାସ, ପଛରୁ ଗୋଡ଼ ଟାଣିବା ଭଳି ଜିନିଷର ଶିକାର ହୋଇଛି। ଏପରି ପରିବେଶରେ ବି ବଡ଼ ହୋଇଛି, ଯେଉଁଠି ପ୍ରୋତ୍ସାହନର ଶବ୍ଦ ହିଁ ଉଠିନାହିଁ। ସେ କ'ଣ ଏମିତି ଡ୍ରେସ୍ ପିନ୍ଧିଛି, ହେ ତାକୁ ପାଠ ଆସୁନି, ଦେଖୁନ କେମିତି ହସୁଛି.. ଏହିଭଳି ଅନେକ କଥା, ଯାହା କହିଲେ ନସରେ। ସ୍କୁଲରେ ପଢ଼ିବା ସମୟରେ ନିଜ ସାଙ୍ଗମାନେ ବି




କେହି ତାକୁ ସେତିକି ପ୍ରଶଂସା କରି ନଥିଲେ। ଆଉ ଘର କଥା ତ ଛାଡ଼। ବିଦ୍ୟାଳୟ ସରିବା ପରେ ସେ କଲେଜରେ ବି ଏଭଳି କଥାବାର୍ତ୍ତାର ସମ୍ମୁଖୀନ ହୋଇଛି। ସ୍ନାତକ ସାରିବା ପରେ ଶିଉଳି ମନେ କରିଥିଲା, ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ଏକ ସରକାରୀ ଚାକିରି କରିବ। ସେ ଉଚିତ ମନେ କରୁଥିବା କିଛି ଲୋକଙ୍କ ସହିତ ଏହି ପ୍ରସ୍ତୁତି ବିଷୟରେ କଥାବାର୍ତ୍ତା ହୋଇଥିଲା। ପ୍ରଥମେ ସେ ତା'ର ସବୁଠୁ ପ୍ରିୟ ବନ୍ଧୁର ଭଉଣୀଙ୍କୁ ପଚାରି ଥିଲା, ଯିଏ ଏହି ପ୍ରସ୍ତୁତି ଚଳାଇ ଥିଲେ। ସେଇ ବଡ଼ ଭଉଣୀ ଜଣକ କହିଥିଲେ ଯେ ଦେଖ, ତୁମେ ଯେତିକି ପାଣିରେ ଅଛ, ତାକୁ ଜାଣିବାକୁ ଚେଷ୍ଟା କର, ତା'ପରେ ତୁମେ ଏଥିରେ ପଶିବ। ଏହା ବହୁତ କଷ୍ଟ। ତୁମେ ପାରିବନି। ଆଗରୁ ଯଦି ଏହାର ପ୍ରସ୍ତୁତି ଚଳାଇ ଥାଆନ୍ତ, ତେବେ କିଛି ହୋଇପାରି ଥାଆନ୍ତା। ଏହା ଶୁଣି ନିଜ ଭିତରେ ଥିବା ଆତ୍ମବିଶ୍ୱାସକୁ ସେ ସାମାନ୍ୟ ହରାଇ ଥିଲା। ପରେ ସେ ଯାହାକୁ ସବୁଠୁ ଅଧିକ ବିଶ୍ୱାସ କରୁଥିଲା, ମାନେ ତା' ବୟଫ୍ରେଣ୍ଡ, ତାକୁ ପଚାରିବା ପରେ ସେ ଉତ୍ତର ଦେଇଥିଲା, 'ଶିଉଳି, ତୁ ଏସବୁ ପାରିବୁନି। ମୋ ସାଙ୍ଗ ଜଣେ ନବୋଦୟ ପାଇ ବହୁତ ଭଲ ପାଠ ପଢ଼ିଛି। ହେଲେ ସେ ଏ ପର୍ଯ୍ୟନ୍ତ ପାଇ ପାରୁନି। ତୁ କ'ଣ କରିବୁ ?' ଏଇଠି ମରିଗଲା ଶିଉଳି ସଂଚାର କରିଥିବା ସ୍ୱପ୍ନ। ଶିଉଳି ନା କାହାକୁ କିଛି କହି ପାରୁଥିଲା, ନା ନିଜେ ପ୍ରୟାସ କରିପାରୁ ଥିଲା। ନା ଥିଲା ତା' ପାଖରେ ଆର୍ଥିକ ସମ୍ବଳ, ନା ଥିଲା ନୈତିକ ସମର୍ଥନ। ନିଜକୁ ଚୁପ୍‌ଚାପ୍ ଚାପି ଧରି ରହିଗଲା। ହେଲେ ଏହା ପରେ ସେ ଅଟକି ଯାଇନି। ଆଗକୁ ବଢ଼ିଛି ସତ, କିନ୍ତୁ ସେତେବେଳର ସମର୍ଥନକୁ ସେ ଜୀବନରେ ବହୁତ ଖୋଜିଛି। ଏମିତି ବହୁତ କିଛି କଥା ପାଇଁ ସେ ସଙ୍କୁଚିତ ହୋଇଯାଏ। ନିଜ ଜୀବନର ଏହିସବୁ ଘଟଣାବଳୀରୁ ସେ ମନସ୍ଥ କରିଛି କେମିତି ଅନ୍ୟକୁ ପ୍ରୋତ୍ସାହିତ କରିବ, ଯେମିତି ସେ ଆଗକୁ ବଢ଼ିବ।

ଜିନିଆର କବିତା ପ୍ରଶଂସନୀୟ ଥିଲା। କିନ୍ତୁ ବହୁତ ନଥିଲେ ସୁଦ୍ଧା ଶିଉଳିର 'ବଢ଼ିଆ ହୋଇଛି'- ପଦେ କଥା ଜିନିଆକୁ ମଞ୍ଚ ଉପରେ ନିଜ କବିତା ପଢ଼ିବାକୁ ଶକ୍ତି ଯୋଗାଇ ଥିଲା ଏବଂ ଜାଗ୍ରତ କରିଥିଲା।

ସଇନ୍ଧା ବାଲିସାହି, କଟକ
ମୋ: ୯୫୫୬୭୯୫୨୮୪୮

# ଶାନ୍ତି ପଥରେ ପ୍ରତିବନ୍ଧକ

ଏକ ମାସରୁ ଅଧିକ ସମୟର ଘମାଘୋଟ ଯୁଦ୍ଧ, ଯାହା ଦ୍ରୁତ ଗତିରେ ମଧ୍ୟପ୍ରାଚ୍ୟର ପ୍ରାୟ ସବୁ ରାଷ୍ଟ୍ରକୁ ସମ୍ପ୍ରସାରିତ ହୋଇ ଯାଇଥିଲା, ବିଶ୍ୱର ଶକ୍ତି, ରାସାୟନିକ ସାର ଏବଂ ଆହୁରି ଅନେକ ଜିନିଷ ଯୋଗାଣକୁ ବନ୍ଦ କରି ଦେଇଥିଲା ଏବଂ ବିଶ୍ୱ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଥିଲା, ତା' ପରେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇରାନ୍ ଏକ ସର୍ତ୍ତମୂଳକ ଦୁଇ ସପ୍ତାହର ଯୁଦ୍ଧ ବିରତି ପାଇଁ ରାଜି ହୋଇଛନ୍ତି। ତେବେ ଏହି ସାମୟିକ ବିରତି ଯୁଦ୍ଧରେ ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ପାଇଁ ଏକ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଦିଗରେ ପଥ କଢ଼ାଇ ନେବ କି, ନା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ସାରିଥିବା ଅସହମତି ଇରାନ୍ ଯୁଦ୍ଧ ୨.୦ ଆଡ଼କୁ ଆଗେଇ ନେବ, ତାହା ହେଉଛି ବର୍ତ୍ତମାନ ସମୟର ବଡ଼ ପ୍ରଶ୍ନ, ଯେତେବେଳେ କି ଇରାନ୍ ଇସ୍‌ଲାମାବାଦଠାରେ ଅନୁଷ୍ଠିତ ହେବାକୁ ଥିବା ଶାନ୍ତି ପ୍ରତିଷ୍ଠା ଆଲୋଚନାରେ ଅଂଶଗ୍ରହଣ କରିବାକୁ କେତେକ ସର୍ତ୍ତ ରଖି ସେଥିରୁ ଅନୁପସ୍ଥିତ ରହିଛି ! ଇସ୍ରାଏଲ ଏବଂ ଆମେରିକା ସେମାନଙ୍କ ଜିଦ୍‌ରେ ଅଟଳ ରହିଛନ୍ତି ଯେ ଏହି ଯୁଦ୍ଧ ବିରତି ଲେବାନନ୍ ପାଇଁ ଲାଗୁ ହେଉନାହିଁ, ଯାହା ଏବେ ସୁଦ୍ଧା ଆକ୍ରମଣର ଶିକାର ହୋଇ ଚାଲିଛି, ଏମିତିକି ଇରାନ୍‌ର ଅଧିକାଂଶ ମିସାଇଲ ଏବଂ ଡ୍ରୋନ୍ ନିଷ୍କ୍ରିୟ ହୋଇ ରହିଥିବା ସତ୍ତ୍ୱେ। କିନ୍ତୁ ଇରାନ୍ ମଧ୍ୟ ନିଜକୁ ଦୋଷୀ ରୂପରେ ସଜାଉଛି ଉପସାଗରୀୟ ରାଷ୍ଟ୍ରମାନଙ୍କ ଉପରେ ଲକ୍ଷ୍ୟବଦ୍ଧ କରି, ଯେତେବେଳେ କି ଯୁଦ୍ଧ ବିରତିର ଡାକରା ଦିଆଯାଇ ସାରିଛି। ବର୍ତ୍ତମାନ ସୁଦ୍ଧା ଆକ୍ରମଣାତ୍ମକ କାର୍ଯ୍ୟକଳାପ ବନ୍ଦ କରିବା କ୍ଷେତ୍ରରେ ଆମେରିକା ଏକମାତ୍ର ରାଷ୍ଟ୍ର ହୋଇ ରହିଛି। ସତ କହିବାକୁ ଗଲେ, ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଯେ ପର୍ଯ୍ୟନ୍ତ ତାଙ୍କର ଯୁଦ୍ଧଖୋର ମନୋବୃତ୍ତିରୁ ଓହରିବାକୁ ବାଧ୍ୟ କରାଯାଇ ନାହିଁ ଏବଂ ଏକ ବୃହତ୍ତର ଇସ୍ରାଏଲ ପ୍ରତିଷ୍ଠା କରିବା ପାଇଁ ରହିଥିବା ତାଙ୍କ ସ୍ୱପ୍ନକୁ ସାକାର କରିବା ବେଳେ ପାକ୍ସ ଯୁଦାଇକା ପୂରଣ କରିବା ଦିଗରେ ଏହି ଅନ୍ତରୀଣ ବିରତିକୁ ବ୍ୟବହାର କରାଯାଇ ନାହିଁ, ସେ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ଯେ କୌଣସି ମୁହୂର୍ତ୍ତରେ ପୁଣିଥରେ ଯୁଦ୍ଧ ଆରମ୍ଭ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ବର୍ତ୍ତମାନ ସୁଦ୍ଧା ଆମେରିକାର ରାଷ୍ଟ୍ରପତି ଅନୁଭବ କରି ସାରିଲେଣି ଯେ ଇସ୍ରାଏଲ କଥାରେ ପଡ଼ି ଇରାନ୍ ଉପରେ ଆକ୍ରମଣ କରି ସେ ତାଙ୍କ ଶାସନ କାଳର ସର୍ବାଧିକ ନିର୍ବୋଧ ଭୁଲ୍ ସାମରିକ ଦୁଃସାହସ ପ୍ରଦର୍ଶନ କରି ଏଭଳି ଏକ ପରିସ୍ଥିତିରୁ ବାହାରି ଯିବାକୁ ଛଟପଟ ହେଉଛନ୍ତି, ଯେଉଁଠି ତୈଳ ଦର ଯଥେଷ୍ଟ ବୃଦ୍ଧି ପାଇଛି, ତାଙ୍କ ସମର୍ଥକମାନଙ୍କର ଧୈର୍ଯ୍ୟର ପରୀକ୍ଷା ହୋଇ ସାରିଛି ଏବଂ ତାଙ୍କର ରାଜନୀତିକ ସ୍ଥିତି ବିପଦାପନ୍ନ ହୋଇ ସାରିଛି।

ଇରାନ୍ ଯୁଦ୍ଧ ପାଇଁ ବିରତି ନିମନ୍ତେ ରାଜି ହେବାର ଗୋଟିଏ ଦିନ ପରେ ଏହାର ରାଜଧାନୀ ବିରୁଟ୍ ଉପରେ ବୋମା ମାଡ଼ କରି ହାରାହାରି ୩୦୦ ଲୋକଙ୍କୁ ମାରିବା ବେଳେ ନିଜର ଜିଦ୍‌କୁ ବଜାୟ ରଖିବା ପାଇଁ ଲେବାନନ୍‌ରେ ବଫର ଜୋନ୍‌କୁ ସମ୍ପ୍ରସାରିତ କରିବା ଭଳି କାର୍ଯ୍ୟ କରିଥିବା ଯୋଗୁଁ ଇସ୍ରାଏଲକୁ ପ୍ରମୁଖ ଦୋଷୀ ବୋଲି କହିବା ଅସମୀଚୀନ ହେବନାହିଁ। ଗାଜା ନଗରୀ ଭଳି ବିରୁଟ୍‌ର କିଛି ଅଂଶ ଦେଖାଯିବା ନିମନ୍ତେ ଏହା ଯେ ଉଦ୍ୟମ କରୁଛି, ତାହା ବେଶ୍ ସ୍ପଷ୍ଟ। ଇରାନ୍ ମଧ୍ୟ ତା'ର ଯୁଦ୍ଧଖୋର ମନୋବୃତ୍ତିକୁ ପ୍ରଦର୍ଶନ କରିବାକୁ ଏହି ଅଞ୍ଚଳରେ ଅନ୍ୟାନ୍ୟ ମୁସଲମାନ ବହୁଳ ରାଷ୍ଟ୍ରଗୁଡ଼ିକ ଉପରେ ତା'ର ଆକ୍ରମଣ ଜାରି ରଖି ସୀମା ଲଂଘନ କରୁଛି। ଇରାନ୍ ଦ୍ୱାରା ପାଣ୍ଠି ଏବଂ ଅସ୍ତ୍ରଶସ୍ତ୍ର ପାଉଥିବା ଏହାର ଏକ ପ୍ରକ୍ସି ହେଜବୋଲ୍ଲା ଗୁରୁତ୍ୱାରୋପ କରୁଛି ଯେ ୱାଶିଂଟନ୍‌ଠାରେ ହେବାକୁ ଥିବା ପ୍ରସ୍ତାବିତ ଶାନ୍ତି ଆଲୋଚନାରେ ଲେବାନନ୍ ସରକାର ଏହାର ଉଚିତ୍ ପ୍ରତିନିଧିତ୍ୱ କରି ପାରିବ ନାହିଁ ଏବଂ ଲେବାନନ୍‌ରେ ନିଜର ଏକ ରାଜନୀତିକ ସ୍ଥିତି ସହିତ ଇରାନ୍ ଏହି ଆତଙ୍କୀ ଗୋଷ୍ଠୀ ଉପରେ ଲଗାମ୍ କଷିବାର ଦାୟିତ୍ୱ ନେବା ଉଚିତ। ଯେ ପର୍ଯ୍ୟନ୍ତ ଏହି ସମଗ୍ର ଅଞ୍ଚଳରେ ବୋମା, ମିସାଇଲ, ବନ୍ଧୁକ ଏବଂ ଡ୍ରୋନ୍‌ଗୁଡ଼ିକର ଗର୍ଜନକୁ ସମ୍ପୂର୍ଣ୍ଣ ରୂପେ ଶାନ୍ତ କରାଯାଇ ନାହିଁ, ସେ ପର୍ଯ୍ୟନ୍ତ ଇସଲାମାବାଦ ହେଉ କି ୱାଶିଂଟନ୍‌ରେ ପ୍ରସ୍ତାବିତ ଶାନ୍ତି ଆଲୋଚନାରେ ହେବାର ସମ୍ଭାବନା କ୍ଷୀଣ ଏବଂ ସେଥିପାଇଁ ଏହାକୁ ନେଇ କିଛି ନୂଆ ଆଶା କରିବା ମଧ୍ୟ ଅମୂଳକ। ଶ୍ରୀଯୁକ୍ତ ଟ୍ରମ୍ପ ହୁଏତ ଦାବି କରି ପାରନ୍ତି ଯେ ସେ ଲେବାନନ୍ ଉପରେ ଆକ୍ରମଣ ବନ୍ଦ କରିବାକୁ ଶ୍ରୀଯୁକ୍ତ ନେତାନ୍ୟାହୁଙ୍କୁ କହିଛନ୍ତି, କିନ୍ତୁ ସମ୍ପୃକ୍ତ ଅଞ୍ଚଳରେ ପ୍ରକୃତ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଇସ୍ରାଏଲର ଇଚ୍ଛା ରହିଛି ବୋଲି ପ୍ରମାଣିତ କରିବାରେ କ୍ଷେତ୍ର ସ୍ତରର ସ୍ଥିତି ବିଫଳ ହୋଇଛି।

ହର୍ମୁଜ୍ ପ୍ରଣାଳୀ ଦେଇ ଯୁଦ୍ଧ ପୂର୍ବରୁ ଦୈନିକ ପ୍ରାୟ ୩୦୦ ଜାହାଜ ଚଳାଚଳ କରୁଥିବା ବେଳେ ଏବେ ଇରାନ୍ ସେହି ବାଟ ଦେଇ ଦୈନିକ ମାତ୍ର ୧୫ଟି ଜାହାଜ ଛାଡ଼ିବାକୁ ଅନୁମତି ଦେବା ପାଇଁ କହିବା ଇରାନ୍‌ର ଅସ୍ଥିରତାକୁ ସୂଚାଉଛି, ଯାହା ହେଉଛି ଏକ ପ୍ରମୁଖ ପ୍ରସଙ୍ଗ। ସମଗ୍ର ବିଶ୍ୱ ଏହା ଦ୍ୱାରା ପ୍ରଭାବିତ ହେଉଛି ଏବଂ ଯେ ପର୍ଯ୍ୟନ୍ତ ନିରାପଦରେ ସବୁ ଜାହାଜ ଚଳାଚଳ କରିବାର ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କରା ନ ଯାଇଛି, ଇରାନ୍ ଏବଂ ଓମାନ୍ ଦ୍ୱାରା ଟୋଲ୍ ଫି ଆଦାୟ କରାଯିବା ବା ନ କରାଯିବା ନିର୍ବିଶେଷରେ ଶାନ୍ତି ଆଲୋଚନାର କିଛି ଅର୍ଥ ରହିବ ନାହିଁ। ଏହି ଯୁଦ୍ଧରେ ସମ୍ପୃକ୍ତ ହୋଇ ନଥିବା ଅବଶିଷ୍ଟ ବିଶ୍ୱ ଯାହା ବୁଝେ, ତାହା ହେଉଛି- ପ୍ରଥମେ ଶତ୍ରୁତାପୂର୍ଣ୍ଣ ମନୋଭାବର ପରିସମାପ୍ତି ଘଟିବା ଉଚିତ, ଯେଉଁଥିରେ ବିଫଳ ହେବାର ଅର୍ଥ ହେଉଛି କୌଣସି ପ୍ରକାରର ଯୁଦ୍ଧ ବିରତିର କିଛି ଅର୍ଥ ନାହିଁ କି ଶାନ୍ତି ପ୍ରତିଷ୍ଠା ହେବା ସେଯାଏଁ ସମ୍ଭବପର ହେବନାହିଁ। ଆଉ ଏହି କ୍ଷେତ୍ରରେ ଏତେ ସଂଖ୍ୟକ ବଡ଼ ବଡ଼ ପ୍ରସଙ୍ଗ ରହିଛି ଯେ ସେସବୁ ଶୀଘ୍ର ସମାଧାନ ହୋଇଯିବା ନେଇ ମନରୁ ସନ୍ଦେହ ଦୂର କରିବାକୁ ସକ୍ଷମ ନୁହେଁ। ମୁଖ୍ୟତଃ ଶ୍ରୀଯୁକ୍ତ ନେତାନ୍ୟାହୁଙ୍କର ଉଚ୍ଚାକାଂକ୍ଷା ଏବଂ ତାଙ୍କର ରାଜନୀତିକ କ୍ଷମତା ବଜାୟ ରଖିବାର ଅଦମ୍ୟ ଇଚ୍ଛା ହିଁ ଇରାନ୍ ଏବଂ ସମଗ୍ର ଅଞ୍ଚଳକୁ ଅଶାନ୍ତ କରିବାର କାରଣ। ଇରାନ୍‌ର ମୋଜ୍‌ତାବା ଖାମେନେଇ ଏବଂ ଆମେରିକାର ଟ୍ରମ୍ପ ଏବଂ ହେଗ୍‌ସେଠ୍ ହୁଏତ ଯୁଦ୍ଧରେ ସେମାନଙ୍କର ବିଜୟ ହୋଇଛି ବୋଲି ଦାବି କରି ପାରନ୍ତି, କିନ୍ତୁ ଯେ ପର୍ଯ୍ୟନ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇନାହିଁ କି ଶାନ୍ତି ପ୍ରତିଷ୍ଠା ଉପରେ ପ୍ରାଥମିକତା ଦିଆଯାଇ ନାହିଁ, ସେ ପର୍ଯ୍ୟନ୍ତ ଏହି ଦାବିର କୌଣସି ଅର୍ଥ ହିଁ ନାହିଁ।

# ନିରାକାରରୁ ସାକାର

ଯୁଗ ଯୁଗ ଧରି ଯାହାଙ୍କ ପାଇଁ ସଂସାରରେ ଶାନ୍ତି ବିରାଜମାନ କରେ, ସେ ହେଉଛନ୍ତି ଈଶ୍ୱର। ପୁଣି ଯାହାଙ୍କ ପାଇଁ ଧର୍ମ, ଧାରଣା, ନୀତି ନିୟମର ସୃଷ୍ଟି, ପୁଣି ସେହି ନୀତିକାନ୍ତିକୁ ନେଇ ପରସ୍ପର ଭିତରେ ମତାନ୍ତର, ମନାନ୍ତର, ସେ ବି ହେଉଛନ୍ତି ସେହି ଈଶ୍ୱର। ତାଙ୍କର ସତ୍ତା ଏ ପର୍ଯ୍ୟନ୍ତ ଯିଏ ପାଇଛନ୍ତି ନିଜ ନିଜ ଢଙ୍ଗରେ। ନିଜର ଦୃଷ୍ଟି ଯେମିତି ହୋଇଛି, ତାଙ୍କର ଦର୍ଶନ ମଧ୍ୟ ସେମିତି ହୋଇଛି। ଈଶ୍ୱରଙ୍କ ନିର୍ଦ୍ଦିଷ୍ଟ ରୂପ ଏ ପର୍ଯ୍ୟନ୍ତ କେହି କଳନା କରିପାରି ନାହାନ୍ତି। ଆଗକୁ ହୁଏତ କଳନା କରି ପାରିବେ ନାହିଁ ମଧ୍ୟ। ତେବେ ଈଶ୍ୱରଙ୍କୁ ନେଇ ଅନେକ ମଣିଷ ଶାନ୍ତ ହୋଇ ଯାଇଛନ୍ତି। ଗିରି କନ୍ଦରରେ ବସି ରହିଛନ୍ତି। ଆଉ କେତେକ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ତୋଳି ନିଜ ନିଜ ମନର ଓରିମାନା ମେଣ୍ଟାଇ ଚାଲିଛନ୍ତି। ଈଶ୍ୱରଙ୍କ ଅସ୍ତିତ୍ୱ ଓ ସତ୍ତାକୁ ନେଇ ଅନେକ ନିଜ ନିଜର ମତ ବାଢ଼ିଛନ୍ତି। ଯିଏ ଯେମିତି ବୁଝିଛନ୍ତି, ସେମିତି କହିଛନ୍ତି।

ପରିବାରରେ ସ୍ୱାମୀ କହୁଥିଲେ- 'ଈଶ୍ୱର ହେଉଛନ୍ତି ପରିବାର ଲୋକେ। ତମ ଚାରି ପାଖରେ ଥିବା ମଣିଷ ଆଉ ଜୀବଜନ୍ତୁ ହେଉଛନ୍ତି ଈଶ୍ୱରଙ୍କର ସ୍ୱରୂପ।' ପତ୍ନୀ କହୁଥିଲେ- 'ସମସ୍ତଙ୍କ ଭିତରେ ଈଶ୍ୱର ଅଛନ୍ତି, କିନ୍ତୁ ଶାଶୁ, ଶ୍ୱଶୁର, ପିଲାମାନେ, ତୁମ ଭିତରେ ଈଶ୍ୱର ଥିଲେ ବି ତୁମମାନଙ୍କ ବ୍ୟବହାର, ଚାଲିଚଳଣି, କଥାବାର୍ତ୍ତା ଶୁଣିଲା ପରେ ତୁମକୁ ଈଶ୍ୱର ଜ୍ଞାନ କରିବାକୁ ମୋର ଆଦୌ ଇଚ୍ଛା ହେଉନାହିଁ। ବରଂ ମୁଁ ଭାବୁଛି, ତୁମେମାନେ ଗୁରୁଜନ। ସମ୍ପର୍କୀୟ। ତୁମମାନଙ୍କ ସେବା କରିବି। ମାତ୍ର ମୋର ଠାକୁର ଘରେ ଈଶ୍ୱରଙ୍କୁ ଉପାସନା କରିବି।' ଠାକୁର ଘରେ ଈଶ୍ୱରଙ୍କୁ ଉପାସନା କରିବାକୁ ସ୍ୱାମୀ ରାଜି ନଥିଲେ। ସମସ୍ୟାର ସମାଧାନ ପାଇଁ ଉଭୟ ସ୍ୱାମୀ ଓ ସ୍ତ୍ରୀ ପହଞ୍ଚିଲେ ସନ୍ଥଙ୍କ ନିକଟରେ।

ପବାରବିନ୍ଦ

ସନ୍ଥ ଫ୍ରିଜ୍ ଆଡ଼କୁ ହାତ ବଢ଼ାଇ କହିଲେ- 'ସେଇ ଫ୍ରିଜ୍‌ରେ ବରଫ ଅଛି। ତୁମେ ବହୁତ ଖରାରେ ଆସିଛ। ପ୍ରଥମେ ସର୍ବତ କରି ପିଇ ନିଅ। ତା'ପରେ କଥା ହେବା।' ପୁରୁଷ ଜଣକ ଫ୍ରିଜ୍‌ରୁ ବରଫ ଆଣିବାକୁ ଗଲେ। କିନ୍ତୁ ବରଫ ନଥିଲା। ବରଫ ଥିବା କେସ୍‌ରେ କେବଳ ପାଣି ହିଁ ଥିଲା। କାରଣ କରେଣ୍ଟ ନଥିଲା।

ସନ୍ଥ କହିଲେ- 'ବରଫ ଉତ୍ତାପ ପାଇଲେ ପାଣି ହୁଏ। ସେହି ପାଣି ଅଧିକ ଗରମ ହେଲେ ବାଷ୍ପ ହୁଏ। ବରଫକୁ ହାତରେ ଧରି ପାରିବ। ପାଣି ପାଇଁ ପାତ୍ର ଦରକାର ହୁଏ। ବାଷ୍ପକୁ ଧରିହୁଏ ନାହିଁ। ଈଶ୍ୱରଙ୍କ ଅବସ୍ଥା ଠିକ୍ ସେମିତି। ତାଙ୍କର ସ୍ୱରୂପ ଶୂନ୍ୟ। ବାଷ୍ପ ଶୀତଳ ହେଲେ ପାଣି ହେଲା ପରି କେବେ ଭାବ, ଭକ୍ତି, ବ୍ୟାକୁଳତା ରୂପକ ଶୀତଳତା ବଢ଼ିଗଲେ ସେ ରୂପବନ୍ତ ହୁଅନ୍ତି। ପାଣିକୁ ଅଧିକ ଶୀତଳ କଲେ ତାହା ବରଫ ହେଲା ପରି ମଣିଷର ଈଶ୍ୱରଙ୍କ ପ୍ରତି ବ୍ୟାକୁଳତା ଓ ଭକ୍ତି ବଢ଼ିଗଲେ ଈଶ୍ୱର ପୂରା ପାଖକୁ ଆସି ଯାଆନ୍ତି। ଛାଇ ପରି ପରି ପ୍ରତିଟି କ୍ଷେତ୍ରରେ ଲାଗି ରହିଲା ପରି ଅନୁଭବ ହୁଏ। ଈଶ୍ୱରଙ୍କୁ ତୁମେ କିପରି ପାଇବ, ତାହା ତୁମ ଉପରେ ନିର୍ଭର କରେ।'

ନିତିଦିନ NITIDIN



## ଯାଦବ ମହାସଭାର ସାଂଗଠନିକ ବୈଠକ

**ଚାରିଛକ,୧୨।୪/ଏନ୍‌ଏନ୍‌ଏସ୍:** ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ପରିସରରେ ଚାରିଛକ ଜୋନ ଯାଦବ ମହାସଭାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୋନ ସଭାପତି ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉକ୍ତ ଜୋନର ପ୍ରତି ପଂଚାୟତରେ ବୈଠକ କରିବାପାଇଁ ସ୍ଥିର କରାଯାଇଥିଲା । ଏଥିରେ ଦୁଇଜଣ ମହିଳାଙ୍କ ସମେତ ୧୦ଜଣ ସଭ୍ୟ ମନୋନୀତ କରାଯାଇଛି । ବୈଠକରେ ସଂପାଦକ ଶରତ ବେହେରା, କୈଳାସ ବେହେରା, ଟୁକୁନା ବେହେରା, କୃଷ୍ଣଚନ୍ଦ୍ର ବେହେରା, ଅକ୍ଷୟ ବେହେରା, ବୈଷ୍ଣବ ଚରଣ ଡାଲୁଆ, ଉପଦେଷ୍ଟା ରାମଚନ୍ଦ୍ର ଜେନା, ବେଣୁଧର ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ଓଡ଼ଗାଁରେ ବ୍ୟାପୁଛି ହାଡ଼ଫୁଟି

### ଦେଶୀ ଚିକିତ୍ସା ଓ ଗୁଣିଗାରେଡ଼ି ଉପରେ ଭରସା କରୁଛନ୍ତି ଲୋକେ



**ଓଡ଼ଗାଁ,୧୨।୪/ଏନ୍‌ଏନ୍‌ଏସ୍:** ଏବେବି ଅନେକ ଲୋକ ଅନ୍ଧ ବିଶ୍ୱାସରେ ପଡ଼ି ଗୁଣିଗାରେଡ଼ି ଉପରେ ଭରଷା କରୁଛନ୍ତି । ଦେହଖରାପ ହେଉ କିମ୍ବା ଝାଡ଼ାବାନ୍ତି, ହାଡ଼ଫୁଟି ରୋଗ ହେଲେ ଲୋକମାନେ ଝଡ଼ାଫୁଙ୍କା କରିବା ସହିତ ଦେଶୀଚିକିତ୍ସା କରୁଛନ୍ତି । ଓଡ଼ଗାଁରେ ହାଡ଼ଫୁଟି ରୋଗ ଏବେ ଲୋକମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ସୂଚନା ଅନୁଯାୟୀ, ଓଡ଼ଗାଁ ବ୍ଲକର କୁରାଳ,ସୁନାମୁହିଁ, ଗିରିଡ଼ିପଲ୍ଲୀ, କୋମଣ୍ଡ ଓ ପାଣ୍ଡେରିପଡ଼ା ପଞ୍ଚାୟତର ଅନେକ ଗାଁରେ ହାଡ଼ଫୁଟି ରୋଗ ବ୍ୟାପିବାରେ ଲାଗିଛି । ବିଶେଷ କରି ଛୋଟଛୁଆଙ୍କ ଠାରୁ ଆରମ୍ଭକରି ଯୁବକମାନଙ୍କ ଦେହରେ ଏହି ହାଡ଼ଫୁଟି ରୋଗର ଲକ୍ଷଣ ଦେଖାଦେଇଛି । ଫଳରେ ଲୋକେ ଆତଙ୍କିତହୋଇ ପଡିଛନ୍ତି । ହାଡ଼ଫୁଟି ହେବାଦ୍ୱାରା ଗୋଡ଼ହାତ ବିନ୍ଧା ଛିଟିକା ହୋଇ ଦୁର୍ବଳ ଲାଗୁଛି ।ଦିନେ କି ଦୁଇଦିନ ନୁହଁ ଏହି ରୋଗ ୧୫ଦିନ ଧରି ଅଧିକ କଷ୍ଟ ଦେଉଥିବାବେଳେ ଛୁଆ ଦେହରୁ ରୋଗ ଭଲ କରିବାକୁ ପରିବାର ଲୋକେ ଦେହରେ ଠାକୁରଥିବା କହି ଅନ୍ଧ ବିଶ୍ୱାସରେ ବୁଡ଼ିଛନ୍ତି । ଦେହରୁ ଏହି ରୋଗ କିପରି ଯିବ ସେଥିପାଇଁ ଠାକୁରଙ୍କ ପାଖରେ ବିଭିନ୍ନ ମାନସିକ ମଧ କରୁଛନ୍ତି ।ଆଉ କିଏକିଏ କୁକୁଡ଼ା,ଛେଳିବଳି ଦେବାକୁ ମଧ ଜାଚଙ୍ଗା କରିଥିବା ଜଣାପଡ଼ିଛି । ସେତିକି ନୁହଁ ପିଲାଙ୍କୁ ଭଲ କରିବାକୁ ଯାଇ କିଏ ଦେଶୀଚିକିତ୍ସାର ସାହାରା ନେଉଛି ତ ଆଉକିଏ ଝଡ଼ାଫୁଙ୍କା କରି ଦେହକୁ ଅଧିକ କ୍ଷତିପହଞ୍ଚାଉଛି । ଏହି ଦେଶୀ ଚିକିତ୍ସା କରିବାଦ୍ୱାରା ପରିବାର ଲୋକେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି ତାହା ନୁହଁ ରୋଗ ଭଲ ହେବାର ନାଧରୁନି ।ଏପଟେ ରୋଗର ନିରାକରଣ ପାଇଁ ବିଶେଷଜ୍ଞ ଡ଼ାକ୍ତରଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଉଛି ।ଏହି ପଞ୍ଚାୟତରେ ଡ଼ାକ୍ତରୀ ଦଳ ପହଞ୍ଚି ହାଡ଼ଫୁଟି ରୋଗର ନିରାକରଣ ପାଇଁ ସଚେତନ କରିବା ସହିତ ଔଷଧ ପ୍ରଦାନ କରିବା ଜରୁରୀ ହୋଇପଡ଼ିଛି ।ସଚେତେନତାର ଅଭାବ ଯୋଗୁ ଏବେବି ଅନେକ ଲୋକ ଝଡ଼ାଫୁଙ୍କା ଉପରେ ବିଶ୍ୱାସ କରୁଥିବା ଜଣାପଡ଼ିଛି ।ଏହି ରୋଗର ନିରାକରଣ ପାଇଁ ସରକାର ପ୍ରତିଘରେ ଟୀକାକରଣ ଯୋଜନା କାର୍ଯ୍ୟକାରୀ କରିଥିଲେ ମଧ ତାହା ସଫଳ ହୋଇନଥିବା ଏଥିରୁ ସ୍ପଷ୍ଟ ବାରି ହୋଇପଡ଼ିଛି ।

## ସନାତନ ଧର୍ମଧାରାର ମାର୍ଗଦର୍ଶିକା 'ବିପ୍ର ତତ୍ତ୍ୱମଞ୍ଜରୀ' ଲୋକାର୍ପିତ

**ଖୋର୍ଦ୍ଧା,୧୨।୪/ଏନ୍‌ଏନ୍‌ଏସ୍:** ବିଶିଷ୍ଟ ସାହିତ୍ୟିକ ତଥା ଆଧ୍ୟାତ୍ମବାଦୀ ମଣିଷ ଲଡୁକିଶୋର ଦାଶଙ୍କ ରଚିତ 'ବିପ୍ର ତତ୍ତ୍ୱମଞ୍ଜରୀ' ପୁସ୍ତକର ଲୋକାର୍ପଣ ଖୋର୍ଦ୍ଧା ବିଡିଏ କଲୋନୀ ଗାୟତ୍ରୀ ମନ୍ଦିର ପରିସରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶରତଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକଟି ଆମ ସନାତନ ଧର୍ମର ସଂସ୍କାର, ଆଚାର ବିଚାର ବ୍ୟବହାର ଉପରେ ଆଧାରିତ ବୋଲି ମତ ଦେଇଥିଲେ । ମୁଖ୍ୟବକ୍ତା ବିଶିଷ୍ଟ ପ୍ରବଚକ, କବି ମନୋଜ କୁମାର ଶତପଥୀ ପୁସ୍ତକଟି ବ୍ରାହ୍ମଣ ସମାଜକୁ ଦିଗଦର୍ଶନ ଦେବା ସହ ସନାତନ ଧର୍ମଧାରାକୁ ସଂସ୍କାରିତ କରିବ ବୋଲି କହିଥିଲେ । ବରେଣ୍ୟ ଅତିଥି ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କର ବିପ୍ର ତତ୍ତ୍ୱସଂହିତାର ନୀତିଗତ ଗୁଢ ତଥ୍ୟଗୁଡ଼ିକ ମନୁଷ୍ୟ ଜୀବନ ପାଇଁ ଅତୀବ ଉପାଦେୟ । ସହଜ ସରଳ ଭାଷାରେ ଏହା ବୋଧଗମ୍ୟ ହୋଇଥିବା କହିଥିଲେ । ଏହି ଅବସରରେ ପୁସ୍ତକର ଲେଖକ ଲଡୁକିଶୋର ଦାଶ ପୁସ୍ତକରେ ପ୍ରଶ୍ନକର୍ତ୍ତା ନାତି ଉତ୍ତର ଦାତା ଅଜାଙ୍କ ଠାରୁ ଧର୍ମ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ପାଇଛନ୍ତି । ବହିଟି ଛପାଇବାର ଉଦ୍ଦେଶ୍ୟ ହେଲା, ପ୍ରତ୍ୟେକ ମଣିଷ କିଭଳି ଧର୍ମ ମାର୍ଗରେ ପରିଚାଳିତ ହେବା ସହ ନିଜ ଶରୀରକୁ ସୁସ୍ଥ ରଖିପାରିବେ ବୋଲି ସେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ ଆଧ୍ୟାତ୍ମିକ ସାହିତ୍ୟ ଉପରେ ଆଲୋକପାତ କରିଥିଲେ । ସାହିତ୍ୟିକ ସମରେନ୍ଦ୍ର ବଳିଆରସିଂହ ବିଭିନ୍ନ ବିବରଣୀ ପ୍ରଦାନ କରିଥିଲେ । କବୟିତ୍ରୀ ବିଳାସିନୀ ଦାଶ ପୁସ୍ତକର ସମୀକ୍ଷା କରି କର୍ମ ଓ ଧର୍ମ ଯୋଗୁଁ ବ୍ରାହ୍ମଣ ଶ୍ରେଷ୍ଠ ବୋଲି ମତ ଦେଉଥିଲେ । କବି ଶାନ୍ତିଲତା ଦେବୀ, ଅନସୂୟା ସାମନ୍ତରାୟ, ପ୍ରଶାନ୍ତ କୁମାର ସାମନ୍ତରାୟ, ରାଜକିଶୋର ବଳିଆରସିଂହ, ଶ୍ରୀଧର ଦାଶ, ପ୍ରଫୁଲ୍ଲ ଦାଶ, ନୀଳାଦ୍ରି ଜଗଦେବ ପ୍ରମୁଖ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପୁସ୍ତକର ପ୍ରକାଶକ ଡା. ମନୋରଞ୍ଜନ ଦାଶ, ଆଇନଜୀବୀ ଜ୍ୟୋତିରଞ୍ଜନ ସାହୁ । ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## କୃଷକ ନେତାଙ୍କ ବିୟୋଗରେ ଶୋକ

**ମାହାଙ୍ଗା,୧୨।୪/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହୀପୁର ଫଂଚାୟତ ସ୍ଥିତ ଦେବରିଓ ଗ୍ରାମର ତଥା କୃଷକ ନେତା ବିଶ୍ୱନାଥ ଜେନା(୭୬)ଙ୍କ ପରଲୋକ ଘଟିଛି । ସେ ଜଣେ ପରୋପକାରୀ,ମିଷ୍ଟଭାଷୀ,ସୁସଂଗଠକ ତଥା କୃଷକ ନେତା ଭାବେ ମାହାଙ୍ଗା ଅଂଚଳରେ ବେଶ ପରଚିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ ସଂପନ୍ନ କରାଯାଇଥିବାବେଳେ ପୁତ୍ର କାମରୂପ ମୁଖାଗ୍ନୀ ଦେଇଥିଲେ । ଶବଦାହ ସମୟରେ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ପ୍ରାକ୍ତନ ଆୟକର ଆୟୁକ୍ତ ଶୋଭନ କର, ସରପଞ୍ଚଙ୍କ ପ୍ରତିନିଧି ଧିରେନ୍ଦ୍ର ସ୍ୱାଇଁ, ସମିତିସଭ୍ୟା ଅନ୍ନପୂର୍ଣ୍ଣ ସାହୁ,ଡଃ ଏକାଦଶୀ ପ୍ରଧାନ, ଅକ୍ଷୟ ଖଟୁଆ, ଉମେଶ ସାହୁ, ଦତହରି ସାହୁ, କିଶୋର ରାଉତ, ମନୋରଞ୍ଜନ ନାୟକ, ପ୍ରକାଶ ନାୟକ, ଭକ୍ତଚରଣ ସ୍ୱାଇଁ, ଅଶୋକ ରାଉତ, ରୁଦ୍ର ନାରାୟଣ ସିଂହ, ରାମଚନ୍ଦ୍ର ବେହେରା, ରାମଚନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକଟ କରିଛନ୍ତି ।

## ଆର୍ଟ ଏକାଡେମୀ ଉଦ୍‌ଘାଟିତ

**ବୟାଳିଶମୌଜା,୧୨।୪/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ବୟାଳିଶମୌଜା ଶ୍ରୀରାମ ମାର୍କେଟ ସ୍ଥିତ ଚିତ୍ରଭୂମି ସଣ୍ଡେ ଆର୍ଟ ଏକାଡେମୀର ଶୁଭ ଉଦଘାଟନୀ ଉତ୍ସବ ସିରିଡ଼ି ସାଇ ଚାରି ଟେବୁଲ ଟ୍ରଷ୍ଟ ର ଅଧ୍ୟକ୍ଷ ଡ଼ଃ ରୁଦ୍ର




ମହାନ୍ତିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ବକ୍ତା ଭାବେ ଧର୍ମପଦ ପୁରସ୍କାର ପ୍ରାପ୍ତ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ସମ୍ମାନୀୟ ଅତିଥି ଭାବେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ର କଳା ଅଧ୍ୟାପକ ଶୁକଦେବ ମହାରଣା, ସୁଦର୍ଶନ ମହାବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ୍ୱର ଦାଶ, ଅଧ୍ୟାପକ ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ବୀରବର ସାମନ୍ତ ମହାବିଦ୍ୟାଳୟ, କୁଜଙ୍ଗର ଅଧ୍ୟକ୍ଷା ଡ଼ଃ ବନପ୍ରଭା ପରିଡ଼ା, ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଅଭିନୟ ଚିତ୍ରକଳା ଭୁବନେଶ୍ୱରର ସଙ୍ଗୀତ ଶିକ୍ଷକ ଅମିତାଭ ସାହୁ ଓ ୪୨ ମୌଜା ସାମ୍ବାଦିକ ସଙ୍ଘର ସଭାପତି ଅନିଲ ଦାସ ପ୍ରମୁଖ ମଞ୍ଚାସିନ ଥିଲେ । ଅନୁଷ୍ଠାନର ପରିଚାଳକ ଚିତ୍ରଶିଳ୍ପୀ ସତ୍ୟ ଶେଖର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଧର୍ମାନନ୍ଦ ପାଣ୍ଡେ, ଶରତ ଚନ୍ଦ୍ର ପରିଡ଼ା, ଦୀପ୍ତିମୟୀ ବେହେରା, କୁନ ମୁନ ସାହୁ, ସୁଶ୍ରୀସ୍ମିତା ନନ୍ଦ, ଗଣେଷ ଚନ୍ଦ୍ର ମୁଦୁଲି, ସରାଫଦ ବେଗ, ନିକୁଞ୍ଜ କୁମାର ସ୍ୱାଇଁ, ଚିନ୍ମୟ ମହାପାତ୍ର, ନିରଞ୍ଜନ ନାୟକ, ସୁରେନ୍ଦ୍ର ବେହେରା ଓ ଶଶାଙ୍କ ଶେଖର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ୟାମସୁନ୍ଦର ପରିଡ଼ା ଧନ୍ୟବାଦ ଦେଇଥିଲେ ।

## ଓଡ଼ିଆ ପକ୍ଷରେ ଜିଲ୍ଲାସ୍ତରୀୟ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ

**ଖୋର୍ଦ୍ଧା,୧୨।୪/ଏନ୍‌ଏନ୍‌ଏସ୍:** ଜିଲ୍ଲା ସଂସ୍କୃତି ବିଭାଗ ଓ ଖୋର୍ଦ୍ଧା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏବଂ ଓଡିଶା ସାହିତ୍ୟ ଏକାଡ଼େମୀ ସହଯୋଗରେ ଓଡ଼ିଆ ପକ୍ଷ ଅବସରରେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜ୍ୟୋତି ଶଙ୍କର ସାହୁ ମୁଖ୍ୟ ଜିଲ୍ଲା ଉନୟନ ଅଧିକାରୀ, ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଭାପତିତ୍ୱ କରିଥିଲେ । ସମ୍ମାନିତ ବକ୍ତା ଭାବରେ ନିରାକାରପୁର କଲେଜର ଇଂରାଜୀ ବିଭାଗ ବରିଷ୍ଠ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ବିଶିଷ୍ଟ ଆଲୋଚକ ଭାବରେ ଯୋଗଦେଇଥିଲେ ।

ଅନ୍ୟତମ ଅତିଥି ଭାବେ ସାହିତ୍ୟ ସଂସଦର ସମ୍ପାଦକ ଡକ୍ଟର ଧୀରେନ୍ଦ୍ର ନନ୍ଦ ତାଙ୍କର ଏକ ପ୍ରବନ୍ଧ ଜୟୀ ରାଜଗୁରୁଙ୍କ ଉପରେ ପାଠ କରିଥିଲେ । ସେହିପରି ଡଃ. କୈଳାଶ ଚନ୍ଦ୍ର ମହାରଣା ମଧ ବଶିଷ୍ଠ ବରପୁତ୍ରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଓଡ଼ିଆ ପକ୍ଷ ପାଳନର ଉଦେଶ୍ୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଓଡ଼ିଆ ପକ୍ଷ ପାଳନ ଅବସରରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରାୟ ୬୫ଜଣ କବି ଏଥିରେ ଭାଗ ନେବା ସହ ବରପୁତ୍ରଙ୍କ ଉପରେ ଆଧାରିତ କବିତା ପାଠ କରିଥିଲେ ।

## ଦଣ୍ଡଯାତ୍ରା ସମୟରେ ମୁଖ୍ୟ ରାସ୍ତାରେ ଡ୍ରେନ୍ ପାଣି



**କଣ୍ଟିଲୋ,୧୨।୪/ଏନ୍‌ଏନ୍‌ଏସ୍:** ବର୍ଷବର୍ଷ ଧରି କଣ୍ଟିଲୋ ହାଟମୁଣ୍ଡ ପାଟଣା ମୁଖ୍ୟ ରାସ୍ତାରେ ଡ୍ରେନ୍‌ର ଅପରିଷ୍କାର, ପୂତିଗନ୍ଧମୟ ନାଳ ନର୍ଦ୍ଦମା ପାଣି ରାସ୍ତା ଉପରେ ଯାଉଥିବାରୁ ସର୍ବସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ସୂଚନାରୁ ପ୍ରକାଶ ଯେ, ହାଟମୁଣ୍ଡ ପାଟଣାର ବୁଲୁ ବେହେରା ଙ୍କ ଘର ପାଖରୁ ଡ୍ରେନ ପାଣି ଉଛୁଳି ରାସ୍ତା ଉପରେ ପୂର୍ବ ଦିଗକୁ ପ୍ରବାହିତ ହୋଇ ଜନ କଲ୍ୟାଣ କ୍ଲବଘର ପାର୍ଶ୍ୱକୁ କ୍ରସ କରି ସମ୍ପୂର୍ଣ ଭାବେ ଅସ୍ୱାସ୍ଥ୍ୟ କର ପରିବେଶ ସୃଷ୍ଟି କରିଛି । ବର୍ତ୍ତମାନ ପବିତ୍ର ଦଣ୍ଡ ଉତ୍ସବ ସମୟେ ବାବା କୃଷ୍ଣେଶ୍ୱର ଓ ବାବା କପିଳେଶ୍ୱର ମହାନଦୀରୁ ଗାଧୋଇ ସାରିବା ପରେ ଏହି ରାସ୍ତା ର ପୂତିଗନ୍ଧମୟ ଅପରିଷ୍କାର ନାଳ ନର୍ଦ୍ଦମା ଯୋବ ପାଣି କୁଦି ଯିବା ବେଳେ ବହୁ ଅସନ୍ତୋଷ ପ୍ରକାଶ କରିବା ସହିତ ନିଜ ନିଜର ଅଧାତ୍ମିକ ଚିନ୍ତା ଧାରାରେ ଘୋର ବ୍ୟାଘାତ ହେଉଥିବା ଅଭିଯୋଗ କରିଛନ୍ତି । ସବୁଠାରୁ ବେଶୀ ଆଶ୍ଚର୍ଯ୍ୟ ଲାଗୁଛି ଯେଉଁ ଶିକ୍ଷିତ ସାହିରେ ବହୁ ମାନ୍ୟଗଣ୍ୟ ସମାଜସେବୀ, ମାଳ ମାଳ ବରିଷ୍ଠ ସାମ୍ବାଦିକ ଓ ଠିକାଦାରମାନେ ଅଛନ୍ତି । ବର୍ତ୍ତମାନ ଦଣ୍ଡ ଉତ୍ସବ ସମୟେ ସେହି ସାହିର ଏପରି ଅପରିଷ୍କାର କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରିଛନ୍ତି । ସେ ଯାହାହେଉ, ଯଥାଶୀଘ୍ର ହାଟମୁଣ୍ଡ ପାଟଣାର ଏହି ଡ୍ରେନ୍‌ର ସଫେଇ ଓ ମରାମତି କାର୍ଯ୍ୟ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ସମ୍ପନ୍ନ କରିବା ପାଇଁ ଦାବି ହେଉଛି ।

## ଜବରଦଖଲ ଉଚ୍ଛେଦରେ ପ୍ରଶାସନର ଅବହେଳା

**ନିଶ୍ଚିନ୍ତକୋଇଲି,୧୨।୪/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ତହସିଲ ଅଧୀନ ନିଶ୍ଚିନ୍ତକୋଇଲି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧିନସ୍ଥ ନତକାଇ ମୌଜା ପ୍ଲଟ୍ ନଂ ୩୨୮୧ ଯାହାକି ସ୍ୱର୍ଗତ ଏକାଦଶୀ ବିଶ୍ୱାଳଙ୍କ ନାମରେ ରହିଛି ଏବଂ ସ୍ୱର୍ଗତ ବିଶ୍ୱାଳଙ୍କ ପରିବାର ଉକ୍ତ ଜାଗାକୁ ଭୋଗ ଦଖଲ କରିଆସୁଛନ୍ତି । କିଛିଦିନ ତଳେ ଏହି ପ୍ଲଟ୍‌କୁ ଲାଗି ରହିଥିବା ପ୍ଲଟ୍ ନଂ ୩୨୮୦ (ରକ୍ଷିତ ଜଳାଶ୍ରୟ)ରେ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକ ଗୃହ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରିଥିଲେ । ତେବେ ସରକାରୀ ଜମିକୁ ଅସାମାଜିକ ଯୁବକମାନେ ଜବରଦଖଲ କରିବାକୁ ନେଇ ସ୍ୱର୍ଗତ ବିଶ୍ୱାଳଙ୍କ ପୁତ୍ର ପ୍ରଶାନ୍ତ କୁମାର ବିଶ୍ୱାଳ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟକୁ ଲିଖିତ ଅବଗତ କରାଇଥିଲେ । ପରେ ଉକ୍ତ ଅସାମାଜିକ ଯୁବକମାନେ ସ୍ୱର୍ଗତ ବିଶ୍ୱାଳଙ୍କ ୩୨୮୧ ପ୍ଲଟ୍‌ରେ ଥିବା ବିଭିନ୍ନ ଫଳନ୍ତି ଗଛଗୁଡ଼ିକୁ ଭାଙ୍ଗି ନଷ୍ଟ କରିବା, ତାଙ୍କ ଘରର ବିଦ୍ୟୁତ ବଲ୍‌କୁ ଭାଙ୍ଗିବା ନେଇ ପ୍ରଶାନ୍ତ ବିଶ୍ୱାଳ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ । ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଶ୍ରୀ ବିଶ୍ୱାଳ ସାଲେପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ, କଟକସ୍ଥିତ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକଙ୍କୁ ଅଭିଯୋଗ କରିଥିଲେ । ହେଲେ ଅଭିଯୋଗ ହେବାର ଦୀର୍ଘଦିନ ବିତିଯାଇଥିଲେ ମଧ ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ତଦନ୍ତରେ ଯାଇ କେବଳ ଶ୍ରୀ ବିଶ୍ୱାଳଙ୍କ ପାଖରୁ ଘଟଣା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଫେରିଥଲେ । ହେଲେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଶ୍ରୀ ବିଶ୍ୱାଳ କହିଛନ୍ତି । ଏବେ ନିକଟରେ ସ୍ୱର୍ଗତ ବିଶ୍ୱାଳଙ୍କ ୩୨୮୧ ନମ୍ବର ପ୍ଲଟ୍‌ରେ ବାଡ଼ବୁଜା ଯାଇଥିବା ସିମେଣ୍ଟ ଖୁଣ୍ଟକୁ ଭାଙ୍ଗିବା ସହ କଣ୍ଟା ତାରବାଡ଼କୁ ମଧ ନଷ୍ଟ କରିଦେଇଥିବା ନେଇ ଶ୍ରୀ ବିଶ୍ୱାଳ ଗତ ୬ ତାରିଖରେ ନିଶ୍ଚିନ୍ତକୋଇଲି ଥାନାରେ ପୁନର୍ବାର ଲିଖିତ ଅଭିଯୋଗ କରିଥିଲେ । ଏଥି ସହିତ ସେ କଟକ ଜିଲ୍ଲାପାଳ ଓ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ କଟକଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ଫର୍ଦ୍ଦ ଡାକଯୋଗେ ପ୍ରେରଣ କରିଛନ୍ତି । ଏଠାରେ ସୂଚନାଥାଉ କି ପ୍ଲଟ୍ ନଂ ୩୨୮୦କୁ ଜବରଦଖଲ କରିଥିବା ବିଷୟ ପ୍ରଶାନ୍ତ ବିଶ୍ୱାଳ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟରେ ଜଣାଇଥିଲେ ମଧ ତହସିଲ କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଅସାମାଜିକ ଯୁବକମାନେ ଏବେ ଆଉ ପାଦେ ଆଗକୁ ଯାଇ ଆକ୍ରୋଶମୂଳକ ଭାବେ ଶ୍ରୀ ବିଶ୍ୱାଳଙ୍କ ପ୍ଲଟ୍‌ରେ ଭଙ୍ଗାରୁଜା କରିଥିବା ନେଇ ଶ୍ରୀ ବିଶ୍ୱାଳ ସ୍ଥାନୀୟ ତହସିଲଦାରଙ୍କୁ ମଧ ଲିଖିତ ଅଭିଯୋଗ କରିଛନ୍ତି । ହେଲେ ଆଜିଯାଏ କୌଣସି ପ୍ରଶାସନ ପଦକ୍ଷେପ ଗ୍ରହଣ କରିନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସରକାରୀ ଜମି ବେଆଇନ ଜବରଦଖଲ ହେଉଥିବା ଖବର ଜଣେ ସାଧାରଣ ଜନତା ପ୍ରଶାସନକୁ ଅବଗତ କରାଇଲା ପରେ କାହିଁକି ତହସିଲ ପ୍ରଶାସନ ଓ ପୋଲିସ ପ୍ରଶାସନ ଉକ୍ତ ଘଟଣାକୁ ଗୁରୁତ୍ୱ ଦେଉନାହାନ୍ତି ତାହା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନ ଉଠିଛି । ଏହି ଘଟଣାରେ ଉଭୟେ ପ୍ରଶାସନର ନିରବତା ନେଇ ଲୋକଙ୍କ ଆସ୍ଥା ତୁଟିଯାଉଥିବା କୁହାଯାଇଛି ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**ବୟାଳିଶମୌଜା,୧୨।୪/ଏନ୍‌ଏନ୍‌ଏସ୍:** ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବହଳପଡ଼ାର ଷୋଡ଼ଶତମ ବର୍ଷିକ ଉତ୍ସବ ଅରବିନ୍ଦବାଗ ସ୍ଥିତ ବିଦ୍ୟାଳୟ ପ୍ରାଙ୍ଗଣରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଅତିଥି ଭାବେ ଜ୍ୟୋସ୍ନାରାଣୀ ଦାଶ, ସରୋଜିନୀ ପଟ୍ଟନାୟକ, ବଂଶୀଧର ସେନାପତି ଓ ବିକାଶରଞ୍ଜନ ପରିଡ଼ା ପ୍ରମୁଖ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଜୀବନୀ ଓ ତାଙ୍କ ଦିବ୍ୟବାଣୀ ସମ୍ପର୍କରେ ଆଲୋକପାତ କରିଥିଲେ । ସଞ୍ଜୟ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷା ମୋନାଲିସା ଦାଶ, ଅନିତା ସେନାପତି ଓ ବର୍ଷା ପ୍ରିୟଦର୍ଶିନୀ ଭୋଇ ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ବିଦ୍ୟାଳୟର କୋମଳମତି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହିତ ଅଧ୍ୟକ୍ଷା ମୋନାଲିସା ଦାଶଙ୍କ ରଚିତ ଓ ଅଶୋକ କୁମାର ଦାଶଙ୍କ ନିର୍ଦ୍ଦେଶିତ ଏକ ଭିନ୍ନ ସ୍ୱାଦର କ୍ଷୁଦ୍ର ନାଟକ 'ନୂଆ ଜଗତକୁ କରୁ ସ୍ୱାଗତ' ମଞ୍ଚସ୍ଥ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନବକିଶୋର ଦାଶ, ଉପ ସଭାପତି ରସାନନ୍ଦ ଲେଙ୍କା, କାଳନ୍ଦୀ ଚାରଣ ସେନାପତି, ଶଙ୍କର୍ଷଣ ସେନାପତି, ଧୀରେନ୍ଦ୍ର ବେହେରା, ଦେବେନ୍ଦ୍ର କୁମାର ସେନାପତି, ଅଜୟ କୁମାର ଦଳାଇ ଓ ବୁଲେଇ ବେହେରାଙ୍କ ସହ ସମସ୍ତ ମାତୃ କର୍ମୀ ଏବଂ ଛାତ୍ରଛାତ୍ରୀମାନଙ୍କ ସମସ୍ତ ଅଭିଭାବକମାନେ ଉପସ୍ଥିତ ଥିଲେ ।

## ମା'ମଙ୍ଗଳାଙ୍କ ଝାମୁଯାତ୍ରାରେ ସେବାକାର୍ଯ୍ୟ



**ଅସ୍ତରଙ୍ଗ,୧୨।୪/ଏନ୍‌ଏନ୍‌ଏସ୍:** ବିଶ୍ୱ ପ୍ରସିଦ୍ଧ କାକଟପୁର ବାସିନୀ ମା ମଙ୍ଗଳା ଙ୍କର ଝାମୁଯାତ୍ରା ଚାଲୁ ରହିଛି । ଏହି ଯାତ୍ରା ମାସ ମାସ ଧରି ଚାଲୁ ରହିବ । ଦୈନିକ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ମା ଙ୍କୁ ଦର୍ଶନ କରିବା ନିମନ୍ତେ ଭିଡ଼ ଜମାଉଛନ୍ତି । ଯାତ୍ରା ବିଭିନ୍ନ ପ୍ରକାର ସାମଗ୍ରୀ ର ଷ୍ଟଲ ଖୋଲା ଯାଇଛି କ୍ଷ ଏହି ଅବସର ରେ ଡ଼ଃ ବି. ଆର୍. ଆମ୍ବେଦକର ଏଜୁକେଶନାଲ ଏବଂ ଡେଭେଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଦେୟ ମୁକ୍ତ ଆମ୍ବୁଲାନ୍ସ ସେବା, ଅନ୍ନ ସେବା ଓ ଦହି ପଣା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ ଆମ୍ବୁଲାନ୍ସ ଗାଡିକୁ ପତାକା ଦେଖାଇ ଅଭିଯାନ ଆରମ୍ଭ କରିଥିଲେ । କାକଟପୁର ବ୍ଲକ କଂଗ୍ରେସ ସଭାପତି ଅବଦ୍ଧୂତ ସ୍ୱାଇଁ ଓ ଅସ୍ତରଙ୍ଗ ବ୍ଲକ ସଭାପତି ପ୍ରତାପ ଖୁଣ୍ଟିଆ ବିଶିଷ୍ଟ ସମାଜସେବୀ ବିଚିତ୍ରାନନ୍ଦ ଦାଶ ଓ ଟ୍ରଷ୍ଟର ଅଧ୍ୟକ୍ଷ ତପନ କୁମାର କଣ୍ଡି ଉପାଧ୍ୟକ୍ଷ ହରିଶ ଚନ୍ଦ୍ର ବିଶ୍ୱାଳ ଙ୍କ ମିଳିତ ଉଦ୍ୟମ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକର୍ତ୍ତା ତପନ ରଞ୍ଜନ ଦାସ, ସୁମନ୍ତ ଭୋଇ, କ୍ଷୀରୋଦ ଭୋଇ, ଦେବାଶିଷ ରଥ, ଶୁଭଜିତ୍ ବିଶ୍ୱାଳ, ଧନେଶ୍ୱର କାଣ୍ଡି, ତପନ କାଣ୍ଡି, ସତ୍ୟବ୍ରତ ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଉତ୍କଳୀୟମ୍ ଫାଉଣ୍ଡେସନ ତରଫରୁ ବିଶ୍ୱ ଛେନାପୋଡ଼ ଦିବସ



**ବୋଲଗଡ଼,୧୨।୪/ଏନ୍‌ଏନ୍‌ଏସ୍:** ବୋଲଗଡ ବ୍ଲକ ଅନ୍ତର୍ଗତ ରାଜସୁନାଖଳା ଗଣେଶ ବଜାରସ୍ଥିତ ଲକ୍ଷ୍ମୀ ଟାୱାର ଠାରେ ଉତ୍କଳୀୟମ୍ ଫାଉଣ୍ଡେସନ ତରଫରୁ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଇଅଛି ।ଫାଉଣ୍ଡେସନର ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲା କମିଟି ଓ ସ୍ଥାନୀୟ ଅଂଚଳ ବାସୀ ମିଳିମିଶି ଛେନାପୋଡ଼ କାଟି ଓ ଅବିର ଖେଳି ବିଶ୍ୱ ଛେନାପୋଡ଼ ଦିବସ ପାଳନ କରିଛନ୍ତି । ତତସହିତ ପଥଚାରୀ ଓ ବାଟୋଇ ମାନଙ୍କୁ ଦହିପଣା,ଥଣ୍ଡା ପାନୀୟ ଓ ମିଶ୍ରି ପଣା ସହ ଛେନାପୋଡ଼ ଆଦି ବଣ୍ଟନ କରାଯାଇଥିଲା ।ନୟାଗଡ ଜିଲ୍ଲା ଦଶପଲ୍ଲା ଅଞ୍ଚଳର ସୁଦର୍ଶନ ସାହୁ ହିଁ ଛେନାପୋଡ଼ର ପ୍ରତିଷ୍ଠାତା ପ୍ରଥମେ ନୟାଗଡ କଚେରୀ ଛକ ଠାରେ ଏକ ଛୋଟ ଦୋକାନ କରି ପ୍ରଥମେ ଛେନାପୋଡ଼ ପ୍ରସ୍ତୁତ କରିଥିଲେ । ସେବେଠାରୁ ସମଗ୍ର ରାଜ୍ୟ, ଦେଶ ଓ ବିଦେଶକୁ ବ୍ୟାପକ କରିଥିଲେ । ତେଣୁ ତାଙ୍କର ଜନ୍ମଦିବସ ଅର୍ଥାତ ୧୧ ଏପ୍ରିଲରେ ୨୦୨୨ରେ ପାଳନ ହୋଇଥିଲା ଓ ଯାହାକୁ ରାଜ୍ୟ ସରକାର ୨୦୨୩ରେ ହାତକୁ ନେବା ସହ ପ୍ରଥମେ ଛେନାପୋଡ଼ ଦିବସ ପାଳନ କରିଥିଲେ ଓ ପରବର୍ତ୍ତୀ ସମୟରେ ଏହା ବ୍ୟାପକ ହେଉଛି । ଏହି ଅବସରରେ ଉତ୍କଳୀୟମ୍ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଯୁବ ଆଇନଜୀବୀ ରାଜୀବ ଲୋଚନ ପ୍ରଧାନ ଓ ଉତ୍କଳୀୟମ୍ ଫାଉଣ୍ଡେସନର ନୟାଗଡ ଜିଲ୍ଲା ସଂଯୋଜକ ଅଶୋକ କୁମାର ପ୍ରଧାନଙ୍କ ସଂଯୋଜନା କ୍ରମେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ରଣପୁର ବିଧାୟକ ତଥା ପ୍ରାକ୍ତନ ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ ଯୋଗଦେବା ସହ ଏହିଭଳି ନିଆରା କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଶଂସା କରିବା ସହ ଜନସାଧାରଣମାନେ ଉତ୍ସାହି ଯୁବ ସମାଜ ଓ ଉତ୍କଳୀୟମ୍ ଫାଉଣ୍ଡେସନ କାର୍ଯ୍ୟକର୍ତ୍ତା ମାନଙ୍କ ଏହିଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବରେ ସମାଜସେବୀ ସଚ୍ଚିକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଖୋର୍ଦ୍ଧା ଜିଲ୍ଲା ସାଧାରଣ ସମ୍ପାଦକ ରଘୁନାଥ ମଲ୍ଲିକ, ନୟାଗଡ଼ ଜିଲ୍ଲା ସଭାପତି ଅଶୋକ ପ୍ରଧାନ, ରବୀନ୍ଦ୍ର ବେହେରା, ଭାଗବତ ବେହେରା, ଶୁଭକାନ୍ତ ବେହେରା ଯୋଗଦେଇଥିଲେ ।

## ବ୍ଲକ୍ କଂଗ୍ରେସ ସଭାପତି ନିଯୁକ୍ତ

**ସାକ୍ଷୀଗୋପାଳ,୧୨।୪/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ବ୍ଲକ କଂଗ୍ରେସ ସଭାପତି ଭାବେ ଯୁବ ସମାଜସେବୀ ସୁବାଷ ଚନ୍ଦ୍ର ମହାପାତ୍ରଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତି ମିଳିଛି । ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ପକ୍ଷରୁ ପ୍ରକାଶିତ ପୁରୀ ଜିଲ୍ଲାର ସମସ୍ତ ବ୍ଲକ ଓ ଏନଏସି ପାଇଁ ନିଯୁକ୍ତ ଅଧ୍ୟକ୍ଷ ତାଲିକାରେ ସତ୍ୟବାଦୀ ବ୍ଲକ କଂଗ୍ରେସ ସଭାପତି ପାଇଁ ସୁବାଷ ଚନ୍ଦ୍ର ମହାପାତ୍ରଙ୍କ ନାମ ସ୍ଥାନିତ ହୋଇଥିବାରୁ ସମଗ୍ର ଅଞ୍ଚଳରେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଶ୍ରୀ ମହାପାତ୍ର କଂଗ୍ରେସ ଦଳର ଜଣେ ସକ୍ରୀୟ କର୍ମୀ ତଥା ଦକ୍ଷ ସଙ୍ଗଠକ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ଜଣାଶୁଣା । ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ସମସ୍ତଙ୍କୁ ନେଇ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିପାରିବାର ଦକ୍ଷତା ତାଙ୍କ ନିକଟରେ ରହିଛି । ଏହି ପରିପ୍ରେକ୍ଷୀରେ ତାଙ୍କୁ ସତ୍ୟବାଦୀ ବ୍ଲକ କଂଗ୍ରେସ ସଭାପତି ଦାୟିତ୍ୱ ମିଳିଥିବାରୁ ସେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଓ ସତ୍ୟବାଦୀର ବିଜ୍ଞ ନେତୃତ୍ୱ ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଧନ୍ୟବାଦ ଅର୍ପଣ କରିଛନ୍ତି ।

## କଂଗ୍ରେସର ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ



**ଖୋର୍ଦ୍ଧା,୧୨।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ବିଡିଏ କଲୋନୀଠାରେ ନୂତନ ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ରବିବାର ଅପରାହ୍ନ ୫ଟାରେ ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ଗୋଡ଼ିପୋଖରୀ ଛକରୁ ବାହାରି ନୂଆ ବସଷ୍ଟାଣ୍ଡ ଦେଇ ବିଡିଏ ସ୍ଥିତ ନୂତନ କଂଗ୍ରେସ ଭବନରେ ପହଞ୍ଚିଥିଲା । ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ଶୋଭାଯାତ୍ରାରେ ସାମିଲ ହୋଇ ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବା ସହ କର୍ମୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଆୟୋଜିତ ସମାବେଶକୁ ସମ୍ବୋଧିତ କରି ପିସିସି ସଭାପତି ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ । ସେ କହିଥିଲେ ଯେ ଓଡ଼ିଶାରେ ଗୁଜୁରାଟ ଶିଳ୍ପ ସଂସ୍ଥା ଓ ଠିକାଦାରଙ୍କ ରାଜ୍ ଚାଲିଛି । କେନ୍ଦ୍ର ସରକାରଙ୍କ ଦୁର୍ବଳ ଅର୍ଥନୀତି ଯୋଗୁଁ ଟଙ୍କାର ମୂଲ୍ୟ ହ୍ରାସ ପାଉଛି ଏବଂ ରାଜ୍ୟରେ ନାରୀ ଓ ଶିଶୁ ନିର୍ଯ୍ୟାତନା ବଢ଼ିବାରେ ଲାଗିଛି । ଚାଷୀଙ୍କୁ ଶୋଷଣ କରାଯାଉଛି ଓ ରାଜ୍ୟର ଖଣିଜ ସମ୍ପଦକୁ ଆଦାନୀ-ଅମ୍ବାନୀଙ୍କ ହାତକୁ ଟେକି ଦିଆଯାଇଛି । ଶ୍ରୀ ଦାସ ଆହୁରି ମଧ କହିଥିଲେ ଯେ 'ସୁଭଦ୍ରା ଯୋଜନା' ଏକ ପ୍ରହସନରେ ପରିଣତ ହୋଇଛି ଏବଂ ବେକାର ଯୁବକମାନେ କାମ ନପାଇ ବିଦେଶରୁ ଶବ ହୋଇ ଫେରୁଛନ୍ତି । ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ କର୍ମୀଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏଆଇସିସି ସହ ପ୍ରଭାରୀ ଜେ.ଟି. କୁସୁମ କୁମାର, ସୁରେଶ କୁମାର ରାଉତରାୟ, ସେବାଦଳ ରାଜ୍ୟ ସଭାପତି ଶୁଭେନ୍ଦୁ ମହାନ୍ତି, ସୋନାଲି ସାହୁ, ପ୍ରଦୀପ ସ୍ୱାଇଁ, ସନ୍ତୋଷ ଜେନା, ତପନ ଚକ୍ରବର୍ତ୍ତୀ, ସ୍ୱାଗତିକା ପଟ୍ଟନାୟକ, ସିଦ୍ଧାର୍ଥ ରାଉତରାୟ, ନିରଞ୍ଜନ ନାୟକ, ଜୟଶ୍ରୀ ପଟ୍ଟନାୟକ, ଶିଶିର ପରିଡ଼ା, ରଞ୍ଜିତ ମହାପାତ୍ର, ବେଣୁ ଭୋଇ, ଜୟନ୍ତ ଭୋଇ, ଅମିତ୍ ମହାନ୍ତି, ସୁବାସ ପାତ୍ର, ସଦାଶିବ ମହାପାତ୍ର, ସାଇଲେଣ୍ଟ ଦାସ, ବଟକୃଷ୍ଣ ରାଉତରାୟ, ଶିଶିର ମହାନ୍ତି, ପ୍ରମୋଦ ସ୍ୱାଇଁ, ଫକୀର ସାହୁ, ଶିଶିର ପଟ୍ଟନାୟକ, ସହିଦ ଖାନ, ତାପସ ମିଶ୍ର, ମହମ୍ମଦ ମୋହିଉଦ୍ଦିନ, ଶୁଭାଂଶୁ ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ବେହେରା, ଶିବପ୍ରସାଦ ଦାସ, ରମେଶ ପଟ୍ଟନାୟକ, ଜନ୍ମେଞ୍ଜୟ ସ୍ୱାଇଁ, ରମାକାନ୍ତ ପଟ୍ଟନାୟକ, ଅକ୍ଷୟ ମହାପାତ୍ର, ଉଗ୍ରେଶନ୍ ବିଶ୍ୱାଳ, ବିଜୟ ରଥ, ସମୀର ସ୍ୱାଇଁ, ଗୋପନ ମାର୍ଥା, ମିଳନ ପଟ୍ଟନାୟକ, ସୌମ୍ୟ ପଟ୍ଟନାୟକ, ସୌମ୍ୟ ବରାଳ, ପ୍ଲାବନ ପଟ୍ଟନାୟକ, ଜିତେନ୍ଦ୍ର ଚମ୍ପତି, ମନୱର ଅଲ୍ଲୀ ଖାନ୍, ଇନ୍ ଖାନ୍, ସାଦିକ୍ ଖାନ୍, ଦେବୀ ଦାସ ଏବଂ ଶିବୁ ନାୟକଙ୍କ ସମେତ ହଜାର ହଜାର କର୍ମୀ ଉପସ୍ଥିତ ଥିଲେ । ଖୋର୍ଦ୍ଧା, ଜଟଣୀ, ବେଗୁନିଆ, ବୋଲଗଡ଼, ଚିଲିକା ଓ ଜୟଦେବ ନିର୍ବାଚନ ମଣ୍ଡଳୀର ବହୁ ନେତା ଓ କର୍ମୀ ଏହି ସମାବେଶରେ ଯୋଗ ଦେଇଥିଲେ ।

# କୋମଣ୍ଡ ଓ ରୋହିବାଙ୍କରେ ବେଆଇନ ଖଣି କାରବାର

## ମାଫିଆଙ୍କ ମୁଖ୍ୟନାୟକଙ୍କୁ ଖୋଜି ପାଉନି ପୁଲିସ

**ଓଡ଼ଗାଁ,୧୨।୪/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ଓ ରୋହିବାଙ୍କ ପଞ୍ଚାୟତରେ ମାଙ୍କଡ଼ା ପଥର ଚୋରା କାରବାର ହେଉଛି। ପଥର ମାଫିଆମାନେ ଲୋକଙ୍କ ଜମିକୁ କିଣି ସେଥିରୁ ମାଙ୍କଡ଼ା କାଟି ବାହାରେ ଚଢାଦରରେ ବିକ୍ରି କରୁଛନ୍ତି। ଗତବର୍ଷ ଖଣିବିଭାଗ କର୍ମଚାରୀ ଓ ପୁଲିସ କର୍ମଚାରୀମାନେ ବେଆଇନ ଖଣିରେ ପଶି କିଛି ପଥରକଟା ମେସିନ, ୪୦୭ ଓ ଟ୍ରକକୁ ଜବତକରି କାମସାରି ଦେଇଥିଲେ। ଏହାପରଠୁ ଖଣିବିଭାଗ କେବେ ଧରପଗଡ଼ କରିନଥିବା ଜଣାପଡ଼ିଛି। ସେତିକିନୁହଁ ଓଡ଼ଗାଁ ପୁଲିସ ପାଟ୍ରୋଲିଂ ସମୟରେ କେତେକ ଗାଡ଼ିକୁ ଜବତକରି ଥାନାକୁ ଆଣିଥିବା ଜଣାପଡ଼ିଛି। ଏହି ବେଆଇନ ମାଙ୍କଡ଼ା ପଥର କାରବାର ଗଂଜାମ ଠାରୁ ଆରମ୍ଭକରି ବୌଦ୍ଧ ଓ ଖୋର୍ଦ୍ଧା ଜିଲ୍ଲାକୁ ନିର୍ଦ୍ୱନ୍ଦ୍ୱରେ ଯିବାଆସିବା କରୁଛି। ରାତିରେ ବିଭିନ୍ନ ଥାନା,ଫାଣ୍ଡି ଓ ତହସିଲ ଦେଇ ଗାଡ଼ି ଚଳାଚଳ କରୁଥିଲେମଧ୍ୟ ସରକାରୀ ବଡ଼ପଣ୍ଡାମାନେ ସବୁଜାଣି କୁମ୍ଭକର୍ଣ୍ଣ ନିଦ୍ରାରେ ଥିବାଜଣାପଡ଼ିଛି। ଦୈନିକ ଶହ ଶହ ଟ୍ରିପ୍ ପଥର ବାହାରକୁ ଯାଉଛି ତାହା ନୁହଁ ଖଣି ଭିତରେ କଟର ଲଗାଇ ପଥର କଟାଯାଉଛି। ଏହି ଖଣି ଏମିତି ହୋଇଛି ଦେଖିଲେ ଆଖି ଖୋସି ହୋଇପଡ଼ିବ। ୨୦ରୁ ୨୫ ଫୁଟ ଗଭୀରତା ଭିତରେ



ଶ୍ରମିକମାନଙ୍କୁ ନେଇ କାମ କରାଯାଉଛି। ବିଳମ୍ବିତ ରାତିର ସୁଯୋଗ ନେଇ ଏହି କାରବାର ହେଉଥିଲେ ମଧ୍ୟ ଖଣିବିଭାଗ ସାହାସ ଜୁଟାଇ ଭିତରେ ପଶି ପାରୁନଥିବା ସ୍ଥାନୀୟ ଲୋକେ କହିଛନ୍ତି। ପଥର କାଟିବା ବେଳେ କିମ୍ବା ଦ୍ରୁତ ଗତିରେ ଗାଡ଼ିଚାଳନା ସମୟରେ ଯଦି କିଛି ଅଘଟଣ ଘଟେ ତେବେ ଘଟଣାକୁ ନିଜ ଭିତରେ ଚାପି ଦିଆଯାଉଛି। ଏହି ଶ୍ରମିକମାନଙ୍କୁ ବିଭିନ୍ନ ଜିଲ୍ଲାରୁ ଆଣି କାର୍ଯ୍ୟରେ ନିୟୋଜିତ କରାଯାଉଥିବାରୁ ଘଟଣା ବାହାରକୁ ଯାଇପାରୁନି। କୋମଣ୍ଡ, ରୋହିବାଙ୍କ ଅଞ୍ଚଳରେ ୧୫ରୁ ଊର୍ଦ୍ଧ୍ୱ ଖଣି ଚାଲିଥିବା ଅନୁମାନ କରାଯାଉଛି। ରାତିରେ ଖଣି ମାଫିଆମାନେ ଥାନା, ତହସିଲ ଠାରୁ ଆରମ୍ଭକରି ବିଭିନ୍ନ ଛକରେ ଆଡ଼ା ଜମାଉଛନ୍ତି। ଯଦି କୌଣସି ଗାଡ଼ି ଖଣି ମୁହାଁହେଲା ଥାନା କିମ୍ବା ତହସିଲ କର୍ମଚାରୀମାନେ ଗଲେ ତେବେ ଫୋନ୍ ଯୋଗେ ଯୋଗାଯୋଗ କରି ଖଣିଛାଡ଼ି ଚାଲି ଯାଉଛନ୍ତି। ଏମିତିକି ସେହି ଅଞ୍ଚଳକୁ ଅନ୍ଧାର କରିଦେବାରୁ ସରକାରୀ କର୍ମଚାରୀମାନେ ଫେରି ଆସୁଛନ୍ତି। ଏହି ଘଟଣା ଏବେ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ କଥାରେ ବସ୍ ଉଠ୍ ହେଉଥିବା ଜଣାପଡ଼ିଛି। ତୁରନ୍ତ ବେଆଇନ ମାଙ୍କଡ଼ା ଖଣିକୁ ବନ୍ଦକରିବା ସହିତ ଖଣି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବିଉଠିଛି। ଅପରପକ୍ଷେ ଏହି ବେଆଇନ ଖଣି କାରବାର ପଛରେ କିଛି କୁଜିନେତାଙ୍କ ହାତଥିବା ମଧ୍ୟ କୁହାଯାଉଛି। ଘଟଣାର ତଦନ୍ତ କେଉଁଆଡ଼େ ଯାଉଛି ଓ ଖଣି ବିଭାଗ କି ପ୍ରକାର ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକିରହିଲା।

# ୨୧ରେ ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ



**ଭୁବନେଶ୍ୱର,୧୨।୪/ଏନ୍‌ଏନ୍‌ଏସ୍:** ଆସନ୍ତା ୨୧ ତାରିଖରେ ଦିନିକିଆ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି ଅବସରରେ ସେ ସାର୍ବଜନନୀ ଭିତ୍ତିଭୂମି ଏବଂ ପ୍ରକଳ୍ପର ଉଦଘାଟନ କରିବେ। ଏହା ସହିତ ରାଷ୍ଟ୍ରପତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ସୂଚନା ଅନୁଯାୟୀ, ଏପ୍ରିଲ ୨୧ ତାରିଖ ପୂର୍ବାହ୍ଣ ୧୧.୧୦ ମିନିଟରେ ରାଉରକେଲା ବିମାନ ବନ୍ଦରରେ ପହଞ୍ଚିବେ ରାଷ୍ଟ୍ରପତି। ଏହା ପରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବାହାରିବେ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର, ବିଜ୍ଞାନ ପାର୍କ ଏବଂ ପ୍ଲାନେଟୋରିୟମ, କୋଏଲ ନଗର ମନୋରଞ୍ଜନ ପାର୍କ, ଆଦିବାସୀ ସଂଗ୍ରହାଳୟ (ରାଉରକେଲା-ୱାନ୍) ଉଦଘାଟନ କରିବେ। ସେହି ଦିନ ଅପରାହ୍ନ ୪.୦୫ ମିନିଟ୍ ସମୟରେ ଦ୍ରୌପଦୀ ମୁର୍ମୁ ଦିଲ୍ଲୀ ଫେରିଯିବେ। ଏହି ଅବସରରେ ରାଷ୍ଟ୍ରପତି ୧୫୭.୪୪ କୋଟି ଟଙ୍କାର ମୋଟ୍ ୪ଟି ପ୍ରକଳ୍ପ ଉଦ୍‌ଘାଟନ କରିବେ। ସେଗୁଡ଼ିକ ହେଲା, ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର (୪୮ କୋଟି), ଆଦିବାସୀ ସଂଗ୍ରହାଳୟ (୪୦ କୋଟି), କୋଏଲ ନଦୀକୂଳ ମନୋରଞ୍ଜନ ପାର୍କ (୪୨.୪୪ କୋଟି) ଏବଂ ଛେଣ୍ଡସ୍ଥିତ ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍ (୨୭ କୋଟି)। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ରାଷ୍ଟ୍ରପତିଙ୍କ ପ୍ରଥମ ରାଉରକେଲା ଗସ୍ତକୁ ନେଇ ସମସ୍ତେ ବେଶ୍ ଉତ୍ସାହିତ।

# ଶିକ୍ଷକ ପର୍ଶୁରାମଙ୍କ ଶୋକସଭା

**ଡେଲାଙ୍ଗ,୧୨।୪/ଏନ୍‌ଏନ୍‌ଏସ୍:** ଦିବଙ୍ଗତ ଶିକ୍ଷକ ପର୍ଶୁରାମ ସାହୁଙ୍କ ଶୋକସଭା ହରିପୁର ସ୍ଥିତ ବାସଭବନରେ ଶିକ୍ଷାବିତ୍ ଚକ୍ରଧର ପ୍ରଧାନଙ୍କ ଅଧ୍ୟତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷକ ନାରାୟଣ ବେହେରା, ମନୋରଞ୍ଜନ ପ୍ରଧାନ, ପବିତ୍ର ମୋହନ ଜେନା, ସିଆରସିସି କୃତିବାସ ପରିଡା, ତପନ ମଲ୍ଲିକ୍, ଭୁପତି ତ୍ରିପାଠୀ, ଜୟକାନ୍ତୀ ମେଞ୍ଚା, ଶିକ୍ଷାବିତ୍ ମିଟୁକିଶୋର ପ୍ରଧାନ, ଅଭୟଚରଣ ସାହୁ ପ୍ରମୁଖ ଉପସ୍ଥିତ ରହି ଦିବଙ୍ଗତ ଶିକ୍ଷକ ଶ୍ରୀ ସାହୁ ଛାତ୍ର ସମାଜ ପ୍ରତି ଅବଦାନ, ମେଳାପିଗୁଣ, ମଧୁର ବଚନ, ସହଯୋଗୀ ମନୋଭାବ ନେଇ ଆଲୋକପାତ କରିଥିଲେ। ତାଙ୍କ ଅକାଳ ବିୟୋଗ ନେଇ ପତ୍ନୀ ମନୋରମାକୁ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସଂଘ ସମ୍ପାଦକ ପ୍ରଶାନ୍ତ ଦାଶ, ପ୍ରଦୀପ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ସୁରେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସଫଳ ବିଦ୍ୟାର୍ଥୀ ସମ୍ମାନ ପ୍ରଦାନ

**ଫୁଲନଖରା,୧୨।୪/ଏନ୍‌ଏନ୍‌ଏସ୍:** ସାଂସ୍କୃତିକ ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର, ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ, ଓଡ଼ିଶା(ବିସିଟି) ଓ ଆରାଧ୍ୟା କଲଚରାଲ ଏକାଡେମୀ(ଏସିଏ) ଫୁଲନଖରା କନିଷ୍ଠ ବିଭାଗର ସଭ୍ୟା ସୁଶ୍ରୀ ପାତଞ୍ଜଳି ଦାସ ଶିକ୍ଷା ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନେଇ ଯାଦବ ମହାସଭା ବରୀ ପକ୍ଷରୁ ମାନପତ୍ର,ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସଫଳ ବିଦ୍ୟାର୍ଥୀ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯାଜପୁର ଜିଲ୍ଲା ବରୀ ବ୍ଲକ ଡିହବାରିଙ୍ଗ ନିବାସୀ ବିଶିଷ୍ଟ ସମାଜସେବୀ ତଥା ରାଜନୀତିଜ୍ଞ ନିର୍ମଳ ଚନ୍ଦ୍ର ଦାସ, ଆଦର୍ଶ ନାରୀ ପ୍ରତିଭା ତଥା ଶିକ୍ଷାବିତ୍ ଟୁନିରାଣୀ ସେନାପତିଙ୍କ ସୁକନ୍ୟା କଟକ କେନ୍ଦ୍ରୀୟ ବିଦ୍ୟାଳୟ-୨ ଠାରେ ଶିକ୍ଷା କ୍ଷେତ୍ରରେ ସଫଳତା ଅର୍ଜନ ସହ ଅଧୁନା ଯୁକ୍ତଦୁଇ ବିଜ୍ଞାନ ପାଠ୍ୟକ୍ରମ ଶିକ୍ଷାଲାଭ କରୁଛନ୍ତି। ପାତଞ୍ଜଳି ଜଣେ ମେଧା ପ୍ରତିଭା, କଣ୍ଠଶିଳ୍ପୀ ଏବଂ ସାହିତ୍ୟ ସାଧନା ଦିଗରେ ରୁଚି ରଖିଛନ୍ତି।

# ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ

**ବୟାଳିଶମୌଜା,୧୨।୪/ଏନ୍‌ଏନ୍‌ଏସ୍:** କଟକ ସଦର ବୟାଳିଶମୌଜା ସ୍ଥିତ ସୁଦର୍ଶନ ମହାବିଦ୍ୟାଳୟରେ ଚଳିତ ଏପ୍ରିଲ ୧ ତାରିଖରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ ୨୦୨୬' ପାଳନ କରାଯାଉଛି। ଏହି ଉପଲକ୍ଷେ ଓଡ଼ିଆ ଅସ୍ମିତାକୁ ଆଖି ଆଗରେ ରଖି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ରଚନା, ଗଳ୍ପ ଲିଖନ ଓ କବିତା ରଚନା ସହିତ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜିତ କରାଯାଇଥିଲା। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା କଲେଜ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ଓଡ଼ିଆ ଖାଦ୍ୟ, ହସ୍ତତନ୍ତ ବସ୍ତ୍ର ପରିଧାନ ଓ ଓଡ଼ିଆ ପୁସ୍ତକ କ୍ରୟ ନିମନ୍ତେ ସମସ୍ତଙ୍କୁ ଉତ୍ସାହିତ କରାଯାଇଥିଲା। ରକ୍ତଦାନର ଆବଶ୍ୟକତା ଉପରେ ଜାତୀୟ ସେବା ଯୋଜନା ଓ ୟୁଥ ରେଡ଼କ୍ରସ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ସୁଦର୍ଶନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଅଧ୍ୟାପକ ସତ୍ୟରଞ୍ଜନ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତ ଦାନର ଆବଶ୍ୟକତା ଓ ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ୍ୱର ଦାଶ ସଭାପତିତ୍ୱ କରିଥିବା ବେଳେ ଏନ.ଏସ.ଏସ ଅଧିକାରୀ ବିରଞ୍ଚି କୁମାର ମହାପାତ୍ର ଓ ରେଡ଼କ୍ରସ ଅଧିକାରୀ ଡ଼ଃ ସଂଘମିତ୍ରା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜର ବରିଷ୍ଠ ଅଧ୍ୟାପିକା ରୂପାନନ୍ଦା କାନୁନଗୋ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଓଡ଼ିଆ ପର୍ବ ପାଳନ ପାଇଁ ବିଭିନ୍ନ ପ୍ରତିଯୋଗିତା

**ବାଲିପାଟଣା,୧୨।୪/ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାର ଙ୍କ ତରଫରୁ ଚଳିତ ମାସ ରେ ପାଳିତ ହେଉଥିବା ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମ ଅନୁସାର ଆଜି ବାଲିପାଟଣା ବ୍ଲକ ପରିସର ରେ ଏହା ଯଥାରୀତି ଆୟୋଜିତ ହୋଇଥିଲା। ମହିଳା ମାନଙ୍କ ମଧ୍ୟରେ ଝୋଟି, ହୁଳହୁଳି ଓ ଶଙ୍ଖ ଫୁଙ୍କିବା ପ୍ରତିଯୋଗିତା ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦିବ୍ୟରଞ୍ଜନ ମହାପାତ୍ର ଙ୍କ ପରିଚାଳନାରେ ଆୟୋଜିତ ସଭାରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ଜେନା, ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ସିଡ଼ିପିଓ ରୁନୁବାଳା ସାହୁ, ସରପଞ୍ଚ ବାହାନ ଭୋଇ, ଯୋଗାଣ ଅଧିକାରୀ ନେତ୍ରାନନ୍ଦ ବେହେରା, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ଓ ସାମ୍ବାଦିକ ଅଭିମନ୍ୟୁ ନାୟକ ପ୍ରମୁଖ ଓଡ଼ିଆ ଭାଷା ରେ କହିବା, ଓଡ଼ିଆ ଖାଦ୍ୟ ଖାଇବା, ଓଡ଼ିଆ ଘରର ଚଳନୀ କୁ ନେଇ ଗର୍ବ କରିବା ଉପରେ ଗୁରୁତ୍ୱ ଦେଇ ବକ୍ତବ୍ୟ ରଖିଥିଲେ। ଅଙ୍ଗନବାଡି କର୍ମୀମାନଙ୍କ ଦ୍ୱାରା ଓଡ଼ିଆ ଖାଦ୍ୟ ପ୍ରଦର୍ଶନୀରେ ଅତ୍ୟନ୍ତ ସୁସ୍ୱାଦୁ ପିଠା ଓ ପାରମ୍ପରିକ ସାମଗ୍ରୀର ପ୍ରଦର୍ଶନ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଥିଲା। ଶେଷରେ ପ୍ରଭାତ କୁମାର ଜେନାଙ୍କ ଆୟୋଜନରେ ପଖାଳ ସହିତ ଅନ୍ୟାନ୍ୟ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହୋଇ ଅଂଶଗ୍ରହଣକାରୀଙ୍କୁ ପରଷା ଯାଇଥିଲା।

# ଶ୍ରୀନୀଳମାଧବଙ୍କ କ୍ଷେତ୍ରରେ ଏଟିଏମ୍ ଅଚଳ, ପର୍ଯ୍ୟଟକ ହନ୍ତସନ୍ତ

**କଣ୍ଟିଲୋ,୧୨।୪/ଏନ୍‌ଏନ୍‌ଏସ୍:** କଣ୍ଟିଲୋରେ ବିରାଜିତ ପ୍ରଭୁ ଶ୍ରୀ ନୀଳମାଧବଙ୍କ ପୀଠରେ ଥିବା ଏଟିଏମ୍‌ଗୁଡ଼ିକ ମଧ୍ୟରୁ କୌଣସି ନା କୌଣସି ଏଟିଏମ ପ୍ରତି ମାସରେ ପ୍ରାୟ ୭ରୁ ୮ ଦିନ ପର୍ଯ୍ୟନ୍ତ ଅଚଳ ହୋଇପଡୁଥିବା ଯୋଗୁ ସ୍ଥାନୀୟ ଅଧିବାସୀମାନଙ୍କ ସମେତ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ବହୁ ହନ୍ତସନ୍ତ ଓ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଏ ନେଇ ଦିନକୁ ଦିନ ଜନଅସନ୍ତୋଷ ବୃଦ୍ଧି ପାଉଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ଯେ, ଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ତଥା ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଚିତ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କୁ ଦର୍ଶନ କରିବା ତଥା କଂସା ପିତ୍ତଳ ବାସନ କ୍ରୟ ବିକ୍ରୟ କରିବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି। ଯେହେତୁ ପ୍ରମୁଖ ସ୍ଥାନ ମାନଙ୍କରେ ଏଟିଏମ୍‌ର ସୁବିଧା ଅଛି ଏବଂ ଚୋରି ହାରି ଭୟରେ ପର୍ଯ୍ୟଟକ ମାନେ ନିଜ ପାଖରେ ହଜାର ହଜାର ଟଙ୍କା ନ ରଖି ଏଟିଏମ୍‌ରୁ ନିଜର ଆବଶ୍ୟକତା ଅନୁଯାୟୀ ଟଙ୍କା ଉଠାଣ କରିଥାନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ, ଦୁଇଦିନ ଧରି ବ୍ୟାଙ୍କ୍ ଗୁଡ଼ିକ ଛୁଟିଥିବା ବେଳେ କଣ୍ଟିଲୋରେ ଥିବା ୟୁକୋ ବ୍ୟାଙ୍କ୍, ଷ୍ଟେଟ୍ ବ୍ୟାଙ୍କ, ଓଜିବି ବ୍ୟାଙ୍କ୍‌ର ଏଟିଏମ୍‌ଗୁଡିକରେ ଟଙ୍କା ନଥିବା ଓ କେଉଁଟା ଖରାପ ହୋଇ ଅଚଳ ଅବସ୍ଥାରେ ଥିବା ହେତୁ ପର୍ଯ୍ୟଟକ, ଭକ୍ତ ଓ ସର୍ବସାଧାରଣ ଜନତା ବହୁ ହଇରାଣ ହେବା ସହ ଜନଅସନ୍ତୋଷ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ପ୍ରତି ମାସରେ ଲଗାତାର ଏକକାଳୀନ ଅଚଳ ହୋଇ ସର୍ବ ସାଧାରଣଙ୍କ ସେବାରେ ବ୍ୟାଘାତ ସୃଷ୍ଟି କରୁଥିବା ବହୁ ନଜିର ଅଛି। ତେଣୁ ଏହି ଆଦି ପୀଠ ତଥା ପ୍ରମୁଖ ପର୍ଯ୍ୟଟନ ସ୍ଥଳକୁ ପ୍ରତିଦିନ ଆସୁଥିବା ହଜାର ହଜାର ପର୍ଯ୍ୟଟକ ଓ ସର୍ବ ସାଧାରଣ ଜନତାଙ୍କୁ ପ୍ରତି ମୁହୂର୍ତ୍ତରେ ଏଟିଏମ ସୁବିଧା ଯୋଗାଇଦେବାକୁ ସଂପୃକ୍ତ ବ୍ୟାଙ୍କ୍ ଗୁଡ଼ିକର ଶାଖା ପରିଚାଳକ ଓ ସର୍ବୋଚ୍ଚ ଅଧିକାରୀମାନେ ଅଗ୍ରାଧିକାର ସୂତ୍ରେ କାର୍ଯ୍ୟ କରିବା ପାଇଁ ପର୍ଯ୍ୟଟକ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଦାବି କରିଛନ୍ତି।

# ସରକାରୀ ଯୋଜନା କାର୍ଯ୍ୟକାରୀ ନାଁରେ ଶହ ଶହ ଟ୍ରିପ୍ ମୋରମ ଚାଲାଣ

**ଖୋର୍ଦ୍ଧା,୧୨।୪/ଏନ୍‌ଏନ୍‌ଏସ୍:** ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଭୁଇଁପୁର ଠାରେ ପ୍ରାୟ ୪୦,୮୦୦ କୋଟି ବ୍ୟୟ ଅଟକଳରେ ୩୬ ଗୋଟି ଶିଳ୍ପ ଅନୁଷ୍ଠାନ ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ବେଳେ କିଛି ମୁଷ୍ଟିମେୟ ରାଜନେତା, ଅସାଧୁ ସରକାରୀ ଅଧିକାରୀ ଏବଂ କର୍ମଚାରୀ ଚଳଚଞ୍ଚଳ ହୋଇପଡ଼ିଛନ୍ତି। ବେଗୁନିଆ ତହସିଲ ଅଧିନସ୍ଥ କୁଶପଲ୍ଲା ଗ୍ରାମରେ ଥିବା ଗୁଡ଼ିଆ ପୋଖରୀର ପୁନଃରୁଦ୍ଧାର ନିମନ୍ତେ ବେଗୁନିଆ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନରେ ପୋଖରି ଖୋଳା କାର୍ଯ୍ୟ ଚାଲୁଥିବା ବେଳେ ସେଥିରୁ ବାହାରୁଥିବା ମାଟି ଓ ମୋରମ ଗୁଡିକ ପୋଖରୀ ହୁଡାରେ ପକାଇବା ପାଇଁ ନିୟମ ରହିଛି। କିନ୍ତୁ ସ୍ଥାନୀୟ ଅଞ୍ଚଳର ଜଣେ ମୁଷ୍ଟିମେୟ ନେତାଙ୍କ ତତ୍ତ୍ୱାବଧାନରେ ଗୁଡ଼ିଆ ପୋଖରୀରୁ ଖନନ ସମୟରେ ବାହାରୁଥିବା ଶହ ଶହ ଟ୍ରିପ୍ ମୋରମ ଓ ମାଟି ପୋଖରୀ ହୁଡାରେ ନ ପକାଇ ମଧ୍ୟ ରାତ୍ରୀରେ ହାଇୱା ଟ୍ରକ୍ ସାହାଯ୍ୟରେ ସ୍ଥାନୀୟ ଅଞ୍ଚଳରେ ନୂତନ ଭାବରେ ନିର୍ମାଣ କରାଯାଉଥିବା ଶିଳ୍ପାନୁଷ୍ଠାନ ଗୁଡ଼ିକୁ ଚଢ଼ା ଦରରେ ବିକ୍ରି କରାଯାଉଛି। ଠିକ୍ ସେହିପରି ଭାବରେ କୁଶପଲ୍ଲା ଗ୍ରାମରେ ଥିବା ନାକଟିଚଣିଆ ପୋଖରୀକୁ ସରକାରୀ ଯୋଜନାରେ ପୁନଃରୁଦ୍ଧାର କରିବା ଆଳରେ ଶହ ଶହ ଟ୍ରିପ ମାଟି ଓ ମୋରମ ରାତି ଅଧରେ ଅନ୍ୟତ୍ର ଚାଲାଣ ହେଉଥିବା ଖବର ପାଇ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଏହାକୁ ଘୋର ବିରୋଧ କରିବାରୁ ସେହି ମୋରମ ଓ ମାଟି ବୋଝେଇ ହାଇୱା ଟ୍ରକ୍‌ଗୁଡିକ କୁଶପଲ୍ଲା ନିକଟରେ ଥିବା ମଙ୍ଗଳା ମନ୍ଦିର ନିକଟରେ ପକାଇ ଅନ୍ୟତ୍ର ଚାଲିଯାଇଥିଲେ ଏବଂ ସୁଯୋଗ ଦେଖି ସେହି ମୋରମ ଓ ମାଟିଗୁଡିକ ଅନ୍ୟତ୍ର ଚାଲାଣ କରାଯାଇଛି। ରାଜ୍ୟ ସରକାର ସ୍ଥାନୀୟ ଅଞ୍ଚଳରେ ଶିଳ୍ପାନୁଷ୍ଠାନ ସ୍ଥାପନ କରି ବେକାରୀ ସମସ୍ୟା ଦୂର କରିବା ସହିତ ଦେଶ ଓ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ଉଦ୍ୟମ ଜାରି ରଖିଥିବା ବେଳେ କିଛି ମୁଷ୍ଟିମେୟ ରାଜନେତା, ଅସାଧୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ମାନଙ୍କ ଯୋଗୁଁ ସ୍ଥାନୀୟ ଅଞ୍ଚଳ ଆଜି ମରୁଭୂମିରେ ପରିଣତ ହେବାକୁ ଯାଉଛି। ଏପରିକି ଶ୍ମଶାନ, ଗୋଚର ଏବଂ ଅନ୍ୟ କିସମର ସରକାରୀ ଜମି, ପୋଖରୀରୁ ରାତି ଅଧିଆ ଶହ ଶହ ଟ୍ରିପ ମୋରମ, ମାଟି ଶିଳ୍ପାନୁଷ୍ଠାନ ଗୁଡିକ ପ୍ରତିଷ୍ଠା ନାଁରେ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆଢୁଆଳରେ ଚାଲାଣ ହେଉଥିବା ବେଳେ ଏହାକୁ ବିରୋଧ କଲେ ଜୀବନରେ ମାରି ଦେବାର ଧମକ ମଧ୍ୟ ଦିଆଯାଉଛି। ଏ ସମ୍ପର୍କରେ ବେଗୁନିଆ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ତାଙ୍କର ଚିରାଚରିତ ଢଙ୍ଗରେ ମାଟି ଓ ମୋରମ ସରକାରୀ ଯୋଜନାରେ ବ୍ୟବହାର କରାଯାଉଛି ବୋଲି ସ୍ପଷ୍ଟୀକରଣ ଦେଇଥିଲେ। ପୋଖରୀ ଏବଂ ସରକାରୀ ଜମିଗୁଡିକରୁ ଆବଶ୍ୟକ ଠାରୁ ଅଧିକ ଖୋଳା ଯାଉଥିବା ଯୋଗୁଁ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହେଉଛି। ଫଳରେ ଟିକିଏ ବର୍ଷା ହେବା ଦ୍ୱାରା ପାଣି ଭର୍ତ୍ତି ହୋଇ ରହୁଛି। ପୋଖରୀକୁ ଶୌଚ ହେବା ପାଇଁ ଯାଉଥିବା ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ପୋଖରୀର ଗଭୀରତାକୁ ଜାଣି ନ ପାରି ପାଣିରେ ବୁଡ଼ି ମୃତ୍ୟୁବରଣ କରୁଥିବା ମଧ୍ୟ ନଜିର ରହିଛି। ନିକଟରେ ବେଗୁନିଆ ଗ୍ରାମର ପ୍ରତାପ କୁମାର ସାହୁ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିବା ସମୟରେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ନାରେ ବେଗୁନିଆ ଅଞ୍ଚଳରେ ଖଣିଜ ସମ୍ପଦ ଗୁଡିକ ଯେଉଁ ହରିଲୁଟ ଚାଲିଛି ତାକୁ ରୋକା ନଗଲେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଖୋରଧା ଜିଲ୍ଲା ପ୍ରଶାସନ ଏବଂ ରାଜସ୍ୱ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

# ଗ୍ୟାସ୍ ବିତରକଙ୍କ ଠକ୍ଷକତା: ଗ୍ରାହକଙ୍କୁ ମିଳୁନି, କଳାବଜାରରେ ବିକ୍ରି ଅଭିଯୋଗ

**କଣ୍ଟିଲୋ,୧୨।୪/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ବର୍ତ୍ତମାନ ସମଗ୍ର ରାଜ୍ୟରେ ଖାଉଟି ଗ୍ରାହକ ମାନଙ୍କ ପାଇଁ ଗ୍ୟାସ ସମସ୍ୟା ବହୁଳଭାବେ ଦେଖା ଦେଉଥିବା ଏବଂ ବୁକିଂ କରି ଘଣ୍ଟା ଘଣ୍ଟା ଧରି ଖରାରେ ଧାଡ଼ିରେ ଛିଡ଼ା ହୋଇ ନିରାଶ ହୋଇ ଫେରୁଥିବା ବେଳେ ଖଣ୍ଡପଡ଼ା ଗ୍ୟାସ ବିତରକ ଠକ୍ଷକତାର ସହ ଗ୍ୟାସ ଖୋଲା ବଜାରରେ ବ୍ୟବସାୟୀ ମାନଙ୍କୁ ଅଧିକ ରୋଜଗାର ପାଇଁ ବିକ୍ରୟ କରୁଥିବା ଅଭିଯୋଗ ହେଉଛି। ସୂଚନାରୁ ପ୍ରକାଶ ଯେ, ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ରନ୍ଧନ ଗ୍ୟାସ ଯୋଗାଇବା ପାଇଁ କାଳନ୍ଦୀ କୁମାର ଦାସ 'ଓମ୍ ଭାରତ ଗ୍ୟାସ ଗ୍ରାମୀଣ ବିତରକ'ର ଏଜେନ୍ସୀ ନେଇଥିଲେ। ଏବେ ଶୁଣିବାକୁ ମିଳୁଛି ଶ୍ରୀ ଦାସ ଏହି ସଂସ୍ଥାକୁ ଅନ୍ୟ ଜୈନେକ୍ ଚନ୍ଦନ ନାମକ ବ୍ୟକ୍ତିଙ୍କୁ ହସ୍ତାନ୍ତର କରିଦେଇଛନ୍ତି। ସେହି ବ୍ୟକ୍ତି ଚଞ୍ଚକତା କରି କଣ୍ଟିଲୋ ଗ୍ରାମର ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କର ଖାଉଟି ରନ୍ଧନ ଗ୍ୟାସକୁ ଖୋଲା ବଜାରରେ ହୋଟେଲ ଓ ଜଳଖିଆ ଦୋକାନୀ ମାନଙ୍କ ଠାରୁ ଗ୍ୟାସ ମୂଲ୍ୟର ଦୁଇଗୁଣା ଅର୍ଥ ସଂଗ୍ରହ କରି ବିକ୍ରୟ କରୁଥିବା ଅଭିଯୋଗ ହେଉଛି। ଏହାର ଜ୍ୱଳନ୍ତ ପ୍ରମାଣ ହେଉଛି କଣ୍ଟିଲୋ ର ଖାଉଟି ମାନେ ବୁକିଙ୍ଗ କରି ଗ୍ୟାସ ଆଣିବା ପାଇଁ ଖଣ୍ଡପଡ଼ା ଡିପୋକୁ ଯାଇ ଖରାରେ ଘଣ୍ଟା ଘଣ୍ଟା ଧାଡ଼ିରେ ଅପେକ୍ଷା କରି ନିରାଶ ହୁଅନ୍ତି। ଦ୍ୱିତୀୟତଃ ବର୍ଷ ବର୍ଷ ଧରି ପ୍ରତ୍ୟେକ ବିତରକମାନେ ଗ୍ୟାସ୍‌କୁ ଡୋର୍ ଡେଲିଭରୀ କରୁଥିଲେ। କିନ୍ତୁ ନୂତନ ଭାବେ ସଂସ୍ଥା ଚଳାଉଥିବା ବ୍ୟକ୍ତି ଗ୍ରାହକମାନଙ୍କୁ ଦୁର୍ବ୍ୟବହାର କରି ଫେରାଇ ଦେଉଥିବା ଅଭିଯୋଗ ହେଉଛି। ଓକିଲ, ସାମ୍ବାଦିକ, ଶିକ୍ଷାବିତ୍, ସମାଜସେବୀ ଓ ସାଧାରଣ ଜନତାଙ୍କ ଗ୍ୟାସ୍‌କୁ କଳବଜାରରେ ବିକ୍ରି କରୁଥିବା ଅଭିଯୋଗରୁ ଜଣାଯାଏ। ଯଥାଶୀଘ୍ର ଏହି ଅଞ୍ଚଳରେ ରହିଥିବା ଗ୍ୟାସ୍ ବିତରକମାନେ ସରକାରଙ୍କ ନିୟମାନୁସାରେ ଖାଉଟିମାନଙ୍କୁ ଗ୍ୟାସ୍ ଯୋଗାଇଦେବା ସହ ଏଥିରେ ଅବହେଳା କରିଥିବା ସଂପୃକ୍ତ ମାଲିକଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପଭୋକ୍ତାମାନେ ଦାବି କରିଛନ୍ତି।

# ଏନ୍‌ଏସିରେ ଉନ୍ନୟନ କାର୍ଯ୍ୟ ଦିଗହରା

**ବାଣପୁର,୧୨।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଣପୁର ଏନଏସି ରେ ଉନ୍ନୟନ କାର୍ଯ୍ୟ ଏକ ରକମର ଠପ୍ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ସହର ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଜନସାଧାରଣଙ୍କ ଅଭିଯୋଗ କୁ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି। ଲକ୍ଷ ଲକ୍ଷ ଟଙ୍କାର ଷ୍ଟ୍ରିଟ ଲାଇଟ ସହରରେ ଲାଗିଥିବା ବେଳେ ଅଦ୍ୟାବଧି କେତେକ ସ୍ଥାନ ଅନ୍ଧକାର ରହୁଛି। ସେହିପରି ଭାବେ ଉନ୍ନୟନ କାର୍ଯ୍ୟ ପାଇଁ ଟେଣ୍ଡର ପାଇଥିବା ଠିକାଦାର ମଧ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ତାଳମେଳ ରହୁନଥିବାରୁ କାର୍ଯ୍ୟ ଆରମ୍ଭ କରିପାରୁନାହାନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁନଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ସେହିପରି ଭାବେ ସହର ଦେଇ ଯାଇଥିବା ମୁଖ୍ୟ ଡ୍ରେନ୍ ପୋତି ହୋଇପଡିଥିବା ବେଳେ ଏଥିପ୍ରତି ବାରମ୍ବାର ଅଭିଯୋଗ ହେଲେ ସୁଦ୍ଧା କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି। ସାଧାରଣତଃ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଜନପ୍ରତିନିଧିଙ୍କ ତାଳମେଳ ରହୁନଥିବାରୁ ଉନ୍ନୟନ କାର୍ଯ୍ୟ ଠପ ହୋଇପଡିଥିବା ଆଲୋଚନା ହେଉଛି। ଯାହାଫଳରେ ବାଣପୁର ଏନଏସିର ବିକାଶରେ ବ୍ରେକ୍ ଲାଗୁଛି। ଏଥିପ୍ରତି ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

# ନାରୀ ସଶକ୍ତିକରଣ ଅଧିନିୟମ ଆଲୋଚନାଚକ୍ର

**ଖୋର୍ଦ୍ଧା,୧୨।୪/ଏନ୍‌ଏନ୍‌ଏସ୍:** ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ନାରୀ ସଶକ୍ତି କରଣ ଅଧିନିୟମ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୨୩ ମସିହାରେ ୧୦୬ ତମ ସମ୍ବିଧାନ ସଂଶୋଧନ ପ୍ରକ୍ରିୟାରେ ପାରିତ ହେବା ସହ ମହିଳା ମାନଙ୍କ ପାଇଁ ରାଜନୀତି କ୍ଷେତ୍ରରେ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ ଅନୁମୋଦିତ କରିବା ଏବଂ ପ୍ରତ୍ୟେକ ମହିଳା ନିଜ ଓ ସମାଜର ବିଭିନ୍ନ ଦିଗରେ ପରିବର୍ତ୍ତନ ଆଣିବା ପାଇଁ ସକ୍ଷମ ହେବେ। ଦୀର୍ଘ ୨୭ବର୍ଷର ଅବଧି ପରେ ୧୯ ସେପ୍ଟେମ୍ବର ୨୦୨୩ ରେ ନୂତନ ସଂସଦ ଭବନରେ ଏହା ସ୍ଥାନିତ ହେବାସହ ପାରିତ ହୋଇ ମହିଳା ମାନଙ୍କୁ ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା କରିବା ପାଇଁ ଅପୂର୍ବ ସୁଯୋଗ ପ୍ରଦାନ କରିଛି ବୋଲି ବରିଷ୍ଠ ପ୍ରାଧ୍ୟାପକ ସୁବୋଧ କୁମାର ଜଗଦେବ କହିଥିଲେ। ଏହି ଆଲୋଚନା ଚକ୍ରରେ ଓଡ଼ିଆ ବିଭାଗର ମୁଖ୍ୟ ମାନିନୀ ଜେନା, ଇତିହାସ ବିଭାଗର ମୁଖ୍ୟ ଡକ୍ଟର ଅସୀମା ଶତପଥି, ଡକ୍ଟର ତୃପ୍ତିରେଖା ପଣ୍ଡା, ସୁସନ୍ଧ୍ୟା ପ୍ରିୟଦର୍ଶିନୀ ନାୟକ, କଳ୍ପନା ମଲ୍ଲିକ, ଡକ୍ଟର ପ୍ରଦୀପ୍ତ କୁମାର ମହାପାତ୍ର, ଭଗବାନ ଖିଲାର, ସାମ୍ବାଦିକ ପ୍ରଦୀପ କୁମାର ବେହେରା, ଉମାଶଙ୍କର ପ୍ରସାଦ ଓ ମହାବିଦ୍ୟାଳୟର ଛାତ୍ରୀମାନେ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

# ରାଜ୍ୟସ୍ତରୀୟ ୯୬ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ପ୍ରସ୍ତୁତି

**ଅସ୍ତରଙ୍ଗ,୧୨।୪/ଏନ୍‌ଏନ୍‌ଏସ୍:** ଆସନ୍ତା ୨୧ ମଇରେ ରାଜ୍ୟସ୍ତରୀୟ ୯୬ତମ ଐତିହାସିକ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଆୟୋଜନ ପାଇଁ ଆଜି ଅସ୍ତରଙ୍ଗ ନିକଟସ୍ଥ କୁହୁଡ଼ି ଲବଣ ସତ୍ୟାଗ୍ରହୀ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ ଠାରେ ଏକ ପ୍ରସ୍ତୁତି ବୈଠକ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ସଭାପତି ଅମୀୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ଏହି ସ୍ମୃତିଦିବସକୁ ମହାସମାରୋହରେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି। ରାଜ୍ୟ ସରକାର ଐତିହାସିକ ସ୍ମୃତିପୀଠ, ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଭାଷା ସାହିତ୍ୟର ବିକାଶ କରିବା ସହ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପ୍ରତି ଯେଉଁ ବଳିଷ୍ଠ ଭୂମିକା ଗ୍ରହଣ କରିଛନ୍ତି ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଶେଷ କରି ପୁରୀ ଜିଲ୍ଲାର କୁହୁଡ଼ି ଐତିହାସିକ ପୀଠର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପାଞ୍ଚ କୋଟି ଟଙ୍କା ମଞ୍ଜୁର କରାଯାଇଥିବାରୁ ବୈଠକରେ ରାଜ୍ୟ ସରକାରଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ଏହି ବୈଠକରେ



ସଭାପତି ଶ୍ରୀ ପଟ୍ଟନାୟକ ସୂଚନା ପ୍ରଦାନ କରି କହିଲେ ଯେ ଆଜି ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଏହାର ସବିଶେଷ ପ୍ରସ୍ତାବ ଜିଲ୍ଲା ଓ ରାଜ୍ୟ ପ୍ରଶାସନକୁ ଅବଗତ କରାଯିବ। ଦ୍ୱିତୀୟ ପ୍ରସ୍ତୁତି ବୈଠକ ଜିଲ୍ଲା ପ୍ରଶାସନ ସ୍ତରରେ ଅନୁଷ୍ଠିତ ହେବ ପରେ, ତୃତୀୟ ପ୍ରସ୍ତୁତି ବୈଠକ ଅସ୍ତରଙ୍ଗ ବ୍ଲକ୍ ପ୍ରଶାସନ ସହାୟତାରେ ଆୟୋଜନ କରାଯାଇ ସମାରୋହର ସଫଳତା ପାଇଁ ଚୂଡ଼ାନ୍ତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ। ଏହି ସମାରୋହରେ ଓଡ଼ିଶା ମାନ୍ୟବର ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ପଞ୍ଚାୟତରାଜ ମନ୍ତ୍ରୀ, ଆଇନ ଓ ପୂର୍ତ୍ତମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ, କଟକ ଓ ଜଗତସିଂହପୁରର ସାଂସଦ, କାକଟପୁରର ବିଧାୟକ, ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଓ ସ୍ଥାନୀୟ ପଞ୍ଚାୟତ ସମିତିର ଅଧ୍ୟକ୍ଷା ପ୍ରମୁଖଙ୍କୁ ଅତିଥି ଭାବରେ ନିମନ୍ତ୍ରଣ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଉକ୍ତ ସମାରୋହ ଦିନ ପ୍ରତ୍ୟୁଷରୁ ଅସ୍ତରଙ୍ଗ ବ୍ଲକ୍ ଠାରୁ ଜାତୀୟ ସଂହତି ଓ ଏକତା ପଦଯାତ୍ରା ଆୟୋଜନ କରାଯାଇ କୁହୁଡ଼ି ସ୍ମୃତିପୀଠଠାରେ ପତାକା ଉତ୍ତୋଳନ, ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାସୁମନ ଅର୍ପଣ ସହ ସମବେତ ରାମଧୂନ ପରିବେଷଣ କରାଯିବ। ଏହି ଅବସରରେ ସ୍ମରଣିକା ଉନ୍ମୋଚନ, ସମ୍ବର୍ଦ୍ଧନା ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ସ୍ମୃତି ସମିତିର ନିରୋଦ ବରଣ ମହାନ୍ତି, ପ୍ରମୋଦ କୁମାର ନାୟକ, ମହେଶ୍ୱର ନାୟକ, ରବୀନ୍ଦ୍ର କୁମାର ମହାନ୍ତି, ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ, ହୃଷୀକେଶ ରାଉତ, କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଭୋଳାନାଥ ସ୍ୱାଇଁ, ଶଙ୍କର୍ଷଣ ମିଶ୍ର, ବିକ୍ରମ କୁମାର ଜୟସିଂହ, ଅର୍ଜୁନ ମଲ୍ଲିକ, ହରିହର ସ୍ୱାଇଁ, ପବିତ୍ର କୁମାର ସ୍ୱାଇଁ, ହେମନ୍ତ କୁମାର ମଲ୍ଲ, ଶୋଭାକର ବେହେରା, ନଟବର ମଲ୍ଲ, କେଦାରନାଥ ଜେନା, କମଳାକାନ୍ତ ପରିଡ଼ା ଓ ନିରଞ୍ଜନ ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ଏବଂ ସଦସ୍ୟମାନେ ଉପସ୍ଥିତ ରହି ସମାରୋହର ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମତବ୍ୟକ୍ତ କରିଥିଲେ।

# ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ନୟାହାଟ,୧୨।୪/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ମଧୁବନ ଠାରେ ବାଇଦେଇ କ୍ରିକେଟ୍ କ୍ଲବ୍‌ର ୧୫ତମ ବାର୍ଷିକ ଉତ୍ସବକୁ ଶନିବାର ରାତି ୯ଟାରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ଧୁମାଳ ପଞ୍ଚାୟତର ଯୁବ ନେତା ଅଭିମନ୍ୟୁ ସିଂହ, ଇସାଣ ପୁର ପଞ୍ଚାୟତର ସରପଞ୍ଚ ଦୁଷ୍ମନ୍ତ ସ୍ୱାଇଁ, ୧୪ ନମ୍ବର ଜୋନର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଜ୍ୟୋତିରଂଜନ ନାୟକ, ଶିକ୍ଷାବିତ କାହ୍ନୁ ଚରଣ ସାହୁ, ଏସ୍‌କେ ସିକନ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଶ୍ରୀ ବେହେରା ଖେଳିବା ଦ୍ୱାରା ଶୃଙ୍ଖଳା ଓ ଭାଇଚାରା ବଜାୟ ରହିପାରିବ ବୋଲି କହିଥିଲେ। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ସାମିଲ୍ ହୋଇଥିବା ବେଳେ ୧୦ଓଭର ଲେଖାଏ ଖେଳାଯିବ। ଛେଦା(କଟକ) ଟିଡିଏମ୍ (ଭୁବନେଶ୍ୱର) ପ୍ରମୁଖ ଦିବାରାତ୍ରି କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ବିଜୟ ଦଳକୁ ୩୦ହଜାର ଓ ରନ୍‌ର୍ସଅପ୍ ଦଳକୁ ୨୦ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

**AFFIDAVIT**

By virtue of an affidavit sworn before the Notary public Bhubaneswar Dated 06.01.2026, I **Ashutosh Mahapatra,** aged about 35 years father of the minor son **Ansuman Mahapatra** (New Name) resident of At/Po-Odagaon, Ps-Odagaon, Dist-Nayagarh, Odisha Pin-752081 declare that my Son Name was wrongly mentioned on Aadhar card as **Ashutosh Mahapatra** instead of **Ansuman Mahapatra.** Ansuman Mahapatra & Ashutosh Mahapatra is my fathers name. Hence, my name treated as **Ansuman Mahapatra** for all purposes.

**Ashutosh Mahapatra**

# ନଗର କଂଗ୍ରେସର ନବନିଯୁକ୍ତ ସଭାପତିଙ୍କ ବନ୍ଧୁମିଳନ



**କଟକ,୧୨।୪/ଏନ୍ଏନ୍ଏସ୍:** କଟକ ନଗର (ଜିଲ୍ଲା) କଂଗ୍ରେସର ନବନିଯୁକ୍ତ ସଭାପତି ସାନ୍ତାୟନ ମିଶ୍ର ଆଜି କଟକ ସହରର ଖାନନଗର ପଞ୍ଚମୁଖୀ ହନୁମାନ ମନ୍ଦିରରେ ପୂଜାପାଠ କରିବା ସହ କର୍ମୀମାନଙ୍କୁ ଏକ ବନ୍ଧୁ ମିଳନରେ ଏକାଠି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରାକ୍ତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଆଇଏନ୍‌ଟିୟୁସିର ରାଷ୍ଟ୍ରୀୟ ସମ୍ପାଦକ ମାନସ ଚୌଧୁରୀ, ପୂର୍ବତନ ବିଧାୟକ ରବି ମଲ୍ଲିକ, ପିସିସି ସୋସିଆଲ୍ ମିଡିଆ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, କର୍ପୋରେଟର ଜେ. କାମେଶ୍ୱର ରାଓ, ସନ୍ତୋଷ ଭୋଳ, ଶୁଭାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ଜନାର୍ଦ୍ଦନ ପରିଡ଼ା, କଂଗ୍ରେସ ନେତା ବିଶ୍ୱଜିତ୍ ଦାସ, ମାନସ ପରିଡ଼ା, ଜଗନ୍ନାଥ ସାହୁ, ଅମ୍ରିତା ଦାସ, ରାମଚନ୍ଦ୍ର ଗୋଚ୍ଛାୟତ, ହରିହର ପରିଡ଼ା, ସୁବାସ ସୁବୁଦ୍ଧିରାୟ, ଫେଲୁ ପଟ୍ଟନାୟକ, ବିପ୍ଳବ ଶିଳାଦିତ୍ୟ, ହରିଶଙ୍କର ରାଉତ୍, ରାଜେଶ୍ ସ୍ୱାଇଁ, ରାଜେନ୍ଦ୍ର ପଟ୍ଟନାୟକ, ଶିଶିର ରଥ, ତୃପ୍ତି ଦାସ, ଦିଲ୍ଲୀପ ଦଳାଇ, ଅଲେଖ ଚନ୍ଦ୍ର ବେହେରା, ନିର୍ମଳ ସ୍ୱାଇଁ, ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ବରଦା ସାହୁ, ପ୍ରଦୀପ ପ୍ରଧାନ ପ୍ରମୁଖ ଯୋଗଦେଇ ନବନିଯୁକ୍ତ ସଭାପତିଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗକୁ ସାନ୍ତାୟନ ମିଶ୍ରଙ୍କ ନେତୃତ୍ୱରେ କଟକ ସହରରେ କଂଗ୍ରେସ ମଜବୁତ୍ ହେବା ସହ ଆଗକୁ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ଦୁର୍ବାର ଆନ୍ଦୋଳନ ହେବ ବୋଲି ସଭାପତି କହିଥିଲେ।

# ଅଭୟ ସାମନ୍ତରାୟଙ୍କ ସ୍ମୃତିଚାରଣ ସଭା



**କଟକ,୧୨।୪/ଏନ୍ଏନ୍ଏସ୍:** ବରିଷ୍ଠ ସାମ୍ବାଦିକ, ସାହିତ୍ୟିକ, ସମାଜସେବୀ, ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସମ୍ପାଦକ ଅଭୟ ସାମନ୍ତରାୟଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ସଭା ଶତାବ୍ଦୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅଭୟ ସାମନ୍ତରାୟ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଭାରେ ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। କଟକ ସହରର ପ୍ରାୟ ସମସ୍ତ ସାମାଜିକ, ସାହିତ୍ୟ ଓ ସଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଆପଣାର ନିଷ୍ଠା, ଦକ୍ଷତା ଓ ପରାକାଷ୍ଠା ପ୍ରତିପାଦିତ କରି ସମସ୍ତଙ୍କ ପାଇଁ ବିଶେଷ କରି ସାହିତ୍ୟ, ସଂସ୍କୃତି ଓ ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତ୍ୟେକଙ୍କ ପାଇଁ ଏକ ଉଦାହରଣ ପାଲଟିଯାଇଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଉଦ୍‌ଘାଟକ ଭାବେ ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ, ଡ଼ଃ. ପ୍ରତିଭା ରାୟ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଡ଼ଃ ଗୌରହରି ଦାସ, ଡ଼ଃ ବିଜୟାନନ୍ଦ ସିଂହ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅରୁଣା ସାମନ୍ତରାୟ ଅତିଥି ପରିଚୟ, ଅବନୀ ସାମନ୍ତରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସାମ୍ବାଦିକ ଡ଼ଃ ସତ୍ୟ ରାୟଙ୍କୁ 'ଅଭୟ ସାମନ୍ତରାୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସରୋଜିନୀ ମିଶ୍ର ମାନପତ୍ର ପାଠ କରିଥିଲେ। କବୟିତ୍ରୀ ଶ୍ରୀମତୀ ସଂଚିତା ଦାସଙ୍କୁ ସାହିତ୍ୟାନୁରାଗୀ ଭାବେ ସମ୍ମାନିତ କରାଯାଇଥିଲା। ସୁଶ୍ରୀ ଅନନ୍ୟା ସାମନ୍ତରାୟ ସ୍ମୃତି ତର୍ପଣ କରିଥିଲେ। ଡ଼ଃ ବୈଜୟନ୍ତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇଏସ୍‌ଟିଡି ଭୁବନେଶ୍ୱର ଚାପ୍ଟର୍‌ର ସ୍ଥାପନା ଦିବସ

**ଭୁବନେଶ୍ୱର,୧୨।୪/ଏନ୍ଏନ୍ଏସ୍:** ଇଣ୍ଡିଆନ୍ ସୋସାଇଟି ଫର୍ ଟ୍ରେନିଂ ଆଣ୍ଡ୍ ଡେଭେଲପମେଣ୍ଟ (ଆଇଏସ୍‌ଟିଡି) ଭୁବନେଶ୍ୱର ଚାପ୍ଟର୍‌ର ୫୭ତମ ସ୍ଥାପନା ଦିବସ ଓପିଟିସିଏଲ୍ ଟ୍ରେନିଂ ସେଣ୍ଟରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚାପ୍ଟରର ଅଧ୍ୟକ୍ଷ ଡାଃ. ପି. କେ. ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସଚିବ ଡା. ପାରେଶ ଚନ୍ଦ୍ର ମହାନ୍ତି ୨୦୨୫-୨୬ ଆର୍ଥିକ ବର୍ଷରେ ଭୁବନେଶ୍ୱର ଚ୍ୟାପ୍ଟରର କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ନବଘନ ପାଣି, ଜାତୀୟ କୋଷାଧ୍ୟକ୍ଷ ଜାତୀୟ ସ୍ତରର କାର୍ଯ୍ୟଯୋଜନା, ଲର୍ଣ୍ଣିଂ ଏବଂ ଡିଭେଲପମେଣ୍ଟ୍ ମିଶନ୍ ସମ୍ପର୍କରେ ନିଜର ମତ ରଖିଥିଲେ। ପରେ ମୁଖ୍ୟଅତିଥି ଡା. ଶରତ କୁମାର ଆଚାର୍ଯ୍ୟ 'ଭାରତରେ ଲର୍ଣ୍ଣିଂ ଏବଂ ଡେଭେଲପ୍‌ମେଣ୍ଟ୍‌ରେ ଆଇଏସ୍‌ଟିଡିର ଭୂମିକା' ବିଷୟରେ ଆଲୋକପାତ କରିଥିଲେ। ସେ ସମ୍ପୃକ୍ତ ପେସାଦାରୀ ଭୂମିକାକୁ ପ୍ରଶଂସା କରିଥିଲେ। କିନ୍ତୁ ଲର୍ଣ୍ଣିଂ ଏବଂ ଡେଭେଲପ୍‌ମେଣ୍ଟ୍ ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଶେଷରେ ଉପାଧ୍ୟକ୍ଷ ଅନିତା ମହାପାତ୍ର, ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବଘନ ପାଣି ଓ ଅଭିନାଶ ପ୍ରଧାନ ପ୍ରମୁଖ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଉପସ୍ଥିତ ରହିଥିଲେ।

### ଆନନ୍ଦପୁର ମହୋତ୍ସବର ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ

# ଭେଟିଦେଲେ ୩୦୧ କୋଟିର ୫୫ ପ୍ରକଳ୍ପ

**ଭୁବନେଶ୍ୱର,କେନ୍ଦୁଝର,୧୨।୪/ଏନ୍ଏନ୍ଏସ୍:** ଆନନ୍ଦପୁର ମହୋତ୍ସବର ଉଦ୍‌ଯାପନୀ ଆନନ୍ଦପୁର ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୬୭ କୋଟି ୫୦ ଲକ୍ଷ ଟଙ୍କା ବିନିଯୋଗରେ ୪୧ଟି ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ୩୪ କୋଟି ୧୫ ଲକ୍ଷ ଟଙ୍କା ଖର୍ଚ୍ଚରେ ୧୪ଟି ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଏକ ମୁଖ୍ୟ ନଗର ଓ ଏହା ପ୍ରାଚୀନ କାଳରୁ ଏକ ପ୍ରସିଦ୍ଧ ନଗରୀ ଭାବେ ଖ୍ୟାତି ଲାଭ କରିଛି। ଓଡ଼ିଶାର ଧର୍ମ ପରମ୍ପରାରେ ଆନନ୍ଦପୁରର ସ୍ୱତନ୍ତ୍ରତା ରହିଛି। ସେ ଆନନ୍ଦପୁର ଅଞ୍ଚଳର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ପୁଣ୍ୟତୋୟା ବୈତରଣୀ ତଟରେ ଅବସ୍ଥିତ ଏହି ପବିତ୍ର ଭୂମି ଧର୍ମୀୟ ସମନ୍ୱୟ ଓ ସଂସ୍କୃତିକ ଐତିହ୍ୟର ଏକ ଅନନ୍ୟ ଦୃଷ୍ଟାନ୍ତ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆନନ୍ଦପୁର ମହୋତ୍ସବ କେବଳ ଏକ ଉତ୍ସବ ନୁହେଁ, ବରଂ ଗ୍ରାମୀଣ ଓ ଲୋକସଂସ୍କୃତିକୁ ଲୋକମାନଙ୍କ ସମ୍ମୁଖରେ ଆଣିବାର ଏକ ପ୍ରଭାବଶାଳୀ ମଞ୍ଚ। ଏହା ମାଧ୍ୟମରେ ଲୁକ୍କାୟିତ



ପ୍ରତିଭାମାନଙ୍କୁ ଚିହ୍ନଟ କରାଯାଉଛି ଓ ଲୋକନୃତ୍ୟ, ଲୋକସଙ୍ଗୀତ ପରମ୍ପରାକୁ ସୁରକ୍ଷିତ ରଖାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କରିଥିଲେ ଯେ ଖୁବ୍ ଶୀଘ୍ର ଆନନ୍ଦପୁରରେ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଓ ଫୁଟବଲ ଷ୍ଟାଡିୟମ୍ ହେବ। ଏହି ଷ୍ଟାଡିୟମ୍ ନିର୍ମାଣରେ ଯାହା ବି ଅର୍ଥ ଆବଶ୍ୟକ ହେବ ସେ ସମସ୍ତ ଖର୍ଚ୍ଚ ଆମ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ମହିଳା ଓ ଗରିବ ଲୋକଙ୍କ ସଶକ୍ତିକରଣ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଉଲ୍ଲେଖ କରି 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା', 'କନ୍ୟା ବିବାହ' ଓ 'କନ୍ୟା ସୁମଙ୍ଗଳ' ଯୋଜନାର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ଏହା ମାଧ୍ୟମରେ ଗରିବ ପରିବାରର ସାମାଜିକ ଓ ଆର୍ଥିକ ସୁରକ୍ଷା ସୁନିଶ୍ଚିତ ହେବ ବୋଲି ସେ କହିଥିଲେ। ଏହି ଅବସରରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର କହିଥିଲେ ଯେ ଆନନ୍ଦପୁର ସ୍ଥାନଟି ତାଙ୍କ ହୃଦୟର ନିକଟରେ ରହିଛି। କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାଏକ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଉପଜିଲ୍ଲାପାଳ ଆନନ୍ଦପୁର ନୀଳମାଧବ ସୁନା, ଆନନ୍ଦପୁର ମହୋତ୍ସବ କମିଟି ସଦସ୍ୟ ରାମଚନ୍ଦ୍ର ସାହୁ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଭାରତର ବିକାଶ ପାଇଁ ମହିଳାଙ୍କୁ ସଶକ୍ତ କରିବା ଜରୁରୀ: ଅପରାଜିତା



**କଟକ,୧୨।୪/ଏନ୍ଏନ୍ଏସ୍:** ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ନାରୀ ଶକ୍ତି ବନ୍ଦନ ଅଧିନିୟମର ସମୟୋଚିତ କାର୍ଯ୍ୟକାରିତା ପାଇଁ ଦୃଢ଼ ସମର୍ଥନ କରିଛନ୍ତି। ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଭାରତର ସମ୍ପୂର୍ଣ୍ଣ ବିକାଶ ପାଇଁ ମହିଳାମାନଙ୍କୁ ସଶକ୍ତ କରିବା ଅତ୍ୟନ୍ତ ଜରୁରୀ। ସେପ୍ଟେମ୍ବର ୨୦୨୩ରେ ସଂସଦ ଦ୍ୱାରା ଗୃହୀତ ଏହି ଐତିହାସିକ ଆଇନର ଲକ୍ଷ୍ୟ ହେଉଛି ଲୋକସଭା ଏବଂ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ବା ୩୩% ଆସନ ସଂରକ୍ଷଣ କରିବା। ଦେଶର ଜନସଂଖ୍ୟାର ପ୍ରାୟ ୫୦% ମହିଳା ଏବଂ ନିତି ନିର୍ଦ୍ଧାରଣରେ ସେମାନଙ୍କର ଅଂଶଗ୍ରହଣ ବିନା ଭାରତର ପ୍ରଗତି ଅସମ୍ପୂର୍ଣ୍ଣ ରହିବ ବୋଲି ସେ କହିଛନ୍ତି। ଏହି ଆଇନ ପାରିତ କରିବାର ଶ୍ରେୟ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ଦେଇଛନ୍ତି । ଏହାକୁ ଅନ୍ତର୍ଭୁକ୍ତିମୂଳକ ଶାସନ ଦିଗରେ ଏକ ଐତିହାସିକ ପଦକ୍ଷେପ ବୋଲି ସେ କହିଛନ୍ତି। ୨୦୨୯ ସାଧାରଣ ନିର୍ବାଚନ ସୁଦ୍ଧା ଏହି ଆଇନ କାର୍ଯ୍ୟକାରୀ ହେବା ନେଇ ଏକ ସକରାତ୍ମକ ରାଜନୈତିକ ପରିବେଶ ପାଇଁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ମହିଳାମାନେ ଆଉ ଅପେକ୍ଷା କରିପାରିବେ ନାହିଁ।

# ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ବାର୍ଷିକ ଉତ୍ସବ



**କଟକ,୧୨।୪/ଏନ୍ଏନ୍ଏସ୍:** କଟକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ପ୍ରଥମ ବାର୍ଷିକ ଉତ୍ସବ କେଶରପୁରସ୍ଥ ପଣ୍ଡା ହସ୍ପିଟାଲରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଷ୍ଣୁ ମୋହନ ଦାଶସାମନ୍ତ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। କଟକ ଜିଲ୍ଲାର ୩୨ଟି ବିଭିନ୍ନ ଆଞ୍ଚଳିକ ସଂଘ ପ୍ରତିନିଧି ଯୋଗ ଦେଇଥିଲେ। ମୁଖ୍ୟଅତିଥି ପ୍ରଫେସର୍ ଡାକ୍ତର କୃପାସିନ୍ଧୁ ପଣ୍ଡା, ଅନ୍ୟତମ ସାମ୍ବାଦିକ ଡ଼ଃ ପ୍ରମୋଦ କୁମାର ମହାପାତ୍ର ଯୋଗଦେଇ ସଂଗଠନ କାର୍ଯ୍ୟକ୍ରମ ବିଷୟରେ ମତବ୍ୟକ୍ତ କରିଥିଲେ। ଜିଲ୍ଲାର ସଂଗଠନ ସଚିବ ଉତ୍କଳ ଭୂଷଣ ରାଉତରାୟ, ନକୁଳ ଚନ୍ଦ୍ର ମହାରଣା, ସମରେନ୍ଦ୍ର ଘୋଷ, ଅକ୍ଷୟ କୁମାର ଆଚାର୍ଯ୍ୟ, ଭାଗିରଥି ସାମଲ, ଗିରିଶ କୁମାର ମିଶ୍ର, ବ୍ରଜବନ୍ଧୁ ସାହୁ, ଶରତ ଚନ୍ଦ୍ର ଖୁଣ୍ଟିଆ, ଅତୁଳ ନନ୍ଦୀ, ଶ୍ୟାମସୁନ୍ଦର ସାହୁ, ସୁନୀଲ ସିଂହ, ସୁରଥ ଚନ୍ଦ୍ର ଗିରି, ଅଗଣି ଚରଣ ନାୟକ, ପ୍ରବୀର ସ୍ୱାଇଁ, ରଜନୀକାନ୍ତ ପରିଜା, ବିଭୁ ବର୍ଦ୍ଧନ ଦାସ, ଅକ୍ଷୟ କୁମାର ନାୟକ, ବାବୁଲି ଧର ନାୟକ, ବିଜୟ କୁମାର ସାହୁ, ଧନେଶ୍ୱର ସେଠୀ, ଫଣୀଭୂଷଣ ମହାନ୍ତି, ବସନ୍ତ କୁମାର ସାହୁ, ଅଶୋକ କୁମାର ଦାସ, ଉଷା ଅଗ୍ରୱାଲ, ବନମାଳୀ ଶୁକ୍ଳ, କିରଣ ବିହାରୀ ଖଟୁଆ, ସୁବାସ ଚନ୍ଦ୍ର ତ୍ରିପାଠୀ ଓ ଅଶୋକ କୁମାର ଝା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶୈଳୀବାଳା ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ସୁରେଖା ସୁନ୍ଦରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# କାର୍ ଚାଳକଙ୍କ ଉନ୍ମତ୍ତକାଣ୍ଡ: ଦୁଇ ନିଶାଗ୍ରସ୍ତ ଯୁବତୀ ଉଦ୍ଧାର



**ନୟାହାଟ,୧୨।୪/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ରଙ୍ଗତୋଟା ବସ୍ତି ନିକଟରେ ରବିବାର ରାତିରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଯାଇଛି। ଜଣେ ନିଶାସକ୍ତ କାର ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ଦେବା ଫଳରେ ଖୁଣ୍ଟଟି ଭାଙ୍ଗି ଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଓଡ଼ି ୦୨ ଏକ୍ସ ୭୬୮୬ ନମ୍ବର ବିଶିଷ୍ଟ କାରଟିକୁ ଜବତ କରି ପୁଲିସ ଜିମା ଦେଇଛନ୍ତି। ଖବରରୁ ପ୍ରକାଶ ଯେ, ଦୁର୍ଘଟଣାଗ୍ରସ୍ତ କାର୍ ମଧ୍ୟରେ ଦୁଇଜଣ ବଙ୍ଗୀୟ ଯୁବତୀ ଅତ୍ୟଧିକ ନିଶାଗ୍ରସ୍ତ ଅବସ୍ଥାରେ ଶୋଇ ରହିଥିବା ଦେଖିବାକୁ ମିଳିଥିଲା। ପୁଲିସ ଘଟଣାସ୍ଥଳରୁ ଦୁଇଜଣ ଯୁବକଙ୍କୁ ଅଟକ ରଖି ଫାଣ୍ଡିରେ ପଚରାଉଚରା କରୁଛି। ଅଟକ ଯୁବକଙ୍କ ଘର ନାଉଗାଁ ଥାନା ଅଞ୍ଚଳରେ ବୋଲି ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ଏହି ଘଟଣାରେ ଜଣେ ଯୁବତୀଙ୍କୁ ସେମାନେ କେଉଁଠୁ ଆସିଥିଲେ ବୋଲି ପଚାରିବାରୁ, ସେମାନେ ପାରାଦୀପ ଯାଉଥିଲେ ବୋଲି କହିଥିଲେ। ମାତ୍ର ଯୁବତୀଙ୍କ କଥାରେ ତାଳମେଳ ରହୁ ନଥିବାରୁ ସେ ପ୍ରକୃତ ତଥ୍ୟ ଲୁଚାଉଥିବା ସନ୍ଦେହ କରାଯାଉଛି। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଏହି ସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରଖିଛନ୍ତି। ପୋଲିସର ନିଷ୍ପକ୍ଷ ତଦନ୍ତ ପରେ ହିଁ ଏହି ଘଟଣାର ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

# ଥାନା ଅଧିକାରୀ ଭାବେ ଦାୟିତ୍ୱ ନେଲେ ମମତା ବିଶ୍ୱାଳ



**କୋଣାର୍କ,୧୨।୪/ଏନ୍ଏନ୍ଏସ୍:** ରାମଚଣ୍ଡୀ ଥାନାରେ ନୂତନ ଥାନା ଅଧିକାରୀ ଭାବେ ମମତା ବିଶ୍ୱାଳ ରବିବାର ଅପରାହ୍ଣରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପୂର୍ବରୁ ସେ ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀଙ୍କ ମନ୍ଦିର ପରିସରରେ ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ସୂଚନାଯୋଗ୍ୟ ଯେ, ଶ୍ରୀମତୀ ବିଶ୍ୱାଳ ପୂର୍ବରୁ ଚାରିଛକ ଥାନାରେ ପ୍ରଥମ ଥାନା ଅଧିକାରୀ ଭାବେ କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ସେଠାରେ ନିଷ୍ଠାର ସହ ଦାୟିତ୍ୱ ତୁଲାଇବା ସହ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଓ ଜନତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଏହାପରେ ତାଙ୍କର ଡେଲାଙ୍ଗ ଥାନାକୁ ବଦଳି ହୋଇଥିଲା ଏବଂ ଆଜି ସେ ରାମଚଣ୍ଡୀ ଥାନାରେ ଯୋଗ ଦେଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ଥାନା ଅଧିକାରୀ ମମତା ବିଶ୍ୱାଳ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା, ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ଏବଂ ଅସାମାଜିକ କାର୍ଯ୍ୟକଳାପ ଉପରେ ରୋକ ଲଗାଇବା ତାଙ୍କର ପ୍ରାଥମିକତା ରହିବ। ଏହାସହ ପର୍ଯ୍ୟଟକ ଓ ସ୍ଥାନୀୟ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ସେ ସଦାସର୍ବଦା କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଛନ୍ତି।

# ମହିଳା ସଶକ୍ତୀକରଣ ଏକ ଜାତୀୟ ଆବଶ୍ୟକତା: ରାଜ୍ୟପାଳ

**ଭୁବନେଶ୍ୱର,୧୨।୪/ଏନ୍ଏନ୍ଏସ୍:** ମହିଳା ସଶକ୍ତୀକରଣ ଏକ ଜାତୀୟ ଆବଶ୍ୟକତା ଏବଂ ସମାବେଶୀ ବିକାଶ ପାଇଁ ଅତ୍ୟାବଶ୍ୟକ। ଯେଉଁ ସମାଜ ମହିଳାଙ୍କୁ ସମ୍ମାନ ଦିଏ ଏବଂ ସେମାନଙ୍କର ବିକାଶ କରେ, ସେହି ସମାଜ ଶକ୍ତି ଓ ମର୍ଯ୍ୟାଦା ସହ ଅଗ୍ରଗତି କରେ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି। ଆୟୋଜିତ 'ନାରୀ ଶକ୍ତି - ଓଡ଼ିଆ ଅସ୍ମିତା' କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ସମୟୋପଯୋଗୀ ଓ ଅର୍ଥପୂର୍ଣ୍ଣ ବୋଲି ବର୍ଣ୍ଣନା କରିବା ସହିତ ଏହା ଓଡ଼ିଶାର ସାଂସ୍କୃତିକ, ସାମାଜିକ ଓ ଆର୍ଥିକ ପରିଚୟ ଗଠନରେ ମହିଳାମାନଙ୍କ ଅବଦାନକୁ ସମ୍ମାନିତ କରୁଛି ବୋଲି ରାଜ୍ୟପାଳ ନିଜ ଉଦ୍‌ବୋଧନରେ କହିଥିଲେ।



ରାଜ୍ୟପାଳ କହିଥିଲେ ଯେ, ମହିଳାମାନେ ପରିବାରର ଭିତ୍ତି, ମୂଲ୍ୟବୋଧର ପ୍ରଥମ ଶିକ୍ଷୟିତ୍ରୀ ଏବଂ ସହାନୁଭୂତିଶୀଳ ଓ ପ୍ରଗତିଶୀଳ ସମାଜର ନୀରବ ସ୍ଥପତି। ପରିବର୍ତ୍ତିତ ପରିଦୃଶ୍ୟ ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଆଜିର ମହିଳାମାନେ ଶାସନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଉଦ୍ୟମିତା, କ୍ରୀଡ଼ା, କଳା ଏବଂ ସଶସ୍ତ୍ର ବାହିନୀ ଭଳି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରୁଛନ୍ତି। ଆଧୁନିକ ଭାରତୀୟ ମହିଳା ଆତ୍ମବିଶ୍ୱାସୀ, ସକ୍ଷମ ଏବଂ ନିଜ ଅଧିକାରର ନେତୃତ୍ୱ ନେଉଛନ୍ତି ବୋଲି ରାଜ୍ୟପାଳ କହିଥିଲେ। ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହେବାକୁ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଏହା ଶାସନରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ାଇ ଗଣତନ୍ତ୍ରକୁ ମଜଭୁତ କରିବ। ଏତଦ୍‌ବ୍ୟତୀତ ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଓଡ଼ିଆ ଅସ୍ମିତା ରାଜ୍ୟର ଐତିହ୍ୟରେ ଗଭୀର ଭାବେ ପ୍ରତିଫଳିତ ଏବଂ ମହିଳାମାନେ ଏହାର ସଂରକ୍ଷଣ ଓ ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ମହିଳା ନେତୃତ୍ୱାଧୀନ ବିକାଶ ଏକ ବିକଶିତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରୋଗ୍ୟାବ୍ରତ ବ୍ରହ୍ମ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଶୋକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଓଡ଼ିଆ ପକ୍ଷ



କଟକ,୧୨।୪/ଏନ୍ଏନ୍ଏସ୍: ସାରସ୍ୱତ ଅନୁଷ୍ଠାନ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ କରାଯାଇଛି। ସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ଡଃ. ପଣ୍ଡିତ ଚୈତନ୍ୟ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ଗ୍ରାମ ସ୍ୱରାଜ୍ୟର ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ ଆଇନଜୀବୀ ପତିତପାବନ ମହାପାତ୍ର ଯୋଗଦେଇ କହିଥିଲେ ଯେ ଭାଷା ହେଉଛି ଜାତିର ଦର୍ପଣ। ଭାଷା ଜନନୀର ସେବାକଲେ ଭାଷାର ଉନ୍ନତି ହେବା ସହ ଜାତିର ଉନ୍ନତି ହୋଇଥାଏ। ଡଃ ବସନ୍ତ କୁମାରୀ ନନ୍ଦ ଓ କବି ଛବିରାମ ସେଠୀଙ୍କ ସଂଯୋଜନାରେ ଡଃ. ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ବ୍ରଜବନ୍ଧୁ ପୃଷ୍ଟି, ସଂଯୁକ୍ତା ଦାଶ, ସ୍ୱାଗତ କୁମାର ଦାଶ, କ୍ଷୀରୋଦ ଜେନା, ଉତ୍ତମ ଚରଣ ପ୍ରଧାନ, ଗୀତାଞ୍ଜଳି ପୃଷ୍ଟି, ସୁରେନ୍ଦ୍ର ଜେନା, ସୁଶୀଳ କୁମାର ରାଉତ ପ୍ରମୁଖ ଓଡ଼ିଆ ପକ୍ଷ ପାଳନ ନିମନ୍ତେ କବିତାରେ ଭାଷାଜନନୀର ସେବା କରିଥିଲେ। ପ୍ରାରମ୍ଭରେ ଉପସଭାପତି ଚୈତନ୍ୟ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ କବି ମନୋରଞ୍ଜନ ପଣ୍ଡା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହିତ କବିତାଗୁଡ଼ିକର ସମୀକ୍ଷା କରିଥିଲେ। କବି ଅଶ୍ୱିନୀ କୁମାର ସେଠୀ ଧନ୍ୟବାଦ୍ ଦେଇଥିଲେ।

# ବିଷୁବ ସଂକ୍ରାନ୍ତି ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ

**ରାୟଗଡ଼ା,୧୨।୪/ଏନ୍‌ଏନ୍‌ଏସ୍:** ମହାବିଷୁବ ସଂକ୍ରାନ୍ତି, ହନୁମାନ୍ତ ଜୟନ୍ତୀ ଓ ଓଡ଼ିଆଙ୍କ ନବବର୍ଷ ପାଳନ ପାଇଁ ଶୁଭଖୁଣ୍ଟି ସ୍ଥାପିତ ହୋଇଯାଇଛି । ମହାବିଷୁବ ସଂକ୍ରାନ୍ତି ଉତ୍ସବ କମିଟି, ରାୟଗଡ଼ା ଜିଲ୍ଲା ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି ଅବସରରେ କମିଟି ପକ୍ଷରୁ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ରୀତିନୀତି ପୂଜାର୍ଚ୍ଚନ ପରେ ଶୁଭଖୁଣ୍ଟି ସ୍ଥାପିତ ହୋଇଥିଲା । ଆସନ୍ତା ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଆଡ଼ମ୍ବର ସହକାରେ ମହାବିଷୁବ ସଂକ୍ରାନ୍ତି ପାଳନ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ୧୪ ତାରିଖ ଅପରାହ୍ନ ୪ଟାରେ ଶ୍ରୀ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ଅଶୋକ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହେବ । ସନ୍ଧ୍ୟା ୬ଟାରେ ପୂଜା ଓ ନୂତନ ପଞ୍ଜିକା ପଠନ କରାଯିବ । ସନ୍ଧ୍ୟା ୬ଟା ୩୦ରେ ପଣା ବଣ୍ଟାଯିବ । ସନ୍ଧ୍ୟା ୭ଟାରେ ମହାବିଷୁବ ସଂକ୍ରାନ୍ତି କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜନସାଧାରଣ ବହୁ ମାତ୍ରାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କମିଟିର କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି । ଏହି ସମୟରେ କମିଟିର ଭବାନୀ ଶଙ୍କର ଜେନା, ଦେବାଶିଷ ପଣ୍ଡା, ଦେବାଶିଷ ବକ୍ସିପାତ୍ର, ପ୍ରୀତମ କୁମାର, ରାଜକିଶୋର ପଣ୍ଡା, ରାଜେଶ ପାଢ଼ୀ, ପୁରୁଷୋତ୍ତମ, ମିଟୁ ପାଣିଗ୍ରାହୀ ଓ ସନ୍ତୋଷ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାରୁ

### ନୀରବି ଗଲେ ଆଶା ...

‘ଚଲା ଚଲା ନବବାଲା’ ଗୀତ ଗାଇଥିଲେ । ୧୯୪୯ ମସିହାରେ ସେ ତାଙ୍କ କ୍ୟାରିୟରର ପ୍ରଥମ ହିନ୍ଦୀ ଫିଲ୍ମ ଗୀତ ଗାଇଥିଲେ । ଫିଲ୍ମର ନାଁ ଥିଲା ‘ରାତ୍ କୀ ରାନୀ’ । ସେ ତାଙ୍କର ୭୦ ବର୍ଷର କ୍ୟାରିୟରରେ ୧୨ ହଜାରରୁ ଅଧିକ ଗୀତ ଗାଇଥିଲେ । ସେ ୧୫ରୁ ଅଧିକ ଭାଷାରେ ଗୀତ ଗାଇଥିଲେ । ଆଶା ଭୋସଲେ ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ୭ ଥର ଫିଲ୍ମ ଫେୟାର ପୁରସ୍କାର ଜିତିଥିଲେ । ୧୯୬୭ରେ ‘ଗରିବୋଁ କୀ ସୁନୋ’ ଗୀତ ପାଇଁ, ୧୯୬୯ରେ ‘ପରଦେ ମେଁ ରେହନେ ଦୋ’, ୧୯୭୨ରେ ‘ପିୟା ତୁ ଅବ ତୋ ଆଜା’, ୧୯୭୩ରେ ‘ଦମ୍ ମାରୋ ଦମ୍’, ୧୯୭୪ରେ ‘ହଡ଼େ ଲଗି ହୈ ରାତ୍’, ୧୯୭୫ରେ ‘ଚୈନ ସେ ହମ୍‌କୋ କଭି’ ଓ ୧୯୭୯ରେ ଡନ୍ ଫିଲ୍ମର ଗୀତ ‘ୟେ ମେରା ଦିଲ୍’ ପାଇଁ ସେ ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ । ଏହା ସହିତ ଦୁଇ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଜିତିଥିଲେ ଆଶା ଭୋସଲେ । ୧୯୮୧ ମସିହାରେ ରିଲିଜ୍ ହୋଇଥିବା ହିନ୍ଦୀ ଫିଲ୍ମ ‘ଉମରାଓ ଜାନ୍’ର ଗୀତ ‘ଦିଲ ଚିଜ୍ କ୍ୟା ହୈ’ ପାଇଁ ସେ ତାଙ୍କର ପ୍ରଥମ ଜାତୀୟ ପୁରସ୍କାର ପାଇଥିଲେ । ତା’ପରେ ୧୯୮୬ରେ ରିଲିଜ୍ ହୋଇଥିବା ହିନ୍ଦୀ ଫିଲ୍ମ ‘ଇଜାଜତ୍’ର ଗୀତ ‘ମେରା କୁଛ୍ ସାମାନ’ ପାଇଁ ଦ୍ୱିତୀୟ ଥର ଜାତୀୟ ପୁରସ୍କାର ପାଇଥିଲେ । ୨୦୦୦ ମସିହାରେ ତାଙ୍କୁ ‘ଦାଦା ସାହେବ ଫାଲକେ ପୁରସ୍କାର’ ପ୍ରଦାନ କରାଯାଇଥିଲା । ଭାରତୀୟ ଚଳଚ୍ଚିତ୍ର କ୍ଷେତ୍ରରେ ଏହା ହେଉଛି ସର୍ବୋଚ୍ଚ ସମ୍ମାନ । ୨୦୦୮ରେ ତାଙ୍କୁ ଭାରତ ସରକାର ପଦ୍ମ ବିଭୂଷଣ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ସେ ଆହୁରି ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ପାଇଛନ୍ତି । ଆଶା ଭୋସଲେଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ ତାଙ୍କ ପରିବାର, ପ୍ରଶଂସକ ଓ ସଂଗୀତ ପ୍ରେମୀଙ୍କୁ ସମବେଦନା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସହିତ ଦେଶର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଆଶା ଭୋସଲେଙ୍କ ପରଲୋକରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି ।

### ଭିଜିଲାନ୍ସ ଜାଲରେ ଫରେଷ୍ଟ ...

ଫଳରେ ୨ଲକ୍ଷ ୩୩ ହଜାର ଟଙ୍କା ସହ ବୋଲେରୋ (ଓଡ଼ି୧୮କେ ୭୦୪୧)କୁ ଜବତ କରାଯାଇଛି । ଏହା ସହ ବର୍ତ୍ତମାନ କାର୍ଯ୍ୟାଳୟ, ବାସଭବନ ଆଦି ୩ଟି ସ୍ଥାନରେ ଚଢ଼ଉ କରାଯାଇ ସୁକୁମାରଙ୍କ ଆୟ ବହିର୍ଭୂତ ସମ୍ପତ୍ତିର ଆକଳନ କରାଯାଉଛି ।

### ପୁଅ-ଝିଅଙ୍କୁ ହାଣିଦେଲା ...

ସପ୍ତାହେ ତଳେ ଝଗଡ଼ା ହୋଇଥିଲେ ଯେ ଆମେ ସେମାନଙ୍କୁ ବୁଝାଇଥିଲୁ । ଆଉ ଝଗଡ଼ା ଲାଗିବେ ନାହିଁ ବୋଲି ରଞ୍ଜିତା କହିଥିଲା । ତା’ପରେ ଆମେ ଆଉ କିଛି ଜାଣିନୁ । ଏବେ ଭଲରେ ଥିବା ବୋଲି ଭାବିଥିଲୁ । କିନ୍ତୁ ଛୁଆମାନଙ୍କୁ ହାନି ପହଞ୍ଚାଇବ ବୋଲି ଆମେ କେବେ ଆଶଙ୍କା କରି ନଥିଲୁ । ଗତକାଲି ରାତିରେ ସମସ୍ତେ ଖାଇପିଇ ଭଲରେ ଶୋଇଥିଲେ । କିନ୍ତୁ ରାତି ପ୍ରାୟ ସାଢ଼େ ୧୧ଟା ବେଳକୁ ଶବ୍ଦ ଶୁଣି ଆମେ ଘର ବାହାରକୁ ଯାଇଥିଲୁ । ତାଙ୍କ ଘର କବାଟ ବନ୍ଦ ଥିଲା । ଘରର ଗୋଟିଏ ଝରକାକୁ ଇଟା ଦ୍ୱାର ବନ୍ଦ କରାଯାଇଥିଲା । ସେଠାରୁ ଇଟାଗୁଡ଼ିକୁ ହଟାଇ ଭିତରକୁ ଯାଇଥିଲୁ । ରଞ୍ଜିତାକୁ କାବୁ କରିଥିଲୁ । ତା’ ହାତରେ ପନିଖି ଥିଲା ।

### ଆଜିଠୁ ଭିତର ରତ୍ନଭଣ୍ଡାର ...

ଏବଂ ବାହାରେ ରହିବେ, କ’ଣ ସବୁ ବ୍ୟବସ୍ଥା ହେବ ସେନେଇ ସବିଶେଷ ଆଲୋଚନା ହୋଇଥିଲା । ତେବେ ଏସଓପି ଅନୁଯାୟୀ ପ୍ରତିଦିନ ଜିଲ୍ଲା ଟ୍ରେଜେରୀରୁ ଭିତର ରତ୍ନଭଣ୍ଡାରର ଚାବି ଅଣାଯାଇ ପୁରୀ ଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲାଯିବ । ଗଣତି ମଣତି କାର୍ଯ୍ୟ ଶେଷ ପରେ ପ୍ରତ୍ୟେକ ଦିନ ଭିତର ରତ୍ନଭଣ୍ଡାରକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇ ଚାବି ଜିଲ୍ଲା ଟ୍ରେଜେରୀରେ ରଖାଯିବ । ରତ୍ନ ଅଳଙ୍କାର ବିଶେଷଜ୍ଞ, ଆରବିଆଇ ଅଧିକାରୀ ଉପସ୍ଥିତ ରହି ପ୍ରତ୍ୟେକ ରତ୍ନ ଅଳଙ୍କାରର ଗଣତି ମଣତି କରିବା ସହ ରତ୍ନ ଅଳଙ୍କାରର ଓଜନ ଏବଂ କେଉଁ ପ୍ରକାରର ମୋତି ମାଣିକ୍ୟ ରହିଛି ତା’ର ଚିହ୍ନଟ କରିବେ । ସେହିପରି ସବୁ ରତ୍ନ ଅଳଙ୍କାରର ଥ୍ରୀଡି ସ୍କାନିଙ୍ଗ କରାଯାଇ ଡିଜିଟାଲ ଫଟୋଗ୍ରାଫି କରାଯିବ । ଏହାକୁ ନେଇ ଏକ ଡିଜିଟାଲ କ୍ୟାଟଲଗ ପ୍ରସ୍ତୁତ କରାଯିବ । ଯାହାଫଳରେ ଆଗାମୀ ଦିନରେ ଯଦି କେବେ ଗଣତି ମଣତି କାର୍ଯ୍ୟ ହୁଏ ତାହା ଖୁବ୍ କମ୍ ସମୟ ଏବଂ ସହଜରେ ହୋଇପାରିବ । ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ କରାଯାଇଥିଲା । ସେହିପରି ଗତ ଏପ୍ରିଲ୍ ୮ ତାରିଖରୁ ୧୧ ତାରିଖ ଚାରିଦିନ ଧରି ବାହାର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ କରାଯାଇଛି ।

### ବିଦ୍ୟୁତ୍ ନେଲା ...

ଦଣ୍ଡନାଚ ପାଇଁ ଟେଣ୍ଟ ପ୍ରସ୍ତୁତି ବେଳେ ଷ୍ଟିଲ ବାର୍ ୧୧ କେଭି ସଂସ୍ପର୍ଶରେ ଆସି କରେଣ୍ଟ ଲାଗିଥିଲା । ଫଳରେ ୫ ଜଣ ଦଣ୍ଡୁଆ ଯଥା ବିଡୋ ଗାଁର ମିଳନ ମହାଳିକ (୩୪), ଲକ୍ଷ୍ମୀଧର ସାହୁ (୨୪), ପାଟଲା ଗାଁର ସୁଧାକର ସାହୁ (୪୦), ନିର୍ମଳ ସାହୁ, ପ୍ରଫୁଲ୍ଲ ତରେଇ ନିର୍ମଳ ସାହୁ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଯାଇଥିଲା । ତେବେ ସେମାନଙ୍କ ଭିତରୁ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ସେହିପରି ପ୍ରଫୁଲ୍ଲ ଓ ନିର୍ମଳ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି । ଆସନ୍ତାକାଲି ମେରୁ ହୋଇଥିବାବେଳେ ଏହା ପୂର୍ବରୁ ଏଭଳି ଏକ ଅଘଟଣ ପାଇଁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ଇରାନ୍-ଆମେରିକା ଶାନ୍ତି ...

ଏହା ଆମେରିକା ଅପେକ୍ଷା ଇରାନ ପାଇଁ ଅଧିକ ଖରାପ ଖବର । ତେଣୁ, ଆମେ କୌଣସି ଚୁକ୍ତିରେ ପହଞ୍ଚି ନପାରି ଆମେରିକାକୁ ଫେରିଯାଉଛୁ । ସେମାନେ ଆମର ସର୍ତ୍ତାବଳୀ ଗ୍ରହଣ କରିବାକୁ ମନା କରିଛନ୍ତି । ଆମେ ୨୧ ଘଣ୍ଟା ଧରି ଏହି କାର୍ଯ୍ୟରେ ଅଛୁ ଏବଂ ଇରାନମାନଙ୍କ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛୁ । ଖରାପ ଖବର ହେଉଛି ଯେ ଆମେ କୌଣସି ଚୁକ୍ତିରେ ପହଞ୍ଚି ନାହୁଁ ।’ଅନ୍ୟପଟେ ଏହି ଆଲୋଚନା ବିଫଳ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଦୁର୍ଭାଗ୍ୟବଶତଃ ଏହି ଆଲୋଚନାରେ କୌଣସି ଆଲୋଚନା ହୋଇନାହିଁ । ଆମକୁ ସେମାନଙ୍କ ସହ ନିଶ୍ଚୟ ଏକ ଚୁକ୍ତି କରିବାକୁ ପଡ଼ିବ । ଟ୍ରମ୍ପଙ୍କ କହିବାର କିଛି ଘଣ୍ଟା ପରେ ପୁଣି ଆମେରିକାର ଉପରାଷ୍ଟ୍ରପତି ଜେ.ଡି ଭାନ୍ସ ବିବୃତ୍ତି ରଖି କହିଥିଲେ ଯେ ଆଲୋଚନାର ଫଳାଫଳ ଯାହା ହେଉନା କାହିଁକି ଆମେରିକା ଜିତିଛି । ଆମେ ସେହି ଦେଶକୁ ସମ୍ପୂର୍ଣ୍ଣ ପରାସ୍ତ କରିଛୁ । ଇରାନକୁ ଏହାର କାର୍ଯ୍ୟକ୍ରମ ବନ୍ଦ କରିବାକୁ ଏବଂ ଏହାର ୟୁରାନିୟମ ସମୃଦ୍ଧି ବନ୍ଦ କରିବାକୁ କୁହାଯାଇଥିଲା, କିନ୍ତୁ ଇରାନ କୌଣସି ସ୍ପଷ୍ଟ ଉତ୍ତର ରଖିନଥିଲା ବୋଲି ଭାନ୍ସ କହିଛନ୍ତି । ଅନ୍ୟପକ୍ଷରେ ଇରାନ କହିଛି ଯେ, ଏହା ପରାମଣୁ ବୋମା ନିର୍ମାଣ କରୁନାହିଁ । ୱାଶିଂଟନ ଦ୍ୱାରା କରାଯାଇଥିବା ଦାବି ‘ଅଯୌକ୍ତିକ’ ଥିଲା । ଇସଲାମାବାଦରେ ଇରାନୀ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିବା ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ ଆଲୋଚନା ବିଫଳ ପାଇଁ ଆମେରିକାକୁ ଦାୟୀ କରିଛନ୍ତି ।ଇରାନ ସରକାରୀ ପ୍ରସାରକ ଟେଲିଗ୍ରାମରେ ରିପୋର୍ଟ କରିଛନ୍ତି ଯେ, ଜାତୀୟ ସ୍ୱାର୍ଥ ଏବଂ ଇରାନ ଲୋକଙ୍କ ଅଧିକାରୀକୁ ସୁରକ୍ଷା ଦେବା ପାଇଁ ଇରାନୀ ପ୍ରତିନିଧି ଦଳ ଇସଲାମାବାଦରେ ଆମେରିକା ସହିତ ୨୧ ଘଣ୍ଟା ଆଲୋଚନା କରିଛନ୍ତି । ଇରାନୀ ପ୍ରତିନିଧି ଦଳର ସକରାତ୍ମକ ଆଭିମୁଖ୍ୟ ସତ୍ତ୍ୱେ, ଆମେରିକା ଅଯୌକ୍ତିକ ଦାବି କରିଥିଲା । ଫଳରେ ଆମେରିକା ଅଟକିଯାଇଥିଲା ଏବଂ କୌଣସି ଫଳାଫଳ ବିନା ଶେଷ ହୋଇଥିଲା ।

## ଉଦ୍ୟାନ ବିଭାଗର ଅଜବ ନୀତି

# ଦଲାଲଙ୍କ ହାତରେ ପ୍ରକୃତ ଚାଷୀଙ୍କ ଆର୍ଥିକ ସାହାୟତା

**ମ.ରାମପୁର,୧୨।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବାବେଳେ ବାସ୍ତବରେ ସେମାନେ ଏହାର ଲାଭ ଉଠାଇ ପାରୁନାହାନ୍ତି । ଏହାର ଜ୍ୱଳନ୍ତ ଉଦାହରଣ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଉଦ୍ୟାନ ବିଭାଗରେ ଦେଖିବାକୁ ମିଳୁଛି । କର୍ଲାମୁଣ୍ଡା ଓ ମ.ରାମପୁର ବ୍ଲକ୍‌ର ଚାଷୀଙ୍କ ପାଇଁ ମ.ରାମପୁରରେ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଖୋଲାଯାଇଛି । ଉକ୍ତ ଦୁଇ ବ୍ଲକ୍‌ର ଚାଷୀଙ୍କ ପାଇଁ ବିଭାଗ ପକ୍ଷରୁ ଆସୁଥିବା ଅନେକ ଯୋଜନାର ଆର୍ଥିକ ସହାୟତାରେ ଚଞ୍ଚକତା ନେଇ ସଙ୍ଗୀନ ଅଭିଯୋଗ ସାମାଜିକ କର୍ମୀ ପବିତ୍ର ସାହୁ କରିଛନ୍ତି । ପ୍ରାପ୍ତ ସୂଚନା ମୁତାବକ ଉକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ କର୍ଲାମୁଣ୍ଡା ଏବଂ ମ.ରାମପୁର ବ୍ଲକ୍‌ର ଚାଷୀଙ୍କ ପାଇଁ ଆସୁଥିବା ଆର୍ଥିକ ସହାୟତା ଟଙ୍କାକୁ ଦଲାଲ୍‌ଙ୍କ ସାହାଯ୍ୟରେ ଆଦାୟ କରୁଛନ୍ତି । ଏକଥା ପ୍ରଘଟ ନହେବା ପାଇଁ କିଛି ହାତଗଣତି ଗଣମାଧ୍ୟମ ପ୍ରତିନିଧିଙ୍କୁ ଉକ୍ତ ଯୋଜନାର କିଛି ସହାୟତା ରାଶି ପ୍ରଦାନ କରୁଥିବାବେଳେ ଅନ୍ୟ କିଛି ପ୍ରତିନିଧିଙ୍କୁ ହାତାହାତି ଅର୍ଥ ଯାଚୁଛନ୍ତି । ବାସ୍ତବରେ ଏହାର ଖୁଲସା ସେତେବେଳେ ହୋଇଥିଲା ଯେତେବେଳେ ଜଣେ ୱେବ୍ ଚ୍ୟାନେଲ୍ ପ୍ରତିନିଧି ବିନା ଚାଷ କାର୍ଯ୍ୟରେ କେବଳ ଏକ ଡକ୍ୟୁମେଣ୍ଟ ଦେଇ ୫,୦୭୨ ଟଙ୍କା ଆର୍ଥିକ ସହାୟତା ପାଇଥିଲେ । ପରେ ସେ ଏକଥା ଅନ୍ୟ କିଛି ପ୍ରତିନିଧିଙ୍କୁ ଜଣେଇ ଥିବାବେଳେ କିଏ ପାଇଛି ଓ କିଏ ପାଇନି ସେନେଇ ଚର୍ଚ୍ଚା ଜୋର୍ ଧରିଥିଲା । ଏନେଇ କିଛି ଗଣମାଧ୍ୟମ ପ୍ରତିନିଧି ଫୋନ୍ ଯୋଗେ ଉକ୍ତ ବିଭାଗର ଅଧିକାରୀଙ୍କୁ ଜଣାଇଥିବାବେଳେ ତାଙ୍କୁ ମଧ୍ୟ ହାତ ଖର୍ଚ୍ଚ ପାଇଁ ନିମନ୍ତ୍ରଣ କରାଯାଇଥିଲା । ଅଥଚ ତାଙ୍କ ସାଥୀରେ ଥିବା ଅନ୍ୟଜଣେ ପ୍ରତିନିଧିଙ୍କ ଭାଗ ପାଇଁ କହିଥିବାବେଳେ ତାଙ୍କ ନାଁ ଲିଷ୍ଟରେ ନଥିବା ଯୋଗୁ ତାଙ୍କୁ ଦେଇ ହେବନାହିଁ ବୋଲି ରୋକଠୋକ୍ ମନା କରିଥିଲେ । ଏହାକୁ ସମ୍ପୃକ୍ତ ପ୍ରତିନିଧି ଜଣକ ସହଜରେ ଗ୍ରହଣ କରିନପାରି ଏଥିରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ଆଶଙ୍କା କରିଥିଲେ । ପରେ ଏହାର ଉଚିତ୍ ତଦନ୍ତ ପାଇଁ ସମସ୍ତ ଯୋଜନା ଗୁଡ଼ିକର ଆର୍ଥିକ ସହାୟତା ପାଇଥିବା ହିତାଧିକାରୀଙ୍କ ତାଲିକା ଜାଣିବା ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସଂଗ୍ରହ ସହ ଦୁର୍ନୀତି ନିବାରଣ ବିଭାଗ ଜରିଆରେ ତଦନ୍ତ କରେଇବା ପାଇଁ ସଜବାଜ ହେଉଥିବା ସାମାଜିକ କର୍ମୀ ପବିତ୍ର ସାହୁ, ରତ୍ନାକର ସାହୁ ଓ ଚାଷୀକୁଳ କହିଛନ୍ତି ।

## ‘ନିତିଦିନ’ର ପ୍ରଭାବ

# ଦୂରତା ସୂଚକାଙ୍କ ଫଳକର ତ୍ରୁଟି ‘ସଂଶୋଧନ’

**ବୌଦ୍ଧ,୧୨।୪/ଏନ୍‌ଏନ୍‌ଏସ୍:** ବୌଦ୍ଧ ଜିଲ୍ଲାର ଧଳପୁର-ଆଠମଲ୍ଲିକ ମହାନଦୀ ସେତୁ ନିକଟରେ ପୂର୍ତ୍ତ ବିଭାଗ ପକ୍ଷରୁ ସ୍ଥାପିତ ଦୂରତା ସୂଚକାଙ୍କ ଫଳକକୁ ନେଇ ସମ୍ପ୍ରତି ବିବାଦ ତୀବ୍ର ହୋଇଥିଲା । ଫଳକରେ ଦୂରତା ଓ ଦିଗନିର୍ଦ୍ଦେଶ ସମ୍ବନ୍ଧୀୟ ଗୁରୁତର ତ୍ରୁଟି ପ୍ରକାଶ ପାଇବା ପରେ ସାଧାରଣଲୋକଙ୍କ ମଧ୍ୟରେ ପୂର୍ତ୍ତ ବିଭାଗର କାର୍ଯ୍ୟପ୍ରଣାଳୀ ପ୍ରତି ଅସନ୍ତୋଷ ବୃଦ୍ଧି ପାଇଥିଲା । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ସ୍ଥାନରୁ ଆଠମଲ୍ଲିକ ପର୍ଯ୍ୟନ୍ତ ସଠିକ୍ ଦୂରତା ପ୍ରାୟ ୫ କିଲୋମିଟର୍ ହୋଇଥିବାବେଳେ ସୂଚକାଙ୍କରେ ଏହାକୁ ୯ କିଲୋମିଟର୍ ଭାବେ ଦର୍ଶାଯାଇଥିଲା । ଏହି ଭୁଲ୍ ଦେଖି ପୂର୍ତ୍ତ ବିଭାଗ କେଉଁ ଭୁଲ୍ ମାପ ପ୍ରଣାଳୀ ବ୍ୟବହାର କରୁଛି କି ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରିଥିଲେ । ଏହାସହ ପୁରୁଣାକଟକ ଓ ହରଭଙ୍ଗା ଭଳି ସ୍ଥାନ ଗୁଡ଼ିକର ଦିଗନିର୍ଦ୍ଦେଶ ମଧ୍ୟ ଭୁଲ୍ ଦର୍ଶାଯାଇଥିବାରୁ ଯାତ୍ରୀମାନେ ଭ୍ରମରେ ପଡୁଥିଲେ । ଏହି ସ୍ଥାନରେ ବଇଣ୍ଡା, ଅନୁଗୁଳ ଓ ଠାକୁରଗଡ଼ ଭଳି ପ୍ରମୁଖ ଗନ୍ତବ୍ୟ ସ୍ଥଳର ନାମ ଦର୍ଶାଯାଇଥିଲେ ଯାତ୍ରୀଙ୍କୁ ଅଧିକ ସୁବିଧା ହୋଇଥାଆନ୍ତା । ସେହିପରି ଫଳକର ଅନ୍ୟପାର୍ଶ୍ୱରେ ଦର୍ଶାଯାଇଥିବା ରେଢ଼ାଖୋଲ ଓ ସୋନପୁର ପରିବର୍ତ୍ତେ ଫୁଲବାଣୀ, ନୟାଗଡ଼ ଓ ଦଶପଲ୍ଲା ଭଳି ସ୍ଥାନର ନାମ ଦର୍ଶାଗଲେ ଯାତ୍ରୀଙ୍କ ପାଇଁ ଅଧିକ ସହାୟକ ହୋଇପାରିଥାନ୍ତା ବୋଲି ସେମାନେ କହିଥିଲେ । ଠିକା ସଂସ୍ଥା କାମକୁ ଯଥାଯଥ ଭାବେ ପରୀକ୍ଷା ନକରିବାରୁ ଏଭଳି ତ୍ରୁଟି ଘଟୁଛି ବୋଲି ଅଭିଯୋଗ ହୋଇଥିଲା । ଏନେଇ ଗତ ମାର୍ଚ୍ଚ ୨୫ ତାରିଖରେ ‘ନିତିଦିନ’ ଖବରକାଗଜରେ ପ୍ରଥମେ ଖବର ପ୍ରସାରଣ ହେବା ପରେ ପ୍ରଶାସନ ସଚେତନ ହୋଇଥିଲା । ବର୍ତ୍ତମାନ ସୂଚକାଙ୍କ ଫଳକର ତ୍ରୁଟି ସଂଶୋଧନ ହୋଇଥିବା ଦେଖିବାକୁ ମିଳିଛି ।

# ଗୋବିନ୍ଦ ବନଛୋର୍ ସଚେତନ ନାଗରିକ ମଞ୍ଚର ସଭାପତି



**ଭବାନୀପାଟଣା,୧୨।୪/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ଅଗ୍ରଣୀ ସାମାଜିକ ସଂଘ ସଚେତନ ନାଗରିକ ମଞ୍ଚ କେସିଙ୍ଗାର ନୂତନ ସଭାପତି ଭାବେ ପୂର୍ବତନ କେସିଙ୍ଗା ଏନ୍‌ଏସି ଉପାଧକ୍ଷ ଗୋବିନ୍ଦ ବନଛୋର ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି । ଶ୍ରୀ ବନଛୋର୍‌ଙ୍କୁ ଆଗାମୀ ଦୁଇ ବର୍ଷ ପାଇଁ ସଚେତନ ନାଗରିକ ମଞ୍ଚର ସଭାପତି ଭାବେ ଗୁରୁଦାୟିତ୍ୱ ଦିଆଯାଇଛି । ଏହି ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଆଗାମୀ ଦିନରେ ସଚେତନ ନାଗରିକ ମଞ୍ଚ କେସିଙ୍ଗାର ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ପ୍ରକାଶଥାଉକି ଗତ ୨୦୧୬ ମସିହାରେ ଗଠିତ ଏହି ସଂଗଠନ କେସିଙ୍ଗା ଅଞ୍ଚଳର ସାମଗ୍ରିକ ବିକାଶରେ ଅନେକ ଜନହିତକର କାର୍ଯ୍ୟ ପାଇଁ ଅନବରତ ଭାବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି । ସେଥିରେ କିଛି ସଫଳତା ପାଇଥିବାବେଳେ କିଛି କାର୍ଯ୍ୟରେ ଅସଫଳ ମଧ୍ୟ ହୋଇଛି । ହେଲେ କିଛି ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟଙ୍କ ନିଜ ନିଜ ଭିତରେ ମତଭେଦ ଯୋଗୁ ଧୀରେ ଧୀରେ ସଚେତନ ନାଗରିକ ମଞ୍ଚ ନିଜର ଅସ୍ତିତ୍ୱ ହରେଇ ବସିଛି । ଏନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏଭଳି ସଂଗଠନକୁ ମଜବୁତ କରିବା ପାଇଁ ସଦସ୍ୟମାନେ ନୂତନ ସଭାପତି ଶ୍ରୀ ବନଛୋର୍‌ଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ଏନେଇ ନୂତନ ସଭାପତି ଶ୍ରୀ ବନଛୋର୍ କହିଛନ୍ତି ଯେ ଆଗାମୀ ଦିନରେ ସଚେତନ ନାଗରିକ ମଞ୍ଚ ଅଞ୍ଚଳର ବିକାଶରେ ସାରଥୀ ହୋଇ ଠିଆ ହେବ । ପୂର୍ବଭଳି ସଂଗଠନକୁ ମଜବୁତ କରିବା ପାଇଁ ଆମେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକଙ୍କୁ ସଂଗଠିତ କରି କେସିଙ୍ଗା ଅଞ୍ଚଳର ବିକାଶ ଲାଗି କାର୍ଯ୍ୟ କରିବୁ ବୋଲି କହିଥିଲେ । ଏହି ବୈଠକରେ ପୂର୍ବତନ ବ୍ଲକ୍ ଅଧକ୍ଷ ରାମଲାଲ ସୁନାନୀ, ସନ୍ତୋଷ ସାହୁ, ପୂର୍ବତନ ଏନ୍‌ଏସି ଅଧକ୍ଷ ରାମଜୀ ମାତଖଣ୍ଡିଆ, ସରିତା ସିନ୍ଦୁର, ପୂର୍ବତନ ସଭାପତି ଉତ୍ତର ମହଲା, ରମେଶ ପଟ୍ଟନାୟକ, ରଘୁରାଜ ସିଂ, କୃଷ୍ଣ ଚନ୍ଦ୍ର ସାହୁ, ପଙ୍କଜ ଗଉଡ଼, ନିକିତା ଜୈନ, ରଞ୍ଜନ ବେହେରା, ସଞ୍ଜୀବ ବାନାର୍ଜୀ, ନୀଳ ମହଲା, ଚମ୍ପକ ସାହା ଓ ରିସବ ଜୈନ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ କେସିଙ୍ଗା ସଚେତନ ନାଗରିକ ମଞ୍ଚର ସଦସ୍ୟ ଉପସ୍ଥିତ ଥିଲେ ।

# ଖଣି ଅଧିକାରୀଙ୍କୁ ବାଲି ମାଫିଆଙ୍କ ଆକ୍ରମଣ

**ଜୟପୁର,୧୨।୪/ଏନ୍‌ଏନ୍‌ଏସ୍:** ଜୟପୁର ସଦର ଥାନା ଅନ୍ତର୍ଗତ ବାଲିଆ ନିକଟରେ କନିଷ୍ଠ ଖଣି ଅଧିକାରୀ ପ୍ରଦିପ୍ତ କୁମାର ମୁଣ୍ଡାଙ୍କୁ ବାଲି ମାଫିଆମାନେ ଆକ୍ରମଣ କରିଥିବା ଜଣାପଡ଼ିଛି । ଏନେଇ ଶ୍ରୀ ମୁଣ୍ଡା ଜୟପୁର ସଦର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ଖଣି ଅଧିକାରୀ ଜୟପୁର ସଦର ଥାନା ଅନ୍ତର୍ଗତ ସାନ ଓଜେଇ ଗ୍ରାମରେ ଥିବା ତ୍ରିଶକ୍ତି ଷ୍ଟନ୍ କ୍ରସର୍‌କୁ ଯାଇ ଫେରୁଥିବା ସମୟରେ ବାଲିଆ ବ୍ରିଜ୍‌ରେ ଏକ ନୀଳ ରଙ୍ଗର ଟ୍ରାକ୍ଟର୍‌ରେ ବାଲି ଲୋଡ୍ କରାଯାଉଥିଲା । ବେଆଇନ ଭାବେ ଲୋଡ୍ କରି ଚାଲାଣ କରୁଥିବାରୁ ଖଣି ଅଧିକାରୀ ଏନେଇ ଟ୍ରାକ୍ଟର୍ ଡ୍ରାଇଭରକୁ ପଚାରିଥିଲେ । ଡ୍ରାଇଭର୍ ଜଣକ ତୁରନ୍ତ ମାଲିକକୁ ସୂଚନା ଦେବା ପରେ ୨୦ ମିନିଟ୍ ଭିତରେ ଟ୍ରାକ୍ଟର୍ ମାଲିକ ଘଟଣାସ୍ଥଳରେ ପହଞ୍ଚିଥିଲେ । ଖଣି ଅଧିକାରୀ ଲାଇସେନ୍ସ ମାଗିବାରୁ ଡ୍ରାଇଭର୍ ଜଣକ ଦେଖାଇ ପାରିନଥିଲେ । ମାଲିକଙ୍କ ନିର୍ଦ୍ଦେଶରେ ଟ୍ରାକ୍ଟର୍ ଧରି ଡ୍ରାଇଭର୍ ଚମ୍ପଟ ମାରୁଥିବାବେଳେ କେନାଲ୍ ରୋଡ୍ ମୁଖୀ ଖୁଦୁପିରେ ଖଣି ଅଧିକାରୀ ଅଟକାଇବାକୁ ଚେଷ୍ଟା କରିଥିଲେ । ଏଥିରେ ଉତ୍ତ୍ୟକ୍ତ ହୋଇ ଖଣି ଅଧିକାରୀଙ୍କ ଉପରେ ଟ୍ରାକ୍ଟର୍ ଚଢ଼ାଇ ଦେବାକୁ ଉଦ୍ୟମ କରୁଥିଲେ । ପରେ ୫ ଜଣ ଅଭିଯୁକ୍ତ ମିଶି ଖଣି ଅଧିକାରଙ୍କଠାରୁ ଗାଡ଼ି ଚାବି ନେବାକୁ ଠେଲାପେଲା କରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ୨ ଜଣ ଘଟଣାସ୍ଥଳରେ ପହଞ୍ଚିବା ପରେ ଖଣି ଅଧିକାରୀ ଉଦ୍ଧାର ପାଇଥିଲେ । ପରେ ସେ ଏନେଇ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିବା ନେଇ ଜୟପୁର ସଦର ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଖୋଲିଲା ଜେରିଆଟ୍ରିକ୍ ୱାର୍ଡ



**ଝାରସୁଗୁଡ଼ା,୧୨।୪/ଏନ୍‌ଏନ୍‌ଏସ୍:** ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଭାବେ ଚିକିତ୍ସା ଯୋଗାଇବା ପାଇଁ ଏକ ଜେରିଆଟ୍ରିକ୍ ୱାର୍ଡ ଆରମ୍ଭ କରାଯାଇଛି । ଏହି ଅବସରରେ ଆୟୋଜିତ ଏକ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେଶ ମୋହନ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିଏମ୍‌ଓଏମ୍‌ଏସ୍ ଡ଼ାକ୍ତର ଶିଶି ଶେଖର ସେଠ୍, ହସ୍ପିଟାଲ୍ ମ୍ୟାନେଜର୍ ଆତିଶ ସ୍ୱାଇଁ, ଡିପିଏମ୍ ଦୀପକ ମହାନ୍ତି, ସିନିୟର୍ ମେଡିକାଲ୍ ଅଫିସର୍ ଡ଼ାକ୍ତର ପି ସି ଦଳେଇ ଓ ମେଡିକାଲ୍ ସ୍ପେସିଆଲିଷ୍ଟ ଡ଼ାକ୍ତର ବି ଡି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜେରିଆଟ୍ରିକ୍ ୱାର୍ଡରେ ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ରୋଗୀଙ୍କୁ ରଖାଯାଇ ତାଙ୍କର ସ୍ୱତନ୍ତ୍ର ଚିକିତ୍ସା କରାଯିବ । ୱାର୍ଡରେ ରୋଗୀଙ୍କ ପାଇଁ ଇମ୍ପାପ୍ରେସ୍ ମସାଜ୍ ମେସିନ୍, ୱାକିଂ ଷ୍ଟିକ୍, ଆରାମ ଷ୍ଟାଣ୍ଡ, ସ୍ପେସିଆଲ୍ ଷ୍ଟ୍ରେଚର୍ ଓ ହ୍ୱିଲଚେୟାର୍ ଆଦିର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବହୁ ସେବିକା ଓ ମେଡିକାଲ୍ ଷ୍ଟାଫ୍ ଉପସ୍ଥିତ ଥିଲେ । ଏହାଦ୍ୱାରା ଝାରସୁଗୁଡ଼ା ଜିଲ୍ଲାରେ ଥିବା ବୟସ୍କ ବ୍ୟକ୍ତିମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେଶ ମୋହନ ପଣ୍ଡା ପ୍ରକାଶ କରିଛନ୍ତି ।

# ଡିଏଭି କଲେଜର ବାର୍ଷିକୋତ୍ସବ




**ଟିଟିଲାଗଡ଼,୧୨।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ, ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ଼ ଉମେଶ ଚନ୍ଦ୍ର ମହାପାତ୍ର, ସ୍ଥାନୀୟ ପୌରାଧକ୍ଷା ମମତା ଦେବୀ ଜୈନ ଓ ସମ୍ମାନିତ ଅତିଥିଭାବେ ବରଗଡ଼ ପଞ୍ଚାୟତ କଲେଜର ପ୍ରାକ୍ତନ ପ୍ରଫେସର୍ ପତିତପାବନ ସାହୁ ଯୋଗ ଦେଇଥିଲେ । ଇଂରାଜୀ ବିଭାଗ ଅଧାପିକା ବନ୍ଦନା କର ସଭା ପରିଚାଳନା କରିଥିଲେ । ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଏହି ଅନୁଷ୍ଠାନ ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଧକ୍ଷ ଅଶ୍ୱିନୀ ପ୍ରଧାନ ପ୍ରକାଶ କରିଥିଲେ । ଅନୁଷ୍ଠାନର ଗରିମା ବଜାୟ ରଖିବା ପାଇଁ ସାମୂହିକ ପ୍ରୟାସ ଜାରି ରଖିବା ସହ କଲେଜ ଭିତ୍ତିଭୂମି ପାଇଁ ଆବଶ୍ୟକ ଅନୁଦାନ ବାଧକ ସାଜିବ ନାହିଁ ବୋଲି ବିଧାୟକ ଶ୍ରୀ ଜୈନ ପ୍ରକାଶ କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଇତିହାସ ବିଭାଗ ଅଧାପିକା ଅଳକାନନ୍ଦା ମଲ୍ଲ ଧନ୍ୟବାଦ ଦେଇଥିଲେ । କିନ୍ତୁ ଗତ ବର୍ଷରୁ୨ଟି ଛାତ୍ର ଓ ଗୋଟିଏ ଛାତ୍ରୀ ହଷ୍ଟେଲ୍ ତିଆରି ହୋଇ ବନ୍ଦ ପଡ଼ିଥିବାରୁ ବାହାରୁ ଆସି ଭଡ଼ାରେ ରହୁଥିବା ଛାତ୍ରଛାତ୍ରୀମାନେ ଅଯଥା ଖର୍ଚ୍ଚାନ୍ତରେ ପଡୁଥିବାରୁ ଅନେକ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଧର୍ମପ୍ରାଣାଙ୍କ ପରଲୋକ



**ଟିଟିଲାଗଡ଼,୧୨।୪/ଏନ୍‌ଏନ୍‌ଏସ୍:** ସହରର ସୁପରିଚିତ ମହିଳା ରତନ ବେନ ଗାଲାଙ୍କ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା । ଶନିବାର ରାତିରେ ସର୍ଗିଗୁଡ଼ାସ୍ଥିତ ତାଙ୍କ ବାସଭବନରେ ଆକସ୍ମିକ ମୃତ୍ୟୁ ଘଟିଥିଲା । ମୃତ୍ୟୁଶଯ୍ୟା ନିକଟରେ ପୁଅ ଭରତ ଓ ବୋହୂ ଜ୍ୟୋତି ଉପସ୍ଥିତ ଥିଲେ । ସ୍ୱର୍ଗତ ଗାଲା ଜଣେ ଦୟାଳୁ, ସରଳ ହୃଦୟ ଓ ଧର୍ମପରାୟଣ ମହିଳା ଭାବେ ବେଶ୍ ପରିଚିତ ଥିଲେ । ସ୍ୱର୍ଗତ ଗାଲାଙ୍କ ପରଲୋକରେ ଗୁଜୁରାଟି ସମାଜ ସଭାପତି ହରିଶ ରାୟଥାଥା, ବିଜେପି ନେତା ପ୍ରମୋଦ ପ୍ରଧାନ, ଶୁଭେନ ପୁରୋହିତ, ମହେଶ ପଧାରିଆ, କେତନ ପଧାରିଆ, ଅଶ୍ୱିନ ଠକ୍କର୍ ଓ ଭରତ ପିଟ୍ରୋଡ଼ା ପ୍ରମୁଖ ଶୋକପ୍ରକାଶ କରିଛନ୍ତି ।

# ପ୍ରଧାନଶିକ୍ଷକଙ୍କୁ ଡରେଇ ଟଙ୍କା ଆଦାୟ, ଜଣେ ଗିରଫ

**ପାଟଣାଗଡ଼,୧୨।୪/ଏନ୍‌ଏନ୍‌ଏସ୍:** ଖପ୍ରାଖୋଲ ବ୍ଲକ୍ ପଡ଼ିଆବାହାଲ ପଞ୍ଚାୟତ କନଗାଁ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଡରେଇ ଟଙ୍କା ଆଦାୟ ଅଭିଯୋଗରେ ଖପ୍ରାଖୋଲ ଥାନା ପୁଲିସ୍ ଜଣକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲେ କଣ୍ଟାବାଞ୍ଜିର ଜନାବ ଖାନ୍ । ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସମୟରେ ଜଣେ ଛାତ୍ରୀଙ୍କ ହାତରେ ଗରମ ଡାଲି ପଡ଼ି ଯାଇଥିଲା । ଏହି ଘଟଣାକୁ ନେଇ ୪ ଜଣ ଯୁବକ ନିଜକୁ ଗଣମାଧ୍ୟମର ପ୍ରତିନିଧିର ପରିଚୟ ଦେଇ ପ୍ରଧାନଶିକ୍ଷକ ରାଜକୁମାର ମହରାଙ୍କୁ ଚାକିରିରୁ ନିଲମ୍ବନ କରାଇଦେବା ଧମକ ଦେଇ ୩୦ ହଜାର ଟଙ୍କା ଫୋନ୍ ପେ ମାଧ୍ୟମରେ ନେଇଥିବା ଅଭିଯୋଗ ହୋଇଥିଲା । ଏନେଇ ଖପ୍ରାଖୋଲ ଥାନା ପୁଲିସ୍ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତକୁ ଗିରଫ କରିଥିଲା । ତେବେ ଅନ୍ୟମାନେ ଫେରାର୍ ଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି ।

# ଏଟିଏମ୍ ଅଚଳ, ବଢୁଛି ଅସନ୍ତୋଷ

**ଗୋଲାମୁଣ୍ଡା,୧୨।୪/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକ୍ ସଦର ମହକୁମାରେ ଥିବା ଏକମାତ୍ର ଏଟିଏମ୍ ଦୀର୍ଘଦିନରୁ ଅଚଳ ହୋଇପଡ଼ିଛି । ଏହା ଉପରେ ହଜାର ହଜାର ଗ୍ରାହକ ନିର୍ଭର କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ତାହା ବର୍ତ୍ତମାନ ସମସ୍ୟାର କାରଣ ହୋଇଛି । ଦୀର୍ଘ ୪ ମାସ ହେବ ଖରାପ ହୋଇଥିବାବେଳେ ନାମକୁ ମାତ୍ର ଏହାକୁ ସଜାଡ଼ିବା ପାଇଁ ମେକାନିକ୍ ଆସୁଛନ୍ତି । ହେଲେ ଠିକ୍ ହୋଇ ପାରୁନାହିଁ । ଫଳରେ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏଠାରେ କେତେବେଳେ ଟଙ୍କା ନଥିବା ଆଉ କେତେବେଳେ ଖରାପ ଥିବା ଦର୍ଶାଯାଉଛି । ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି । ତେଣୁ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।



# ପୁରାତନ ଛାତ୍ର ସଂଘ ପକ୍ଷରୁ ରକ୍ତଦାନ ଶିବିର

**ବଲାଙ୍ଗୀର,୧୨।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ୍‌ରେ ପୁରାତନ ଛାତ୍ର ସଂଘ ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟଅତିଥି ଭାବେ ପୃଥ୍ୱୀରାଜ ହାଇସ୍କୁଲ୍‌ର ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ସମ୍ମାନିତ ଅତିଥିଭାବେ ପୃଥ୍ୱୀରାଜ ହାଇସ୍କୁଲ୍‌ର ପୂର୍ବତନ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପଟେଲ ଓ ପୃଥ୍ୱୀରାଜ ହାଇସ୍କୁଲ୍ ପୂର୍ବତନ ଶିକ୍ଷକ ରାମ ଗୋପାଳ ଖମାରୀ ଶର୍ମା ଯୋଗ ଦେଇଥିଲେ । ଏଥିରେ ବହୁ ପୁରାତନ ଛାତ୍ର ଯୋଗଦେଇ ରକ୍ତଦାନ କରିଥିଲେ ।

## ଆଜିର ଇତିହାସ

- ୧୬୪୮-ଲାଲ୍ କିଲ୍ଲାର ନିର୍ମାଣ ପୂରା ହୋଇଥିଲା।
- ୧୬୯୯-ଶିଖମାନଙ୍କ ଦଶମ ଗୁରୁ, ଗୁରୁ ଗୋବିନ୍ଦ ସିଂହ ଖାଲ୍‌ସା ପନ୍ଥର ସ୍ଥାପନା କରିଥିଲେ।
- ୧୯୩୯-ଦେଶରେ ଇଂରେଜମାନଙ୍କ ସହିତ ହତିଆରବନ୍ଦ ସଂଘର୍ଷ ପାଇଁ ହିନ୍ଦୁସ୍ତାନୀ ଲାଲ୍ ସେନା (ଇଣ୍ଡିଆନ୍ ରେଡ୍ ଆର୍ମି)ର ଗଠନ ହୋଇଥିଲା।
- ୧୯୫୨-ସ୍ୱତନ୍ତ୍ର ଭାରତର ପ୍ରଥମ ସଂସଦର ସତ୍ର ଆରମ୍ଭ ହୋଇଥିଲା।
- ୧୯୭୮-ଦେଶର ପ୍ରଥମ ଧ୍ୱଜବାହକ ଜାହାଜ ଆଇଏନ୍‌ଏସ୍ ଦିଲ୍ଲୀ ସେବାମୁକ୍ତ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** – ବ୍ୟବସାୟରେ ଲାଭ ପାଇବେ। ମନରେ ଶାନ୍ତି ଓ ପ୍ରସନ୍ନତା ରହିବ। ଆତ୍ମବିଶ୍ୱାସରେ ଭରି ରହିବେ। ପରିବାରରେ ଧାର୍ମିକ କାର୍ଯ୍ୟର ଆୟୋଜନ ହୋଇପାରେ। ଭବନର ମରାମତି କରିବେ।

**ବୃଷ** – ନିଜ ଭାବନାକୁ ବଶରେ ରଖିବେ। କଥାବାର୍ତ୍ତା ସନ୍ତୁଳିତ ରହିଲେ ଭଲ। ଚାକିରି କ୍ଷେତ୍ରରେ ଅଫିସରଙ୍କ ସହଯୋଗ ମିଳିବ। କୌଣସି ଅତିରିକ୍ତ ଦାୟିତ୍ୱ ମିଳିପାରେ। ପାରିବାରିକ ଜୀବନ ଆନନ୍ଦମୟ ରହିବ।

**ମିଥୁନ** – ଉତ୍ଥାନ-ପତନର ଭାବନା ରହିବ। ଭବନ ସୁଖ ବୃଦ୍ଧି ହେବ। ଜୀବନସାଥିର ସ୍ୱାସ୍ଥ୍ୟ ଉପରେ ଧ୍ୟାନ ରଖିବେ। ବିଦେଶ ଯିବାର ସୁଖ ମିଳିବ। ଆର୍ଥିକ ଭାବରେ ଖର୍ଚ୍ଚ ବୃଦ୍ଧି ହେବ। ଖୁସିର ଆଗମନ ହୋଇପାରେ।

**କର୍କଟ** – ନିଜ କାମକୁ ପୂରା କରିବା ପାଇଁ ସମୟ ନିଅନ୍ତୁ। ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ। ଅଫିସ୍ ରାଜନୀତିରୁ ଦୂରରେ ରୁହନ୍ତୁ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ମାନସିକ ଚାପ ରହିପାରେ। ଘରେ ଖୁବ୍ ଭଲ ସମୟ ବିତେଇବେ।

**ସିଂହ** – ଆତ୍ମବିଶ୍ୱାସ ବୃଦ୍ଧି ହେବ। ପ୍ରମୋଶନ ଯୋଗ ରହିଛି। ଭାଇ ଭଉଣୀଙ୍କ ଦ୍ୱାରା ଲାଭାନ୍ୱିତ ହେବେ। ନୂଆ କାରବାର ଆରମ୍ଭ ପାଇଁ ଦିନଟି ଶୁଭ। ପରିବାରରେ କାହାକୁ ବଡ଼ ସଫଳତା ମିଳିବ।

**କନ୍ୟା** – ବଡ଼ମାନଙ୍କର ଆଶୀର୍ବାଦ ମିଳିବ। କୋର୍ଟ-କଚେରି ମାମଲାରେ ବିଜୟୀ ହେବେ। ନିଜର ପ୍ୟାସନ୍‌କୁ ନେଇ ନିୟନ୍ତ୍ରଣରେ ରୁହନ୍ତୁ। ପ୍ରେମ ଜୀବନ ବିପଦରେ ପକେଇବ। ଧାର୍ମିକ କାର୍ଯ୍ୟରେ ମନ ଲାଗିବ।

**ତୁଳା** – ବିବାହିତମାନେ ଖୁବ୍ ଭଲ ସମୟ ବିତେଇବେ। ଲୋକମାନେ ବାଣୀ ଦ୍ୱାରା ଆକର୍ଷିତ ହୋଇପାରନ୍ତି। ଆକର୍ଷଣ ଓ ବ୍ୟକ୍ତିତ୍ୱ ପାଇଁ କିଛି ନୂଆ ସାଙ୍ଗ ମିଳିବେ। ରଚନାତ୍ମକ କ୍ଷେତ୍ର ପାଇଁ ସଫଳତାର ଦିନ।

**ବିଛା** – ଯୋଗ ଓ ଧ୍ୟାନରୁ ମାନସିକ ଚାପ ଦୂର ହେବ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିପାରନ୍ତି। ଅଫିସ୍‌ରେ ଭଲ ଫଳାଫଳ ମିଳିବ ନାହିଁ। ଅଟକିଥିବା ଧନ ମିଳିପାରେ। ପିତାଙ୍କ ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ।

**ଧନୁ** – ଗର୍ଭବତୀ ମହିଳାମାନେ ସାବଧାନ ରହିବେ। ଆର୍ଥିକ ସ୍ତରରେ ସତର୍କ ରହିବେ। ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଧନ ଜରୁରୀ। ଖର୍ଚ୍ଚକୁ ସୀମିତ ରଖନ୍ତୁ। ଗପସପ ଠାରୁ ଦୂରରେ ରହିଲେ ଭଲ।

**ମକର** – ରଚନାତ୍ମକ କାମ ଚାପ ଠାରୁ ଦୂରରେ ରଖିବ। ଅର୍ଥ ସହିତ ଜଡ଼ିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପିତାଙ୍କ ସାଥ୍ ମିଳିବ। କୌଣସି ସରପ୍ରାଇଜ୍ ମିଳିପାରେ। ଶୀଘ୍ର କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ।

**କୁମ୍ଭ** – ଦୀର୍ଘ ଯାତ୍ରା ଯୋଗ ଅଛି। ବୁଦ୍ଧି ବଳରେ ଧନ ଆୟ କରିପାରିବେ। ମହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟକୁ ରୋକିପାରିବେ। ଜୀବନରେ କିଛି ଖାସ୍ ବ୍ୟକ୍ତି ଏଣ୍ଟ୍ରି କରିପାରନ୍ତି। ଆପଣଙ୍କ କାମ ଯୋଗୁ ପରିଚୟ ପାଇବେ।

**ମୀନ** – କୌଣସି ଆଡ୍‌ଭେଞ୍ଚର ଆକ୍ଟିଭିଟିରେ ଭାଗ ନେଇପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ। ସାଙ୍ଗସାଥି ଓ ପରିଜନଙ୍କ ସହିତ ମଉଜମସ୍ତିର ଅବସର ପାଇବେ। ସହକର୍ମୀଙ୍କ ଠାରୁ ସହଯୋଗ ମିଳିବ।

## ଶ୍ରୀମଦ୍ ଭଗବଦ୍‌ଗୀତା



ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ।
କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍। (୧୬/୨୧)
ଏତୈର୍ବିମୁକ୍ତଃ କୌନ୍ତେୟ ତମୋଦ୍ୱାରୈସ୍ତ୍ରିଭିର୍ନରଃ।
ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ଯାତି ପରାଂ ଗତିମ୍। (୧୬/୨୨)

କାମ, କ୍ରୋଧ ଓ ଲୋଭ ଏହି ତିନୋଟି ନରକର ଦ୍ୱାର ସଦୃଶ ଓ ଆତ୍ମନାଶର ମୂଳ ଅଟନ୍ତି। ଅର୍ଥାତ ମନୁଷ୍ୟର ଅଧୋଗତିର କାରଣ। ସୁତରାଂ ଏହି ତିନୋଟିକୁ ତ୍ୟାଗ କରିବାକୁ ହେବ।
ହେ କୌନ୍ତେୟ ! ଲୋକେ ଏହି ତିନୋଟି ନରକ ଦ୍ୱାରରୁ ମୁକ୍ତ ହୋଇ ନିଜର ମଙ୍ଗଳ ସାଧନ ପୂର୍ବକ ପରମଗତି ପ୍ରାପ୍ତ ହୁଅନ୍ତି।
ଏହି ଦୁଇଟି ଶ୍ଲୋକରେ ଅସୁର ସ୍ୱଭାବର କାରଣ ଏବଂ ସେଥିରୁ ମୁକ୍ତ ହେବାର ଉପାୟ ବର୍ଣ୍ଣିତ ହେଇଛି। ଦମ୍ଭ, ଦର୍ପ, ଅଭିମାନ ପ୍ରଭୃତି ଯେଉଁସବୁ ଅସୁର ସ୍ୱଭାବର ଲକ୍ଷଣ ପୂର୍ବେ ଉକ୍ତ ହୋଇଛି କାମ, କ୍ରୋଧ ଓ ଲୋଭ - ସେ ସମସ୍ତର ମୂଳ କାରଣ। ଏ ତିନୋଟି ନରକ ଦ୍ୱାରରୁ ରକ୍ଷା ପାଇଲେ ଲୋକେ ଶ୍ରେୟ ପଥରେ ପଥିକ ହୁଅନ୍ତି ଅର୍ଥାତ ତପସ୍ୟା ଓ ଯୋଗ ଆଦି ଅଭ୍ୟାସ କରି ମୁକ୍ତିଲାଭ କରନ୍ତି।

# ଇତିହାସର ଏକ ସ୍ମରଣୀୟ ଦିନ





୧୩ ଏପ୍ରିଲ୍, ୧୯୧୯। ଏହା ହେଉଛି ସେହିଦିନ ଯେଉଁ ଦିନଟି ପ୍ରତି ଭାରତୀୟଙ୍କୁ ଦେଇଥିଲା ଗଭୀର ଆଘାତ। ୧୯୧୯, ଫେବୃଆରୀ ମାସର ଶେଷ ଭାଗରେ ଯେତେବେଳେ ରୋଲାଟ୍ ବିଲ୍ ଆସିଥିଲା ସେ ସମୟରେ ବ୍ୟାପକ ଭାବରେ ଏହାକୁ ବିରୋଧ କରାଯାଇଥିଲା। ପଞ୍ଜାବ ଏହି ବିଲ୍ ବିରୋଧରେ ସର୍ବପ୍ରଥମେ ସ୍ୱର ଉତ୍ତୋଳନ କରିଥିଲା। ରୋଲାଟ୍ ଆକ୍ଟ ବିରୁଦ୍ଧରେ ହୋଇଥିବା ଆନ୍ଦୋଳନ ଦେଶର ପ୍ରଥମ ଅଖିଳ ଭାରତୀୟ ଆନ୍ଦୋଳନ ଥିଲା ଓ ଏହି ଆନ୍ଦୋଳନ ଗାନ୍ଧିଜୀଙ୍କୁ ଜଣେ 'ନ୍ୟାସ୍‌ନାଲ୍ ଫିଗର' ଭାବରେ ସ୍ଥାପିତ କରିଥିଲା। ୩୦ ମାର୍ଚ୍ଚରୁ ୬ ଏପ୍ରିଲ୍ ମଧ୍ୟରେ ଦେଶବ୍ୟାପି ଆନ୍ଦୋଳନ ପାଇଁ ଆହ୍ୱାନ କରାଗଲା। ଏହାର ଅଧିକ ପ୍ରଭାବ ପଡ଼ିଥିଲା ପଞ୍ଜାବର ଅମୃତସର, ଲାହୋର, ଗୁଜରାନ୍‌ୱାଲା ଓ ଜଳନ୍ଧର ସହରରେ। ୯ ଏପ୍ରିଲ୍ ଦିନ ଲୋକମାନେ ଏକ ମାର୍ଚ୍ଚ ବାହାର କଲେ ଯେଉଁଥିରେ ଉଭୟେ ହିନ୍ଦୁ ଓ ମୁସଲିମ୍ ଲୋକ ସାମିଲ୍ ଥିଲେ। ହିନ୍ଦୁ-ମୁସଲିମ୍‌ଙ୍କ ଏକତାକୁ ଦେଖି ଜେନେରାଲ୍ ଡାୟାର ଓ ତାଙ୍କ ପ୍ରଶାସନକୁ ସବୁଠାରୁ ଅଧିକ ଚିନ୍ତା ହୋଇଥିଲା। କୌଣସି ବିରୋଧକୁ ଦମନ କରିବା ପାଇଁ ଆତୁର ରହୁଥିବା ଜେନେରାଲ୍ ଡାୟାର ସେହିଦିନ ଅମୃତସରର ଲୋକପ୍ରିୟ ନେତା ଡକ୍ଟର ସତ୍ୟପାଲ୍ ଓ ସୈଫୁଦ୍ଦିନଙ୍କୁ ଅମୃତସରରୁ ନିର୍ବାସିତ କରିବା ପାଇଁ ନିଷ୍ପତ୍ତି ନେଲେ ଓ ଗାନ୍ଧିଜୀଙ୍କୁ ପଞ୍ଜାବରେ ପ୍ରବେଶ କରିବାକୁ ଅନୁମତି ଦିଆଗଲା ନାହିଁ। ଏହି ଖବର ଶୁଣିବା ପରେ କ୍ରୋଧରେ ଥିବା ଭିଡ଼ ମାର୍ଚ୍ଚ ବାହାର କରି ପୁଲିସ୍‌କର୍ମୀଙ୍କ ସହିତ ମୁହାଁମୁହିଁ ହୋଇଗଲେ ଯେଉଁଥିରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଗଲା। ଏହି ହିଂସକ ଘଟଣାକୁ ସମ୍ଭାଳିବା ପାଇଁ ଜେନେରାଲ୍ ଡାୟାରଙ୍କୁ ଅମୃତସର ପଠାଗଲା। ୧୩ ଏପ୍ରିଲ୍ ଦିନ ଜାଲିଆନ୍‌ୱାଲା ବାଗ୍‌ରେ ଏକ ସଭା ଚାଲିଥିବା ବେଳେ ସେଠାରେ ଗୁଳିଚାଳନା ପାଇଁ ପୁଲିସ୍‌କର୍ମୀଙ୍କୁ ଆଦେଶ ଦେଇଥିଲେ ଡାୟାର। ସେଠାରେ ୧୬୫୦ ରାଉଣ୍ଡ ଗୁଳିଚାଳନା ହୋଇଥିଲା ଓ ୩୭୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଏହି ସାମୂହିକ ନରହତ୍ୟା ଦେଶରେ ପ୍ରଥମ ଘଟଣା ଥିଲା।

# ଖାଲ୍‌ସା ପନ୍ଥର ସ୍ଥାପନା



ଦେଶ ଓ ଧର୍ମର ରକ୍ଷା କରିବା ପାଇଁ ଶିଖମାନଙ୍କର ଦଶମ ଗୁରୁ, ଗୁରୁ ଗୋବିନ୍ଦ ସିଂହ ୧୩ ଏପ୍ରିଲ୍, ୧୬୯୯ରେ ବୈଶାଖୀ ଦିନ ଖାଲ୍‌ସା ପନ୍ଥର ସ୍ଥାପନା କରିଥିଲେ ଯାହାକୁ ଶିଖମାନଙ୍କ ଇତିହାସରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଘଟଣା ବୋଲି କୁହାଯାଏ। ଏହି ପନ୍ଥର ସ୍ଥାପନା ପାଇଁ ଗୁରୁ ଗୋବିନ୍ଦ ସିଂହ ଆନନ୍ଦପୁର ସାହିବ ଠାରେ ଶିଖ ଧର୍ମ ସହିତ ଜଡ଼ିତ ଲୋକମାନଙ୍କୁ ଏକତ୍ରିତ ହେବା ପାଇଁ କହିଥିଲେ। ଏହାପରେ ସ୍ୱୟଂସେବକମାନଙ୍କୁ ଆଗକୁ ଆସିବାକୁ କହିଥିଲେ। ସ୍ୱୟଂସେବକଙ୍କ ମଧ୍ୟରେ ସେହି ଲୋକମାନେ ଥିଲେ ଯେଉଁମାନେ ନିଜ ଜୀବନକୁ ବଳିଦାନ ଦେବା ପାଇଁ ପ୍ରସ୍ତୁତ ଥିଲେ। ସଭାରେ ଉପସ୍ଥିତ ଥିଲେ ହଜାର ହଜାର ଲୋକ। କୁହାଯାଏ ଯେ ସେ ସମୟରେ ମା' ଦୁର୍ଗାଙ୍କର ଯଜ୍ଞର ଆୟୋଜନ କରାଯାଇଥିଲା। ଗୁରୁଜୀ ଏକ ଲୀଳା ରଚିଥିଲେ। ଏକ ତରବାରି ନେଇ ସେ ବଳିଦାନ ଦେବା ପାଇଁ ଲୋକମାନଙ୍କୁ କହିଥିଲେ। ତାଙ୍କ କହିବା ପରେ ପାଞ୍ଚ ଜଣ ଲୋକ ଆଗକୁ ଆସିଥିଲେ ଯେଉଁମାନଙ୍କୁ 'ପଞ୍ଚ ପ୍ୟାରେ' ବୋଲି କୁହାଗଲା। ଏହି ପଞ୍ଚ ପ୍ୟାରେ ଧର୍ମକୁ ରକ୍ଷା କରିବା ପାଇଁ ନିଜ ଶିର କଟାଇବା ପାଇଁ ପ୍ରସ୍ତୁତ ହୋଇଯାଇଥିଲେ। ଏମାନଙ୍କ ନିଷ୍ଠା ଓ ସମର୍ପଣ ଦ୍ୱାରା ଖାଲ୍‌ସା ପନ୍ଥର ଜନ୍ମ ହୋଇଥିଲା। ଖାଲ୍‌ସା ପନ୍ଥ ଶିଖ ଧର୍ମକୁ ଏକ ନୂଆ ରାଜନୈତିକ ଓ ଧାର୍ମିକ ଦୃଷ୍ଟିକୋଣ ଦେଇଥିଲା। ଏହି ପନ୍ଥ ସବୁବେଳେ ଶିଖ ଧର୍ମର ମାନ୍ୟତା ଓ ପ୍ରଥାଗୁଡ଼ିକର ରକ୍ଷା କରିଛି। ଏହା ସହିତ ସମାଜରେ ଲୋକମାନଙ୍କୁ ସଚେତନ କରେଇବା ପାଇଁ ଏହି ପନ୍ଥ କାମ କରିଛି। ଏହା ସହିତ ସାମାଜିକ ନ୍ୟାୟ ଓ ସମାନତାକୁ ପ୍ରୋତ୍ସାହନ ଦେଇଛି।

ଖାଲ୍‌ସା ପନ୍ଥର ନିୟମ-ଖାଲ୍‌ସା ପନ୍ଥର ଲୋକମାନେ ଜୀବନରେ ସବୁବେଳେ ପରସ୍ପର ସହିତ ସମ୍ମାନପୂର୍ବକ ବ୍ୟବହାର କରିବା ଉଚିତ। କୌଣସି ଲୋକଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ଖରାପ ଭାଷାର ପ୍ରୟୋଗ କରିବା ଉଚିତ ନୁହେଁ। ଏସବୁ ବ୍ୟତୀତ ପାପ କର୍ମଠାରୁ ଦୂରରେ ରହିବା ଉଚିତ। ସତ୍ୟର ମାର୍ଗରେ ଚାଲିବା ଆବଶ୍ୟକ।

# ସୁନା କେବଳ ଆଭୂଷଣ ନୁହେଁ



ଦୁନିଆର ପାଖାପାଖି ୧୧ ପ୍ରତିଶତ ସୁନା କେବଳ ଭାରତୀୟମାନଙ୍କ ପାଖରେ ଅଛି ବୋଲି ଜାଣିଛନ୍ତି କି ? ଏହି ପରିମାଣ ଆମେରିକା, ରୁଷ୍ ଓ ଜର୍ମାନୀ ପରି ବଡ଼ ବଡ଼ ଦେଶମାନଙ୍କର ବିଦେଶୀ ମୁଦ୍ରା ଭଣ୍ଡାର ଠାରୁ କେତେ ଅଧିକ ହେବ। ଆମ ଦେଶରେ ସୁନା କେବଳ ଏକ ଆଭୂଷଣ ନୁହେଁ, ସୁଖ-ଦୁଃଖର ସବୁଠାରୁ ବିଶ୍ୱସନୀୟ ସାଥି ଓ ଇମର୍‌ଜେନ୍ସି ଫଣ୍ଡ ବୋଲି କୁହାଯାଏ। ତେବେ ଆମ ଦେଶରେ ସୁନା ପାଇଁ ଲୋକଙ୍କ ଭିତରେ ଦେଖାଯାଉଥିବା ପାଗଳପଣ ଆଜିର ନୁହେଁ। ଇତିହାସ ପୃଷ୍ଠାରୁ ଜଣାପଡ଼େ ଯେ ପ୍ରାଚୀନ ମିସ୍ର ଦୁନିଆର ସବୁଠାରୁ ବଡ଼ ସୁନା ଉତ୍ପାଦକ ଦେଶ ଥିଲା। ନୀଳ ନଦୀ କୂଳରେ ସ୍ଥାପିତ ହୋଇଥିବା କପ୍ଟୋସ୍ ଦୁନିଆର ପ୍ରଥମ ଗୋଲ୍ଡ ବୁମ୍ ଟାଉନ୍ ଥିଲା। ସେଠାରେ ପାହାଡ଼ରୁ ପ୍ରବାହିତ ହୋଇ ଆସୁଥିବା ସୁନାର କଣଗୁଡ଼ିକୁ ପାଣିରେ ଧୋଇ ବାହାର କରାଯାଉଥିଲା। ତେବେ ଦୁନିଆର ପୁରୁଣା ଖଣିର ନକ୍ସା ମଧ୍ୟ ମିସ୍ରରୁ ହିଁ ମିଳିଛି ଯାହା ୩୦୦୦ ବର୍ଷର ପୁରୁଣା ହେବ। ମିସ୍ରର ପୁରୁଣା ଭାଷାରେ 'ନୁବିୟା' ଶବ୍ଦର ଅର୍ଥ ଥିଲା ସୁନା। ଏହି ସମ୍ପତ୍ତି କାରଣରୁ ସେ ସମୟରେ ମିସ୍ର ଏକ ମହାଶକ୍ତି ଭାବରେ ଉଭା ହୋଇଥିଲା।

ଭାରତରେ ସୁନାର ପ୍ରବେଶ-ଭାରତ ଓ ସୁନାର ସମ୍ପର୍କ ବେଶ୍ ରୋଚକପୂର୍ଣ୍ଣ। ପ୍ରାଚୀନ କାଳରେ ଭାରତର ବ୍ୟାପାର ଲାଲ୍ ସାଗର ରାସ୍ତାରୁ ମିସ୍ର ଓ ରୋମ୍ ପର୍ଯ୍ୟନ୍ତ ହେଉଥିଲା। ଟଲେମୀ ଓ ରୋମାନ କାଳ ସମୟରେ ବ୍ୟାପାରୀମାନେ ଭାରତର ସମୁଦ୍ରକୂଳକୁ ସୁନା ନେଇ ଆସୁଥିଲେ ଓ ଏହା ବଦଳରେ ମସଲା ଓ କପଡ଼ା ନେଇ ଯାଉଥିଲେ। ଏକ ପ୍ରାଚୀନ ସଂସ୍କୃତ ପାଠରେ 'ପିପିଲିକା ସୁନା'ର ବର୍ଣ୍ଣନା ରହିଛି। ପିପିଲିକାର ଅର୍ଥ ପିମ୍ପୁଡ଼ିମାନେ। କୁହାଯାଉଥିଲା ଯେ କିଛି ଖାସ୍ ପିମ୍ପୁଡ଼ି ଭୂମିର ଖୋଦନ କରୁଥିବା ସମୟରେ ସୁନାର କଣ ବାହାରୁଥିଲା ଯେଉଁଗୁଡ଼ିକୁ ଏକତ୍ରିତ କରି ରାଜାମାନଙ୍କୁ ଉପହାର ଦିଆଯାଉଥିଲା।

ଆଧୁନିକ ରସାୟନ ବିଜ୍ଞାନ- ଏତିକିରେ ମଣିଷର କ୍ଷୁଧା ମେଣ୍ଟିନଥିଲା। ମଧ୍ୟକାଳୀନ ବୈଜ୍ଞାନିକମାନେ (ରସାୟନବିତ୍ ଯେଉଁମାନଙ୍କୁ ଇଂରାଜୀରେ ଆଲ୍‌କେମିଷ୍ଟ ବୋଲି କୁହାଯାଉଥିଲା) ସୁନାକୁ ଏକ ପୂର୍ଣ୍ଣ ଧାତୁ ବୋଲି ମାନୁଥିଲେ। ସେମାନେ ଲୁହା ଓ ତମ୍ବା ପରି ଶସ୍ତା ଧାତୁଗୁଡ଼ିକୁ ସୁନାରେ ପରିବର୍ତ୍ତିତ କରିବାକୁ ଚେଷ୍ଟା କରୁଥିଲେ। ଏହି ଚେଷ୍ଟାରୁ ଆଜିର ଆଧୁନିକ ରସାୟନ ବିଜ୍ଞାନର ଜନ୍ମ ହୋଇଥିଲା। ତେବେ କୌଣସି ବୈଜ୍ଞାନିକ ଆଜି ପର୍ଯ୍ୟନ୍ତ ଲ୍ୟାବ୍‌ରେ ସୁନା ତିଆରି କରିପାରି ନାହାନ୍ତି କିନ୍ତୁ ସେମାନେ ଏକ୍ୱା ରେଜିୟା (ଅମ୍ଳରାଜ)ର ଅନ୍ୱେଷଣ ନିଶ୍ଚିତ ଭାବରେ କରିଛନ୍ତି।



## ରାଜଧାନୀ ପ୍ରତିଷ୍ଠା ଦିବସ




ପ୍ରତିବର୍ଷ ଆଜିର ଦିନରେ ପାଳନ କରାଯାଏ ଭୁବନେଶ୍ୱର ପ୍ରତିଷ୍ଠା ଦିବସ ବା ରାଜଧାନୀ ପ୍ରତିଷ୍ଠା ଦିବସ। ୧୯୪୮ ମସିହାରେ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହେବାର ମାନ୍ୟତା ପାଇଥିଲା। ପାଖାପାଖି ଦୁଇ ହଜାର ବର୍ଷ ପୁରୁଣା ଏହି ନଗରର ନକ୍ସା ଜଣେ ଜର୍ମାନ ସ୍ଥପତି ଓ ପ୍ଲାନର୍ ଅଟୋ କଏନ୍ସବର୍ଗର ୧୯୪୬ରେ ପ୍ରସ୍ତୁତ କରିଥିଲେ। ୧୯୪୮ରେ ଭୁବନେଶ୍ୱରରେ ନୂଆ ରାଜଧାନୀର ପ୍ରତିଷ୍ଠା ଫଳକ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସ୍ଥାପିତ କରିଥିବାର ଜଣାଯାଏ। ସେତେବେଳେ ପ୍ରସ୍ତୁତ ହୋଇଥିବା ନକ୍ସା ଅନୁଯାୟୀ ପ୍ରଥମ ଦଶ ବର୍ଷ ମଧ୍ୟରେ ଭୁବନେଶ୍ୱରର ଜନସଂଖ୍ୟା ପନ୍ଦର ହଜାରରୁ ବଢ଼ି ଚାଳିଶ ହଜାର ଓ ସହରର କ୍ଷେତ୍ରଫଳ ୧୩୨ ବର୍ଗ କି.ମି



ହେବ ବୋଲି ଆକଳନ କରାଯାଇଥିଲା। ଏହି ନଗରୀରେ ଛଅଟି ୟୁନିଟ୍ ଓ ପୁରୁଣା ଭୁବନେଶ୍ୱରରେ ଏକ ବିଜ୍ଞାପିତ ଅଞ୍ଚଳ ହେବା ବିଷୟରେ ସେହି ନକ୍ସାର ଯୋଜନାରେ ଥିଲା। ଏହି ଯୋଜନାକୁ ଓଡ଼ିଶା ସହର ଯୋଜନା ଆଇନ ୧୯୫୬ ଅନୁଯାୟୀ କାର୍ଯ୍ୟକାରୀ କରାଯାଇଥିଲା। ତେବେ ଏହି ନଗରୀର ଅନେକ ପୁରାତନ ଓ ଆଧୁନିକ ଇତିହାସ ରହିଛି। ଖ୍ରୀ.ପୂ ୩୦୦ରେ ହୋଇଥିବା କଳିଙ୍ଗ ଯୁଦ୍ଧରେ ମଧ୍ୟ ଭୁବନେଶ୍ୱରର ନାମ ଉଲ୍ଲେଖ କରାଯାଇଥିଲା। ହଜାର ହଜାର ବର୍ଷର ଐତିହାସିକ ନଗର କଟକର କଳ୍ପିତ କଳେବର ସମ୍ଭବ ନହେବାରୁ ତତ୍‌ସନ୍ନିକଟ ଏକାମ୍ର କ୍ଷେତ୍ର ଭୁବନେଶ୍ୱରକୁ ନୂତନ ରାଜଧାନୀ ଭାବେ ସେତେବେଳେ ଗ୍ରହଣ କରାଯାଇଥିଲା।

# ଡେବ୍ୟୁ କରିବେ ରିଦ୍ଧିମା





କୌଣସି ନୂଆ କାମ କରିବା ପାଇଁ ବୟସର ସୀମା ନଥାଏ। ଏହାର ସଦ୍ୟ ଉଦାହରଣ ହେଉଛନ୍ତି ରନ୍‌ବୀର କପୁରଙ୍କ ଭଉଣୀ ରିଦ୍ଧିମା କପୁର ସାହନୀ। ଖବର ଅନୁସାରେ ରିଦ୍ଧିମା ଏବେ ଫିଲ୍ମି ଦୁନିଆରେ ପାଦ ପକେଇବାକୁ ଯାଉଛନ୍ତି। ପୂର୍ବରୁ ରିଦ୍ଧିମା ଏକ ରିୟଲିଟି ଶୋ'ରେ ନଜର ଆସିସାରିଛନ୍ତି ଓ ବହୁତ ଶୀଘ୍ର ଏକ ଫିଲ୍ମରେ ମଧ୍ୟ ନଜର ଆସିବେ। ନିକଟରେ ରିଲିଜ ହୋଇଥିବା ଫିଲ୍ମ 'ଦାଦୀ କି ଶାଦି'ର ପୋଷ୍ଟର ରିଲିଜ ହୋଇଛି ଯେଉଁଥିରେ ରିଦ୍ଧିମାଙ୍କୁ ଦେଖିବାକୁ ମିଳୁଛି। ତାଙ୍କ ସହିତ ଅଛନ୍ତି ମା' ନିତୁ କପୁର ଓ କମେଡି କିଙ୍ଗ କପିଲ୍ ଶର୍ମା। ଫିଲ୍ମଟି ଏକ କମେଡି ଡ୍ରାମା ଯାହା ପାରିବାରିକ ସମ୍ପର୍କ ଉପରେ ଆଧାରିତ। ସେଥିପାଇଁ ଲୋକମାନେ ଏହାକୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି। ଏହା ପୂର୍ବରୁ ରିଦ୍ଧିମା 'ଫେବୁଲସ୍ ଲାଇଭ୍‌ସ ଭର୍ସେସ୍ ବଲିଉଡ୍ ୱାଇଭ୍‌ସ'ରେ ନଜର ଆସିଥିଲେ। ଏହି ଶୋ'ଟି ଚମକ-ଦମକ ଦୁନିଆରେ ରହୁଥିବା କଳାକାରଙ୍କ ବ୍ୟକ୍ତିଗତ ଜୀବନ ଉପରେ ଆଧାରିତ ଥିଲା ଯେଉଁଥିରେ ମହୀପ କପୁର, ଭାବନା ପାଣ୍ଡେ, ସୀମା ସଜଦେହ ପରି ଅନେକ ନାମ ସାମିଲ ଥିଲା। ତେବେ ଫିଲ୍ମି ଦୁନିଆକୁ ଆସିବା ପୂର୍ବରୁ ରିଦ୍ଧିମା ଜ୍ୱେଲେରୀ ଡିଜାଇନର୍ ଭାବରେ ବେଶ୍ ଜଣାଶୁଣା ଥିଲେ। ଫିଲ୍ମି ପରିବାରର ହୋଇଥିବା କାରଣରୁ ରିଦ୍ଧିମା ସବୁବେଳେ ଚର୍ଚ୍ଚାରେ ଥାଆନ୍ତି ଓ ସୋସିଆଲ୍ ମିଡିଆରେ ଖୁବ୍ ସକ୍ରିୟ ରହନ୍ତି। ୪୫ ବର୍ଷ ବୟସରେ ଫିଲ୍ମ ଆରମ୍ଭ କରିବା ରିଦ୍ଧିମାଙ୍କୁ ଏକ ଭିନ୍ନ ପରିଚୟ ଦେଇପାରେ। ରିଦ୍ଧିମା ୨୦୦୬ରେ ବିଜିନେସ୍ ମ୍ୟାନ୍ ଭରତଙ୍କୁ ବିବାହ କରିଥିଲେ। ଏମାନଙ୍କର ଏକ ସନ୍ତାନ ମଧ୍ୟ ଅଛି। ତେବେ ରନ୍‌ବୀର ଓ ରିଦ୍ଧିମାଙ୍କ ଭିତରେ ଥିବା ସମ୍ପର୍କକୁ ଦର୍ଶକମାନେ ଖୁବ୍ ପସନ୍ଦ କରନ୍ତି।



# ମଶାମାନଙ୍କୁ ଦୂରରେ ରଖୁଥିବା ଗଛ



ବର୍ଷା ହେବା ମାତ୍ରେ ମଶାମାନଙ୍କ ସଂଖ୍ୟା ବୃଦ୍ଧି ହୁଏ ଓ ଏମାନେ କାମୁଡ଼ିବା ଯୋଗୁ ମ୍ୟାଲେରିଆ, ଡେଙ୍ଗୁ ଓ ଚିକନଗୁନିଆ ପରି ଜ୍ୱର ଆରମ୍ଭ ହୋଇଯାଏ। ତେଣୁ ମଶାମାନଙ୍କୁ ଘର ଠାରୁ ଦୂରରେ ରଖିବା ପାଇଁ ଲୋକମାନେ କେମିକାଲ୍ କ୍ୱାଇଲ୍ ଘରେ ଲଗାନ୍ତି କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ଏହିପରି କେମିକାଲ୍ସ ଫୁସ୍‌ଫୁସ୍‌ର କ୍ଷତି କରିପାରେ। କିନ୍ତୁ ପ୍ରକୃତି ଆମକୁ ଏମିତି ଅନେକ ଜିନିଷ ଦେଇଛି ଯେଉଁଗୁଡ଼ିକର ବ୍ୟବହାର କରି ଆମେ ମଶାମାନଙ୍କୁ ବିନା କୌଣସି ପରିଶ୍ରମରେ ଆମମାନଙ୍କ ଠାରୁ ଦୂରରେ ରଖି ପାରିବା। ଏଥିପାଇଁ ଘରେ ଲଗାନ୍ତୁ କେତୋଟି ଇନ୍‌ଡୋର୍ ପ୍ଲାଣ୍ଟ।

**ସିଟ୍ରୋନେଲ୍ଲା**-ଏହି ଗଛ ମଶାମାନଙ୍କର ସବୁଠାରୁ ବଡ଼ ଶତ୍ରୁ। ଏହି ବାରମାସୀ ଘାସର ବାସ୍ନା ଲେମ୍ବୁ ପରି। ଏହା ମଶାମାନଙ୍କୁ ମାରିବା ପରିବର୍ତ୍ତେ ଭ୍ରମିତ କରିଥାଏ। ମଶାମାନଙ୍କର ଶୁଙ୍ଘିବା ଶକ୍ତି ଖୁବ୍ ପ୍ରଖର ଯେଉଁ କାରଣରୁ ମଣିଷର ଝାଳ ଓ ଶରୀରର ଗନ୍ଧ ଜରିଆରେ ସେମାନେ ପାଖକୁ ଆସନ୍ତି। ସିଟ୍ରୋନେଲ୍ଲାର ତୀବ୍ର ବାସ୍ନା ପବନ ଦ୍ୱାରା ଚାରିଆଡ଼େ ବ୍ୟାପି ଅନ୍ୟ ଗନ୍ଧଗୁଡ଼ିକୁ ଘୋଡ଼େଇଦିଏ। ଏହି କାରଣରୁ ମଶାମାନେ ମଣିଷର ଶରୀରର ଗନ୍ଧକୁ ଜାଣିପାରନ୍ତି ନାହିଁ ଓ ରାସ୍ତା ଭୁଲିଯାଆନ୍ତି। ତେଣୁ ଘରର ଝରକା ବା ଦ୍ୱାର ପାଖରେ ଏହି ଗଛ ଲଗାଇଲେ ସବୁଠାରୁ ଅଧିକ ପ୍ରଭାବୀ ହୋଇଥାଏ।

**ଲେମନଗ୍ରାସ୍**-ଏହି ଗଛରେ ସିଟ୍ରାଲ୍ ନାମକ କମ୍ପାଉଣ୍ଡ ଥାଏ ଯାହା ତାଜା ବାସ୍ନା ଦେଇଥାଏ। ଏହି କମ୍ପାଉଣ୍ଡ ଏକ ପ୍ରକାରର ତେଲ ଯେଉଁ କାରଣରୁ ମଶାମାନେ ଦୂରକୁ ପଳାନ୍ତି। ମଶାମାନଙ୍କ ଇନ୍ଦ୍ରିୟ ଏହି ତେଲ ପ୍ରତି ଖୁବ୍ ସମ୍ବେଦନଶୀଳ ଥିବାରୁ ଏହାର ପତ୍ର ଯେତେବେଳେ ପବନରେ ହଲୁଥାଏ ସେଥିରୁ ବାହାରୁଥିବା ଏକ ବାଷ୍ପଶୀଳ ଯୌଗିକ ପବନରେ ଏକ ସୁରକ୍ଷା କବଚ ତିଆରି କରେ। ମଶାମାନେ ଏହି ଗନ୍ଧକୁ ବରଦାସ୍ତ କରିପାରନ୍ତି ନାହିଁ ଓ ଦୂରକୁ ଉଡ଼ି ପଳାନ୍ତି।

ଏହି ଗଛଗୁଡ଼ିକ ବ୍ୟତୀତ ଗେଣ୍ଡୁ ଗଛ, ଲାଭେଣ୍ଡର, ତୁଳସୀ ଗଛ ବୟସ୍କ ମଶାମାନଙ୍କୁ ଦୂରକୁ ପଠେଇବା ସହିତ ସେମାନଙ୍କର ଲାର୍ଭାକୁ ମଧ୍ୟ ଶେଷ କରିବାର କ୍ଷମତା ରଖିଥାନ୍ତି।



ଆଜିର ମ୍ୟାଚ୍

ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ରାଜସ୍ଥାନ ରୟାଲ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ହାଇଦ୍ରାବାଦ

ନିତିଦିନ NITIDIN

### ସଲ୍ଟ, କୋହଲି ଓ ପାଟିଦାରଙ୍କ ଅର୍ଦ୍ଧଶତକ

# ବେଙ୍ଗାଲୁରୁର ୩ୟ ବିଜୟ



**ମୁମ୍ବାଇ,୧୨।୪/ଏଜେନ୍ସି:** ମୁମ୍ବାଇ ଇଣ୍ଡିଆନ୍ସକୁ ତା' ଘରେ ୧୮ ରନ୍‌ରେ ହରାଇ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚଳିତ ଆଇପିଏଲ୍ ସିଜନ୍‌ରେ ତୃତୀୟ ବିଜୟ ହାସଲ କରିଛି। ରବିବାର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ଆର୍‌ସିବି ଫିଲ୍ ସଲ୍ଟ, ବିରାଟ କୋହଲି ଏବଂ କ୍ୟାପ୍ଟେନ୍ ରଜତ ପାଟିଦାରଙ୍କ ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ୪ ୱିକେଟ୍ ବିନିମୟରେ ୨୪୦ ରନ୍‌ର ବିପୁଳ ସ୍କୋର୍ ଛିଡ଼ା କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୫ ୱିକେଟ୍ ହରାଇ ୨୨୨ ରନ୍ କରିଥିଲା। ଏହା ମୁମ୍ବାଇର ଚାରିଟି ମ୍ୟାଚ୍‌ରେ ଦ୍ୱିତୀୟ ପରାଜୟ। ମ୍ୟାଚ୍ ପୂର୍ବରୁ ଆଶା ଭୋସ୍‌ଲେଙ୍କ ମୃତ୍ୟୁରେ ଷ୍ଟାଡିୟମ୍‌ରେ ଦୁଇ ମିନିଟ୍‌ର ନିରବ ପ୍ରାର୍ଥନା କରାଯାଇଥିଲା।

୨୪୧ ରନ୍‌ର ବଡ଼ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ମୁମ୍ବାଇ ପାଇଁ ରୋହିତ ଶର୍ମା ଓ ରିୟାନ୍ ରିକେଲଟନ୍ ଓପ୍ପିଂ ୱିକେଟ୍ ପାଇଁ ୫୭ ରନ୍ ଯୋଡ଼ିଥିଲେ। ତେବେ ରୋହିତ ଶର୍ମା ୧୯ ରନ୍ କରିଥିବା ବେଳେ ରିଟାୟର୍ଡ ହର୍ଟ ହୋଇଥିଲେ। ଏହାପରେ ରିକେଲ୍‌ଟନ୍ ୩୭ ରନ୍ ଏବଂ ତିଳକ ବର୍ମା ୧ ରନ୍ କରି ସୁୟଶ ଶର୍ମାଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ସୂର୍ଯ୍ୟକୁମାର ଯାଦବ (୩୩ ରନ୍) ଓ ହାର୍ଦ୍ଦିକ ପାଣ୍ଡ୍ୟା (୪୦ ରନ୍) ଇନିଂସ୍ ସମ୍ଭାଳି ୪୭ ରନ୍‌ର ପାର୍ଟନରଶିପ୍ କରିଥିବା ବେଳେ ଦୁହେଁ ଯଥାକ୍ରମେ କୃଣାଳ ପାଣ୍ଡ୍ୟା ଓ ଜ୍ୟାକବ୍ ଡଫିଙ୍କ ଶିକାର ହୋଇଥିଲେ। ନମନ୍ ଧୀର (୧ ରନ୍)ଙ୍କୁ ରସିକ୍ ସଲାମ୍ ଦର ପ୍ୟାଭିଲିୟନ୍ ଫେରାଇଥିଲେ। ଶେଷ ଆଡ଼କୁ ଶେରଫନ୍ ରଦରଫୋର୍ଡ ଅପରାଜିତ ଅପରାଜିତ ୭୧ ରନ୍ କରିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଆର୍‌ସିବି ପକ୍ଷରୁ ବିରାଟ କୋହଲି ଓ ଫିଲ୍ ସଲ୍ଟ ଇନିଂସ୍ ଓପନ୍ କରି ୧୦.୫ ଓଭର୍‌ରେ ୧୨୦ ରନ୍‌ର ଯୋଡ଼ିଥିଲେ। ସଲ୍ଟଙ୍କୁ ଆଉଟ୍ କରି ଶାର୍ଦ୍ଦୁଳ ଠାକୁର ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ସଲ୍ଟ ୩୬ ବଲ୍‌ରେ ୬ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୭୮ ରନ୍ କରିଥିଲେ। ସଲ୍ଟଙ୍କ ଆଉଟ୍ ପରେ କ୍ୟାପ୍ଟେନ୍ ରଜତ ପାଟିଦାର ଦ୍ୱିତୀୟ ୱିକେଟ୍ ପାଇଁ କୋହଲିଙ୍କ ସହ ୬୫ ରନ୍‌ର ପାର୍ଟନରଶିପ୍ କରିଥିଲେ। କୋହଲି ୩୮ ବଲ୍‌ରେ ୫ ଚୌକା ଓ ଗୋଟିଏ ଛକା ବଳରେ ୫୦ ରନ୍ ଏବଂ ପାଟିଦାର ୨୦ ବଲ୍‌ରେ ୪ ଚୌକା ଓ ୫ ଛକା ସହାୟତାରେ ୫୩ ରନ୍ କରି ଆଉଟ୍ ହୋଇଥିଲେ। ଜିତେଶ ଶର୍ମା ୧୦ ରନ୍‌ରେ ଆଉଟ୍ ହୋଇଥିଲେ। ଟିମ୍ ଡେଭିଡ୍ ୧୬ ବଲ୍‌ରେ ଦ୍ରୁତ ୩୪ ଏବଂ ରୋମାରିଓ ଶେଫର୍ଡ ୨ ରନ୍ କରି ଅପରାଜିତ ରହିଥିଲେ।

**୧୮ ରନ୍‌ରେ ହାରିଲା ମୁମ୍ବାଇ**

# ଗୁଜରାଟ ଟାଇଟନ୍ସର ଦ୍ୱିତୀୟ ବିଜୟ



**ଲକ୍ଷ୍ନୌ,୧୨।୪/ଏଜେନ୍ସି:** ଆଇପିଏଲ୍ ୨୦୨୬ର ୧୯ତମ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ରବିବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟସକୁ ୭ ୱିକେଟ୍‌ରେ ହରାଇ ଦେଇଛି। ଇକାନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଲକ୍ଷ୍ନୌ ଦ୍ୱାରା ସ୍ଥାପିତ ୧୬୫ ରନ୍‌ର ଲକ୍ଷ୍ୟକୁ ଗୁଜରାଟ ୧୮.୪ ଓଭର୍‌ରେ ମାତ୍ର ୩ ୱିକେଟ୍ ହରାଇ ହାସଲ କରିନେଇଛି। ଚଳିତ ସିଜନ୍‌ରେ ଏହା ଗୁଜରାଟର ୪ ମ୍ୟାଚ୍‌ରେ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଲକ୍ଷ୍ନୌର ଚାରି ମ୍ୟାଚ୍‌ରେ ଦ୍ୱିତୀୟ ପରାଜୟ।

**ଲକ୍ଷ୍ନୌ ସୁପର୍ ଜାଏଣ୍ଟସକୁ ୭ ୱିକେଟ୍‌ରେ ହରାଇଲା**

**ବଟ୍‌ଲର୍-ଗିଲ୍‌ଙ୍କ ଅର୍ଦ୍ଧଶତକ, ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୪ ୱିକେଟ୍**

ଲକ୍ଷ୍ୟର ପିଛା କରୁଥିବା ଗୁଜରାଟର ଆରମ୍ଭ ସେତେ ଭଲ ନଥିଲା। ଶସି ସୁଦର୍ଶନ ମାତ୍ର ୧୫ ରନ୍‌ର ବ୍ୟକ୍ତିଗତ ସ୍କୋର୍‌ରେ ଦିଗ୍‌ବେଶ ରାଠୀଙ୍କ ଶିକାର ହୋଇଥିଲେ। ଏହାପରେ କ୍ୟାପ୍ଟେନ୍ ଶୁଭମନ ଗିଲ୍ ଓ ଜୋସ୍ ବଟ୍‌ଲର୍‌ଙ୍କ ମଧ୍ୟରେ ୫୮ ବଲ୍‌ରେ ୮୪ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଗିଲ୍ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ୪୦ ବଲ୍‌ରେ ୫୬ ରନ୍ କରି ପ୍ରିନ୍ସ ଯାଦବଙ୍କ ବଲ୍‌ରେ ୱିକେଟ୍ ପଛରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଜୋସ୍ ବଟ୍‌ଲର୍ ୩୭ ବଲ୍‌ରେ ୧୧ ଚୌକା ସହାୟତାରେ ୬୦ ରନ୍ କରି ମହମ୍ମଦ ଶାମୀଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ତେବେ ଏହାପରେ ୱାଶିଂଟନ୍ ସୁନ୍ଦର (ଅପରାଜିତ ୧୨) ଓ ରାହୁଲ ତେୱତିୟା (ଅପରାଜିତ ୧୦ ରନ୍) ଗୁଜରାଟ ଟାଇଟନ୍ସକୁ ବିଜୟ ଲକ୍ଷ୍ୟରେ ପହଞ୍ଚାଇଥିଲେ।

ଟସ୍‌ରେ ହାରି ବ୍ୟାଟିଂ ପାଇଥିବା ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ୮ ୱିକେଟ୍‌ରେ ୧୬୪ ରନ୍ କରିଥିଲା। ଦ୍ୱିତୀୟ ଓଭର୍‌ରେ ମିଚେଲ୍ ମାର୍ଶ (୧୧ ରନ୍)ଙ୍କୁ ଆଉଟ୍ କରି କାଗିସୋ ରବାଡ଼ା ଟିମ୍‌କୁ ପ୍ରଥମ ଝଟ୍‌କା ଦେଇଥିଲେ। ଏହାପରେ ମହମ୍ମଦ ସିରାଜ୍ କ୍ୟାପ୍ଟେନ୍ ଋଷଭ ପନ୍ତ (୧୮ରନ୍)ଙ୍କ ଇନିଂସ୍‌ରେ ବ୍ରେକ୍ ଲଗାଇଥିଲେ। ଏଡେନ୍ ମାର୍କରମ୍‌ଙ୍କ ରୂପରେ ଲକ୍ଷ୍ନୌର ତୃତୀୟ ୱିକେଟ୍ ପତନ ଘଟିଥିଲା। ମାର୍କରମ୍ ୩୦ ରନ୍ କରିଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୱିକେଟ୍ ଦେଇ ଫେରିଥିଲେ। ପ୍ରସିଦ୍ଧ ଏହାପରେ ଆୟୁଷ ବଡ଼ୋନୀ (୯ ରନ୍)ଙ୍କୁ ମଧ୍ୟ ପ୍ୟାଭିଲିୟନ୍ ଫେରାଇଥିଲେ। ବଡ଼ୋନୀଙ୍କ ଆଉଟ୍ ବେଳକୁ ଟିମ୍‌ର ସ୍କୋର୍ ୭୪/୪ ଥିଲା। ନିକୋଲାସ୍ ପୂରନ୍ (୧୯ ରନ୍) ପୁଣିଥରେ ବିଫଳ ହୋଇ ପ୍ରସିଦ୍ଧଙ୍କ ଶିକାର ହୋଇଥିଲେ। ଏହାପରେ ଅବ୍‌ଦୁଲ୍ ସମଦ ୧୮ ରନ୍ କରିଥିବା ବେଳେ ଅଶୋକ ଶର୍ମା ତାଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଗତ ମ୍ୟାଚ୍‌ର ହିରୋ ମୁକୁଲ୍ ରାୟ ମଧ୍ୟ ନିରାଶ କରି ମାତ୍ର ୧୮ ରନ୍ କରିପାରିଥିଲେ। ପରେ ଅଶୋକ ଶର୍ମା ଇମ୍ପାକ୍ଟ ସବ୍ ଜର୍ଜ ଲିଣ୍ଡେ (୧୬ ରନ୍)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଲଗାତର ୱିକେଟ୍ ପତନ ଫଳରେ ଲକ୍ଷ୍ନୌ ବଡ଼ ସ୍କୋର୍ କରିବାରେ ବିଫଳ ହୋଇଥିଲା। ଗୁଜରାଟର ପ୍ରସିଦ୍ଧ କ୍ରିଷ୍ଣା ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଅଶୋକ ଶର୍ମାଙ୍କୁ ଦୁଇଟି ସଫଳତା ମିଳିଥିଲା। କାଗିସୋ ରବାଡା ଓ ମହମ୍ମଦ ସିରାଜ୍‌ଙ୍କୁ ୧-୧ ୱିକେଟ୍ ମିଳିଥିଲା।

## ବିରାଟଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍

**ଲକ୍ଷ୍ନୌ,୧୨।୪/ଏଜେନ୍ସି:** ଗୁଜରାଟ ଟାଇଟନ୍ସ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୬ରେ ଏକ ବଡ଼ କୀର୍ତ୍ତିମାନ ହାସଲ ସହ ନୂଆ ଇତିହାସ ରଚିଛନ୍ତି। ଗିଲ୍ ଆଇପିଏଲ୍‌ରେ ୪୦୦୦ ରନ୍ ପୂରା କରିବାରେ ଗିଲ୍ ସର୍ବକନିଷ୍ଠିତ ଖେଳାଳି ହୋଇଛନ୍ତି। ଗିଲ୍ ୨୬ ବର୍ଷ ୨୧୬ ଦିନ ବୟସରେ ଏହି କୀର୍ତ୍ତିମାନ ହାସଲ କରିବା ସହିତ ବିରାଟ କୋହଲିଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ଗିଲ୍ ୧୧୮ ଇନିଂସ୍‌ରେ ଏହି କୀର୍ତ୍ତିମାନ କରିଥିବା ବେଳେ ଦ୍ୱିତୀୟ ଦ୍ରୁତତମ ଭାରତୀୟ ହୋଇଛନ୍ତି। କେଏଲ୍ ରାହୁଲ ଏହି ରେକର୍ଡ ୧୦୫ ଇନିଂସ୍‌ରେ କରିଥିବା ବେଳେ କୋହଲି (୧୨୮ ଇନିଂସ୍) ତୃତୀୟ ସ୍ଥାନରେ ରହିଛି। ରବିବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ବିପକ୍ଷ ମ୍ୟାଚ୍‌ରେ ସେ ଏହି ଉପଲବ୍ଧି ହାସଲ କରିଛନ୍ତି। ମ୍ୟାଚ୍‌ରେ ସେ ଚମତ୍କାର ବ୍ୟାଟିଂ କରି ନିଜର ୨୮ତମ ଅର୍ଦ୍ଧଶତକ ମଧ୍ୟ ପୂରା କରିଥିଲେ ଏବଂ ଟିମ୍‌ର ୧୬୫ ରନ୍ ଚେଜ୍‌ରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଆଇପିଏଲ୍‌ରେ ୪୦୦୦ ରନ୍ ପୂରଣ କରିବାରେ ସର୍ବକନିଷ୍ଠ ଖେଳାଳିଙ୍କ ସୂଚୀରେ ଗିଲ୍ ଏବେ ଶୀର୍ଷରେ ପହଞ୍ଚିଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ବିରାଟ କୋହଲିଙ୍କ ନାମରେ ଥିଲା। କୋହଲି ୨୭ ବର୍ଷ ୧୯୫ ଦିନ ବୟସରେ ଏହି କୀର୍ତ୍ତିମାନ ହାସଲ କରିଥିଲେ। ଏହି ସୂଚନୀରେ ସଞ୍ଜୁ ସାମ୍‌ସନ୍ (୨୯ ବର୍ଷ ୧୪୭ ଦିନ) ଏବଂ ସୁରେଶ ରାଇନା (୨୯ ବର୍ଷ ୧୭୪ ଦିନ) ମଧ୍ୟ ରହିଛନ୍ତି।

### ବ୍ୟାଡ୍‌ମିଣ୍ଟନ୍ ଏସିଆ ଚାମ୍ପିଅନ୍‌ଶିପ୍

# ଆୟୁଷ ରୌପ୍ୟରେ ସନ୍ତୁଷ୍ଟ



**ନୂଆଦିଲ୍ଲୀ,୧୨।୪/ଏଜେନ୍ସି:** ଭାରତର ଯୁବ ଶଟ୍‌ଲର୍ ଆୟୁଷ ସେଟ୍ଟୀଙ୍କୁ ଚୀନ୍‌ର ନିଙ୍ଗ୍‌ବୋରେ ଖେଳାଯାଇଥିବା ବ୍ୟାଡ୍‌ମିଣ୍ଟନ୍ ଏସିଆନ୍ ଚାମ୍ପିଅନ୍‌ଶିପ୍‌ରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ରବିବାର ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଚୀନ୍‌ର ଶୀ ୟୁକି ତାଙ୍କୁ ୨୧-୮, ୨୧-୧୦ ଲଗାତାର ଗେମ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ୍ ୪୨ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଫାଇନାଲ୍‌ରେ ହାର୍‌ ସତ୍ତ୍ୱେ ଆୟୁଷ ଇତିହାସ ରଚିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ସିଙ୍ଗଲ୍ସ ଫାଇନାଲ୍‌ରେ ପ୍ରବେଶ କରିବାରେ ଆୟୁଷ ୫୯ ବର୍ଷ ପରେ ପ୍ରଥମ ଏବଂ ଓଭର୍‌ଅଲ୍ ଦ୍ୱିତୀୟ ଭାରତୀୟ ଖେଳାଳି ହୋଇଥିଲେ। ୧୯୬୫ରେ ଦିନେଶ ଖାନ୍ନା ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆୟୁଷ ଇତିହାସ ଦୋହରାଇ ପାରିନଥିଲେ ମଧ୍ୟ ରୌପ୍ୟ ପଦକ ଜିତିଛନ୍ତି। ସେ ଗତ ୫୯ ବର୍ଷରେ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସରେ କୌଣସି ପଦକ ଜିତିବାରେ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ୨୦୧୮ରେ ଏଚ୍‌ଏସ୍ ପ୍ରଣୟ ଭାରତ ପାଇଁ ବ୍ରୋଞ୍ଜ୍ ପଦକ ଜିତିଥିଲେ। ସେହିପରି ଭାରତ ପାଇଁ ଶେଷ ପଦକ ୨୦୨୩ରେ ସାତ୍ତ୍ୱିକ୍‌ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀ ପୁରୁଷ ଡବଲ୍ସ ଟାଇଟଲ୍ ଜିତି ହାସଲ କରିଥିଲେ।

ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପହଞ୍ଚିବା ଆୟୁଷଙ୍କ ପାଇଁ ସହଜ ନଥିଲା। ସେ କ୍ୱାର୍ଟର୍ ଫାଇନାଲ୍‌ରେ ବିଶ୍ୱ ନମ୍ବର-୪ ଜୋନାଥନ କ୍ରିଷ୍ଟିଙ୍କୁ ହରାଇଥିଲେ। ଏହା ବ୍ୟତୀତ ଚୀନା ତାଇପେଇର ଚିନ୍ ୟୁ ଜେନ୍ ଏବଂ ଚୀନ୍‌ର ଲି ଶୀ ଫେଙ୍ଗଙ୍କ ପରି ଶକ୍ତିଶାଳୀ ଖେଳାଳିଙ୍କୁ ମଧ୍ୟ ମାତ୍ ଦେଇଥିଲେ। ସେମିଫାଇନାଲ୍‌ରେ ଆୟୁଷ ବିଶ୍ୱ ନମ୍ବର-୧ କୁନ୍‌ଲାଭୁତ୍ ଭିଦିତ୍‌ସରନ୍‌ଙ୍କୁ ୭୫ ମିନିଟ୍‌ର ମୁକାବିଲାରେ ୧୦-୨୧, ୨୧-୧୯, ୨୧-୧୭ରେ ହରାଇଥିଲେ। ତେବେ ଅନ୍ୟ ଷ୍ଟାର୍ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ପିଭି ସିନ୍ଧୁ ଦ୍ୱିତୀୟ ରାଉଣ୍ଡରୁ ବାଦ୍ ପଡ଼ିଥିବା ବେଳେ ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।

## ଇତିହାସ ରଚିଲେ ସାୱନ୍ ବରୱାଲ୍




**ନୂଆଦିଲ୍ଲୀ,୧୨।୪/ଏଜେନ୍ସି:** ହିମାଚଳ ପ୍ରଦେଶର ଲଙ୍ଗ୍ ଡିଷ୍ଟାନ୍ସ ରନର୍ ସାୱନ୍ ବରୱାଲ୍ ରବିବାର ଭାରତୀୟ ଆଥ୍‌ଲେଟିକ୍ସ ସବୁଠୁ ଦୀର୍ଘ ସମୟ ଧରି ବଜାୟ ରହିଥିବା ୪୮ ବର୍ଷ ପୁରୁଣା ଜାତୀୟ ମାରାଥନ୍ ରେକର୍ଡ ଭଙ୍ଗକରି ଇତିହାସ ରଚିଛନ୍ତି। ନେଦରଲାଣ୍ଡର ରୋଟରଡାମ୍‌ରେ ଆୟୋଜିତ ଏନ୍‌ଏନ୍ ମାରାଥନ୍ (୪୨.୧୯୫ କିମି ଦୂର)ରେ ବରୱାଲ୍ ୨ ଘଣ୍ଟା ୧୧ ମିନିଟ୍ ଓ ୫୮ ସେକେଣ୍ଡ ସମୟ ନେଇ ୨୦ତମ ସ୍ଥାନ ହାସଲ କରିଛନ୍ତି। ଏହା ସହିତ ଶିବନାଥ ସିଂହଙ୍କ ନାମରେ ୧୯୭୮ରୁ କାଏମ ଦୁଇଘଣ୍ଟା ୧୨ ମିନିଟ୍‌ର ପୁରୁଣା ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଦୌଡ଼ରେ ସାମିଲ ଅନ୍ୟ ଭାରତୀୟଙ୍କ ମଧ୍ୟରେ ଗୋପୀ ଥୋନାକଲ ୨:୧୩:୧୬ ସମୟ ସହ ୨୩ତମ ସ୍ଥାନରେ ରହିଥିଲେ। ରୋଟରଡାମ୍‌ରେ ଆୟୋଜିତ ଏହି ଦୌଡ଼ ବରୱାଲ୍‌ଙ୍କ ପ୍ରଥମ ମାରାଥନ୍ ହୋଇଥିବାରୁ ତାଙ୍କର ଏହି ଉପଲବ୍ଧି ମଧ୍ୟ ଅଧିକ ପ୍ରଶଂସନୀୟ। ରବିବାର ପୂର୍ବରୁ ସେ କୌଣସି ଆଧିକାରିକ ମାରାଥନ୍ ଦୌଡ଼ରେ ଭାଗ ନେଇନଥିଲେ। ଚଳିତ ବର୍ଷ ଜାନୁଆରୀରେ ଆମେରିକାରେ ଅନୁଷ୍ଠିତ କ୍ରସ୍ କଣ୍ଟ୍ରି ଚାମ୍ପିଅନ୍‌ଶିପ୍‌ରେ ଭାଗନେବା ପରେ ଚଳିତ ସିଜନ୍‌ରେ ଏହା ତାଙ୍କର ଦ୍ୱିତୀୟ ପ୍ରତିଯୋଗିତା ଥିଲା। ସେ ଦିଲ୍ଲୀ ହାଫ୍ ମାରାଥନ୍ ଏବଂ ୱାର୍ଲ୍ଡ ୨୫ କୋଲ୍‌କାତା ରନ୍‌ରେ ମଧ୍ୟ ନିୟମିତ ଭାବେ ଭାଗ ନେଇଆସୁଛନ୍ତି। ୨୦୨୪ରେ ଦିଲ୍ଲୀ ହାଫ୍ ମାରାଥନ୍‌ରେ ଭାରତୀୟ ଏଲିଟ୍ ଧାବକଙ୍କ ମଧ୍ୟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

**୫୪ ବର୍ଷ ପୁରୁଣା ଜାତୀୟ ମାରାଥନ୍ ରେକର୍ଡ ଭଙ୍ଗ**

### ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍

# ରେଡ୍ ଷ୍ଟାର୍‌କୁ ହରାଇ ପାରାମାଉଣ୍ଟ ସ୍ପୋର୍ଟି ଚାମ୍ପିଅନ୍

**ଭୁବନେଶ୍ୱର,୧୨।୪/ଏନ୍‌ଏନ୍‌ଏସ୍:** ରେଡ୍ ଷ୍ଟାର୍ କ୍ଲବ୍‌କୁ ୪ ୱିକେଟ୍‌ରେ ହରାଇ ପାରାମାଉଣ୍ଟ ସ୍ପୋର୍ଟି ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ୧୭ ବର୍ଷରୁ କମ୍ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଚାମ୍ପିଅନ୍ ହୋଇଛି। ରବିବାର ପାଣ୍ଡରାସ୍ଥିତ ସ୍ଥାନୀୟ ହାଇଟେକ୍ କଲେଜ୍ ପଡ଼ିଆରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ରେଡ୍ ଷ୍ଟାର୍ ପ୍ରଥମେ ନିର୍ଦ୍ଧାରିତ ୩୦ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୧୬୮ ରନ୍ କରିଥିଲା। ଟିମ୍ ପକ୍ଷରୁ ପ୍ରନ୍ତିକ ପି ନାୟକ ୯୨ ବଲ୍‌ରେ ସର୍ବାଧିକ ୮୭ ରନ୍ ଏବଂ ଶ୍ରେୟାଂଶ ବିଧାରା ୩୫ ରନ୍ କରିଥିଲେ। ପାରାମାଉଣ୍ଟ ପକ୍ଷରୁ ସୁଭନ୍ ପରିଡ଼ା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ପାରାମାଉଣ୍ଟ ୨୯.୨ ଓଭର୍‌ରେ ୬ ୱିକେଟ୍ ହରାଇ ୧୭୧ ରନ୍ କରି ବିଜୟୀ ହୋଇଥିଲା। କ୍ରିଷ୍ଣା ସାସମଲ ୬୬ ବଲ୍‌ରେ ସର୍ବାଧିକ ୫୨ ଏବଂ ସ୍ୱାଗତ ମିଶ୍ର ୩୭ ରନ୍ କରିଥିଲେ। ପ୍ରତିପକ୍ଷର ଖିରୋଦ କୁମାର ଭଞ୍ଜ ୨ଟି ୱିକେଟ୍ ନେଇଥିଲେ।

ସୁଭମ୍ ପରିଡ଼ାଙ୍କୁ ମ୍ୟାନ୍ ଅଫ୍ ଦ ଫାଇନାଲ୍ ପୁରସ୍କାର ମିଳିଥିଲା। ଏହା ବ୍ୟତୀତ ତୁଫେଲ୍ ଅହମଦ ଶେଖ୍ ଶ୍ରେଷ୍ଠ ଫିଲ୍ଡର୍, ସମରଜିତ୍ ସାହୁ ଶ୍ରେଷ୍ଠ ୱିକେଟ୍‌କିପର୍, ସୁଭମ୍ ପରିଡ଼ା ଶ୍ରେଷ୍ଠ ବୋଲର୍, ସ୍ୱାଗତ ମିଶ୍ର ଶ୍ରେଷ୍ଠ ବ୍ୟାଟର୍ ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ଏସ୍ ପୂର୍ବ ଜୋନ୍ ମୁଖ୍ୟ ଅବସରପ୍ରାପ୍ତ ପ୍ରଫେସର୍ ଡ. ଗୋପାଳ ପ୍ରସାଦ ମହାପାତ୍ର, ବରିଷ୍ଠ ସାମ୍ବାଦିକ ତପନ କୁମାର ପାଢ଼ୀ, ହାଇଟେକ୍ ମେଡିକାଲ୍ କଲେଜ କ୍ରୀଡ଼ା ଅଧିକାରୀ ସୁରେଶ ନାୟକ, ଶ୍ରୀ ଜୟଦେବା କ୍ରୀଡ଼ା ସଂଘ ଉପସଭାପତି ବଲ୍ଲଭ ଚରଣ ସାହୁ ଏବଂ ସହାୟକ ସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।



## କୌସ୍ତୁଭ ଜିତିଲେ ଅରାଟି ୬୪ ସ୍କୋୟାର୍ ରାଜ୍ୟ ଓପନ୍ ଚେସ୍




**ଭୁବନେଶ୍ୱର,୧୨।୪/ଏନ୍‌ଏନ୍‌ଏସ୍:** ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ସହାୟତାରେ ଅରାଟି ୬୪ ସ୍କୋୟାର୍ ଫାଉଣ୍ଡେସନ୍ ପକ୍ଷରୁ କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍‌ରେ ରବିବାର ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ସାତ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱରର କୌସ୍ତୁଭ ଦାଶ ୬.୫ ପଏଣ୍ଟ ହାସଲ କରି ଚାମ୍ପିଅନ୍ ହୋଇଛନ୍ତି। ପୁରୀର ରାଜେଶ ନାୟକ (୬.୦) ଏବଂ ଭୁବନେଶ୍ୱରର ରାଜେନ୍ଦ୍ର କୁମାର ସାହୁ (୫.୫) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ରଞ୍ଜିତା ଭଟ୍ଟାଚାର୍ଜୀ ଶ୍ରେଷ୍ଠ ମହିଳା ଖେଳାଳି ଏବଂ ନଟବର ଦାସ ଶ୍ରେଷ୍ଠ ଭେଟେରାନ୍ ଖେଳାଳି ବିବେଚିତ ହୋଇଛନ୍ତି। ବାଳିକା ବିଭାଗରେ ଦେବସ୍ମିତା ପାଣି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ବୟସ ବର୍ଗରେ ସ୍ୱସ୍ତିକ ତ୍ରିପାଠୀ, ଧିତିମାନ ଦେ, ସିଦ୍ଧାର୍ଥ ମଲ୍ଲିକ, ଅର୍ପଣ ସାହୁ ଏବଂ ଅବନୀତ୍ ସାହୁ ପ୍ରଥମ ପୁରସ୍କାର ଜିତିଛନ୍ତି।

ରୟାଲ୍ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ଅରାଜିତ ୬୪ ସ୍କୋୟାର୍ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ଦାସ, ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ସମ୍ପାଦକ ଦେବବ୍ରତ ଭଟ୍ଟ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ୍ ପରାମର୍ଶଦାତା ଅସିତ୍ ମୁଖାର୍ଜୀ, ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ, କୋ-ଅର୍ଡିନେଟର୍ ରଞ୍ଜିତା ଭଟ୍ଟାଚାର୍ଜୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।



# ଆଜି 'ନାରୀ ଶକ୍ତି ବନ୍ଦନ ସମ୍ମେଳନ'ରେ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୧୨।୪/ଏଜେନ୍ସି:** ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଜାତୀୟ ସ୍ତରର 'ନାରୀ ଶକ୍ତି ବନ୍ଦନ ସମ୍ମେଳନ' ଆୟୋଜନ କରାଯିବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ ଏକ ଜନସଭାକୁ ସମ୍ବୋଧିତ କରିବେ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ସଫଳ ମହିଳାମାନେ ଅଂଶଗ୍ରହଣ କରିବେ। ସରକାରୀ, ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ଉଦ୍ୟୋଗୀତା, ଗଣମାଧ୍ୟମ, ସାମାଜିକ କାର୍ଯ୍ୟ ଏବଂ ସଂସ୍କୃତି ଭଳି ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନେ ସମ୍ମେଳନରେ ଏକତ୍ରିତ ହେବେ।

୨୦୨୩ ସେପ୍ଟେମ୍ବରରେ ସଂସଦ 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ଅନୁମୋଦନ କରିଥିଲା, ଯାହା ବିଧାନପାଳିକା ଗୁଡ଼ିକରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଆଇନରେ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନ ସାରା ଦେଶରେ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ଉପରେ ଧ୍ୟାନ ଦେଇ ୧୬ ଏପ୍ରିଲ୍‌ରେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଆୟୋଜନ କରାଯିବ।

ଭାରତର ବିକାଶ ମାର୍ଗ ଗଠନରେ ମହିଳାମାନଙ୍କ ଅଧିକ ଅଂଶଗ୍ରହଣ ଲାଗି ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ଏହି ସମ୍ମେଳନ ଆୟୋଜନ କରାଯାଉଛି। ଏହା ପଞ୍ଚାୟତ ଠାରୁ ସଂସଦ ପର୍ଯ୍ୟନ୍ତ ସମସ୍ତ ସ୍ତରର ଶାସନ ଏବଂ ନେତୃତ୍ୱ କ୍ଷେତ୍ରରେ ମହିଳାମାନଙ୍କର ବର୍ଦ୍ଧିତ ଭୂମିକାକୁ ମଧ୍ୟ ଉଜ୍ଜ୍ୱଳ କରିବ। ଏହି କାର୍ଯ୍ୟକ୍ରମ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାମାନଙ୍କର ପ୍ରତିନିଧିତ୍ୱ ବୃଦ୍ଧିକୁ ଗୁରୁତ୍ୱ ଦେବ।

ଏହି ସମ୍ମେଳନ ବିକଶିତ ଭାରତ ୨୦୪୭ ଯାତ୍ରାରେ ମହିଳାମାନଙ୍କ ଭୂମିକା ଉପରେ ଆଲୋକପାତ କରିବ। ଏହା ବିକଶିତ ଭାରତ ୨୦୪୭ ସଂକଳ୍ପର ଏକ ପ୍ରମୁଖ ସ୍ତମ୍ଭ ଭାବରେ ମହିଳାମାନଙ୍କ ନେତୃତ୍ୱାଧୀନ ବିକାଶ ପ୍ରତି ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ।

**ସମ୍ମେଳନରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ସଫଳ ମହିଳାମାନେ ଯୋଗଦେବେ**

**୨୦୪୭ ସୁଦ୍ଧା ବିକଶିତ ଭାରତ ଦିଗରେ ଯାତ୍ରାରେ ମହିଳା ନେତୃତ୍ୱାଧୀନ ବିକାଶ ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିବ ସମ୍ମେଳନ**

### ମହିଳା ସଂରକ୍ଷଣ ପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ

## ସାଂସଦଙ୍କୁ ହ୍ୱିପ୍ ଜାରିକଲା ବିଜେପି

### ଏପ୍ରିଲ୍ ୧୬-୧୮ ସଂସଦରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୨।୪/ଏଜେନ୍ସି:** ଭାରତୀୟ ଜନତା ପାର୍ଟି (ବିଜେପି) ରବିବାର ନିଜର ସମସ୍ତ ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ତିନି ଲାଇନ୍‌ର ହ୍ୱିପ୍ ଜାରି କରି ଏପ୍ରିଲ୍ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦରେ ଉପସ୍ଥିତ ରହିବାକୁ କହିଛି। ଏହି ଅବସରରେ କାହାରିକୁ ଛୁଟି ଦିଆଯିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନାରୀଶକ୍ତି ବନ୍ଦନ ଅଧିନିୟମରେ ସଂଶୋଧନର ଡ୍ରାଫ୍ଟ ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ସରକାର ବଜେଟ୍ ଅଧିବେଶନକୁ ବୃଦ୍ଧି କରି ଏପ୍ରିଲ୍ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଇଛନ୍ତି। ସଂସଦରେ ମଞ୍ଜୁରୀ ମିଳିବା ପରେ ଏହି ଆଇନ ୨୦୨୯ ମାର୍ଚ୍ଚ ୩୧ରୁ ଲାଗି ହେବ ଏବଂ ସେହିବର୍ଷ ହେବାକୁ ଥିବା ଲୋକସଭା ନିର୍ବାଚନରେ ଏହା ପ୍ରଭାବଶାଳୀ ହେବ।

ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭା ଏବଂ ରାଜ୍ୟସଭାରେ ସମସ୍ତ ଦଳର ନେତାଙ୍କୁ ପତ୍ରଲେଖି 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଉପରେ ସମର୍ଥନ ଲୋଡ଼ିଛନ୍ତି। ପ୍ରଧାମନ୍ତ୍ରୀ ଏଥିରେ ଲେଖିଛନ୍ତି ଏବେ ଏହି ଆଇନକୁ ସାରା ଦେଶରେ ଠିକ୍ ଭାବେ ଲାଗୁ କରିବାକୁ ସମୟ ଆସିଯାଇଛି।

# ଜୁଲାଇ ୩ରୁ ଆରମ୍ଭ ହେବ ଅମରନାଥ ଯାତ୍ରା

### ଅଗଷ୍ଟ ୨୮ରେ ଶେଷ ହେବ, ଏପ୍ରିଲ୍ ୧୫ରୁ ରେଜିଷ୍ଟ୍ରେସନ୍ ଆରମ୍ଭ



**ଶ୍ରୀନଗର,୧୨।୪/ଏଜେନ୍ସି:** ଅମରନାଥ ଯାତ୍ରାର ତାରିଖ ଘୋଷିତ ହୋଇଛି। ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ରବିବାର କହିଛନ୍ତି, ଚଳିତ ବର୍ଷର ଏହି ଯାତ୍ରା ଜୁଲାଇ ୩ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ୫୭ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରା ପାଇଁ ଜମ୍ମୁର ଭଗବତୀ ନଗର ବେସ୍ କ୍ୟାମ୍ପରୁ ପ୍ରଥମ ଦଳ ଯାତ୍ରାରମ୍ଭ କରିବ। ଯାତ୍ରା ପାଇଁ ଏପ୍ରିଲ୍ ୧୫ରୁ ରେଜିଷ୍ଟ୍ରେନ୍ ଆରମ୍ଭ ହେବ। ଉପରାଜ୍ୟପାଳ ସିହ୍ନା ଯାତ୍ରା ସମ୍ପର୍କରେ ସୂଚନା ଦେଇ ମିଡିଆକୁ କହିଛନ୍ତି, ୧୩ରୁ ୭୦ ବର୍ଷ ବୟସର ତୀର୍ଥଯାତ୍ରୀ ଏହି ଯାତ୍ରାରେ ସାମିଲ ହୋଇପାରିବେ। ଗୁମ୍ଫାରେ ପ୍ରଥମ ପୂଜା ଜୁନ୍ ୧୯ ତାରିଖ ଜ୍ୟେଷ୍ଠ ପୂର୍ଣ୍ଣିମାରେ କରାଯିବ। ଯାତ୍ରା ପାଇଁ ଅନନ୍ତନାଗରୁ ପାରମ୍ପରିକ ୪୮ କିଲୋମିଟର ଲମ୍ବା ନୁନ୍‌ୱାନ୍-ମହଲଗାମ୍ ରୁଟ୍ ଏବଂ ଗାନ୍ଦରବଲ୍‌ରୁ ୧୪ କିଲୋମିଟର ଲମ୍ବା ବାଲଟାଲ୍ ରୁଟ୍ ଖୋଲା ରହିବ। ଉପରାଜ୍ୟପାଳ କହିଛନ୍ତି, ସାରା ଦେଶର ପ୍ରାୟ ୫୫୬ ନିର୍ଦ୍ଧାରିତ ବ୍ୟାଙ୍କ ଶାଖା ଜରିଆରେ ଯାତ୍ରା ପାଇଁ ଅଫ୍‌ଲାଇନ୍ ରେଜିଷ୍ଟ୍ରେସନ୍ କରାଯାଇପାରିବ। ସେହିପରି ଶ୍ରୀ ଅମରନାଥଜୀ ଶ୍ରାଇନ୍ ବୋର୍ଡର ଆଧିକାରିକ ୱେବ୍‌ସାଇଟ୍ ଜରିଆରେ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ମଧ୍ୟ ହେବ। ରେଜିଷ୍ଟ୍ରେସନ୍ ପାଇଁ ୟଶ୍ ବ୍ୟାଙ୍କ, ଆଇସିଆଇସି ବ୍ୟାଙ୍କ, ପଞ୍ଜାବ ନାସ୍‌ନାଲ୍ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଆକ୍ସିସ୍ ବ୍ୟାଙ୍କ୍‌ର ଶାଖାଗୁଡ଼ିକରେ ଫର୍ମ ଉପଲବ୍ଧ ହେବ।

ଉପରାଜ୍ୟପାଳ ସିହ୍ନାଙ୍କ ଅନୁସାରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ବ୍ୟବସ୍ଥାରେ ୨୫% ବୃଦ୍ଧି କରାଯାଇଛି। ଟ୍ରାକିଂ ଏବଂ ସୁରକ୍ଷା ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଆର୍‌ଏଫ୍‌ଆଇଡି କାର୍ଡର ଆରମ୍ଭ କରାଯାଇଛି। ତୀର୍ଥଯାତ୍ରୀଙ୍କ ପାଇଁ ଗ୍ରୁପ୍ ଆକ୍ସିଡେଣ୍ଟ ଇନ୍‌ସ୍ୟୁରାନ୍ସ କବର୍‌କୁ ଦ୍ୱିଗୁଣ କରି ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା କରାଯାଇଛି। ଯାତ୍ରା ବେଳେ ବ୍ୟବହୃତ ଟଟ୍ଟୁ ଘୋଡ଼ାଙ୍କ ମୃତ୍ୟୁରେ ୫୦ ହଜାର ଟଙ୍କା କ୍ଷତିପୂରଣ ଦିଆଯିବ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra